Split by PDF Splitter

GISTERED NO. 1



ORISSA STATE ARCHIVES
Acsn. No.
Date

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖଣ୍ଡ } ତା ୪ ଠାରୁ ମାହେ ଜାନୁଏରୀ ସନ ୧୮୭୯ ମସିହା । ମୂ । ପୌଷ ବ ୨୨ ନ ସନ ୧୨୮୬ ସାଲ ଶନିବାର
ସଂଖ୍ୟା }

{ ଅଗ୍ରିମ ବାର୍ଷିକମୂଲ୍ୟ ଟ୨୲
{ ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୮
{ ମଫସଲପାଇଁ ଡାକମାସୁଲ ଟ୧୵୬

...ଜ୍ୟ ଗୃହିତନ ହେଲା ସନ୧୮୭୮ ସାଲ ... ହେଲା ଓ ସନ ୧୮୭୯ ସାଲ କାଳ...ର ଅଭିଷିକ୍ତ ହେଲା ପରମେଶ୍ୱରଙ୍କ କୃପା ...ମାନଙ୍କ ସ୍ନେହରୁ ଉତ୍କଳଦୀପିକା ...ର୍ଷ ପୂର୍ଣ୍ଣକର ଚତୁର୍ଦ୍ଦଶବର୍ଷରେ ପଦା...ଲା । ନବବର୍ଷରେ ଗ୍ରାହକ ଓ ପାଠ... ସହିତ ପ୍ରଥମ ସାକ୍ଷାତ୍‌ବେଳେ ଅଗ୍ରେ ...ଙ୍କଠାରେ କୃତଜ୍ଞତା ସ୍ୱୀକାର ଓ ସେମା...ଙ୍କ ...ଲକାମନା ନ କରି ଆପଣା କର୍ତ୍ତବ୍ୟ ...ମନ ହେଇ ନ ପାରୁ । ଅତଏବ ...ହକ ଓ ପାଠକମାନଙ୍କ ନିମିତ୍ତ ପର...ଠାରେ ପ୍ରାର୍ଥନା କରୁଅଛୁଁ କି ନବ...ବର୍ଷ ସୁଖମାନ ତାହାଙ୍କପ୍ରତି ପ୍ରେରଣ ...ସେମାନେ ସର୍ବପ୍ରକାର ସୁଖସମ୍ଭୋଗ ...ମାନଙ୍କପ୍ରତି ପୂର୍ବ ସ୍ନେହ ଓ ଦୟା ...ନ୍ତୁ ।

---

...ଷ୍ଟେଦନଙ୍କ ବଡ଼ ଶେଷ ପଡ଼ିଗଲା । ...ଶ୍ରୀଙ୍କ କନ୍ୟା ବିୟୋଗ ଶୋକ ...ସ୍ତ ଗବର୍ଣ୍ଣମେଣ୍ଟ କର୍ମଚାରୀ ଏବଂ ...ଲୋକ ଉନ୍ନତ ପ୍ରାଣ ଶୋକଚିହ୍ନ ଧାରଣ ...ଗତବର୍ଷପର ଏଦନ ଏଠାରେ କିଛି ...ମୋଦ ହେଲା ନାହିଁ ।

---

...ାଦରେ କାବୁଲର ଅମୀରଙ୍କର ...ଂ ଇଂରାଜମାନେ ଜେଲାଲାବାଦ ...ର ସମ୍ବାଦମାନ ଲିଖିତ ହୋଇ...ଥିଲା । ଅମୀର କେଉଁଠାକୁ ପଳାଇଅଛନ୍ତି ତାହା ଅବଧି ଠିକ ଜଣାଯାଇ ନାହିଁ । କଥିତ ହୁଅଇ ଯେ ସେ ତୁର୍କିଲୋକମାନଙ୍କୁ ଆପଣା ସପକ୍ଷରେ ଅସ୍ତ୍ର ଧାରଣ କରିବା କାରଣ ଉତ୍ତେଜିତ କରିବାର ଚେଷ୍ଟା କରୁଥିଲେ ମାତ୍ର ତହିଁରେ ସଫଳ ହେଲେନାହିଁ ଓ ରୁସିୟା ତାହାଙ୍କର ସପକ୍ଷରେ ଥିବାର ପ୍ରକାଶ କରୁ ନାହିଁ । ଏ ସପ୍ତାହରେ କୌଣସି ଯୁଦ୍ଧର ସମାଚାର ଆସିନାହିଁ ବରଂ ଯୁଦ୍ଧସମ୍ପର୍କୀୟ କୌଣସିପ୍ରକାର ସରକାରୀ ସମାଚାର ଆସିନାହିଁ । ଏଥିମଧ୍ୟରେ ବମ୍ବେଇରୁ ଗତମାସ ତା ୨୮ ରଖରେ ଆସିଥିବା ତାରସମ୍ବାଦରୁ ଜଣାଯାଇଅଛି କି ୟାକୁବଖାଁନ ବିନା କୌଣସି ନିୟମରେ ଆତ୍ମସମର୍ପଣ କରିଅଛନ୍ତି ଏବଂ ମେଜରକାଭାଗନାରୀଙ୍କ ସଙ୍ଗେ ସନ୍ଧିର ବନ୍ଦୋବସ୍ତ କରିବାନିମିତ୍ତ ଜେଲାଲାବାଦକୁ ଆସିଅଛନ୍ତି । ଟାଇମସ୍ ଅବ୍ ଇଣ୍ଡିୟାର ଏକ ବିଶେଷ ତାରସମ୍ବାଦରେ ଏ କଥା ଲେଖାଅଛି ଏବଂ ଯୁଦ୍ଧ ଶେଷ ହେଲା କଥିତ ହୋଇଅଛି । ବାସ୍ତବରେ ଯେବେ ଏ ସମ୍ବାଦ ସତ୍ୟ ହୁଅଇ ତେବେ ଯୁଦ୍ଧ ଶେଷ ହେଲା ବୋଲି ବୋଲିବାକୁ ହେବ ମାତ୍ର ୟାକୁବଖାଁନଙ୍କୁ ଅମୀର କି ଉଦ୍ଦେଶରେ କାରାମୁକ୍ତ କରି କିପ୍ରକାରରେ କାବୁଲରେ ଛାଡ଼ିଗଲେ ଏବଂ ୟାକୁବଖାଁନ ଅବା କି ନିମନ୍ତେ ଏତେଶୀଘ୍ର ଆତ୍ମସମର୍ପଣ କଲେ ଏ ସମସ୍ତ କିଛି ବୁଝାଯାଉ ନାହିଁ ।

---

ମାନ୍ଦ୍ରାଜର ଦୁର୍ଭିକ୍ଷ ଶେଷ ହେବାର ସମ୍ବାଦ ଆସିଅଛି ଏବଂ ଅନ୍ୟାନ୍ୟ ଗବର୍ଣ୍ଣମେଣ୍ଟରୁ ଯେତେ କର୍ମଚାରୀ ଦୁର୍ଭିକ୍ଷ ସାହାଯ୍ୟ କର୍ମ ସମ୍ପର୍କରେ ସେଠାକୁ ପ୍ରେରିତ ହୋଇଥିଲେ ସେମାନେ ସମସ୍ତେ ଫେରି ଆସୁଅଛନ୍ତି ତଦନୁସାରେ ଓଡ଼ିଶାର ଜଣେ ଅସିଷ୍ଟାଣ୍ଟ କଲେକ୍ଟର ଫିଲିପସ୍ ସାହେବ ନେଲୋରଠାରୁ ଫେରି ଆସୁଅଛନ୍ତି । ନବବର୍ଷର ଆରମ୍ଭରେ ଏପରି ଶୁଭସମ୍ବାଦ ଶୁଣିବା ବଡ଼ ଆନନ୍ଦଜନକ ଅଟଇ ମାତ୍ର ଏଥିରୁ ଏମନ୍ତ ଆଶା ହେଉ ନାହିଁ ଯେ ମାନ୍ଦ୍ରାଜବାସିମାନେ ଅଥବା ଭାରତବର୍ଷର ଅନ୍ୟାନ୍ୟ ସ୍ଥାନର ଲୋକମାନେ ଏବର୍ଷ ଖାଦ୍ୟଦ୍ରବ୍ୟ ଶସ୍ତା ମୂଲ୍ୟରେ କିଣିଖାଇ ସୁଖରେ ରହିବେ । ମାନ୍ଦ୍ରାଜର କୌଣସି ଜିଲ୍ଲାରେ ବର୍ତ୍ତମାନ ମଧ୍ୟଭଳ ଚାଉଳ ଟଙ୍କାକୁ ବାଲେଶ୍ୱରୀ ସେ ୧୧ ରୁ ଅଧିକ ମିଳୁନାହିଁ ଓ ଅଧିକାଂଶ ଜିଲ୍ଲାରେ ପ୍ରାୟ ସେ ୮ ର ଲେଖାଏ ବିକ୍ରୟ ହେଉଅଛି । ଏଥିଉତ୍ତାରୁ ଅଧିକ ଶସ୍ତା ହେବ ଏମନ୍ତ ସମ୍ଭବକୁ ଆସୁନାହିଁ କାରଣ ଫସଲର ବିଜ୍ଞାପନରୁ ଜଣାଯାଏ କି ଯଦ୍ୟପି କେବଳ ତିନିଜିଲ୍ଲା ଛଡ଼ା ମାନ୍ଦ୍ରାଜର ଆଉ ସମସ୍ତ ଜିଲ୍ଲାରେ ଗତମାସରେ ବୃଷ୍ଟି ହୋଇଥିଲା ମାତ୍ର ତହିଁର ପରିମାଣ ଅତ୍ୟଳ୍ପ ଥିଲା ଓ ତାଞ୍ଜୋର ଏବଂ ଚିଙ୍ଗଲପଟର କେତେକ ସ୍ଥାନରେ ଧାନଗଛସବୁ ଶୁଖିଯାଉଅଛି । ମହୀସୁରରେ ଚାଉଳ ଶସ୍ତା ହେଉଅଛି ଏବଂ କ୍ଷେତର ଅବସ୍ଥା ଉତ୍ତମ ଦେଖାଯାଏ ପଶ୍ଚିମପ୍ରଦେଶରେ ବୃଷ୍ଟିର

Digitized by srujanika@gmail.com

Split by PDF Splitter



ଅଭାବ ସମସ୍ତେ ଅନୁଭବ କରୁଅଛନ୍ତି ଚାଉଳର ଆଶା ଅତ୍ୟନ୍ତ ଅନିଶ୍ଚିତ ଏବଂ ଭାଉ ବୃଦ୍ଧି ହେଉଅଛି । ମଧ୍ୟଭାରତବର୍ଷରେ ରବିର ଅବସ୍ଥା ପୂର୍ବାପ୍ରାୟ ଅନୁକୂଳ ଦିଶୁଅଛି । ବଙ୍ଗଳାପ୍ରଦେଶର ପାଟନାକଣ୍ଠା ଖଣ୍ଡ ଆଉ ସର୍ବତ୍ରରେ ବୃଷ୍ଟି ହୋଇଅଛି ଓ ଫସଲର ଅବସ୍ଥା ଉତ୍ତମ କେବଳ ଚମ୍ପାରଣ, ଦରଭଙ୍ଗା ଓ ଯଶୋରର କେତେ ଅଂଶରେ ଆଠପଣି ଫସଲରୁ ଅଧିକ ମିଳିବାର ଆଶା ନାହିଁ । ବ୍ରହ୍ମଦେଶର ଅବସ୍ଥା ଭଲ । ଉତ୍ତରପଶ୍ଚିମ ପ୍ରଦେଶରେ ବର୍ଷାର ବିଶେଷ ଜୋତା ଓ ଛଦଭାବରୁ ଫସଲର ଅବସ୍ଥା ମନ୍ଦ ଅଟଇ । ପଞ୍ଜାବରେ ଆହୁରି ବୃଷ୍ଟିର ପ୍ରୟୋଜନ ଥିଲେହେଁ ଏକପ୍ରକାର ଭଲଅବସ୍ଥା ଅଛି ମୋଟ ଫଳ ଏହି ଯେ କୌଣସି ସ୍ଥାନରେ ଏବର୍ଷ ଦୁର୍ଭିକ୍ଷ ପଡିବାର ଆଶଙ୍କା ନାହିଁ ଅଥଚ ଦୁର୍ମୂଲ୍ୟତା ଘଟିବାର ସମ୍ଭାବନା ନାହିଁ । ଦୁଃଖୀ ଓ ମଧ୍ୟବିତ୍ତ ଲୋକମାନେ ଗତବର୍ଷପରି ଏ ବର୍ଷ ମଧ୍ୟ କଷ୍ଟ ପାଇବେ ।

---

### ସନ ୧୮୭୮ ସାଲ ।

ସନ ୧୮୭୮ ସାଲ କାଳସ୍ରୋତରେ ଭାସିଗଲା ସତ୍ୟ ମାତ୍ର ସେ ସ୍ୱୟଂ କାଳସ୍ୱରୂପ ହୋଇ ଯେ ସମସ୍ତ ସାଧାରଣ ଦୁଃଖକର ବ୍ୟାପାର ଛାଡିଯାଇଅଛି ତାହା ଯେ କେବେ ଶେଷ ହେବ ତହିଁର କୌଣସି ସୀମା ଦେଖାଯାଉ ନାହିଁ । ସନ ୧୮୭୭ ସାଲ ଆମ୍ଭମାନଙ୍କ ପକ୍ଷରେ ସୁଖକର ନ ଥାଇ ନାନା ଦୁଃଖ ଦେଇଥିଲା ସତ୍ୟ ମାତ୍ର ସନ ୧୮୭୮ ସାଲଠାରେ ସେ ପରାସ୍ତ ହୋଇଅଛି । ସନ ୧୮୭୮ ସାଲରେ ମୀନଶନି ବର୍ଷ ପଡିଲା ଓ ଏଥିରେ ଯେ ସମସ୍ତ ଉତ୍ପାତର ଆଶଙ୍କା ଲୋକେ କରିଥିଲେ ତାହା ଗୋଟିଏ ହୋଇ ଦେଖିବାରେ ଆସିଲା । ବର୍ଷଟି ଆରମ୍ଭ ହୁଅନ୍ତେ ସର୍ବପ୍ରଥମେ ଓଡିଶାର ପ୍ରଧାନ ଗଡଜାତର ପ୍ରତାପ ପୁରୀର ମହାରାଜା ଦିବ୍ୟସିଂହ ଦେବ ଏକ ନରହତ୍ୟା ଅପରାଧରେ ଦୋଷୀ ହୋଇ ଯାବଜ୍ଜୀବନ କାରାବାସ ଦଣ୍ଡ ଲଭିଲେ ଏହାଙ୍କର ମହାରାଜା ପଦ ରହିତ ହେଲା ଏବଂ ଦ୍ୱୀପାନ୍ତରକୁ ପ୍ରେରିତ ହୋଇ ବନ୍ଦି ଥାଇ ମୃତ୍ୟୁର ଶୋକ ସମସ୍ତଙ୍କୁ ଦେଇଗଲେ ଏବଂ ସ୍ୱୟଂ ମୃତ୍ୟୁ ଅପେକ୍ଷା ଅଧିକ ଯନ୍ତ୍ରଣା ଭୋଗକଲେ । ମହାରାଜଙ୍କର ଦଣ୍ଡରେ କେବଳ ତାଙ୍କର ପରିବାରବର୍ଗଙ୍କର ଶୋକ ହେଲା ଏମନ୍ତ ନୁହେ ଓଡିଶାର ଯାବନ୍ତ ଲୋକ ତାହାଙ୍କ ସକାଶେ ଦୁଃଖିତ ହେଲେ ଓ ଅଦ୍ୟାପି ସେ ଦୁଃଖ ସେମାନଙ୍କ ମନରୁ ଯାଇ ନାହିଁ । ଏଣେ ବର୍ଷ ଶେଷ ନ ହେଉଣୁ ଶ୍ରୀଶ୍ରୀମତୀ ମହାରାଣୀ ଭିକ୍ଟୋରିୟା ଯେ ଭାରତପ୍ରତି ଅତ୍ୟନ୍ତ ପ୍ରୀତ ହୋଇ ଭାରତେଶ୍ୱରୀ ଉପାଧି ଗ୍ରହଣ କରି ଅଛନ୍ତି ଏବଂ ଯାହାଙ୍କ ସୁଶାସନ ପ୍ରଭାବରୁ ଭାରତ ନାନାଦୁଃଖରୁ ପରିତ୍ରାଣ ପାଉଅଛି ଆପଣା କନ୍ୟାକୁ ହରାଇ ଶୋକ ସାଗରରେ ନିମଗ୍ନ ହେଲେ ଏବଂ ଅଦ୍ୟାପି ସେ ସ୍ୱୟଂ ଏବଂ ତାହାଙ୍କଲାଗି ତାହାଙ୍କ ବିସ୍ତୀର୍ଣ୍ଣ ରାଜ୍ୟର ପ୍ରଜାମାନେ ଶୋକଚିହ୍ନ ଧାରଣ କରି ଅଛନ୍ତି । ଯେଉଁବର୍ଷ ଗୃହ ଭବନରେ ଏପରି ହାହାକାର ଉଠାଇ ଦେଇଅଛି ତାହାର ନିଷ୍ଠୁରତାର କଥା ଆଉ କ କହିବା ସେ ପ୍ରଜାଙ୍କ ଦୁଃଖର ବାକୀ ରଖି ନାହିଁ । ଶସ୍ୟାଦି ପ୍ରଚୁର ପରିମାଣରେ ହୋଇଥିଲେ ଏମନ୍ତ କୌଶଳରେ ତାହା ହରଣ କରିଅଛି ଯେ କାହାର ସାଧ୍ୟ ନାହିଁ ଯେ ଦୁର୍ଭିକ୍ଷ ପଡିଅଛି ବୋଲି କହିବ ଅଥଚ ଦୁର୍ଭିକ୍ଷର ସମସ୍ତକ୍ଳେଶ ପ୍ରଜାମାନେ ଭୋଗ କରୁଅଛନ୍ତି । ବାଣିଜ୍ୟ ବ୍ୟବସାୟୀମାନଙ୍କ ଅପର୍ଯ୍ୟାପ୍ତ ଟଙ୍କା ଆସିଅଛି କିନ୍ତୁ ଆଉକଥା ଛେଣିକି ଥାଉ ଏକା ପେଟକୁ କଅଣ୍ଡା ଯେଯେତେ ଅର୍ଜିଲା ପେଟ ପୂରାଇ ପାଇଲା ନାହିଁ ଓ କେତେଲୋକ ଯେ ଅଳ୍ପାହାରର ସାକ୍ଷାତ୍ ଓ ଗୌଣ ଦୁଃଖମାନ ଲଭିଲେ ତାହା କେହି କଳନା କରି ପାରିଲେ ନାହିଁ । ଓଲାଉଠା ରୋଗ ବର୍ଦ୍ଧମାନ ସଦର ମୋଫସଲରେ ଦାଉ ସାଧିଲା ଓ ତାହା କବଳରୁ ଯେଉଁମାନେ ରକ୍ଷା ପାଇଥିଲେ ସେମାନଙ୍କର ଅଧିକାଂଶଙ୍କୁ ଜ୍ୱର ରୋଗ ଘେରିଗଲା । ଏପରି ଭୟଙ୍କର ଜ୍ୱରରୋଗ କେବେହେଁ ଦେଖା ନ ଥିଲା । ବଙ୍ଗଳାର ମେଲେରିୟା ଜ୍ୱର ବାସ୍ତବରେ ଏ ବର୍ଷ ଓଡିଶାରେ ପଦାର୍ପଣ କଲା ବୋଲିବାକୁ ହେବ । ଏକେ ଦ୍ରବ୍ୟାଦିର ଦୁର୍ମୂଲ୍ୟତା ହେତୁ ଅର୍ଜିଲା ଧନ ପେଟକୁ ଅଣ୍ଟିଲା ନାହିଁ ଓ ଯେବେ କେହି ଦୂରପରବା ତହିଁରୁ ବଞ୍ଚାଇ ରଖିଲା ତେବେ ତହିଁର କିଛି ଅଂଶ ଡାକ୍ତର ଓ ଔଷଧାଦିରେ ବ୍ୟୟ ହେଲା ଓ ରାଜା ଆସି ପ୍ରବେଶ କରି ଏବଂ ଲାଇସେନ୍ସଟାକ୍ସ ବସାଇ ଅବଶିଷ୍ଟ ଯାହା ଥିଲା ନେଇଗଲେ । ସୁତରାଂ ଏ ବର୍ଷ ଧନ ପ୍ରାଣ ଉଭୟରେ ଲୋକଙ୍କର ସର୍ବନାଶ ହୋଇ ଅଛି । ଏଥିରୁ ସୁଦ୍ଧା ସନ ୧୮୭୮ ସାଲର ଦାଉ ସରିଲା ନାହିଁ । ଶେଷକୁ କାବୁଲ ସଙ୍ଗେ ଯୁଦ୍ଧ ଲଗାଇ ଦେଇ ଚାଲିଗଲା । ଏଥିରେ ଯେତେଲୋକ ଭଲେଣି ବା ମରିବେ ତାହା ଠିକ କରିବାର ସମୟ ହୋଇ ନାହିଁ କିନ୍ତୁ ସାକ୍ଷାତରେ ଦେଖାଯାଉଅଛି ଯେ ଅକାରଣ କେତେଗୁଡିଏ ଜୀବ ମରିବେ ଏମନ୍ତ ନୁହେ ସେହି ଯୁଦ୍ଧର ବ୍ୟୟ ଆମ୍ଭମାନଙ୍କୁ ଦେବାକୁ ହେବ ଓ ତହିଁପାଇଁ ଆଉ କୌଣସିପ୍ରକାର ଟାକ୍ସ ନିଶ୍ଚୟ ବସିବ ।

ପୃଥିବୀର ଅନ୍ୟାନ୍ୟ ସ୍ଥାନରେ ଯେତେ ବ୍ୟାପାର ଘଟିଅଛି ସେ ସମସ୍ତ ବର୍ଣ୍ଣନା କରିବାକୁ ଏ କ୍ଷୁଦ୍ର ପତ୍ରିକାରେ ସ୍ଥାନ ନାହିଁ । କିନ୍ତୁ କାହାର ପକ୍ଷରେ ବର୍ତ୍ତିତବର୍ଷ ସୁଖପ୍ରଦ ହୋଇ ନାହିଁ ଓ ଆମ୍ଭେମାନେ ପତ୍ରିକାର ସମ୍ପାଦକ ସ୍ୱରୂପ ଏତେକାଳ ଯେଉଁ ସ୍ୱାଧୀନତାର ଗର୍ବ କରୁଥିଲୁଁ ତାହା ସୁଦ୍ଧା ସନ ୧୮୭୮ ସାଲ ୯ ଆଇନ ଜାରି କରିବାଦ୍ୱାରା ଏକପ୍ରକାର ହରଣ କରିଅଛି । ଅତଏବ ଯେପ୍ରକାରରେ ଏହିବର୍ଷର କାର୍ଯ୍ୟମାନ ପର୍ଯ୍ୟାଲୋଚନା କରୁଁ ଦୁଃଖଜନକ ସୁଖ ଶାନ୍ତିର ଲେଶମାତ୍ର ଏଥିରେ ଦେଖୁ ନାହୁଁ । ଦୁଷ୍ଟ ଅଧେ ଯେତେ ଦଣ୍ଡ ଦେଲା ତହିଁରେ ସନ୍ତୁଷ୍ଟ ନ ହୋଇ ଆପଣା ଉତ୍ତରାଧିକାରୀ ହସ୍ତରେ ଆଉ ଗୁଡିଏ ଦୁଃଖର ବୀଜ ସଂସ୍ଥାପନ କରି ଯାଇ ଅଛି । ଏଥକୁ ଈଶ୍ୱର ଯାହା ନିସ୍ତାର କରିବେ ।

---

### ସୂକ୍ଷ୍ମପଞ୍ଜି ପ୍ରକାଶିକା ।

ଏହିନାମରେ ଖଣ୍ଡିଏ କ୍ଷୁଦ୍ର ପୁସ୍ତିକା ପୁରୀ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ହୋଇଅଛି ଏହାକୁ ପଣ୍ଡିତ ଗୁପ୍ତନାରାୟଣ ଜ୍ୟୋତିର୍ଭୂଷଣ ରଚନା କରିଅଛନ୍ତି । ଏଥିରେ ଆଠୋଟି ଶ୍ଳୋକ ତହିଁର ଟୀକା ଓ ଭାଷା ଅର୍ଥସହିତ ଅଛି । ଆମ୍ଭେମାନେ ଶ୍ରୀଯୁକ୍ତ ଶା ଶା ମଣ୍ଡୁସ୍ୱାମୀ ସି, ଆଇ, ଇଙ୍କ ପ୍ରଧାନ ଦେବାନ ଶ୍ରୀ ନାରାୟଣ ବଡ଼ଯେନା ସାମନ୍ତଙ୍କ ଅନୁଗ୍ରହରୁ ଏକଖଣ୍ଡ ପୁସ୍ତକ ପାଇଅଛୁଁ । ଗ୍ରନ୍ଥକାର କି କାରଣରୁ ଆମ୍ଭମାନଙ୍କୁ ପାଠୋଉ ପଠାଇଲେ ତାହା କହି ନ ପାରୁଁ ତଥାଚ ତାହାଙ୍କ ଉଦ୍ଦେଶ୍ୟ ମହତ୍ତ୍ୱ ଅଟଇ ବୋଲି ଆମ୍ଭେମାନେ ସର୍ବସାଧାରଣଙ୍କୁ ଏଥିର ବୃତ୍ତାନ୍ତ ଜଣାଇବା କର୍ତ୍ତବ୍ୟ ଜ୍ଞାନ କରୁଅଛୁଁ ।

ଏ ପୁସ୍ତକରେ ଗ୍ରନ୍ଥକାର କହିଅଛନ୍ତି କି "ସୂର୍ଯ୍ୟ ପ୍ରଭୃତି ଗୋଲସ୍ଥିତ ଗ୍ରହସମୂହଙ୍କର ଦୃକସିଦ୍ଧଗତି କାରୂପଣ ବିଷୟରେ ବ୍ରହ୍ମା ପ୍ରଭୃତି ପ୍ରାଚୀନ ଗ୍ରନ୍ଥକାରମାନଙ୍କ କର୍ତ୍ତୃକ ପୂର୍ବକାଳରେ ଯେଉଁ ଗଣିତ ରୀତି ଅଛି ସେହି ଗଣିତ କାଳ-

Digitized by srujanika@gmail.com

Split by PDF Splitter



ଚନ୍ଦ୍ରଗ୍ରହଣ ଗ୍ରହଯୁଦ୍ଧ ଉଦୟ ଅସ୍ତମୟ ପ୍ରଭୃତିରେ ବର୍ତ୍ତମାନକାଳରେ ବହୁତର ବିଭିନ୍ନ ଘଟୁଅଛି"। ଆଉ ଏକସ୍ଥାନରେ କହୁଅଛନ୍ତି କି ସତ୍ୟଯୁଗର ପ୍ରାନ୍ତରେ ସୂର୍ଯ୍ୟାଂଶ ପୁରୁଷକର୍ତ୍ତୃକ କଥିତ ଯେଉଁ ଗ୍ରହଗଣିତର ଉପକରଣ ତାହାକୁ ବିଚ୍ଛେଦନ ଦ୍ୱାରାରେ ସ୍ୱୟଂ ସୂର୍ଯ୍ୟାଂଶ ପୁରୁଷ ଦୋଷ ଦେଇ ତହିଁର ନିର୍ମଳ ବୀଜ ମୟାସୁରଙ୍କୁ ଦେଲେ। ପୁଣି କଳିକାଳର ୪୨୭୦ ବର୍ଷ ସମୟରେ ଭାସ୍କରାଚାର୍ଯ୍ୟ ତହିଁରେ ଦୋଷ ଦେଇ ସିଦ୍ଧାନ୍ତଶିରୋମଣି ନାମରେ ଗ୍ରନ୍ଥ ରଚନା କଲେ ମାତ୍ର ବର୍ତ୍ତମାନକୁ ତାହା ସୁଦ୍ଧା ନୈସର୍ଗ୍ୟ ନ ହେବାରେ ଖଣ୍ଡପଡ଼ା ନିବାସୀ ଚନ୍ଦ୍ରଶେଖର ସାମନ୍ତ ସିଦ୍ଧାନ୍ତ ଦର୍ପଣ ନାମକ ଗ୍ରନ୍ଥ ରଚନା କରିଅଛନ୍ତି ତହିଁରେ ବର୍ତ୍ତମାନ କଳିକାଳର ୪୯୭୮ ବର୍ଷ ସମୟରେ ଯେପରି ଦୃକ୍‌ସିଦ୍ଧ ହେଉଅଛି ତହିଁର ସାଧନ କ୍ରମ ଲକ୍ଷିତ ହୋଇଅଛି। ଅତଏବ ଜ୍ୟୋତିର୍ଭୂଷଣଙ୍କ ଇଚ୍ଛା ଯେ ଏହି ସିଦ୍ଧାନ୍ତଦର୍ପଣ ଗ୍ରନ୍ଥକୁ ଅବଲମ୍ବନ କରି ସୂକ୍ଷ୍ମପଞ୍ଜିକା ପ୍ରସ୍ତୁତ କରିବେ ଯେ ତହିଁରେ ଗଣିତଦ୍ୱାରା ଗ୍ରହଣ, ଗ୍ରହଯୁଦ୍ଧ, ଉଦୟଅସ୍ତ ଇତ୍ୟାଦି ଯେଉଁ କାଳରେ ଯାହା ଘଟୁଥିବ ପ୍ରତ୍ୟକ୍ଷରେ ତାହାହିଁ ଦୃଶ୍ୟ ହେବ। ପଞ୍ଜିକା ଗଣନା ଯଥାର୍ଥ ଅଛି କି ନାହିଁ ଏହା ବୁଝିବାର ପ୍ରଧାନ ଉପାୟ ଗ୍ରହଣ ଅଟଇ କିନ୍ତୁ ସମସ୍ତେ ଦେଖୁଅଛନ୍ତି ଯେ ପ୍ରଚଳିତ ବଙ୍ଗଳା କିମ୍ବା ଉତ୍କଳପଞ୍ଜିକା ମତେ ଗ୍ରହଣ ଠିକ ଘଟଇ ନାହିଁ ଏକ୍ ସମୟରେ ଅର୍ଦ୍ଧଘଣ୍ଟାଠାରୁ ଏକଘଣ୍ଟା ପର୍ଯ୍ୟନ୍ତ ଆଗପଛ ହୋଇଯାଏ। ପଣ୍ଡିତ ଚନ୍ଦ୍ରଶେଖର ସାମନ୍ତଙ୍କ ଗଣନାଦ୍ୱାରା ଯେବେ ଗ୍ରହଣ ଲାଗିବା ଓ ଛାଡ଼ିବାର କାଳ ଠିକ ହେବ ତେବେ ତାହାଙ୍କ ରଚିତ ଗ୍ରନ୍ଥକୁ ସମସ୍ତେ ମାନିବେ ଏ ବିଷୟରେ ସନ୍ଦେହ କି ଅଛି। ମାତ୍ର କି କାରଣରୁ ପ୍ରଚଳିତ ଗଣନା କି ଦୋଷ ଲକ୍ଷିତ ହୋଇଅଛି ଏବଂ ତାହା କିରୂପେ ସଂଶୋଧିତ ହେବ ତହିଁର ବିବରଣ କିଛି 'ସୂକ୍ଷ୍ମପଞ୍ଜିକା ପ୍ରକାଶରେ' ଲେଖା ନାହିଁ ଏଥିପାଇଁ ଆମ୍ଭେମାନେ ସେ ବିଷୟରେ କିଛି କହି ନ ପାରୁଁ। ଯାହା ହେଉ ବର୍ତ୍ତମାନକାଳରେ ଜଣେ ଉତ୍କଳୀୟ ପଣ୍ଡିତ ବିଦେଶୀୟ ଭାଷାରେ ଲିଖିତ ଜ୍ୟୋତିଷ ଗ୍ରନ୍ଥମାନ ପଠନ ଏବଂ ଦୂରବୀକ୍ଷଣ ଇତ୍ୟାଦି ଯନ୍ତ୍ରମାନଙ୍କର ବିନା ସାହାଯ୍ୟରେ ପ୍ରାଚୀନ ଜ୍ୟୋତିଷ ଗ୍ରନ୍ଥର ଦୋଷ ବାହାର କରି ତାହା ସଂଶୋଧନ ଉଦ୍ଦେଶରେ ଯେ ଖଣ୍ଡିଏ ନୂତନ ଗ୍ରନ୍ଥ ରଚନା କରିଅଛନ୍ତି ଏହା ସାମାନ୍ୟ ଗୌରବର ବିଷୟ ନୁହଇ। କିନ୍ତୁ ଜନସାଧାରଣରେ ଗ୍ରନ୍ଥ ପ୍ରଚଳିତ ନ ହେଲେ ସେ ଗୌରବ ନିଷ୍ଫଳ ହେବ। ଅତଏବ ଆମ୍ଭେମାନେ ଓଡ଼ିଶାର ସମସ୍ତ ରାଜା ଓ ଧନାଢ୍ୟ ଏବଂ ସ୍ୱଦେଶାନୁରାଗୀ ମହୋଦୟଙ୍କୁ ପ୍ରାର୍ଥନା କରୁଅଛୁଁ ଯେ ଉକ୍ତ ଗ୍ରନ୍ଥ ପ୍ରଚାର ବିଷୟରେ ସେମାନେ ଯତ୍ନ କରନ୍ତୁ। ଆମ୍ଭେମାନେ ବିବେଚନା କରୁଁ କି ସିଦ୍ଧାନ୍ତଦର୍ପଣ ଗ୍ରନ୍ଥକୁ ନାଗର ଅକ୍ଷରରେ ଛାପା କରାଇ ଭାରତବର୍ଷର ପ୍ରଧାନ ମହାରାଜା ରାଜା ଓ ଜ୍ୟୋତିର୍ବିତ୍ ପଣ୍ଡିତମାନଙ୍କ ନିକଟକୁ ପଠାଇଲେ ଉକ୍ତ ପୁସ୍ତକ କିରୂପେ ଗୃହୀତ ହେଉଅଛି ତାହା ଜଣାପଡ଼ିବ। ଚନ୍ଦ୍ରଶେଖର ପଣ୍ଡିତଙ୍କର ସଙ୍ଗତି ଥିଲେ ସେ ନିଜେ ଛପା କରାଇପାରନ୍ତେ ତାହା ନାହିଁ ବୋଲି ଅନ୍ୟର ସାହାଯ୍ୟ ଆବଶ୍ୟକ ହୋଇଅଛି। ଛପାଖର୍ଚ୍ଚା ବିସ୍ତର ହେଲେ ଏକହଜାର ଟଙ୍କା ହୋଇପାରେ ଏହା ଓଡ଼ିଶାର କୌଣସି ରାଜା ଅଥବା ଅପର ଧନବାନ୍ ଲୋକ ଇଚ୍ଛା କଲେ ଅନାୟାସରେ ଦେଇପାରନ୍ତି। ଏତିକିଟଙ୍କା ଲାଗି ଯେବେ ଏ ପୁସ୍ତକ ନ ବାହାରେ ତେବେ ବଡ଼ ଲଜ୍ଜାର ବିଷୟ ହେବ। ପୂର୍ବେ ଓଡ଼ିଶା ଲୋକମାନେ କିପରି ବିଦ୍ୱାନ୍ ଥିଲେ ତହିଁର ପରିଚୟ ମୁକ୍ତିମଣ୍ଡପ ସଭାର ସୁଖ୍ୟାତିରୁ ମିଳୁଅଛି। ବର୍ତ୍ତମାନକାଳରେ ଓଡ଼ିଶାରେ ପଣ୍ଡିତ ନାହାନ୍ତି ଏବଂ ଓଡ଼ିଶାବାସୀଏ ଅତ୍ୟନ୍ତ ମୂର୍ଖ ଏପ୍ରକାର ଅନେକ ଲୋକ ବିଶ୍ୱାସ କରନ୍ତି। ଏ ଗ୍ରନ୍ଥ ପ୍ରଚାରିତ ହେଲେ ସେମାନଙ୍କର ଭ୍ରମ ଭାଙ୍ଗିଯିବ ଏବଂ ଓଡ଼ିଶାର ସୁଖ୍ୟାତି ବର୍ଦ୍ଧିତ ହେବ। ଆମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ଆମ୍ଭମାନଙ୍କର ଏ ଅନୁରୋଧ ବୃଥା ହେବ ନାହିଁ ଅବଶ୍ୟ କେହି ରାଜା ବା ଧନାଢ୍ୟ ମହାଶୟ ଏ ପୁସ୍ତକ ଛପା କରାଇବାକୁ ପ୍ରବୃତ୍ତ ହେବେ ଏବଂ ଯାହାଙ୍କର ସାହାଯ୍ୟ କରିବାକୁ ଇଚ୍ଛା ହେବ ଆମ୍ଭମାନଙ୍କ ନିକଟକୁ ଲେଖିଲେ ଆମ୍ଭେମାନେ ତହିଁର ସୁବିଧା କରି ଦେବାକୁ ଯତ୍ନ କରିବୁଁ।

---

# ସାପ୍ତାହିକସଂବାଦ।

ଆଜି ମୋହରମପର୍ବର ଶେଷଦିନ। ଏପର୍ବ ଏନଗରର ଗୋଟିଏ ପ୍ରଧାନ ଅଟଇ ମାତ୍ର ଏବର୍ଷ ପର୍ବପରି ଜଣାପଡ଼ୁ ନାହିଁ। ଦାନାଲାଗି ଲୋକେ ହରବର ଆମୋଦ ପ୍ରମୋଦ କରିବାକୁ ବଳ ପାଉ ନାହିଁ ତହିଁରେ ପୁଣି ଅତ୍ୟନ୍ତ ଶୀତ ହେବାରୁ କାହାର ପଦାକୁ ବାହାରିବାକୁ ମନ ହେଉ ନାହିଁ। ଏପରି କଠିନକାଳ କେବେ ଦେଖାଯାଇ ନ ଥିଲା।

ଏଠା କମିଶନରଙ୍କ ଅଫିସ୍ଥିତ ବାବୁ କୈଲାସଚନ୍ଦ୍ର ଘୋଷ ଏଥିପୂର୍ବେ ଯେଉଁ ଛୁଟି ନେଇଥିଲେ ତାହା ଗ୍ରହଣ କଲେ ନାହିଁ ସୁତରାଂ ବାବୁ ଅନ୍ନଦାପ୍ରସାଦ ଘୋଷଙ୍କର ଏଠାକୁ ଆସିବାର ହେଲା ନାହିଁ ଓ ଏହାଙ୍କ କର୍ମରେ ଯେ ବାବୁ କୃଷ୍ଣଗୋବିନ୍ଦ ଗୁପ୍ତ ନିଯୋଗ ହୋଇଥିଲେ ତାହା ମଧ୍ୟ ରହିତ ହେଲା।

ଉତ୍କଳଦର୍ପଣରେ ପାଠକଲୁଁ ଯେ ସୋରେ ଓ ଭଦରଖ ଅଞ୍ଚଳରେ ଜ୍ୱରରୋଗ ପୂର୍ବପ୍ରାୟ ପ୍ରବଳ ଅଛି। ରୋଗ ହେତୁ ବିଲରେ ଧାନ ଝଡ଼ି ଯାଉଅଛି ଏବଂ ପଛବର୍ଷାରେ ଧାନ ଓ କୃଷି ଭରସ୍ତ କ୍ଷତି ହୋଇଅଛି।

ରୁଷିୟାର ବର୍ତ୍ତମାନ ସମ୍ରାଟଙ୍କ ବୟସ ଗତ ଅପ୍ରେଲମାସରେ ୬୦ ବର୍ଷ ପୂର୍ଣ୍ଣହେଲା। ଗତ ଅଢେଇଶତ ବର୍ଷ ମଧ୍ୟରେ ରୁଷିୟାର କୌଣସି ରାଜା ଏତେ ବୟସ ପର୍ଯ୍ୟନ୍ତ ବଞ୍ଚି ନ ଥିଲେ। ଷୋଳପୁରୁଷରେ ଏ ରାଜା ଦୀର୍ଘାୟୁ ହୋଇଅଛନ୍ତି।

ଦିଲ୍ଲୀର ଆଲୋକଦ୍ୱାରା ସଡ଼କପାଖର ଦୀପମାଳା ଜାଳିବାର ଏବଂ ଲିଭାଇବାର ଗୋଟିଏ କୌଶଳ ଏକବ୍ୟକ୍ତି ବାହାର କରିଅଛି। ଏଥିରେ ଏମନ୍ତ ସୃଷ୍ଟି ହୋଇଅଛି ଯେ ଏକାବେଳକେ ସଡ଼କପାଖର ସମସ୍ତ ଦୀପ ଜ୍ୱଳିଉଠିବ ଓ ଲିଭିବାବେଳେ ସେହିପରି ଲିଭିବ।

ଖଣ୍ଡିଏ ବିଲାତି ସମ୍ବାଦପତ୍ରରେ ଲେଖାଅଛି କି ଆଫଗାନ ଯୁଦ୍ଧରେ ବେଲୁନ ଅର୍ଥାତ୍ ବ୍ୟୋମଯାନ ବ୍ୟବହାର କରିବାର ପରାମର୍ଶ ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବିବେଚନା କରୁଅଛନ୍ତି। ଅନୁମାନ ହୁଅଇ ଯେ ଶତ୍ରୁର ସୈନ୍ୟ ସଂଖ୍ୟା ଏବଂ ଗତି ବିଧି ଦେଖିବା କାରଣ ଉକ୍ତ ପର୍ବତମୟ ଦେଶରେ ବ୍ୟୋମଯାନର ସହାୟତା ବଡ଼ କାର୍ଯ୍ୟକର ହେବ। କିନ୍ତୁ ଶତ୍ରୁ ନିରସ୍ତ ରହିଲାପରି ଜଣା ଯାଉଅଛି। ବେଲୁନ ଉଡ଼ିବାର ଆଉ ଆବଶ୍ୟକ ହେବ କି?

ପାରିସ ପ୍ରଦର୍ଶନ ସମୟରେ ଉକ୍ତ ନଗରର ହୋଟେଲ ଏବଂ ଅନ୍ୟାନ୍ୟ ବସାଘରମାନଙ୍କରେ ୨୦୩,୯୪୭ ଜଣ ବସା କରିଥିବାର ସରକାରୀ ସମ୍ପୂର୍ଣ୍ଣ ତାଲିକାଦ୍ୱାରା ଜଣାଯାଉଅଛି। ଇଂଲଣ୍ଡରୁ ସର୍ବାପେକ୍ଷା ଅଧିକଲୋକ ଯାଇଥିଲେ ଓ ଭାରତବର୍ଷରୁ କେବଳ ୩୮୭ ଜଣ ଯାଇଥିଲେ।

ଇଂଲଣ୍ଡର ଜଣେ ଜଜ କହୁଅଛନ୍ତି କି ଯେବେ ଇଂଲଣ୍ଡବାସିମାନେ ମଦ୍ୟପାନ ଛାଡ଼ିଦେବେ ତେବେ ଯେତେ ଜେଲଖାନା ଉକ୍ତ ରାଜ୍ୟରେ ଅଛି ତହିଁର ନଅଭାଗ ଉଠିଯାଇ ଏକଭାଗ ମାତ୍ର ରହିଯିବ। କାରଣ ଅଧିକାଂଶ ଅପରାଧର ମୂଳରେ ମଦ୍ୟପାନ ରହିଅଛି। ଭାରତବର୍ଷରେ ମଦ୍ୟପାନ ତେତେସରିକ ବଢ଼ି ନାହିଁ କିନ୍ତୁ ଏଠାରେ ଅଳ୍ପ ଠିକ ମଦର କାର୍ଯ୍ୟ କରୁଅଛି।

ବଙ୍ଗଳାର ଡେପୁଟୀ ଏକାଉଣ୍ଟେଣ୍ଟ ଜେନେରଲ ଆଜ୍ଞା ଦେଇଅଛନ୍ତି କି ତାହାଙ୍କ ମହଲୁମାର କେରାନିମାନେ ସକାଳ ଘ ୧୧ ଘଣ୍ଟାଠାରୁ ସନ୍ଧ୍ୟା ଘ ୭ ଘଣ୍ଟା ପର୍ଯ୍ୟନ୍ତ କର୍ମ କରିବେ। ଆମ୍ଭେମାନେ ମନେକରିଥିଲୁଁ କି କଲିକତାର ଅମଲାମାନେ ମୋଫସଲଠାରୁ ଅଧିକ ସୁଖଭୋଗ କରନ୍ତି ମାତ୍ର ଏ ଆଜ୍ଞା ଶୁଣି ନିଶ୍ଚୟ ବୁଝା ଯାଉଅଛି ଯେ ସବୁଠାରେ ଅମଲାଙ୍କ କପାଳ ଏକା ଅଟଇ।

ବେହାରର ସମ୍ବାଦପତ୍ରରେ ଲେଖାଅଛି କି ରାମପୁରହାଟର କେତେକଜଣ କର୍ମଚାରୀ ରେଲ୍ ମୋକଦ୍ଦମା ସମ୍ପର୍କରେ ମିଥ୍ୟା ପ୍ରମାଣ ରଚନା କରିବା ଅପରାଧରେ ଦୌରା ବିଚାରରେ ଦୋଷୀ ହୋଇ ୭ ୪ ବର୍ଷ ଲେଖାଏ କଏଦ ହେବାର ଦଣ୍ଡ ପାଇଅଛନ୍ତି ଆଉ ଏକ ଦଳ ପୁଲିସ କର୍ମଚାରୀ ବିଚାରାଧୀନରେ ଅଛନ୍ତି। ପୁଲିସ ମିଥ୍ୟା ପ୍ରମାଣ ସଞ୍ଚାଳିବାର ଜନରବ ଯେତେ ଶୁଣାଯାଏ ତାହାସବୁ ଅମୂଳକ ନୁହଇ।

Digitized by srujanika@gmail.com

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି କି ବେହାରର ଜମିଦାରଙ୍କ ସଭା ଦେଖି ବଙ୍ଗଳାର ପୂର୍ବାଞ୍ଚଳର ଜମିଦାରମାନେ ଗୋଟିଏ ସଭା ସ୍ଥାପନ କରିବାର ଉଦ୍ୟମରେ ଅଛନ୍ତି । ନବାବ ଅସାନୁଲା ଏ ସଭାର ସଭାପତି ହେବେ ।

ହିନ୍ଦୁପେଟ୍ରିଅଟ ଶୁଣିଅଛନ୍ତି କି ହିନ୍ଦୁ ଗୋସାଇଁ ଓ ପୁରୋହିତଙ୍କ ଉପରେ କୌଣସି ୨ ଜିଲ୍ଲାରେ ଲାଇସେନ୍ସ ଟାକ୍ସ ବସିଅଛି । ଗୟାର ପଣ୍ଡାମାନେ କଲେକ୍ଟର ସାହେବଙ୍କ ନିକଟରେ ଦରଖାସ୍ତ କରି ଫଳ ପାଇଅଛନ୍ତି ।

ଗତମାସ ତା ୨ ରିଖର ଯୁଦ୍ଧରେ ପିଅରକୋଟାଲଠାରେ ଯେତେଲୋକ ହତ ଓ ଆହତ ହୋଇଥିଲେ ତହିଁର ସରକାରୀ ତାଲିକା ପ୍ରକାଶ ହୋଇଅଛି । ତହିଁରୁ ଦେଖାଯାଏ ଯେ ମୋଟରେ ଦୁଇଜଣ ସୈନିକ କର୍ମଚାରୀ ହତ ଓ ଜ ୨ ଣ ଆହତ ଓ ସିପାହିଙ୍କମଧ୍ୟରୁ ୨୦ ଜଣ ହତ ଓ ୭୯ ଜଣ ଆହତ ହୋଇଅଛନ୍ତି । ଶତ୍ରୁପକ୍ଷରୁ ପ୍ରାୟ ଜ ୫୦୦ ଣ ମରି ପଡିଅଛନ୍ତି ।

୧ । ସ୍କୁଲର ସମାଚାରରୁ ଅବଗତ ହେଲୁ ଯେ ପାଟନା ଜଜଙ୍କ ଅଦାଲତରେ ଗୋଟିଏ ଅପୂର୍ବ ମୋକଦ୍ଦମା ଉପସ୍ଥିତ ହୋଇଅଛି କୌଣସି ବ୍ୟକ୍ତି ଜେଲଲ ଡେଇର ପୁଅଙ୍ଗବୋଲି ତାହା ଘରେ ଉପସ୍ଥିତ ହୋଇ କହିଲା ଯେ ସେ ଏତେଦିନ ମହିଁସରେଥିଲା । ଜେଲଲ ଡେଲ ତାହା କଥାରେ ପ୍ରଥମେ ବିଶ୍ୱାସ କଲା ନାହିଁ ସେ କହିଲା ମୋହର ପୁଅଙ୍କର ବର୍ଣ୍ଣ ଏତେ କଳା ନୁହେ ଧୂର୍ତ୍ତ ଲମ୍ପଟ ଏହିକଥା କହିଲା ଯେ ସମୁଦ୍ରର ଲୁଣା ପବନରେ ମୋହର ଦେହ ଏତେ କଳା ହୋଇଅଛି । ତହିଁରେ ଜେଲଲ ପୁଅବୋଲି ତାକୁ ଗ୍ରହଣ କଲା । ସେ ଦୁଇଦିନ ପୁଅଙ୍ଗପରି ତାହାଘରେ ରହି କେତେ ଗୁଡିଏ ଟଙ୍କା ନେଇକରି ପଳାଇଥିଲା । ବର୍ତ୍ତମାନ ସେହି ଧୂର୍ତ୍ତ ଦୁଇଟି ଅପରାଧରେ ଅପରାଧୀ ହୋଇ ଅଦାଲତଙ୍କ ବିଚାରାଧୀନରେ ଅଛି ୧ମ ଅପରାଧ ପ୍ରବଞ୍ଚନା ୨ୟ ଅପରାଧ ସମ୍ପତ୍ତିହରଣ ଦୁହେଁ ଗୁରୁତର ଅଟନ୍ତି ।

୨ । ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟଙ୍କ ସଙ୍ଗରେ ଭାରତବର୍ଷୀୟ ରେଲଓଏ କମ୍ପାନୀର ଏହିରୂପ କରାର ଅଛି ଯେ ସେମାନେ ନିରୂପିତ ମାସରେ ଗବର୍ଣ୍ଣମେଣ୍ଟଙ୍କୁ ରେଲଓଏ ସବୁ ବିକ୍ରୟ କରିବେ ବର୍ତ୍ତମାନ ଇଷ୍ଟଇଣ୍ଡିଆ ରେଲଓଏର ସେହି ସମୟ ଉପସ୍ଥିତ ହୋଇଅଛି । ଗବର୍ଣ୍ଣମେଣ୍ଟ ବର୍ତ୍ତମାନ ସେହି ରେଲଓଏ କମ୍ପାନୀଙ୍କ ମୂଳଧନ ଉପରେ ଶତକଡା ଟ ୨୫ ଙ୍କା ଲାଭ ଦେଇ କ୍ରୟ କରିବାର ସ୍ଥିର କରିଅଛନ୍ତି ତାହାହେଲେ ସେମାନଙ୍କୁ ଏହିବର୍ଷ ୧୫ କୋଟି ଟଙ୍କା ଦେବାକୁ ହେବ । ଶୁଣାଯାଉଅଛି ଗବର୍ଣ୍ଣମେଣ୍ଟ ବର୍ତ୍ତମାନ କମ୍ପାନୀହସ୍ତରୁ ନେଇ ଆଉ ଗୋଟିଏ କମ୍ପାନୀକୁ ୮୦ ବର୍ଷ ପାଇଁ ଇଜାରା ଦେବେ ଏବଂ ତାହା ନିକଟରୁ ୫ କୋଟି ଟଙ୍କା ନେବେ । ଏହି ରେଲଓଏର କାର୍ଯ୍ୟର ଭାର ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ରହିବ ଏବଂ କମ୍ପାନୀଙ୍କୁ ଶତକଡା ଟ ୪ ଙ୍କା ହିସାବରେ ସୁଧ ଦେବେ ।

ମହିସୁରର ଦୁର୍ଭିକ୍ଷ ଶେଷ ହେଲା । ସମସ୍ତ ସାହାଯ୍ୟ କର୍ମ ବନ୍ଦ ହୋଇ ଅଛି ଏବଂ କେବଳ ବ୍ୟାଙ୍ଗମାଲୁର ଏସକାର ରେଲସେଭ ନିର୍ମାଣ କାର୍ଯ୍ୟ ରହିଅଛି । ପୀଡିତ ଲୋକଙ୍କର ସାହାଯ୍ୟ ସକାଶେ ଦାତବ୍ୟ ଚିକିତ୍ସାଳୟ କେତେ ଦିନ ରହିବ ।

ମହାମାନ୍ୟ ଗବର୍ଣ୍ଣର ଜେନରଲ ସାହେବ ଲାହୋରରୁ କଲିକତାକୁ ଯାତ୍ରାକରି ଅଛନ୍ତି । କିନ୍ତୁ ଆଗାମି ଫେବ୍ରୁଏରି ମାସରେ ପୁନର୍ବାର ଲାହୋରକୁ ଯିବାର ସମ୍ଭାବନା ଥିବାରୁ ତାହାଙ୍କର ଦ୍ରବ୍ୟମାନ ସେହିଠାରେ ରହିଅଛି ।

ମାନ୍ଦ୍ରାଜ ପ୍ରଦେଶରେ ବୃଷ୍ଟିର ଭାବ ପୂର୍ବାପେକ୍ଷା କିଛି ଭଲ ହୋଇ ଅଛି କୌଣସି ଜିଲ୍ଲାରେ ସେ ୭ ଉଞ୍ଚ ଉର୍ଣ୍ଣ, ଏବଂ ସେ ୧୧ ରୁ ଅଧିକ ନାହିଁ । ଏଥିପୂର୍ବେ ସେ ୭ ର ଠାରୁ ବରଷୀର ପର୍ଯ୍ୟନ୍ତ ଥିଲା ।

## ପ୍ରେରିତପତ୍ର ।

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ
ସମୀପେଷୁ

ମହାଶୟ !

ପୁରୁଷୋତ୍ତମକ୍ଷେତ୍ର ନିବାସୀ ଓ ଶ୍ରୀ ଜଗନ୍ନାଥମହାପ୍ରଭୁଙ୍କ ମନ୍ଦିର ପୁରୋହିତ ପଣ୍ଡିତ ଶ୍ରୀ ମାର୍କଣ୍ଡେୟ ତର୍କପଞ୍ଚାନନ ମହାଶୟ ଭ୍ରମଣବଶତଃ କଲିକତାରେ ପହଞ୍ଚି ଶ୍ରୀମତୀ ରମାବାଈଙ୍କ ନିକଟରେ ସାକ୍ଷାତକରି ତହିଁର ବୃତ୍ତାନ୍ତ ଏହିପରି ଲେଖିଅଛନ୍ତି ଯଥା ;—

" ଆମ୍ଭେ ଗତମାସ ତା ୨୨ ରିଖରେ କଲିକତା ବଡବଜାର ବଂଶତଲା ଗଲି ନ ୭ ମ୍ବର ଗୃହଠାରେ ରମାବାଈଙ୍କ ସଙ୍ଗେ ଦେଖାକରି ଜାଣିଲୁଁ ଯେ ଯେପରି ଏହାଙ୍କର ପ୍ରଶଂସା ଶୁଣିଥିଲୁଁ ତହିଁଅପେକ୍ଷା ଉତ୍କୃଷ୍ଟ ଗୁଣବତୀ ଅଟନ୍ତି ଆଉ ଊଣା ନୁହନ୍ତି । ଆଉ ଆମ୍ଭେ ନିମ୍ନଲିଖିତ ଦୁଇଗୋଟି ପୂରଣ ପଚାରିବାରେ ସେ ନିମ୍ନଲିଖିତରୂପେ ପୂରଣ କରିଅଛନ୍ତି । ଯଥା;—

୧ମ ପ୍ରଶ୍ନଃ ।

ଧନ୍ୟାସ୍ତାମଦ୍ୟାନ୍ତ୍ରାଂ କଥନ୍ନୁଣି ସୁଧାଦ୍ୟାଃ ପରିତସ୍ୟଃ ।

ପୂରଣ ।

ବଦନେନ କର୍ଣ୍ଣ ଲ୍ହବଇପିନକପ୍ରୋତ କନତା
ସ୍ୱବାକ୍ୟୋ ହର୍ଷେଣ ପ୍ରଣମିତଜନା ଜ୍ଞାନନତୟଃ ।
ଅନ୍ୟେ ମୂଢ଼ୋ କାନ୍ୟେମୂଳମପି ସମାଦେହ ମୃତସ୍ୟଂ
ଧନ୍ୟାସ୍ତାମଦ୍ୟାନ୍ତ୍ରାଂ କଥନ୍ନୁଣି ସୁଧାଦ୍ୟାଃ ପରିତସ୍ୟଃ । ୧ ।

୨ୟ ପ୍ରଶ୍ନଃ ।

ଶୂନ୍ୟେ କୂପଶତ୍କଂ ତଦୁପରି ନଗରୀ ତତ୍ରଗଙ୍ଗା ପ୍ରବାହଃ

ପୂରଣ ।

ଦଣ୍ଡାତଂ ଯଦ୍ବତନ୍ତ୍ରଂ ଜଗତମହରଦଂ ବ୍ରହ୍ମରୂପାଦି ସ୍ଥାନଂ
ପଞ୍ଚୈତଭସ୍ମାତମାତ୍ରଂ ପରମନିହୃଦ୍ୟା କାଳଚକ୍ରେଣ ଯୁକ୍ତଂ ।
କର୍ମେ ଭକ୍ତେର୍କର୍ମେ ଉପିବଲସୂପୂସନ୍ଦଣ୍ଡହାସାନ୍ତରେତଃ
ଶୂନ୍ୟେ କୂପଶତ୍କଂ ତଦୁପରି ନଗରୀ ତତ୍ର ଗଙ୍ଗା ପ୍ରବାହଃ ।

ଏହିରୂପ ଦୁଇ ଶ୍ଳୋକର ପୂରଣ ଦେଖି ଆମ୍ଭେ ଯଥୋଚିତ ଆନନ୍ଦ ଲାଭ କରି ପ୍ରାର୍ଥନା କରୁଅଛୁଁ ଯେ ସମ୍ପାଦକମହାଶୟ ଅନୁଗ୍ରହପୂର୍ବକ ଉପରିଲିଖିତ ବିଷୟକୁ ଦୀପିକାରେ ପ୍ରକାଶକରି ପରମାହ୍ଲାଦିତ କରିବେ" ଇତି ।

୩୧।୧୨।୭୮   ।ନା କେହି ବିଷୟାନୁରାଗୀ

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜ୍ଞାତ କରାଯାଉଅଛି ଯେ କଟକ ନର୍ମାଲସ୍କୁଲରେ ୩୧ ଗୋଟି ଷ୍ଟାଇପେଣ୍ଡ ବୃତ୍ତି ଖାଲି ହେବାର ସମ୍ଭାବନା । ଏହି ବୃତ୍ତି କଟକ, ବାଲେଶ୍ୱର ଓ ପୁରୀ ଜିଲାସ୍ଥ ଛାତ୍ରମାନଙ୍କୁ ସମଭାଗରେ ଦିଆଯିବ, ଯେଉଁମାନେ ୧୮୭୮ ସାଲ ଛାତ୍ରବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବେ, ବା ଯେଉଁମାନେ ସେହିପରି ପରୀକ୍ଷା ଦେଇପାରିବେ, ସେମାନେ ଆଗାମୀ ଫେବ୍ରୁଏରି ମାସ ତା ୧ ରିଖରେ ସ୍ୱ ସ୍ୱ ଆବେଦନ ପତ୍ରସହ ଉକ୍ତ ସ୍କୁଲରେ ଉପସ୍ଥିତ ହେଲେ ସେମାନଙ୍କୁ ପରୀକ୍ଷା ପୂର୍ବକ ଗ୍ରହଣ କରିବୁଁ ଇତି ।

୩୧।୧୨।୭୮ } RADHANATH RAI.
କଟକ } *Joint Inspector of schools*
*Orissa Circle.*

ଓଡିଶାବିଭାଗ ।

ସନ ୧୮୭୯ ସାଲର ମଧ୍ୟ ଛାତ୍ରବୃତ୍ତି ।

୧ ।—ସାହିତ୍ୟ—ଭାଷାବ୍ୟାକରଣ ଓ ରଚନା ।
୨ ।—ଇତିହାସ ଓ ଭୂଗୋଳ—ଶିବନାଥଶାସ୍ତ୍ରୀକୃତ ଭାରତବର୍ଷର ଇତିହାସ—ସମସ୍ତ ।
ରାଧାନାଥ ରାୟଙ୍କ ବ୍ୟବହାରିକ ଭୂଗୋଳ—ଦ୍ୱାରକାନାଥ ଚକ୍ରବର୍ତ୍ତିଙ୍କ ଓଡିଶାର ଭୂଗୋଳ ଗୌରୀଶଙ୍କର ରାୟଙ୍କ ପ୍ରାକୃତିକ ଭୂଗୋଳ ।
୩ ।—ଗଣିତ—ସାମନ୍ତୋକୃତ ପାଟୀଗଣିତ ।
୪ ।—କ୍ଷେତ୍ରତତ୍ତ୍ୱ ଓ କ୍ଷେତ୍ରପରିମାଣ—ରାଧାନାଥ ରାୟଙ୍କ କ୍ଷେତ୍ରତତ୍ତ୍ୱ ୧ମ ଅଧ୍ୟାୟ, କ୍ଷେତ୍ରପରିମାଣ ।
୫ ।—ବିଜ୍ଞାନ ।
ନିମ୍ନଲିଖିତ ତିନୋଟି ବିଷୟରୁ ଯାହାର ଯେଉଁ ବିଷୟ ଇଚ୍ଛା ହୁଏ ।

କ—ଦ୍ୱାରକାନାଥ ଚକ୍ରବର୍ତ୍ତିଙ୍କ—ଜଡବିଜ୍ଞାନ ।
ଖ—ଭୁବନେଶ୍ୱର ଦତ୍ତଙ୍କ—ସରଳରସାୟନ ।
ଗ—ଉମାପ୍ରସାଦ ଦେଙ୍କ—ସ୍ୱାସ୍ଥ୍ୟରକ୍ଷା ।

୧୮୭୯ ସାଲର ନିମ୍ନ ଭର୍ନାକୁଲର ଛାତ୍ରବୃତ୍ତି ।

୧ ।—ସାହିତ୍ୟ—ଅଭ୍ୟାନିମନ୍ତ୍ରଣ ଓ ଭାଷାବ୍ୟାକରଣ ।
୨।—ଇତିହାସ ଭୂଗୋଳ—ଶିବନାଥଶାସ୍ତ୍ରୀକୃତ ଭାରତବର୍ଷର ସଂକ୍ଷିପ୍ତ ଇତିହାସ ୧ମ ଭାଗ ।
ସରଳ ଭୂଗୋଳ କିମ୍ବା ଭୂଗୋଳ ସାରସଂଗ୍ରହ ।
୩।—ଗଣିତ—ପାଟୀଗଣିତ ବହୁଗୁଣିକ ପର୍ଯ୍ୟନ୍ତ ।
୪।—କ୍ଷେତ୍ରତତ୍ତ୍ୱ—ରାଧାନାଥ ରାୟଙ୍କ କ୍ଷେତ୍ରତତ୍ତ୍ୱ ୨୦ ସଙ୍କେତ ।
୫।—ବିଜ୍ଞାନ—ଭୁବନେଶ୍ୱର ଦତ୍ତଙ୍କ ବିଜ୍ଞାନସୂତ୍ର ।

Minor Sholarship Course for 1879.

Lethbridge's Easy Selections, Lennee's Grammar to the end of Syntax and English Composition in addition to all the Subjects selected for Vr. Sch. Course.

By order.
BHUVANESVAR DUTTO.
*Hd. Clerk.*
20-12-78   *for Jt. Inspector.*

---

ଆଗାମୀ ସନ ୧୮୭୯।୮୦ ସାଲର ନୂତନପଞ୍ଜିକା ମୁଦ୍ରିତ ହୋଇଅଛି ।

---

ଛିଣ୍ଡର ଅଲମାନ୍ଦ ବୋ ୨ ଟା ଗୋଟାକୁ ଟ ୧୮ ଙ୍କା ଲେଟାବ ଓ ଉତ୍ତମ ଛାଟ ଗୋଟାକୁ ଟ ୧୫ ଙ୍କା ଦରରେ କଟକପ୍ରିଣ୍ଟିଂ କମ୍ପାନିଙ୍କ ଛାପାଖାନାରେ ରହିଅଛି ।

---

ଏହି ଉତ୍କଳଦୀପିକା ସହର କଟକ ତେଲିପାଡାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତହେଲା ।

Split by PDF Splitter
Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୦ ଗ
ସଂ ୨ ଖ୍ୟା

ତା ୧୧ ରଖ ମାହେ ଜାନୁଏରୀ ସନ ୧୮୭୫ ମସିହା । ମୁ । ପୌଷ ବ ୨୯ ଲ ସନ ୧୨୮୨ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୫୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୦
ମଫସଲପାଇଁ ଡାକମାସୁଲ ଟ୧୫୵

ଗଜେଟରେ ପାଠକଙ୍କ୍ଷ ଶ୍ରୀଯୁକ୍ତ ଟି, ଇ ରେ-ବନ୍ସା ସାହେବ ଗତମାସ ତା୨୦ ରଖରେ ଭାର-ତବର୍ଷରେ ପହଞ୍ଚି ବର୍ତ୍ତମାନରେ ଆପଣା କାର୍ଯ୍ୟ-ଭାର ଗ୍ରହଣ କରି ଅଛନ୍ତି । ରେବନ୍ସାସାହେବ କୁଶଳରେ ଭାରତବର୍ଷକୁ ଫେରି ଆସିବାର ବାର୍ତ୍ତା ଶୁଣି ଓଡ଼ିଶାବାସିମାନେ ଆନନ୍ଦିତ ହେବେ

---

ବକସିବଜାରର ଖୁନମକଦ୍ଦମା ପରିଶେଷରେ ଧରା ପଡ଼ିଲା ନାହିଁ । ପୁଲିସ ବହୁତ ଚେଷ୍ଟାକରି କେତେଜଣ ଆସାମୀକୁ ଧରିଥିଲେ ଓ ଅନେକ ସନ୍ଧିଳରେ ପ୍ରମାଣ ସଂଗ୍ରହ କରିଥିଲେ । ସେହାଙ୍କ ମଧ୍ୟରେ ଏକଜଣ ସ୍ୱଚକ୍ଷୁରେ ସମସ୍ତ ଘଟନା ଦେଖିଥିବାର ଏବଂ ଅସାମିମାନଙ୍କୁ ଚିହ୍ନିଥିବାର କହିଲା । କିନ୍ତୁ ବୋଧ ହୁଅଇ ମାଜିଷ୍ଟ୍ରେଟ ତାହାକୁ ବିଶ୍ୱାସ କଲେ ନାହିଁ ପ୍ରାୟ ସେହାମାନେ ଅଧିକ କହିବାର ଜଣାଗଲା । ଏହି କାରଣରୁ ଆସାମି-ମାନଙ୍କୁ ଦୌରା ସୁପୋର୍ଦ୍ଦ ନ କରି ଛାଡ଼ିଦେବାର ଅନୁମାନ ହୁଅଇ । ଶେଟଦନ ଦିନରେ ଏ ମକଦ୍ଦମା ଫଏସଲ ହେଲା ଅନେକ ପଲଟନର ସିପାହୀ ଓ ଅନ୍ୟାନ୍ୟ ଲୋକ ବିଚାର ଦେଖିବାକୁ ଯାଇଥିଲେ ଖଲାସୀ ଆଜ୍ଞା ଶୁଣି କଏଣ୍ଟମାନ-ଙ୍କ ମାଜିଷ୍ଟ୍ରେଟ ହାଣ୍ଡ୍ଲୀସାହେବଙ୍କ ଗୋଡ଼ ଧରି ପ୍ରେମ-ଅଶ୍ରୁରେ ପ୍ରକ୍ଷାଳନ କଲେ । ସତେ କି ଆସାମି-ମାନେ ନିତାନ୍ତ ନିର୍ଦ୍ଦୋଷୀ ଥିଲେ ? ନୋହିଲେ ଦର୍ଶକଙ୍କର ଏପରି ଭାବ କାହିଁକି ହେଲା ? ।

---

ଗତ ଶନିବାର ମୋହରମପର୍ବ ଶେଷ ହେଲା ଆମ୍ଭେମାନେ ପୂର୍ବରୁ ପ୍ରଥମଭାଗରେ ଯେପରି ଦେଖିଥିବାର ଗତ ସପ୍ତାହରେ କହିଥିଲୁଁ ଶେଷ ଭାଗରେ ମଧ୍ୟ ସେହିପରି ଦେଖାଗଲା । ଓଡ଼ିଶା ମଧ୍ୟରେ କଟକର ମୋହରମ ଗୋଟିଏ ଭାରି ପର୍ବ ଏଠା ତାଜିଆମାନ ଦେଖିବାକୁ ବହୁତ ଦୂରରୁ ଲୋକ ଆସୁଥିଲେ । ତାଜିଆମାନ ଯେମନ୍ତ ଦୀର୍ଘ ଓ ସୁଦୃଶ୍ୟ ହେଉଥିଲା ଯାତ୍ରିଙ୍କର ଗହଳ ମଧ୍ୟ ତେମନ୍ତ ଅଧିକ ହେଉଥିଲା । ଏ ବର୍ଷ ତାହା କିଛି ଦେଖିବାରେ ଆସିଲା ନାହିଁ । ଗତ କେତେକବର୍ଷରୁ ମୋହରମର ଧୂମଧାମ ଊଣା ହୋଇ ଆସୁଥିଲା । କିନ୍ତୁ ଏ ବର୍ଷ ଯାହା ଦେଖିଲୁଁ ତହିଁର ତୁଳନା କେବଳ ୯ ଅଙ୍କ ସଙ୍ଗରେ ହୋଇ ପାରେ । ସାନ ୨ ଦଶଖଣ୍ଡ ତାଜିଆ ହୋଇ ଥିଲା ଓ ସେ ସମସ୍ତ ଦେଖିବା ମାତ୍ରକେ ସ୍ପଷ୍ଟ ଜଣାଯାଉ ଥିଲା ଯେ ତାଜିଆର ଅଧିକାରୀମାନେ କେବଳ କୌଳିକକର୍ମ ସ୍ଥିର ରଖିବା କାରଣ ତରତରରେ ଯେ ସେ ପ୍ରକାରରେ ଗଠନ କରିଥିଲେ । କାହାର ଶୋଭା ଚିତ୍ତାକର୍ଷକ ହୋଇ ନ ଥିଲା । କଭଲବଡ଼ା ଓ କରବଲାଦନ ଲୋକ ଭିଡ଼ରେ ସଡ଼କରେ ଚାଲିବା କଠିନ ହୁଅଇ ଓ ଭଦ୍ର ଲୋକଙ୍କୁ ପୁଲ-ସର ବାହୁ ପାଚିଯାଏ । ଏବର୍ଷ ତହିଁର ଚତୁର୍ଥାଂଶ ଲୋକ ଦେଖାଗଲେ ନାହିଁ ଓ ଯାତ୍ରିମାନେ ଚାଲିବା ବେଳେ ପ୍ରାୟ କେହି କାହାର ଦେହକୁ ଘୃଷି କରି ନାହାନ୍ତି । ସାଂସାରିଙ୍କ ନିତ୍ୟ ପ୍ରୟୋ-ଜନୀୟ ଦ୍ରବ୍ୟ ସମସ୍ତର ଦୁର୍ମୂଲ୍ୟତା ଏଥିର ଏକ-ମାତ୍ର କାରଣ ଅଟଇ ଏବଂ ଯେସ୍ଥଳେ ଏ ଦୁର୍ମୂଲ୍ୟତା ଆମ୍ଭମାନଙ୍କୁ ଛାଡ଼ିବାର କିଛି ମାତ୍ର ଆଶା ଦେଖାଯାଉ ନାହିଁ ସେ ସ୍ଥଳେ ଏହି ଅନୁମାନ ହେଉଅଛି ଯେ ପୃଥିବୀ ଏଣିକି ଭିନ୍ନ ରୂପ ଧାରଣ କରିବ ।

ଉତ୍କଳ ଦର୍ପଣରେ ପାଠକଲୁଁ ଯେ ବାଲେ-ଶ୍ୱରରେ ମୋହରମପର୍ବର ଅବସ୍ଥା ଠିକ କଟକ ପରି ଥିଲା କେବଳ ପ୍ରଭେଦ ଏତିକି ଯେ ନୂରପୁର ବାସୀ ମୁସଲମାନମାନେ ଏବର୍ଷ ଏକ ନୂଆ ତାଜିଆ କରି ଆଗରେ ନେଇ ଯାଉଥିବା ଯୋଗୁଁ କେତେଜଣ ଯଷ୍ଟିର ଆଘାତରେ ତାହାକୁ ଚୂର୍ଣ୍ଣୀଭୂତ କଲେ ।

---

କାବୁଲ ଯୁଦ୍ଧର କୌଣସି ବିଶେଷ ସମାଚାର ଏ ସପ୍ତାହରେ ଆସିନାହିଁ ଜଣାଯାଏ ଯେ ଶୀତ ଅଧିକ ହେବାରୁ ସେନାମାନେ ଅଗ୍ରସର ହୋଇନାହାନ୍ତି ଏବଂ କେବଳ ଜରିବ ଓ ନକ୍ସା କରିବା ସଡ଼କ ନିର୍ମାଣ ଓ ଡାକ ବସାଇବାର କର୍ମ ଲାଗିଅଛି । [illegible] ଲୋକଙ୍କ ଦୁଷ୍ଟ ବୃତ୍ତିକୁ ଦମନ କରିବା ଭିନ୍ନ ସୈନ୍ୟମାନେ ଆଉ କିଛି କରିନାହାନ୍ତି । ଏମାନେ କେତେବେଳେ ବାଟ ଓଗାଳି ଡାକ ବା ରସିଦ ଲୁଟି କରିବାକୁ ପ୍ରବୃତ୍ତ ହେଉଅଛନ୍ତି କେତେ-ବେଳେ ତାରଡାକର ତାରମାନ କାଟି ଦେଉ-ଅଛନ୍ତି କେତେବେଳେ ଏକାକିଆ ଲୋକ

Digitized by srujanika@gmail.com

Split by PDF Splitter



ଦେଖିଲେ ମାଲୁମହୁଏ ଅଛନ୍ତି କିନ୍ତୁ ଇଂରାଜ ସେନା ଏମାନଙ୍କୁ ଭକ୍ଷଣାର୍ଥ ଦମନକର ବାଟମାନ ଯଥାସାଧ୍ୟ ପରିଷ୍କାର ରଖିବାକୁ ସମର୍ଥ ହୋଇଅଛନ୍ତି । ୟାକୁବଖାଁନ ଶରଣାଗତ ହେବାର ଆଉ କିଛି ଶୁଣାଯାଇ ନାହିଁ । କଥିତ ହୁଅଇ ଯେ ଅମୀର ରୁଶୀୟ ରାଜଧାନୀକୁ ପଳାଇଯାଇ ରୁଷିୟାର ସାହାଯ୍ୟରେ ଆପଣାର ଅବସ୍ଥା ଇଉରୋପର ସମସ୍ତ ରାଜାଙ୍କ ବିଚାରାଧୀନରେ ଅର୍ପଣ କରିବାର ଉଦ୍ୟମ କରୁଅଛନ୍ତି ଏବଂ ୟାକୁବଖାଁନ ସେହାଦନା କାବୁଲରେ ଦରବାରରେ ପଡ଼ିଅଛନ୍ତି । ସେନାମାନେ ବେତନ ଅଥବା ଦାନା ନ ପାଇବାରୁ ପଳାଇ ଯାଉଅଛନ୍ତି କେହି ଲଢ଼ିବାକୁ ସମ୍ମତ ହେଉନାହାନ୍ତି । ଏଣେ ଯେତେଦୂର ଇଂରାଜମାନେ ଅଧିକାର କରିଅଛନ୍ତି ସେତେଦୂରର ଲୋକ ଇଂରାଜଙ୍କର ବାଧ୍ୟ ହୋଇଅଛନ୍ତି । କାନ୍ଦାହାରରେ ଅଫଗାନ ସୈନ୍ୟ ଅନେକ ଥିବାର ଜନରବ ପ୍ରଥମେ ଶୁଣାଯାଇଥିଲା କିନ୍ତୁ ତାହା ଅମୂଳକ ବୋଲି ଏବେ କଥିତ ହୁଅଇ ଅତଏବ ସେଠାରେ ମଧ୍ୟ କୌଣସି ଯୁଦ୍ଧ ହେବାର ସମ୍ଭାବନା ନାହିଁ ଇଉରୋପର ସମାଚାର ଦ୍ୱାରା ମଙ୍ଗଳପ୍ରଦ ଥିବାର ଶୁଣାଯାଏ ସୁତରାଂ ଇଂଲଣ୍ଡ ବିରୁଦ୍ଧରେ ରୁଷିୟା ଅମୀରର ସାହାଯ୍ୟ କରିବାର କୌଣସି ସମ୍ଭାବନା ନାହିଁ । ଏହି ସବୁ କାରଣରୁ ଭରସା ହେଉଅଛି ଯେ ଆଉ ଯୁଦ୍ଧ ହେବ ନାହିଁ ଏବଂ ଅଳ୍ପଦିନରେ ଶାନ୍ତି ରାଜ୍ୟ କରିବ ।

---

ଗତବର୍ଷପରି ଏ ବର୍ଷ ମଧ୍ୟ ଏ ନଗରର ବଦାନ୍ୟ ବାବୁ ଜଗନ୍ମୋହନ ରାୟ ଡେପୁଟୀ କଲେକ୍ଟର ଆପଣା ଘରକୁ ଏ ନଗରର ଇଂରାଜ ଓ ଦେଶୀୟ ସମ୍ଭ୍ରାନ୍ତମାନଙ୍କୁ ଆହ୍ୱାନ କରି ଆମୋଦ ପ୍ରମୋଦ କରାଇଥିଲେ । ଗତବର୍ଷ ଭାରତେଶ୍ୱରୀ ପଦ ଗ୍ରହଣ ସମ୍ବନ୍ଧୀ ବାର୍ଷିକ ଉତ୍ସବ ଉପଲକ୍ଷରେ ସେହିଦିନର ପୂର୍ବଦିନ ରାତ୍ରିରୁ ଏ କାର୍ଯ୍ୟଟି ହୋଇଥିଲା ଏ ବର୍ଷ ସେହିପରି ହୋଇଥାନ୍ତା କିନ୍ତୁ ଭାରତେଶ୍ୱରୀଙ୍କ କନ୍ୟା [illegible] ହୋଇ ନ ଥିବାରୁ ସେଦିନ ନ ହୋଇ ଗତ ମଙ୍ଗଳବାର ରାତ୍ରରେ ତାହା ହେଲା । ନଗରବାସୀ ସମସ୍ତ ଇଉରୋପୀୟ ଭଦ୍ରଲୋକଙ୍କୁ ଆମନ୍ତ୍ରଣ ହୋଇଥିଲା ଏବଂ ମଜଲସ ସଜାଇବା ଓ ଆମୋଦ ପ୍ରମୋଦର ଯେପରି ଶୃଙ୍ଖଳା ଗତବର୍ଷ ହୋଇଥିଲା ଏ ବର୍ଷ ମଧ୍ୟ ତାହାହିଁ ହୋଇଥିଲା । ଶେଷନାଇ ତାସ ପାଶା ସତରଞ୍ଜ ଇତ୍ୟାଦି ଖେଳ ବାଇନାଚ ଓ ଇଉରୋପୀୟ ରୀତରେ ଜଳପାନର ଆୟୋଜନ ହୋଇଥିଲା । ଆମନ୍ତ୍ରିତ ବ୍ୟକ୍ତିମାନେ ମଜଲସକୁ ଆସି ଯେ ଯାହା ଇଚ୍ଛାନୁସାରେ ଆମୋଦ ପ୍ରମୋଦ ଓ ପରସ୍ପରର ସହିତ ଆଳାପ ପ୍ରଣୟ କରି ତୃପ୍ତି ଲାଭ କଲେ । ରାତ୍ର ଆଠଘଣ୍ଟା ସମୟରୁ ପ୍ରାୟ ଦୁଇପ୍ରହର ଦୁଇଘଣ୍ଟା ପର୍ଯ୍ୟନ୍ତ ମଜଲସ ଲାଗିଲା । ତେବେ କମିଶ୍ନର କଲେକ୍ଟର ଏବଂ ଅନ୍ୟାନ୍ୟ କେତେ ଉଚ୍ଚ କର୍ମଚାରୀ ମୋଫସଲ ଗସ୍ତକୁ ବାହାରିଯିବାହେତୁରୁ ଇଂରାଜଙ୍କ ସଂଖ୍ୟା ଗତବର୍ଷଠାରୁ ଊଣା ଥିଲା ଏବଂ ସେତେ ଆମୋଦ ମଧ୍ୟ କରିବାର ଦେଖାଗଲା ନାହିଁ । ପକ୍ଷାନ୍ତରେ ପଲଟନର ବାଜା ଆସିଥିବାରୁ ସମସ୍ତଙ୍କର କିଛି ଅଧିକ ଆମୋଦ ହେଲା ଏବଂ ସବୁଠାରୁ ବାବୁ ଜ୍ୟୋତିନ୍ଦ୍ରନାଥ ଠାକୁରଙ୍କହେତୁ ସମସ୍ତଙ୍କର ଆନନ୍ଦ ଅତ୍ୟନ୍ତ ବୃଦ୍ଧି ହୋଇଥିଲା । ବାବୁଙ୍କର ଜମିଦାରୀ ଏ ଜିଲାରେ ଥିବାରୁ ତାହା ଦେଖିବାସକାଶେ ଆସିଅଛନ୍ତି । ନିମନ୍ତ୍ରଣ ଅନୁସାରେ ଏ ମଜଲସକୁ ସେ ଆସିଥିଲେ । ହାରମୋନିୟମ ନାମକ ଇଂରାଜୀ ବାଦ୍ୟଯନ୍ତ୍ର ସେ ଉତ୍ତମରୂପେ ବଜାଇପାରନ୍ତି । ଏହି ମଜଲସରେ ସେ ଉକ୍ତ ଯନ୍ତ୍ର ବଜାଇବାଦ୍ୱାରା ସମସ୍ତଙ୍କୁ ମୋହିତ କରିଦେଲେ । ଯନ୍ତ୍ରଟି ଭଲ ନ ଥିଲେ ହେଁ ତାହାଙ୍କର ହାତର ଗୁଣରେ ଏମନ୍ତ ସୁନ୍ଦର ସ୍ୱରମାନ ଶୁଣାଇଲେ ଯେ କି ଇଂରାଜ କି ଦେଶୀୟ ସମସ୍ତ ଲୋକ ଆଉ ସବୁ ଆମୋଦ ଛାଡ଼ି ତାହାଙ୍କ ପାଖରେ ରୁଣ୍ଡ ହେଲେ ଓ ତାହାଙ୍କୁ ପୁନଃ ପୁନଃ ଧନ୍ୟବାଦ ଦେଲେ । ସୁତରାଂ ଅନ୍ୟାନ୍ୟ ଆମୋଦରେ ଯାହା ଊଣା ଥିଲା ବାବୁଙ୍କ ଅନୁଗ୍ରହରୁ ତାହା ପୂର୍ଣ୍ଣ ହୋଇଗଲା ।

---

## ମାଇନର ଓ ଉତ୍କଳ ଛାତ୍ରବୃତ୍ତି ପରୀକ୍ଷାର ଫଳ ।

ଏ ଦୁଇ ପରୀକ୍ଷାର ଫଳ ଅତିରିକ୍ତପତ୍ରିକାରେ ବାହାର ଅଛି । ମାଇନର ଛାତ୍ରବୃତ୍ତି ପରୀକ୍ଷାର ଫଳ ସର୍ବାଂଶରେ ସନ୍ତୋଷଜନକ ଓ ଗତବର୍ଷାପେକ୍ଷା ଅନେକ ଉତ୍କୃଷ୍ଟ ଅଟଇ । ଗତବର୍ଷ କେବଳ ଜ ୧୯ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଓ ତନ୍ମଧ୍ୟରେ କେହି ପ୍ରଥମଶ୍ରେଣୀରେ ନ ଥିଲେ । ଏ ବର୍ଷ ତହିଁର ଦ୍ୱିଗୁଣ ଛାତ୍ର ପାସ କରିଅଛନ୍ତି ଏବଂ ତହିଁମଧ୍ୟରୁ ଜ ୪ ଣ ପ୍ରଥମଶ୍ରେଣୀରେ ଜ ୧୮ ଣ ଦ୍ୱିତୀୟ ଏବଂ ଜ ୧୪ ଣ ତୃତୀୟ ଶ୍ରେଣୀରେ ଅଛନ୍ତି । ଓଡ଼ିଶାରେ କେନ୍ଦ୍ରାପଡ଼ା ସର୍ବୋଚ୍ଚସ୍ଥାନ ପାଇଅଛି । ଗତବର୍ଷ ଯାଜପୁରର ଫେଳ ଥିଲା । କେନ୍ଦ୍ରାପଡ଼ା ସ୍କୁଲ ଗତ କେତେକ ବର୍ଷ ହେଲା ମନ୍ଦଫଳ ଦେଖାଉଥିଲା ଏ ବର୍ଷ ଏକା ଏହିସ୍କୁଲରୁ ଜ ୩ ଣ ପ୍ରଥମ ଏବଂ ଜ ୬ ଣ ଦ୍ୱିତୀୟ ଶ୍ରେଣୀରେ ପାସ କରିବା ବଡ଼ ପ୍ରଶଂସାର କଥା ଅଟଇ ଓ ଏକପ୍ରକାର ତାହାର ବୋଧ ହେଉଅଛି । ଉତ୍କଳ ଛାତ୍ରବୃତ୍ତି ପରୀକ୍ଷାର ଫଳକୁ ଆମ୍ଭେମାନେ ସେତେ ସନ୍ତୋଷଜନକ ଜ୍ଞାନ କରୁ ନାହୁଁ । ଗତବର୍ଷ ଜ ୨ ଣ ପ୍ରଥମ ଜ ୧୦ ଣ ଦ୍ୱିତୀୟ ଏବଂ ଜ ୪୨ ଣ ତୃତୀୟ ଶ୍ରେଣୀରେ ସବୁ ଜ ୫୪ ଣ ଉତ୍ତୀର୍ଣ୍ଣ ହୋଇଥିଲେ ଏ ବର୍ଷ ଜ ୮ ଣ ପ୍ରଥମ ଜ ୩୬ ଣ ଦ୍ୱିତୀୟ ଏବଂ ଜ ୫୩ ଣ ତୃତୀୟ ସବୁ ଜ ୯୬ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏପ୍ରକାର ତୁଳନାରେ ପରୀକ୍ଷାର ଫଳ ମନ୍ଦ ବୋଲି ଯାଇ ନ ପାରେ କିନ୍ତୁ ମାଇନର ଛାତ୍ରବୃତ୍ତି ପରି ଉତ୍ତମ ନୁହଇ । ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଅଧିକ ଛାତ୍ର ପାସ କରିଥିଲେ ଆମ୍ଭେମାନେ ପରୀକ୍ଷାର ଫଳକୁ ଭଲ କହିଥାନ୍ତୁ । ମାତୃଭାଷା ପରୀକ୍ଷାରେ ତୃତୀୟ ଶ୍ରେଣୀରେ ସ୍ଥାନ ପାଇବା ବଡ଼ କଥା ନୁହଇ । ଏକ ଏକ ବିଦ୍ୟାଳୟର ଫଳ ପ୍ରତି ଲକ୍ଷ କରି ଦେଖିଲେ ଜଣାଯାଏ ଯେ ବାଲେଶ୍ୱର ଓଡ଼ିଶା ମଧ୍ୟରେ ଅଗ୍ରଗଣ୍ୟ ହୋଇଅଛି । ଗତବର୍ଷ ଏବଂ ତହିଁ ପୂର୍ବେ ଅନେକଥର କଟକ ମଡେଲ ସ୍କୁଲ ଓଡ଼ିଶାରେ ଉତ୍କୃଷ୍ଟ ଫଳ ଦେଖାଇଥିଲା । ଏଥର ଏହାର ଅବସ୍ଥା ଏତେ ମନ୍ଦ ହୋଇଅଛି ଯେ ପ୍ରଥମ ଶ୍ରେଣୀରେ ଏକଜଣ ଛାତ୍ରସୁଦ୍ଧା ସ୍ଥାନ ପାଇ ନାହିଁ ଓ ସାଧାରଣ ଲିଷ୍ଟରେ ଏହା ଦଶରୁ ଉଚ୍ଚସ୍ଥାନ ପାଇ ନାହିଁ । ତଥାପି ଏହି ସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ଜ ୩ ଣ ଓ ତୃତୀୟ ଶ୍ରେଣୀରେ ଜ ୭ ଣ ସବୁ ଜ ୧୦ ଣ ପାସ କରିଥିବାରୁ ସଂଖ୍ୟା ବିଷୟରେ ଭଲ ଫଳ ଦେଖାଇଅଛି । ବାଲେଶ୍ୱର ମିଶନ ସ୍କୁଲର ଜ ୨ ଣ ଛାତ୍ର ପ୍ରଥମ ଶ୍ରେଣୀରେ ପାସକରିବା ପ୍ରଶଂସାର ବିଷୟ ଅଟଇ । କଟକ ଓ ବାଲେଶ୍ୱରର ମୋଗଲବନ୍ଦି ସ୍କୁଲମାନ ଯେ ଯାହା ଭଲ ଫଳ ଦେଖାଇଅଛି ମାତ୍ର ବଡ଼ ଦୁଃଖର ବିଷୟ ଯେ ଢେଙ୍କାନାଳ ଛଡ଼ା ଅନ୍ୟ କୌଣସି ଗଡ଼ଜାତ ସ୍କୁଲରୁ ଗୋଟିଏସୁଦ୍ଧା ଛାତ୍ର ପରୀକ୍ଷା ଦେଇ ପାରି ନାହିଁ । ଅନୁଗୁଳ ଓ ବାଙ୍କୀରେ ଅନେକକାଳରୁ ସ୍କୁଲମାନ ଅଛି । କଦମାଳରେ ଲୋକେ ଇଚ୍ଛାପୂର୍ବକ ଚାନ୍ଦା ଦେଇ କ [illegible] ର୍ଷ ହେଲା ବିଦ୍ୟାଳୟମାନ ବସାଇଅଛନ୍ତି । କେତେ-

Digitized by srujanika@gmail.com

Split by PDF Splitter



ଟ୍ଟ ଓ ମୟୂରଭଞ୍ଜରେ ଶିକ୍ଷାବିଷୟରେ ମହାରାଜାମାନେ ଅନେକକାଳରୁ ଉତ୍ତମରୂପ ଚେଷ୍ଟା କରିବାର ଶୁଣାଯାଏ କିନ୍ତୁ ଏ ପକ୍ଷରେ ଏମାନଙ୍କର ନାମଗନ୍ଧ ନାହିଁ । ଆମ୍ଭେମାନେ ଭରସା କରୁଁ ଯେ ଏଥର ଗଡଜାତ ସକାଶେ ସବ୍ ଇନ୍ସପେକ୍ଟରମାନେ ନିଯୁକ୍ତ ହୋଇଅଛନ୍ତି ଏହାଙ୍କ ତତ୍ତ୍ୱାବଧାରଣ ଏବଂ ଯତ୍ନରେ ଆଗାମୀ ବର୍ଷ ଗଡ଼ଜାତର ଫଳ ଭଲ ଦେଖାଯିବ ।

---

## ଖଜଣା ଅଦାୟର ନୂତନ ଆଇନ ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦସହିତ ଗତେଥରେ ପାଠକଙ୍କୁ ଯେ ଖଜଣା ସମ୍ପର୍କୀୟ ଆଇନ କି ଯହିଁର ପ୍ରସ୍ତାବ ଅନେକ ଦିନରୁ ହୋଇ ଆସୁଥିଲା ଏଥର ବିଧିବଦ୍ଧ ହେବାର ଆଶା ଦେଖାଯାଏ । ଲେଫ୍ଟେନାଣ୍ଟ ଗବର୍ଣ୍ଣରଙ୍କ ଇଚ୍ଛା ଯେ ଏହି ବର୍ଷ ଏ ଆଇନ ପ୍ରଚଳିତ କରିବାର ଚେଷ୍ଟା କରିବେ । ଯାହା ହେଉ ଆଇନର ପାଣ୍ଡୁଲିପି ବଙ୍ଗଳା ବ୍ୟବସ୍ଥାପକ ସଭାରେ ଉପସ୍ଥିତ ହୋଇଅଛି । ଶ୍ରୀଯୁକ୍ତ ମାକଞ୍ଜୀ ସାହେବ ଏ ପାଣ୍ଡୁଲିପିର ଭାର ନେଇଅଛନ୍ତି । ପାଣ୍ଡୁଲିପିକି ସଭାରେ ଉପସ୍ଥିତ କରିବା ସମୟରେ ସେ କହିଅଛନ୍ତି କି ଅଦାଲତରୁ ମୋକଦ୍ଦମା ପାଇବାରେ ଭାରି ବିଳମ୍ବ ହୁଅଇ ବୋଲି ଗୋଟିଏ ସାଧାରଣ ପ୍ରବାଦ ଅଛି ମାତ୍ର ବଙ୍ଗଳାର ମୁନସଫି ଅଦାଲତରୁ ଖଜଣା ମୋକଦ୍ଦମା ଲଭ କରିବାରେ ଏତେ ବିଳମ୍ବ ହୁଅଇ ଯେ ସାଧାରଣ [ପ୍ର]ବାଦର ବଳ ମଧ୍ୟ ତାହାକୁ ଗାନ୍ତ କରି[ପାରେ] ନାହିଁ । ଯେତେ ଖଜଣା ମୋକଦ୍ଦମା [illegible] ହୁଅଇ ତହିଁରେ ଶତକରେ ୭୫ [illegible]ଏ ନିର୍ବିବାଦ ପ୍ରକାରର ଥିଲେହେଁ [illegible]ଦାର ଏବଂ ଅନ୍ୟାନ୍ୟ ଖଜଣା ପାଇବା [illegible]ଲୋକମାନେ ଆପଣାର ଯଥାର୍ଥ ପାଉଣା ଉସୁଲ [କ]ରିବା କାରଣ ଏତେ ବାଧ୍ୟ କରନ୍ତି ଯେ ତାହା ଆଦାୟ କରିବା ଅସମ୍ଭବ ହୋଇଯାଏ ଏବଂ ଏତେ ବିଳମ୍ବ କାଳ ଅପେକ୍ଷା କରି ରହନ୍ତି ଯେ ଏତେ ଏତେ ସମୟରେ ତାହା ଅତ୍ୟନ୍ତ କ୍ଲେଶକର ଓ ସର୍ବନାଶ ପ୍ରାୟ ହୁଅଇ । ଏତେ ବ୍ୟୟ ଓ ବିଳମ୍ବ ଉତ୍ତାରୁ ଜମିଦାର ଡିକ୍ରୀ ପାଇଲେହେଁ ତଦ୍ୱାରା ଏମନ୍ତ ବୋଲି ଯାଇ ନ ପାରେ ଯେ ସେ ଆପଣାର ପ୍ରାପ୍ୟ ଖଜଣା ପାଇଲା । ଅବଶ୍ୟ ସତ୍ୟ ଯେ ଅନେକ ସ୍ଥଳରେ ଜମିଦାର ଓ ପ୍ରଜା ମଧ୍ୟରେ ଖଜଣାର ନିରଖ, ସୁଧ ଓ ପ୍ରଜାର ସତ୍ତ୍ୱ ଇତ୍ୟାଦି ବିଷୟରେ ବିବାଦ ଥିବାରୁ ତଦ୍ୱାରା ଉକ୍ତ କଷ୍ଟମାନ ଜାତ ହୁଅଇ । ଏଥିପାଇଁ ପ୍ରଥମରୁ ଜମିଦାରମାନେ ବାଞ୍ଛା କରିଥିଲେ କି ଯେକୌଣସି ବ୍ୟବସ୍ଥା ହେବ ଯେମନ୍ତ ତହିଁରେ ସମସ୍ତ ବିବାଦର ସ୍ଥାନ ସରବେଦ୍ୱାରା ସ୍ଥିର ହୋଇ ସୀମାର ଚିହ୍ନସ୍ଥଳମାନ ଚିହ୍ନିତ ହେବ । କିନ୍ତୁ ଏଥିରେ ଅନେକ ଅନୁସନ୍ଧାନ ଏବଂ ପ୍ରଚଳିତ ଆଇନ ସମସ୍ତର ଭାରି ପରିବର୍ତ୍ତନ ହେବା ଭୟରେ ସର୍ ଜର୍ଜ କାମ୍ବଲସ୍ୱାହା ଏଥିରୁ କ୍ଷାନ୍ତ ହୋଇ କାଳକ୍ରମେ ଏ ବିଷୟ କି ଊଣା ଅଧିକ ହେବ ତାହା ଦେଖିବାକୁ ଯୁକ୍ତିଯୁକ୍ତ ସିଦ୍ଧାନ୍ତ କଲେ । ବର୍ତ୍ତମାନ ଦେଖା ଯାଉଅଛି ଯେ ତହିଁର ଫଳ ମନ୍ଦ ହୋଇ ନାହିଁ । ବରଂ ଅନେକ ବିବାଦ ଜମିଦାର ଓ ପ୍ରଜାମାନେ ଆପଣା ମଧ୍ୟରେ ମୀମାଂସା କରି ନେଇଅଛନ୍ତି । ଏଥିଉତ୍ତାରୁ ଯାହା ବାକି ଅଛି ଓ ଖଜଣା ବୃଦ୍ଧି କରିବାର ଅଧିକାର ସମ୍ବନ୍ଧରେ ଯେସମସ୍ତ ଗୋଳଯୋଗ ଅଛି ତାହା ଯଥାର୍ଥରୂପେ ନିର୍ଣ୍ଣୟ କରି ତହିଁର ପ୍ରତୀକାର କରିଦେବା ସହଜକଥା ନୁହଇ । ଏଥିର ବ୍ୟବସ୍ଥା ଭାବିବାକୁ ଅଧିକ ସମୟର ପ୍ରୟୋଜନ ଏବଂ ସମ୍ଭବ ହୁଅଇ ଯେ ପଶ୍ଚାତକୁ ଏଥିର କିଛି ସୁବ୍ୟବସ୍ଥା ସଙ୍ଗେ ଭେଟ ହେବ ସମ୍ପ୍ରତି କେବଳ ନିର୍ଦ୍ଦ୍ୱନ୍ଦ୍ୱ ବାକି ଖଜଣା ଆଦାୟର କୌଣସି ସହଜ ବ୍ୟବସ୍ଥା କରିବା ନିତାନ୍ତ ଆବଶ୍ୟକ ହୋଇଅଛି ଏବଂ ସେହି ହେତୁ ବର୍ତ୍ତମାନ ପାଣ୍ଡୁଲିପି ସଭାରେ ଉପସ୍ଥିତ କରିବାକୁ ହେଲା । ଜମିଦାରଙ୍କର ଦାୟିତ୍ୱ ନିତ୍ୟ ବୃଦ୍ଧି ହେଉଅଛି । ଗବର୍ଣ୍ଣମେଣ୍ଟ ରାଜସ୍ୱ ଛଡ଼ା ପଥକର ପ୍ରଦେଶୀୟକର ଜଳକର ଇତ୍ୟାଦି ନାନାପ୍ରକାର ସରକାରୀ ଟଙ୍କା ଜମିଦାରଙ୍କ ଯୋଗେ ଆଦାୟ କରିବାର ବ୍ୟବସ୍ଥା କରିଅଛନ୍ତି ଓ କରୁଅଛନ୍ତି । ଜମିଦାର ଯଥାସମୟରେ ଏସମସ୍ତ ଦେଇ ନ ପାରିଲେ ତାହାର ସତ୍ତ୍ୱ ନିଲାମ ହେବାରସୁଦ୍ଧା ନିୟମ ଅଛି । ଜମିଦାର ପ୍ରଜାଙ୍କଠାରୁ ଏସମସ୍ତ ଉସୁଲ କରି ସରକାରକୁ ପଠାଇବ କିନ୍ତୁ ଗବର୍ଣ୍ଣମେଣ୍ଟ ଆପଣା ପାଉଣା ଜମିଦାରଠାରୁ ଯେପରି ସହଜରେ ଆଦାୟ କରିବାର ନିୟମ କରିଅଛନ୍ତି ଯେବେ ଜମିଦାରକୁ ପ୍ରଜାଠାରୁ ଖଜଣା ଆଦାୟ କରିବାର ସେପ୍ରକାର ସୁବିଧା ନ ଦେବେ ତେବେ ଜମିଦାର କିପ୍ରକାରରେ ଚଳିବ । ଅତଏବ ନିର୍ଦ୍ଦ୍ୱନ୍ଦ୍ୱ ଖଜଣା ଆଦାୟ କାରଣ ଜମିଦାରକୁ ସହଜ ଉପାୟ କରିଦେବା ଗବର୍ଣ୍ଣମେଣ୍ଟଙ୍କର ନିତାନ୍ତ କର୍ତ୍ତବ୍ୟ ।

ଉପରଲିଖିତ କଥାମାନ ପାଠକରି ଜମିଦାରମାନେ ଦେଖିବେ ଯେ ତାହାଙ୍କ ପ୍ରତି ଗବର୍ଣ୍ଣମେଣ୍ଟଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଅଛି । ସର ଜର୍ଜ କାମ୍ବଲଙ୍କ ସମୟରୁ ଏପର୍ଯ୍ୟନ୍ତ ଏଥିର ସୁବ୍ୟବସ୍ଥା ହୋଇ ପାରି ନ ଥିଲା ମାତ୍ର ମାନ୍ୟବର ଇଡନ ସାହେବ ଆଉ ପ୍ରକାର ଲୋକ ଅଟନ୍ତି । ଯେତେବେଳେ ଯେଉଁ କଥାକୁ ସେ ଉଚିତବୋଲି ଜ୍ଞାନ କରନ୍ତି ତେତେବେଳେ ତାହାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ସେ କ୍ଷଣମାତ୍ର ବିଳମ୍ବ କରନ୍ତି ନାହିଁ । ମାନ୍ୟବର ଇଡନ ସାହେବ ପ୍ରସ୍ତାବିତ ସୁବ୍ୟବସ୍ଥାକୁ ଶୀଘ୍ର ପ୍ରଚଳିତ କଲେ ଜମିଦାରମାନେ ତାହାଙ୍କଠାରେ ଚିରକାଳ କୃତଜ୍ଞ ରହିବେ ସନ୍ଦେହ ନାହିଁ ।

---

# ସାପ୍ତାହିକସଂବାଦ ।

ଏ ସପ୍ତାହରେ ଶୀତ ଊଣାଅଛି ଏବଂ ଶେଷ ବସନ୍ତବାୟୁ ବହିବାର ଆରମ୍ଭ ହେଲାଣି । ଚାଉଳର ଦର କିଞ୍ଚିତ ସୁଲଭ ହୋଇଅଛି । ଏଣା ଜ୍ୱରରୋଗ କେତେ ଲୋକଙ୍କୁ କଷ୍ଟ ଦେଉଅଛି ।

ବାଲେଶ୍ୱରର ଉତ୍ତରାଞ୍ଚଳର ଜ୍ୱର ଊଣା ପଡ଼ିଅଛି । ଏଠାରେ ମଧ୍ୟ ଚାଉଳର ଦର କିଛି ଊଣା ହୋଇଅଛି ।

ଆମ୍ଭେମାନେ ଶୁଣିଲୁ ଯେ ମୋଫସଲରେ ସରବେ ଇଙ୍ଗାର ଲୋକଙ୍କ ଦୌରାତ୍ମ୍ୟ କ୍ରମଶଃ ବୃଦ୍ଧି ହୋଇଅଛି ଓ କେହି କେହି ଜମିଦାର ଏଥିର ପ୍ରତୀକାର ଲୋଡ଼ୁଅଛନ୍ତି । ଜମିଦାରମାନେ ଚେଷ୍ଟା କଲେ ଦୁଷ୍ଟ ଲୋକଙ୍କୁ ଦମନ କରିବା ବଡ଼ କଥା ନୁହଇ କେବଳ ସାହସ ଓ ଚେଷ୍ଟା ଆବଶ୍ୟକ ।

ଗତ ଶନିବାର ଏ ନଗରରେ ଗୋଟିଏ ବଙ୍ଗଳା କୋଠି ପୋଡ଼ି ଗଲା । ଏ ଘର ଖାଲି ପଡ଼ିଥିଲା ଅଥଚ କେଉଁଠାରୁ ନିଆଁ ଆସିଲା ଜଣା ପଡ଼ିଲା ନାହିଁ ।

ରଙ୍ଗୁନଗଜେଟରୁ ଏକବ୍ୟକ୍ତି ଲେଖିଅଛନ୍ତି କି ଉକ୍ତ ନଗରଠାରୁ ଏକଦିନର ବାଟରେ ଗୋଟିଏ ସୁବର୍ଣ୍ଣପର୍ବତ ସେ ଆବିଷ୍କାର କରିଅଛନ୍ତି । ଏଥିରେ ସୂକ୍ଷ୍ମସୁବର୍ଣ୍ଣ ପ୍ରାପ୍ତ ହୁଅଇ । ସୁବର୍ଣ୍ଣପର୍ବତରେ ଜାତ ହେବାର ଶୁଣିଥିଲୁଁ କିନ୍ତୁ ସୁବର୍ଣ୍ଣର ପର୍ବତ ଗୋଟିଏ ଅଛି ବୋଲି ଜଣା ନ ଥିଲା ତଥାପି ଏତିକି ଶୁଣାରେ ଯେ ଲୋକଙ୍କର ଆଶା ପୂର୍ଣ୍ଣ ହେବ ଏମନ୍ତ ଅନୁମାନରୁ ଆସୁ ନାହିଁ ।

ପାରିସନଗରର ପ୍ରଦର୍ଶନ ଦେଖିବାକୁ ୧,୭୦,୩୨,୭୨୫ ଲୋକ ଯାଇଥିଲେ ଅର୍ଥାତ ଦର୍ଶକଙ୍କ ଦ୍ୱାରଦର ସଂଖ୍ୟା ଟଙ୍କାର ୮୨,୦୦୦ ଥିଲା । ଏତେଲୋକ କୌଣସି ଯାହାରେ ଦେଖା ଯାଇ ନାହିଁ ।

ଭୂପାଲର ବେଗମ ଆପଣାର ଜଣେ ମୁକ୍ତାରକୁ କନଷ୍ଟାଣ୍ଟିନୋପଲସ୍କୁ ପଠାଇଅଛନ୍ତି । ତାହାଙ୍କର କାର୍ଯ୍ୟ ଏହି ଯେ ତୁରସ୍କର ସୁଲତାନଙ୍କୁ ଦୁଇଖଣ୍ଡ କୋରାନର ଟୀକା ଭେଟିବେ ଏକଖଣ୍ଡ ତାହାଙ୍କ ସ୍ୱାମି ଏବଂ ଅନ୍ୟଖଣ୍ଡ ତାହାଙ୍କ ମନ୍ତ୍ରୀଙ୍କ ରଚିତ । ଏପରି ତୁରସ୍କର ପୀଡ଼ିତ ଏବଂ ଆହତ ସୈନ୍ୟଙ୍କ ସାହାଯ୍ୟ ନିମିତ୍ତ ବେଗମ ତିନିଲକ୍ଷ ପାଞ୍ଚହଜାର ଟଙ୍କା ପଠାଇଥିଲେ ତାହା କିପ୍ରକାରରେ ବ୍ୟୟିତ ହୋଇଅଛି ତହିଁର ଅନୁସନ୍ଧାନ କରିବେ ।

Digitized by srujanika@gmail.com

Split by PDF Splitter



ଅଗ୍ରା ଏବଂ ତହିଁର ଚତୁର୍ଦ୍ଦିଗରେ ଜ୍ୱରରୋଗର ପ୍ରବଳ ଅତ୍ୟନ୍ତ ହୋଇଅଛି ଗାଁକୁ ଗାଁ ଲୋକେ ପୀଡିତ ହୋଇଅଛନ୍ତି ଏବଂ ମୃତ୍ୟୁସଂଖ୍ୟା ଏତେଅଧିକ ଯେ ଶବ ଉଠାଇବାକୁ ଲୋକ ମିଳୁ ନାହାନ୍ତି । ଏବର୍ଷ ଶୀତଦିନରେ ଜ୍ୱରର ଏପରି ପ୍ରାଦୁର୍ଭାବ ଏଥିର ହେତୁ କ ?

ଜଣେ ଇଂରାଜ ହିନ୍ଦୁପେଟ୍ରିଅଟକୁ ଲେଖିଅଛନ୍ତି କି ବଡ଼ଦିନ ଦିନ ଦେଶୀୟ ଭଦ୍ରଲୋକମାନେ ଯେଉଁ ଡାଲିମାନ ଇଂରାଜମାନଙ୍କ ନିକଟକୁ ପଠାନ୍ତି ତହିଁରେ କେବଳ ମାତ୍ର ଦେଶୀୟ ମିଷ୍ଟାନ୍ନ, ଫଳ ଇତ୍ୟାଦି ଥିବାରୁ ତାହା ଇଂରାଜଙ୍କ ରୁଚିର ଅନୁରୂପ ହୁଏ ନାହିଁ ସୁତରାଂ ସାହେବମାନେ ଆପଣା ଚାକରଙ୍କୁ ଦିଅନ୍ତି ଓ ସେମାନେ ବାଣ୍ଟି ନିଅନ୍ତି କିମ୍ବା ତାହା ବଜାରରେ ବିକ୍ରୟ କରନ୍ତି ଅଥଚ ସାହେବମାନଙ୍କର ଡାଲି ଗ୍ରହଣ କାର୍ଯ୍ୟରେ ସକାଳବେଳଟି ନଷ୍ଟ ହୁଅଇ । ବାସ୍ତବରେ ବଡ଼ଦିନ ଦିନ ସାହେବମାନଙ୍କୁ ସଲାମ କିମ୍ବା ଡାଲିଦ୍ୱାରା ଦେଶୀୟ ଲୋକମାନେ ବଡ ବିରକ୍ତ କରନ୍ତି । ଯେବେ ନିତାନ୍ତ ଦେବାର ଇଚ୍ଛା ହୁଅଇ ତେବେ କେବଳ ତାହାଙ୍କ ରୁଚି ଦ୍ରବ୍ୟ ଦେଲେତ ଭଲ ହୁଅନ୍ତା ଓ ବଡ଼ଦିନର ଶୁଭଫଳ ହାତକୁ ହାତ ମିଳନ୍ତା ।

## ପ୍ରେରିତପତ୍ର ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଓଡ଼ିଶା ବାସିଙ୍କର ଜ୍ଞାନର ପ୍ରଭା ଯେ ଦିନ୨ ଉନ୍ନତ ହେଉଅଛି ଏଥିରେ ଆଉ ସନ୍ଦେହ ନାହିଁ ସାଧାରଣଙ୍କ ମୁଖ ସ୍ୱରୂପ ସମ୍ବାଦପତ୍ର ତହିଁର ପରିଚୟ ଦେଉଅଛି । ଲୋକଙ୍କର ମନୋଭାବ ପ୍ରକାଶ ପାଇବାଦ୍ୱାରା ଅନେକ ଅସୁବିଧା ବା ଅଭାବ କ୍ରମେ ନିବାରିତ ହୋଇ ଶୁଭଫଳ ଫଳୁଅଛି କିନ୍ତୁ ଏତିକି ଖେଦ ଯେ ପତ୍ରପ୍ରେରକଙ୍କ ମଧ୍ୟରେ ଦୁଇ ପ୍ରକାର ଲୋକ ଅଛନ୍ତି । ଏକ ସାଧାରଣୋପକାର ସାଧକ, ଅପର ସ୍ୱାର୍ଥ ସାଧକ । ଗତ ମାସ ତା ୨୧ ରଖର ଦୀପିକାରେ "ବିଦ୍ୟାଳୟର ପାଠ୍ୟପୁସ୍ତକ ନିର୍ବାଚନ" ଶିର୍ଷକ ପ୍ରାପ୍ତ ପତ୍ର ଖଣ୍ଡି ଯେ କେଉଁ ଶ୍ରେଣୀୟଙ୍କଦ୍ୱାରା ଲିଖିତ ତାହା ପାଠକେ ନିମ୍ନଲିଖିତ ବିଷୟ ପଢି ସହଜେ ଅନୁମାନ କରି ପାରିବେ ।

* * * *

ପୁରୁଣା ରୀତିକି ଏକାବେଳକେ ପରିବର୍ତ୍ତନ କରାଯାଇ ନ ପାରେ । ତଥାପି ବର୍ତ୍ତମାନର ଜଏଣ୍ଟ ଇନସ୍ପେକ୍ଟର ଦିନ୨ ସୁବିଧାନମାନ କରୁଅଛନ୍ତି ଏହା ଅମ୍ଭେମାନେ ମୁକ୍ତକଣ୍ଠରେ କହୁଅଛୁ । ପ୍ରାୟ ଏକ ପ୍ରକାରର ପୁସ୍ତକଦ୍ୱାରା ଯେ ସମଜ୍ଞାନ ଲାଭ ନ ହେବ ଏଥିର ହେତୁବା କଣ ? ଦୁଇ ତିନିଜଣ ପୁସ୍ତକ ଲେଖକଙ୍କ ମଧ୍ୟରୁ ଏକ ଜଣଙ୍କର ପୁସ୍ତକ ଚଳିବାଦ୍ୱାରା ଅଯୁକ୍ତିକର ହେଲେ, ଜଣେ ମୁଣ୍ଡରୁ ହାତ କାଢିବ ସତ୍ୟ ମାତ୍ର ଆଉ ଦୁଇଜଣ ଯେ ମୁଣ୍ଡରେ ହାତ ଦେଇ ବସିବେ ଏଥିରେ ସାଧାରଣଙ୍କର ଉତ୍ସାହ ବଢିବ କିପରି ଅମ୍ଭେମାନେ ବୁଝି ପାରୁ ନାହୁଁ । ଏମନ୍ତ ପୁସ୍ତକ ଲେଖକ ମଧ୍ୟ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ କେହି ହୋଇ ନାହାନ୍ତି ଯେ ତାହାଙ୍କ ପୁସ୍ତକ ସର୍ବୋତ୍କୃଷ୍ଟ ବୋଲି ସର୍ବ ଆଦରଣୀୟ ହେବ । ସବୁ ଅଳ୍ପ ବହୁତରେ ବଙ୍ଗ ବା ଇଂରେଜୀ ଭାଷାର ରୂପାନ୍ତର ମାତ୍ର ।

କବିତାବଳୀର ଅର୍ଦ୍ଧେକ ବା ଭ୍ରମଭଞ୍ଜନର ସମଗ୍ର ଦ୍ୱିତୀୟ ଶ୍ରେଣୀରେ ଚଳିବା କିଛି ଅସଙ୍ଗତ ହୋଇ ନାହିଁ । ଏ ଦୁଇ ପୁସ୍ତକ ସାହିତ୍ୟ ସମ୍ବନ୍ଧରେ ପ୍ରାୟ ସମଶ୍ରେଣୀୟ । ଯେବେ ଲେଖକ ଭ୍ରମଭଞ୍ଜନକୁ ନିକୃଷ୍ଟ ବୋଲି ମନେ କରନ୍ତି ତେବେ ତାଙ୍କର ଭ୍ରମ ହୋଇଅଛି ବୋଲିବାକୁ ହେବ । ଆଉ କେଉଁ ପୁସ୍ତକ ଖଣ୍ଡି ସେ ଶ୍ରେଣୀରେ ଚଳିଲେ ଉତ୍ତମ ହେବ ଏହାକି ଲେଖକ ଖୋଲିଲେ କହିବ ?

ସବୁଠାରେ ପୁସ୍ତକ ମିଳିବା ପକ୍ଷରେ ଅସୁବିଧା ହେବ ବୋଲି ଯେ ଜଏଣ୍ଟ ଇନସ୍ପେକ୍ଟର ମହାଶୟ ଏପ୍ରକାର କରିଥିବେ ଏମନ୍ତ ଅନୁମାନ କରିବା ବୃଥା । ସେ ଅବଶ୍ୟ ଜଣେ ସଦ୍ବିବେଚକ, ସାମାନ୍ୟ ଆପତ୍ତି ପେଇଁ କୌଣସି ଅନାୟୁକ୍ତିତ କାର୍ଯ୍ୟ କରିବା ଲୋକ ନୁହନ୍ତି । ଲେଖକ ପୁସ୍ତକ ବିକ୍ରୟର ଏଜେଣ୍ଟମାନଙ୍କୁ କିଛି ନ କହି ସବ୍ ଇନସ୍ପେକ୍ଟର ମାନଙ୍କ ପ୍ରତି ଏତେ ତମ୍ବି ହୁକୁମ ଜାରି କଲେ କାହିଁକି ?

ପୂର୍ବ ଜଏଣ୍ଟ ଇନ୍ସ୍ପେକ୍ଟରଙ୍କର ଭାଷା ବିଷୟରେ ଆଦୌ ଦୃଷ୍ଟି ନ ଥିଲା ବର୍ତ୍ତମାନ ଜଏଣ୍ଟ ଇନ୍ସ୍ପେକ୍ଟରଙ୍କର ଟିକିଏ ଦୃଷ୍ଟି ଅଛି । ଏ ଗୋଟିଏ ମନ ଭୁଲାଇବା କଥା । ଆଉ କେଉଁ ଶ୍ରେଣୀରେ କେଉଁ ପୁସ୍ତକ ଚଳିବ ଏଥିର ଲିଷ୍ଟ ଆଜି ପର୍ଯ୍ୟନ୍ତ ବାହାରି ନାହିଁ ଲେଖକ ଜାଣିଲେ ବା କିପରି ? ଏଥି ସବୁରୁ ଅନୁମାନ ହୁଅଇ ଯେ ଲେଖକ ଜଣେ ଗ୍ରନ୍ଥକାର । ଶୁଦ୍ଧ ଓଡ଼ିଆ ଭାଷାରେ ଭଲ ଲେଖି ପାରିବାର ଗର୍ବ ମଧ୍ୟ କରନ୍ତି । ଖୋଜ ଲୋଡ ଲିଷ୍ଟିଟା ଦେଖି ସାରିଲେଣି । ତାଙ୍କ ମନୋମତ ସ୍ୱରଚିତ ପୁସ୍ତକ ଶ୍ରେଣୀମାନଙ୍କରେ ଚଳି ପାରି ନାହିଁ, ଅତଏବ ଅମ୍ଭେ ଜଏଣ୍ଟ ଇନ୍ସ୍ପେକ୍ଟର ମହାଶୟଙ୍କୁ ଅନୁରୋଧ କରୁଅଛୁଁ ଯେ, ଯେଉଁ ବ୍ୟକ୍ତି ତାଙ୍କ ଅଫିସକୁ ଯାଇ ଲିଷ୍ଟ ଦେଖିଥିବେ ସେହି ବ୍ୟକ୍ତି ଏଥିର ଲେଖକ । ତାଙ୍କ ପୁସ୍ତକ କୌଣସି ଶ୍ରେଣୀରେ ଚଳି ନ ଥିଲେ ଚଳାନ୍ତୁ, ଦୁଇ ଗୁରୁଗଣ୍ଡ ମଧ୍ୟରେ ଗୋଲମାଲ ହୋଇ ପଡିଥିଲେ ସ୍ୱଭାବ କରି ଦିଅନ୍ତୁ ନୋହିଲେ ଆଉ ଶାନ୍ତି ନାହିଁ ।

୨୭।୧୨।୭୮ } ବଶମ୍ବଦ
କଟକ } କେହି ଦୀପିକା ପାଠକ ।

ଅମ୍ଭେମାନେ ଏ ମତରେ ଐକ୍ୟ ହୋଇ ପାରିଲୁଁ ନାହିଁ । ପାଠକ ଲେଖକଙ୍କୁ ଚିହ୍ନିବାପାଇଁ ଯେତେ କଷ୍ଟ ସ୍ୱୀକାର କରି ଅଛନ୍ତି ତାହାଙ୍କର ଯୁକ୍ତି ଖଣ୍ଡନ ନିମିତ୍ତ ତାହା କରିଥିଲେ ଭଲ ହୋଇ ଥାନ୍ତା । ଲେଖକ ଅବା ସ୍ୱାର୍ଥ ସାଧନ ଉଦ୍ଦେଶରେ ପତ୍ର ଲେଖିଥିବେ ମାତ୍ର ସ୍ୱାର୍ଥସାଧନ ସର୍ବଦା ସାଧାରଣ ହିତ ସାଧନର ବିରୋଧୀ ନୁହଇ ବରଂ ପ୍ରକୃତ ସ୍ୱାର୍ଥ ସାଧନ ସାଧାରଣ ହିତ ସାଧନର ମୂଳ ହୋଇଅଛି । ଓଡ଼ିଶାରେ ପ୍ରତିବର୍ଷ କି ପରିମାଣରେ ପାଠ୍ୟପୁସ୍ତକ ବିକ୍ରୟ ହୁଅଇ ଓ ଖଣ୍ଡିଏ ପୁସ୍ତକର ଛପାଖର୍ଚ୍ଚ ଯାହା ଦିଆ ହୋଇଥାଏ ତାହା ଉଠିବାକୁ କେତେବର୍ଷ ଲାଗଇ ଓ କେତେବର୍ଷରେ ଏକ ସଂସ୍କରଣ ଶେଷହୁଏ ଓ ତଦ୍ୱାରା ଗ୍ରନ୍ଥକାରର ଲାଭ ହୁଅଇ କି ନାହିଁ ଯେବେ ପାଠକ ମହାଶୟ ଏଥିର ଅନୁସନ୍ଧାନ କରି ଦେଖିଥାନ୍ତେ ତେବେ ଯେତେ ରାଗୀରେ ଲେଖକଙ୍କୁ ବ୍ୟଙ୍ଗ କରି ଅଛନ୍ତି ପ୍ରାୟ ସେପରି କରିବାକୁ ମନ କଲାନ୍ତେ ନାହିଁ । କେବଳ ନାମର ବାସ୍ତୀ କେହି୨ ସଙ୍ଗତିପନ୍ନ ଲୋକଙ୍କୁ ଉନ୍ନତ କରିଅଛି ବୋଲି ରକ୍ଷା ନୋହିଲେ ଯେତେ ପାଠ୍ୟ ପୁସ୍ତକ ଇତ୍ୟାଦି ବାହାରିଅଛି ତହିଁର ଅର୍ଦ୍ଧେ ଦେଖିବା ସ୍ୱପ୍ନ ପ୍ରାପ୍ତ ହୋଇ ଥାନ୍ତା ।

ସମ୍ପାଦକ


## ବିଜ୍ଞାପନ ।

### ନୂତନପଞ୍ଜିକା ।

ବାବତ ସନ ୧୮୭୯।୮୦ ସାଲ ଖଣ୍ଡକୁ ମୂଲ୍ୟ ଟ° ୫
ମୋଫସଲ ନିମନ୍ତେ ଡାକମାସୁଲ ଟ° /
କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ଓଡ଼ିଶାସ୍ଥ ବର୍ତ୍ତମାନ ଯନ୍ତ୍ରାଳୟମାନଙ୍କରେ ସନ ୧୮୭୮ ସାଲ ଶେଷପର୍ଯ୍ୟନ୍ତ ଯେଉଁ ସବୁ ପୁସ୍ତକମାନ ମୁଦ୍ରିତ ପ୍ରଚାରିତ ହୋଇଅଛି, ଅମ୍ଭେ ମୟୂରଭଞ୍ଜାଧିପତିଙ୍କ ପୁ[...] ସକାଶେ ପ୍ରାୟ ସେଥିର ସମସ୍ତ ସଂଗ୍ରହ କରିଅଛୁଁ । ଉକ୍ତ ଯନ୍ତ୍ରାଳୟମାନଙ୍କର ସମ୍ପାଦକମାନେ କିମ୍ବା [...] ମାନେ କୌଣସି ପୁସ୍ତକ ଛପାଇଲେ, ସେଥିର [...] ଦୁଇଖଣ୍ଡ ଅମ୍ଭଠାକୁ ପଠାଇଲେ ଅମ୍ଭେ ତହିଁର ମୂଲ୍ୟ [...] ତାଙ୍କଠାକୁ ପଠାଇଦେବୁଁ ।

ଶ୍ରୀହରିପ୍ରସାଦ ଦାସ
ହେଡ୍‌ମାଷ୍ଟର ବାରିପଦା ଇଂ, ସ୍କୁ[...]

## JESUS CHRIST: WHAT DO WE THINK OF HIM?

On Saturday next, January 11th., Mr. John Vaughan will deliver a lecture on the above subject to English-speaking Hindoos in the Mission Book room recently opened. Lecture to commence at seven o'clock.

All are invited.


ଏହି ଉତ୍କଳଦୀପିକା ସହର କଟକ ପିରବାଗବାଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତହେଲା ।

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ ଗ
ସଂ ୩ ଖ୍ୟା

ତା ୧୮ ରଖ ମାହେ ଜାନୁଏରୀ ସନ ୧୮୭୯ ମସିହା । ମୁ । ମାଘ ବ ୭ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨॥୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୭୦
ମଫସଲପାଇଁ ଡାକମାସୁଲ ଟ୧୪୵

ଲଣ୍ଡନର ଟାଇମସ୍ ନାମକ ସଂବାଦପତ୍ରରେ ଲେଖାଅଛି କି ଯାକୁବଖାନଙ୍କ ନିକଟକୁ ସନ୍ଧିର ନିୟମମାନ ସରକାରୀ ଚିଠିଦ୍ୱାରା ପଠା ଯାଇଅଛି ଏବଂ ଉକ୍ତ ନିୟମମାନ ଏପରି ହୋଇଅଛି କି ତାହା ସେ ଆପଣା ଗୌରବର ଖର୍ବତା ବିନା ଗ୍ରହଣ କରି ପାରନ୍ତି । ଏଥିରୁ ବୋଧ ହୁଅଇ ଯେ ଅମିରଙ୍କ ସଙ୍ଗେ ସନ୍ଧି ହେବାର ଉଦ୍ୟମ ହୋଇଅଛି ଏବଂ ଯୁଦ୍ଧ ଶୀଘ୍ର ଶେଷ ହୋଇ ପାରେ ।

---

ମଧ୍ୟପ୍ରଦେଶର କମିଶନର ମରିସସାହେବ ଶୀଘ୍ର କଲିକତା ଯିବାର କଥା ଅଛି । ସେଠାରେ ସେ ମଧ୍ୟପ୍ରଦେଶ ବମ୍ବେଇପ୍ରଦେଶଭୁକ୍ତ ହେବା ବିଷୟରେ ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ସହିତ କଥାବାର୍ତ୍ତା କରିବେ । ଏଥିପୂର୍ବେ ହୋଇ ଥିବା ପ୍ରସ୍ତାବ ଅନୁସାରେ ମରିସ୍‌ସାହେବ ବମ୍ବେଇ କାଉନସଲର ମେମ୍ବର ହେବେ । ମଧ୍ୟପ୍ରଦେଶର ଏକଅଂଶ ଓଡଶାକୁ ଆସିବାର କଥା ପୂର୍ବେ ହେଉଥିଲା କିନ୍ତୁ ସେ ବିଷୟରେ କିଛି ସମ୍ବାଦ ନ ପାଇବାରୁ ଆମ୍ଭେମାନେ ବ୍ୟସ୍ତ ଅଛୁଁ । ଓଡଶାର ଏଲାକା ବୃଦ୍ଧି ହେଲେ ଅନେକ ପ୍ରକାର ଭଲ ହୁଅନ୍ତା ।

---

ବଙ୍ଗଲାର ଛୋଟଲାଟ ବାହାଦୁର ଆପଣା ଏଲାକା ମଧ୍ୟରେ ଥିବା ସମସ୍ତ ମିଉନିସି ପାଲିଟୀ ଉପରେ ଗୋଟିଏ ଶାସନ କରଣ ବସାଇବାର ବନ୍ଦୋବସ୍ତ କରୁ ଅଛନ୍ତି । ଏ ମହକୁମାରେ ହେସାବନବିସ ଏବଂ ତତ୍ତ୍ୱାବଧାରକମାନେ ନିଯୁକ୍ତ ରହିବେ ଓ ସମସ୍ତ ମିଉନିସିପାଲିଟିର ଆୟ ବ୍ୟୟର ହେସାବ ଏମାନେ ବୁଝିବେ । ମାନ୍ୟବର ଇଡନସାହେବଙ୍କର ଏ କଳ୍ପନାଟି ବଡ ସୁନ୍ଦର ହୋଇଅଛି । ବର୍ତ୍ତମାନ୍ ପ୍ରତ୍ୟେକ ମିଉନିସି ପାଲିଟିର କମିଟୀଦ୍ୱାରା ଏ କାର୍ଯ୍ୟ ହେଉଅଛି ମାତ୍ର ତଦ୍ୱାରା ସୁଚାରୁରୂପେ କର୍ମ ଚଳୁ ନାହିଁ ଓ ଅନେକ ଗୋଲମାଲ ମଧ୍ୟ ହେଉଅଛି । ଲୋକ-ଲଫଣ୍ଡଟଙ୍କାର ହେସାବମାନ ଉପଯୁକ୍ତ କର୍ମଚାରୀ-ଦ୍ୱାରା ବୁଝାଗଲେ ଅନେକ ଅପବ୍ୟୟ ନିବାରଣ ହେବ । ଶିକ୍ଷା ସମ୍ପର୍କୀୟ ଲୋକଲଫଣ୍ଡ ଟଙ୍କାର କେହି ତତ୍ତ୍ୱାବଧାରକ ନ ଥିବାରେ ତହିଁର କାର୍ଯ୍ୟ ଯଥା ନିୟମରେ ଚଳୁ ନ ଥିଲା । ସମ୍ପ୍ରତି ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ସେ ବିଷୟରେ କେତେ-ଗୁଡିଏ ନିୟମ କରି ଏକାଉଣ୍ଟାଣ୍ଟ ଜେନେରଲଙ୍କୁ ଭାର ଦେଇ ଅଛନ୍ତି । ବେନୀଗୋପାଲ ନନ୍ଦୀଙ୍କର ଗ୍ରେଡ୍‌ସେଭ ଅନାୟାସରେ ଚେଷ୍ଟା କରିବାକୁ ସକ୍ଷମ ହେବାରୁ ଛୋଟଲାଟସାହେବ ବର୍ତ୍ତମାନ ଅତି ସତର୍କ ହୋଇ ସମସ୍ତ ପ୍ରକାର ଲୋକଲ ଫଣ୍ଡ ହେସାବ ବୁଝିବାର ସୁ ବ୍ୟବସ୍ଥା କରୁ ଅଛନ୍ତି ସୁଖର ବିଷୟ ଅଟଇ ଏବଂ ଏଥିପାଇଁ ଉକ୍ତ ଚେଷ୍ଟାକୁ ଏକପ୍ରକାର ଶୁଭ ଘଟନା ମଧ୍ୟରେ ଗଣ୍ୟ କରିବାକୁ ହେବ ।

---

ମୟୂରଭଞ୍ଜର ଦୋଷମାଳର ଥାନକଟା ମକ-ଦମାମାନ ଫଏସଲ ହୋଇଅଛି । ମହାରାଜାଙ୍କ-ର ସରଦାର ଗୋପାଲସିଂହ କଠିନ ପରିଶ୍ରମ ସହିତ ୧୮ମାସ କାରାବାସ ଏବଂ ଟ ୪୦୦୲ ଙ୍କା ଅର୍ଥଦଣ୍ଡ ପାଇଅଛି ଓ ଅନ୍ୟ ତିନିଜଣ ଆସାମୀ ଉପରେ ଜଣପ୍ରତି ୯ମାସ ଲେଖାଏ କାରାବାସ ଏବଂ ଟ୭୦୲ଙ୍କା ଲେଖାଏ ଅର୍ଥଦଣ୍ଡ ହୋଇଅଛି ଆମ୍ଭେମାନେ ବିଚାରର ଏପରି ଫଳ ଶୁଣି ସନ୍ତୁଷ୍ଟ ହେଲୁଁ ଏବଂ ଭରସାକରୁଁ ଯେ ଏହାଦ୍ୱାରା ମୟୂରଭଞ୍ଜର ମହାରାଜା ଆପଣାର ଶାସନପ୍ର-ଣାଳୀ ଭଲ କରିବାକୁ ଉତ୍ତେଜିତ ହେବେ । ମହାରାଜା ଯେବେ ଆପଣା ରାଜ୍ୟମଧ୍ୟରେ ପୁଲିସ ଏବଂ ଡାକର ବନ୍ଦୋବସ୍ତ ଉତ୍ତମରୂପେ କରିବେ ତେବେ ତାହାଙ୍କର ଦୃଷ୍ଟି ଚତୁର୍ଦ୍ଦିଗରେ ପଡିବ ଏବଂ ତାହାଙ୍କର ପ୍ରଜା ଓ ସରଦାର-ମାନେ ସର୍ବଦା ତାହାଙ୍କୁ ସାକ୍ଷାତ ଦେଖି ଦୁଷ୍କର୍ମରୁ ଅନେକାଂଶରେ ନିବୃତ୍ତ ହେବେ । ଉପସ୍ଥିତ ମକଦ୍ଦମାରେ ମହାରାଜାଙ୍କର କୌଣସି ସମ୍ପର୍କ ନ ଥିଲେହେଁ କେବଳ ତାହାଙ୍କ ସରଦାରଦ୍ୱାରା ଗୋଟିଏ ଆଇନବିରୁଦ୍ଧ କାର୍ଯ୍ୟ ହେଲାବୋଲି ତାହାଙ୍କ ନାମ ଧରିବାକୁ ହେଲା । ଏହା ବଡ ଦୁଃଖର ବିଷୟ ଅଟଇ ମାତ୍ର ମହାରାଜା ଯେମନ୍ତ ଉନ୍ନତ ରୀତିରେ ସମସ୍ତ କାର୍ଯ୍ୟ କରିବାକୁ ମନ ବଳାଇଅଛନ୍ତି ଅନାୟାସରେ ଆପଣା ପ୍ରଜାଙ୍କୁ ଏପ୍ରକାର କର୍ମରୁ କ୍ଷାନ୍ତ କରି ପାରିବେ ଓ କେହି ତାହାଙ୍କର ନିୟମକୁ ଅତିକ୍ରମ କରିଗଲେ

Split by PDF Splitter

Digitized by srujanika@gmail.com

ତତ୍କ୍ଷଣାତ୍ ତାହା ସେ ଜାଣିପାରି ତହିଁର ଶାସ୍ତି ଦେବେ ।

---

ଉତ୍କଳଦର୍ପଣ କୌଣସି ବନ୍ଧୁଙ୍କ ପତ୍ରରୁ ଅବଗତ ହୋଇଅଛନ୍ତି କି ଭଦ୍ରକସ୍ଥ ଶାଳନ୍ଦୀନଦୀ ତୀରବର୍ତ୍ତୀ ଆଠ ଦଶ ଗ୍ରାମରେ ପ୍ରତିଘରୁ ୨।୩। ୪।୫ ଲୋକେଁ ମନୁଷ୍ୟ ଓଲାଉଠା ରୋଗରେ ମରିଅଛନ୍ତି । ଉକ୍ତ ଗ୍ରାମମାନଙ୍କରେ ଅନେକ ଦିନୁ ଏ ଉତ୍ପାତ ନ ଥିଲା ଏବର୍ଷ ଏ ଦୁର୍ଘଟନା ଘଟିବାର କାରଣ ଏହି କି ପ୍ରତିବର୍ଷ ଶାଳନ୍ଦୀନଦୀ ବୃଦ୍ଧି ହୋଇ ପାର୍ଶ୍ୱବର୍ତ୍ତୀ ଗ୍ରାମମାନଙ୍କର ଚତୁର୍ଦ୍ଦିଗସ୍ଥ ନାନାପ୍ରକାର ଅପକାରକ ପଦାର୍ଥମାନ ଧୋଇ ନେଇଯାଏ । ଏବର୍ଷ ଥରେହେବା ଶାଳନ୍ଦୀ ଉଚ୍ଛୁଳି ନାହିଁ । ଏଣୁ କଥିତ ଅନିଷ୍ଟକର ପଦାର୍ଥମାନ ଯଥାସ୍ଥାନରେ ସଞ୍ଚିତ ଥାଇ ରୋଗ ଜାତ କରାଅଛି ।

ଆମ୍ଭମାନଙ୍କ ମତରେ ଉପରଲିଖିତ ଅନୁମାନଟି ଅଯୌକ୍ତିକ ନୁହଇ । କିନ୍ତୁ ଏଥିର ପ୍ରତୀକାର କିଛି ଦିଶୁ ନାହିଁ । ପୃଥିବୀର ବୟସ ସଙ୍ଗେ ଲୋକସଂଖ୍ୟା ବୃଦ୍ଧି ଓ ଲୋକସଂଖ୍ୟା ବୃଦ୍ଧି ସଙ୍ଗେ ଅପରିଷ୍କାର ଦ୍ରବ୍ୟର ବୃଦ୍ଧି ହେଉଅଛି ପୁଣି ଲୋକଙ୍କ ସୁଖ ସ୍ୱଚ୍ଛନ୍ଦତା ବୃଦ୍ଧି ଆଶାରେ ସଡକ ବନ୍ଧ ଇତ୍ୟାଦି ନିର୍ମାଣଦ୍ୱାରା ନଦୀବଢି ଦେଶକୁ ଧୋଇ ନେଇପିବା ବିରୁଦ୍ଧରେ ଉପାୟ ବୃଦ୍ଧି ହେଉଅଛି । ଏଣୁକରି ଦେଖାଯାଉଅଛି ଯେ କ୍ରମଶଃ ରୋଗ ବୃଦ୍ଧି ହେଉଅଛି ଏବଂ ଯେସ୍ଥଳେ କ୍ରମାଗତ ଅଗ୍ରସର ଭିନ୍ନ ପଛକୁ ଫେରିବାର କିଛି ଉପାୟ ନାହିଁ ସେସ୍ଥଳେ ନିଶ୍ଚୟ ବୁଝି ରଖିବାକୁ ହେବ ଯେ ଦିନ୨ ସୁଖସ୍ୱଚ୍ଛନ୍ଦତା ସଙ୍ଗେ୨ ରୋଗ ଶୋକର ମଧ୍ୟ ବୃଦ୍ଧି ହେଉଥିବ ନୈସର୍ଗିକ ନିୟମର ଫଳକୁ ମନୁଷ୍ୟ କେତେମାତ୍ର ନିବାରଣ କରିପାରିବ !

---

ବଙ୍ଗାଳ ଗବର୍ଣ୍ମେଣ୍ଟଙ୍କର ଗତ ବାର୍ଷିକ କାର୍ଯ୍ୟପତ୍ରରୁ ଜଣାଯାଏ ଯେ ଯେଉଁ କୋଷ୍ଟ କେନାଲ ବର୍ତ୍ତମାନ ଓଡିଶାରେ ହେବାର ମଞ୍ଜୁର ହୋଇ ବାଲେଶ୍ୱର ଜିଲାରେ ତହିଁର କର୍ମ ଆରମ୍ଭ ହୋଇଅଛି ତଦ୍ୱାରା କଲିକତାଠାରୁ ଗଞ୍ଜାମ ପର୍ଯ୍ୟନ୍ତ ନୌକାବାଟେ ଯୋଗ ହେବ ଏ ନାଲର ଦୈର୍ଘ୍ୟ ସର୍ବସୁଦ୍ଧା ୪୦୦ ମାଇଲ ହେବ ଏବଂ ଏଥିରେ ୭୫ ଲକ୍ଷ ଟଙ୍କା ବ୍ୟୟ ହେବ । କଲିକତାରୁ ହିଜଲି ପର୍ଯ୍ୟନ୍ତ ଯେଉଁ ନାଲ ଅଛି ସେହିଠାରୁ ନୂତନ ନାଲ ଆରମ୍ଭ ହୋଇ ବାଲେଶ୍ୱର ଓ କଟକଜିଲ୍ଲା ଦେଇ ଚିଲକା ହ୍ରଦରେ ମିଶିବ ଓ ଚିଲକାଠାରୁ ଗଞ୍ଜାମ ପର୍ଯ୍ୟନ୍ତ ଯେଉଁ ନାଲ ଅଛି ତହିଁସଙ୍ଗେ ଯୋଗ ହେବ ମୋଟ ୭୫ ଲକ୍ଷ ଟଙ୍କା ମଧ୍ୟରୁ ହିଜଲିନାଲରେ ୨୦ ଲକ୍ଷଟଙ୍କା ଏଥିମଧ୍ୟରେ ଖରଚ ହୋଇ ଗଲାଣି । ହିଜଲି ନାଲଠାରୁ କଟକର ନାଲସଙ୍ଗେ ମିଶିବା ପର୍ଯ୍ୟନ୍ତ ନାଲ ନିର୍ମାଣରେ ୩୫ ଲକ୍ଷଟଙ୍କା ବ୍ୟୟ ହେବ ଏବଂ ଅବଶିଷ୍ଟ ୨୦ ଲକ୍ଷ ଟଙ୍କାରେ କଟକରୁ ଚିଲକା ପର୍ଯ୍ୟନ୍ତ ନାଲ ଯିବ ଲେଫ୍ଟେନେଣ୍ଟ ଗବର୍ଣ୍ଣର ବୋଲନ୍ତି କି ନାଲଦ୍ୱାରା ଗଞ୍ଜାମ ଓ କଲିକତା ଯୋଗ ହେବା ପର୍ଯ୍ୟନ୍ତ ଓଡିଶାରେ ସନ ୧୮୬୬ ମସିହାରେ ଯେପରି ଘଟିଥିଲା ସେପରି ବିପଦରୁ କୌଣସିରୂପେ ରକ୍ଷା ପାଇବାର ଆଶା ହୋଇ ନ ପାରେ । ଏ ନାଲ ନିର୍ମାଣ କରିବା ବଡ଼ ସହଜ ଓ ଏଥିରେ ଯେ ବ୍ୟୟ ହେବାର ଅନୁମାନ ହୋଇଅଛି ତାହା ମାଇଲପ୍ରତି ୧୮ ହଜାର ଟଙ୍କା ମାତ୍ର ଅଟଇ କାରଣ କେବଳ ଏକ ନଦୀକୁ ଅନ୍ୟ ନଦୀସଙ୍ଗେ ଯୋଗ କରିବା ଲାଗି ଖଣ୍ଡେ୨ ନାଲ ଖୋଳିବାକୁ ହେବ ।

---

ରସଦ ସମ୍ପର୍କୀୟ ଅତ୍ୟାଚାର ।

ଆମ୍ଭେମାନେ ଏଥି ପୂର୍ବେ ଲେଖିଥିଲୁଁ କି ସରବେଶୀ ଏଲକାର ଲୋକମାନେ ମୋଫସଲରେ ନାନା ପ୍ରକାର ଅତ୍ୟାଚାର କରୁଅଛନ୍ତି ଓ କେହି ତାହାଙ୍କୁ ଦମନ କରି ପାରୁ ନାହାନ୍ତି । ସମ୍ପ୍ରତି ଅବଗତ ହେଲୁଁ ଯେ ସେମାନଙ୍କର କେତେକ ଅତ୍ୟାଚାର ତାହାଙ୍କ ହାକିମଙ୍କ କର୍ଣ୍ଣଗୋଚର ହୋଇଅଛି ଏବଂ ଜମିଦାରମାନେ ଦରଖାସ୍ତଦ୍ୱାରା ତାହାଙ୍କୁ ଜଣାଇ ଅଛନ୍ତି । ଏଥିରୁ ଭରସା ହୁଅଇ ଯେ ସରବେ ସାହେବ ଏମାନଙ୍କ ଅତ୍ୟାଚାର ଦମନ କରିବାକୁ ଚେଷ୍ଟା କରିବେ ମାତ୍ର କେତେଦୂର କ୍ଷମ ହେବେ ତାହା ବର୍ତ୍ତମାନ ବୋଲି ଯାଇ ନ ପାରେ । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ କେବଳ ରସଦ ନେବା ସ୍ଥଳରେ ଉକ୍ତ କର୍ମଚାରୀମାନେ ନାନାଦି ଅତ୍ୟାଚାର କରିବାକୁ ସକ୍ଷମ ହେଉଅଛନ୍ତି ନୋହିଲେ ବର୍ତ୍ତମାନର ଅମଳରେ ଜମିଦାର ବା ପ୍ରଜାମାନେ ତାହାଙ୍କୁ ସହଜରେ ଛାଡି ଦିଅନ୍ତେ ନାହିଁ । ସରବେଅର ସାହେବଙ୍କୁ କଲେକ୍ଟରର କ୍ଷମତା ଅଛି ସେ ଜମିଦାରଙ୍କ ଉପରେ ରସଦ ପରୱାନା ଜାରି କରୁଅଛନ୍ତି ଏବଂ ଜମିଦାରଙ୍କ ତହିଁରେ କିଛି ତ୍ରୁଟି ହେଲେ ତାହାଙ୍କୁ ଦଣ୍ଡ ଦେବାର କ୍ଷମତା ଅଛି । ସୁତରାଂ ଜମିଦାରମାନେ ତାହାଙ୍କ କରଗତ ରହିଲେ କାରଣ ଜମିଦାରଙ୍କର ଭୟ ଓ ବିଶ୍ୱାସ ଏହି ଯେ ସେମାନେ ଯେବେ ସରବେ କର୍ମଚାରୀଙ୍କୁ ସନ୍ତୁଷ୍ଟ ନ କରିବେ ତେବେ ଉକ୍ତ କର୍ମଚାରୀମାନେ ତାହାଙ୍କ ନାମରେ ହାକିମଙ୍କ ପାଖରେ ଲଗାଇ ବହୁ ଜରିମାନା କରାଇ ଦେବେ । ଅତଏବ ରସଦ ସମସ୍ତ ଅନିଷ୍ଟର ମୂଳ ହେଉଅଛି । ଆମ୍ଭେମାନେ ଅନୁମାନ କରୁଁ ଯେ କେବଳ ସୈନ୍ୟଙ୍କୁ ରସଦ ଯୋଗାଇବା କାରଣ ଜମିଦାରମାନେ ବାଧ୍ୟ । ମୋଫସଲକୁ ଯେ ହାକିମ ଯିବ ସେହି ଜମିଦାରଙ୍କ ଉପରେ ଟେଷ୍ୟ କଟାଇବ ଏପରି କିଛି ଆଇନ ଥିବାର ଆମ୍ଭେମାନେ ଜାଣୁନା ଫଳତଃ ଆଇନ ଥାଉବା ନ ଥାଉ ମୋଫସଲକୁ କେହି ହାକିମ ବା କର୍ମଚାରୀ ଗଲେ ଜମିଦାରକୁ ସାହାଯ୍ୟ ମାଗିବା ଅସଙ୍ଗତ ନୁହେ ଏବଂ ଜମିଦାରଙ୍କୁ ତାହା ସାଧ୍ୟାନୁସାରେ ଦେବାର କର୍ତ୍ତବ୍ୟ । କିନ୍ତୁ ଏହା ବୋଲି ଜମିଦାରକୁ ହରବର କରିବା କଦାଚ ଯୁକ୍ତିଯୁକ୍ତ ବୋଲି ଆମ୍ଭେମାନେ ସ୍ୱୀକାର ନ କରୁଁ । ସହର ଓ ମୋଫସଲର ଅବସ୍ଥାରେ ଅନେକ ପ୍ରଭେଦ ଏହା ସମସ୍ତେ ଜାଣନ୍ତି । ରସଦ ନେବା ହାକିମ ଯେବେ ମୋଫସଲରେ ସହରର ପ୍ରାପ୍ୟ ଦ୍ରବ୍ୟମାନ ଫରମାସ କରିବେ ତେବେ ଜମିଦାର ତାହା କାହିଁ ପାଇବେ ? ଯେଉଁ ହାକିମ ରସଦ ପରୱାନା କରନ୍ତି ତାହାଙ୍କୁ ବୁଝିବାର ଆବଶ୍ୟକ ଯେ ମୋଫସଲରେ ଯାହା ଅନାୟାସରେ ମିଳେ ଓ ଯାହା ନ ହେଲେ ପ୍ରାଣରକ୍ଷା ନ ହୁଏ କେବଳ ସେହି ପଦାର୍ଥ ଯୋଗାଇବା କାରଣ ଜମିଦାରଙ୍କଠାରେ ପ୍ରାର୍ଥନା କରିବେ ଭିନ୍ନ ଆଉ ଯାହାର ଯାହା ପ୍ରୟୋଜନ ହେବ ସେ ଆପଣା ସଙ୍ଗରେ ବାନ୍ଧି ନ ନେବତ ମୋଫସଲରେ କିପରି ପାଇବ । ହାଣ୍ଡି, କାଠ, ଚାଉଳ, ଡାଲି, ପରିବା, ଦୁଧ, ଘିଅ, ତେଲ, ଲୁଣ ହେଲେ ଜୀବନ ରକ୍ଷାର ସହଜ ଉପାୟ ହେଲା । ଏହା ଦେବାକୁ ଜମିଦାରମାନେ ଅନାୟାସରେ ପାରନ୍ତି ଓ ଏହା ପ୍ରାୟ ସମସ୍ତ ଗ୍ରାମରେ ସହଜରେ ପ୍ରାପ୍ତ ହୁଅଇ । କିନ୍ତୁ ଅଣ୍ଡା, ଚିନି, ସନ୍ଦେଶ, ବା ମୁରଗୀ ମେଣ୍ଢା ଇତ୍ୟାଦି ମୋଫସଲର ସକଳ ସ୍ଥାନରେ ସକଳ ସମୟରେ ମିଳଇ ନାହିଁ । ଏପରି ଦ୍ରବ୍ୟ ଇତ୍ୟାଦି ପ୍ରୟୋଜନ ହେଲେ ହାକିମ ତହିଁର ଭିନ୍ନ ବନ୍ଦୋବସ୍ତ କରି ପାରନ୍ତି । ଏଥିପାଇଁ ଜମିଦାରଙ୍କ ଉପରେ

Split by PDF Splitter

Digitized by srujanika@gmail.com

Split by PDF Splitter



ପରଓ୍ୱାନା କରିବା ଅଥବା ତାହା ସେମାନେ ଯୋଗାଇ ନ ପାରିଲେ ସେମାନଙ୍କ ଉପରେ ଦୋଷ କରିବା ଅନ୍ୟାୟ ଅଟଇ । ଆମ୍ଭେମାନେ ଭରସା କରୁଁ ଯେ କଲେକ୍ଟର ସାହେବ ଓ ସରବେଅର ସାହେବ ପରାମର୍ଶ କରି ଉକ୍ତ ବିଷୟରେ କୌଣସି ସୁବନ୍ଦୋବସ୍ତ କଲେ ସରବେଅରି ଏଲାକାର ଲୋକମାନଙ୍କର ଦଷଦାନ୍ତ ଭଙ୍ଗି ଯିବ । ଏଥି ଉତ୍ତାରୁ ସେମାନେ ଅନ୍ୟ କୌଣସି ଅତ୍ୟାଚାର କରିବାକୁ ମନ ବଳାଇଲେ ତହିଁର ପ୍ରତିଫଳ ସହଜରେ ପାଇ ପାରିବେ ।

---

## କାବୁଲ ଯୁଦ୍ଧ ସମାଚାର ।

ଯମ୍‌ରୁଦରୁ ଆସିଥିବା ଏକ ତାରସମ୍ବାଦରୁ ଜଣାଯାଏ ଯେ ମିର ଅଖୋରଙ୍କର ମୃତ୍ୟୁ ହୋଇ ନାହିଁ । ସେ ପେସବୁଲକରୁ ପଳାଇବା ଉତ୍ତାରୁ ତାହାଙ୍କ ଚାକରମାନେ ତାହାଙ୍କୁ କାବୁଲକୁ ଘେନିଗଲେ କାବୁଲରେ ପହୁଞ୍ଚି ସେ ୟାକୁବଖାନଙ୍କ ସଙ୍ଗେ ମିଶିଅଛନ୍ତି ୟାକୁବଖାନଙ୍କର ଅଧିକାରକୁ ପ୍ରଜାମାନେ ବଡ ଆଦର କରୁ ନାହାନ୍ତି । ଅମିରଙ୍କର ପଳାୟନ ଉତ୍ତାରୁ କେତେକ ଲୁଟପାଟ ହୋଇ ଥିଲା ମାତ୍ର ଅଧିକଲୋକ ମିଶି ବିଦ୍ରୋହ କରି ନାହାନ୍ତି । ଅମିରଙ୍କ ଶରୀରରକ୍ଷକ ମଧ୍ୟରୁ କେତେଲୋକ ତାହାଙ୍କୁ ବାଟରେ ଛାଡି ପଳାଇଗଲେ । ଅବଧି ରୁଷଲ୍ୟାନ ସେନା କାବୁଲରେ ଅଛନ୍ତି ବୋଲି କଥିତ ହୁଅଇ

ଜେନରଲ ଷ୍ଟୁଅର୍ଟଙ୍କ ପ୍ରେରିତ ଏକ ତାର ସମ୍ବାଦରୁ ଜଣାଯାଏ ଯେ ଇଂରେଜଙ୍କ ସେନା କଟରେ ଖୋସ୍ତ ମୁକାମରେ ଶତ୍ରୁପକ୍ଷରୁ ଅନେକ ଲୋକ ଏକତ୍ରିତ ହୋଇ ଥିଲେ । ସେମାନଙ୍କର ଇଚ୍ଛା ଥିଲା କି ରାତିରେ ଇଂରେଜଙ୍କୁ ଆକ୍ରମଣ କରନ୍ତେ । ଜେନରଲସାହେବ ତାହା ଜାଣିପାରି ବେଲ ଥାଉଁ ସୈନ୍ୟ ସଜାଇ ଅଗ୍ରସର ହୋଇ ଯୁଦ୍ଧ ଆରମ୍ଭ କଲେ । ଏଥିର ଫଳ ଉତ୍ତମ ହୋଇ ଥିଲା । ଗୋଲନ୍ଦାଜ ଏବଂ ଅଶ୍ୱାରୋହୀ ସେନା ଚମତ୍କାର ଯୁଦ୍ଧକୌଶଳ ଦେଖାଇ ଶତ୍ରୁଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କଲେ । ପଞ୍ଜାବ ଅଶ୍ୱାରୋହୀ ପଲଟନର ଦଳଗଜଣ ପ୍ରାୟ ଦୁଇଶ ହ ଛଳଗ ଶତ୍ରୁର ସୈନ୍ୟଙ୍କୁ ସମନଭବନକୁ ପଠାଇଲେ ଆଉ ସୈନ୍ୟମାନେ ମଧ୍ୟ ଶତ୍ରୁଙ୍କୁ ଛିନ୍ନଭିନ୍ନ କରି ପକାଇଲେ । "ଇଂରେଜମାନେ ଏକଶତଜଣ ଲଇଦ ଏବଂ ୫୦୦ ପଶୁ ଓ ବସ୍ତ୍ରର ଶସ୍ୟ ଥଇ ନେଇ ଅଛନ୍ତି । ଇଂରେଜଙ୍କର କେବଳ ଜଣେ ଦଫାଦାର ଓ ଜଣେ ସିପାହି ହତ ଏବଂ ଚାରିଜଣ ଆହତ ହୋଇ ଅଛନ୍ତି । ଏପ୍ରକାର ଜୟଲାଭର ଫଳ ଚମତ୍କାର ହୋଇଅଛି । କାରଣ ସେ ଅଞ୍ଚଳର ଲୋକମାନେ ଦେଖିଲେ ଯେ ଅଳ୍ପ ଶିକ୍ଷିତ ସୈନ୍ୟ ପାଖରେ ବହୁତସଂଖ୍ୟକ ଅଶିକ୍ଷିତ ଯୋଦ୍ଧା ଅବହେଳାକ୍ରମେ ପରାଜୟ ଲଭି ପାରନ୍ତି ।

ଜେନରଲ ଷ୍ଟିୱାର୍ଟସାହେବଙ୍କ ପ୍ରେରିତ ତାର ସମ୍ବାଦମାନଙ୍କରୁ ଜଣାଯାଏ ଯେ ଚଳିତମାସ ୫ ଓ ୬ ତାରିଖରେ ପ୍ରାୟ ୬୦୦ ଘୋଡ଼ସୁଆର ଜମା ହୋଇ ଥିଲେ । ଜେନରଲ ପାଲିସର ଅଗ୍ରଗାମୀ ଅଶ୍ୱାରୋହୀ ସୈନ୍ୟ ଘେନି ତାହାଙ୍କୁ ଘେରି ସହଜରେ ପରାସ୍ତ କଲେ । ଶତ୍ରୁ ପକ୍ଷରୁ ହତ ଏବଂ ବନ୍ଦ ହେବାଦ୍ୱାରା ଜ ୩୪ ଣ ନଷ୍ଟ ହେଲେ ଇଂରେଜଙ୍କର କେବଳ ଚାରିଜଣ ଆହତ ହୋଇ ଅଛନ୍ତି । ଶତ୍ରୁ ଅସ୍ତବ୍ୟସ୍ତ ହୋଇ ଦେହୁହାଛ ବାଟରେ କନ୍ଦାହାର ଦିଗକୁ ପଳାଇ ଗଲେ ।

କନ୍ଦାହାରର ଗବର୍ଣ୍ଣର ଏବଂ ଡେପୁଟୀ ଗବର୍ଣ୍ଣର ଛଡା ଆଉ ସମସ୍ତ କର୍ମଚାରୀ ଚଳିତ ମାସ ତା ୬ ରାତିର ଶେଷରେ ସ୍ଥାପିତ ନଗରରୁ ପଳାୟନ କଲେ ଓ ପଳାଇବା ପୂର୍ବରୁ ପଦାତିକମାନଙ୍କର ଅସ୍ତ୍ର କାଢି ନେଲେ ଏବଂ ଘୋଡସୁଆରମାନଙ୍କୁ ସଙ୍ଗେ ଘେନି ଗଲେ । ଡେପୁଟୀ ଗବର୍ଣ୍ଣର ଅଧୀନତା ସ୍ୱୀକାର କରି ଇଂରେଜ ଜେନରଲଙ୍କ ନିକଟକୁ ଲେଖି ପଠାଇଲେ କି 'ଆପଣ ଆସିଲେ ନଗରର ଅଧିକାର ଆପଣଙ୍କୁ ବୁଝାଇଦେବୁଁ ଏବଂ କୌଣସି ଗୋଲମାଲ ହୋଇ ନ ପାରେ ଏଥିର ବନ୍ଦୋବସ୍ତ ଆମ୍ଭେ କରିଅଛୁଁ" ଇଂରେଜ ସେନା ଗତ ତା ୯ ରିଖରେ ନଗରରେ ପ୍ରବେଶ କରିଥିବେ । ବାଟରେ କୌଣସି ଉତ୍ପାତ ନାହିଁ ପେସିନ ନଗରରୁ ବାହାର ଆସିବା ଦିନଠାରୁ ବାଟରେ କେହି କିଛି ଦୌରାତ୍ମ୍ୟ କରି ନାହାନ୍ତି ଓ ଦୂର ପାଖର ଲୋକ ବନ୍ଧୁତା ଦେଖାଇବାକୁ ବ୍ୟଗ୍ର ହୋଇଅଛନ୍ତି ।

ଏଥିରୁ ବୋଧ ହୁଅଇ ଯେ କନ୍ଦାହାର ନଗର ଇଂରେଜମାନଙ୍କର ଅଧିକାର ମଧ୍ୟରେ ଆସିଅଛି ।

ଟାଇମସ୍ ଅବ୍ ଇଣ୍ଡିଆଙ୍କର ବିଶେଷ ସମ୍ବାଦଦାତା କୋଏଟା ନଗରରୁ ତା ୧୦ ରିଖରେ ଲେଖିଅଛନ୍ତି କି ଦୋଲକଲୁଭଜ ନାମକ ସ୍ଥାନକୁ ଶତ୍ରୁର ଅଶ୍ୱାରୋହମାନେ ଅଧିକାର କରିବାର ଶୁଣି କର୍ଣ୍ଣେଲ କେନେଡ ସାହେବ ଆପଣା ସୈନ୍ୟ ଓ ଦୁଇଟା ତୋପ ଘେନି ଚଢ଼ାଉ କଲେ । କିଞ୍ଚିତ୍ କାଳ ଯୁଦ୍ଧ ଉତ୍ତାରୁ ଶତ୍ରୁର ସୈନ୍ୟ ପଛଘୁଞ୍ଚା ଦେଲେ ଓ କେନେଡ ସାହେବ ତାହାଙ୍କୁ ଗୋଡ଼ାଇଲେ । ଏଥି ମଧ୍ୟରେ ଜେନରଲ ପାଲିସର ତୋପର ଶବ୍ଦ ଶୁଣି ଅନ୍ୟ ଦିଗରୁ ଶତ୍ରୁଙ୍କୁ ଘେରିଲେ । ଦୁଇ ଦିଗରୁ ଆକ୍ରମିତ ହେଲେ ସୁଦ୍ଧା ଶତ୍ରୁମାନେ ଭଲ ଲଢ଼ାଇ କଲେ ଓ ଅଧିକାଂଶ ପଳାଇ ଯିବାକୁ ସକ୍ଷମ ହେଲେ । କେବଳ ଜ ୨୫ ଣ ହତ ଓ ଜ ୧୧ ଣ ଆହତ ଏବଂ ଜ ୮ ଣ ବନ୍ଦୀ ହେଲେ । ଇଙ୍ଗ୍ରେଜଙ୍କ ପକ୍ଷରୁ ମେଜର ଲକ ଏବଂ କେତେଜଣ ସୁଆର ଆହତ ହୋଇଅଛନ୍ତି ।

ସମ୍ପ୍ରତି ସମ୍ବାଦ ଆସିଅଛି ଯେ ଜେନରଲ ଷ୍ଟିୱାର୍ଟ ଚଳିତ ମାସ ତା ୮ ରିଖରେ ବିନା ବାଧାରେ କନ୍ଦାହାର ନଗର ଅଧିକାର କଲେ । କନ୍ଦାହାର ଗୋଟିଏ ବଡ଼ ନଗର ଅଟେ ଏଥିର ଅଧିବାସିଙ୍କ ସଂଖ୍ୟା ଏକ ଲକ୍ଷ ହେବ । ଶତ୍ରୁର ସୈନ୍ୟ ପୂର୍ବରୁ ଏ ନଗରକୁ ଛାଡି ଯାଇଥିଲେ । ଅତି ସହଜ କନ୍ଦାହାର ଅଧିକୃତ ହେବାର ସମ୍ବାଦ ୟାକୁବଖାନ୍ ପାଇ ଥିବେ । ଏଥର ସେ କି କରିବେ ତାହା ଅଳ୍ପ ଦିନେ ଜଣା ପଡିବ । ବୋଧ ହୁଅଇ ସେ ଆଉ ଯୁଦ୍ଧ କରିବାକୁ ସାହସ କରିବେ ନାହିଁ । ଇଙ୍ଗ୍ରେଜ ସୈନ୍ୟ ଆଗରେ କାବୁଲୀ ସୈନ୍ୟ ଯେ କୌଣସି କର୍ମର ନୁହନ୍ତି ତାହା ସେ ପୂର୍ବରୁ ଜାଣି ନ ଥିଲେ ବର୍ତ୍ତମାନ ଜାଣିପାରି ଅଛନ୍ତି ଓ କାବୁଲୀ ଲୋକଙ୍କର ମଧ୍ୟ ସେହି ବିଶ୍ୱାସ ଥିବାରୁ ବୋଧ ହୁଅଇ ସେମାନେ ସମ୍ମୁଖ ଯୁଦ୍ଧ କରିବାକୁ ସାହସ ନ କରି କେବଳ ଇଂରେଜ ସେନାକୁ ନାନା ପ୍ରକାରରେ ହଇରାଣ କରିବାର ସ୍ଥିର କରିଅଛନ୍ତି । ଏହି ହେତୁରୁ ନାନା ଜଙ୍ଗଲୀ ଜାତୀୟ ଲୋକ ସମୟରେ ଇଙ୍ଗ୍ରେଜ ସେନା ବା ତାହାଙ୍କର ଲୋକ ମାନଙ୍କୁ ଗୋପନ ଭାବରେ ଆକ୍ରମଣ କରୁଅଛନ୍ତି ଓ ସେହିପରି ପରିଭବ ପାଉଅଛନ୍ତି । ଶିକ୍ଷିତ ସୈନ୍ୟ ପାଖରେ ବଣୁଆ ଲୋକର ବଳ କେତେ ? ଯେଉଁ ଗ୍ରାମର ଲୋକ ଏ ପ୍ରକାର ଅତ୍ୟାଚାର କରୁଅଛନ୍ତି ଇଂରେଜ ସେନା ତାହାଙ୍କୁ ଆଗେ ଲଢ଼ାଇରେ ପରାସ୍ତ କରି କେତେ ହତ ଓ କେତେ ଆହତ ବା ବନ୍ଦୀ କଲା ଉତ୍ତାରୁ ସେମାନଙ୍କର ଗ୍ରାମରେ ପଶି ଦ୍ରବ୍ୟାଦି ଲୁଟି ନେଇ ଘର ପୋଡି ଦେଉଅଛନ୍ତି ଓ ସ୍ତ୍ରୀ ବାଳକମାନଙ୍କୁ ଯଥାବିହିତ ସାହାଯ୍ୟଦ୍ୱାରା ରକ୍ଷା କରି ପୁରୁଷମାନଙ୍କୁ ବଣରେ ବୁଲାଇ ହଇରାଣ କରୁଅଛନ୍ତି । ଏହି ପରି କାର୍ଯ୍ୟ ଲାଗିଅଛି । ଭରସା ହୁଅଇ ଏ

Digitized by srujanika@gmail.com

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୪ ଶ
ସଂ ୪ ସଂଖ୍ୟା

ତା ୨୫ ରଖ ମାହେ ଜାନୁଏରୀ ସନ ୧୮୭୯ ମସିହା । ମୁ । ମାଘ ଦି ୧୪ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୬୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୭୯
ମଫସଲପାଁଇ ଡାକମାସୁଲ ଟ୧୲

କାବୁଲ ଯୁଦ୍ଧର କିଛି ବିଶେଷ ସମ୍ବାଦ ଏ ସପ୍ତାହ ମଧ୍ୟରେ ଆସି ନାହିଁ । କାନ୍ଦାହାର ଓ ଜେଲଲାବାଦରେ ବ୍ରିଟିସସେନା ଛାଉଣୀକରି ଶୀତ କଟାଉଅଛନ୍ତି ସେଠାରେ ବରଫ ପଡିବାର ଆରମ୍ଭ ହୋଇଅଛି ସୁତରାଂ ଯୁଦ୍ଧର ସମୟ ବର୍ତ୍ତମାନ ନୁହଇ । କେବଳ ସନ୍ଧିକ ଫୁଲ୍ ଇତ୍ୟାଦି କାର୍ଯ୍ୟ ଲାଗିଅଛି କଥିତ ହୁଅଇ ଯେ ଅମୀରଙ୍କର ଆଦେଶକୁ ୟାକୁବଖାନ ରହିଁ ବସିଅଛନ୍ତି ଅମୀର ରୁଷିଆ ସଙ୍ଗେ କଥାବାର୍ତ୍ତା କରି ଯେପରି ଲେଖିବେ ସେପରି କାର୍ଯ୍ୟକାରକ ହେବେ ।

---

ଗତ ବୁଧବାର ଅମାବାସ୍ୟା ଥିଲା । ସେଦିନ ସୂର୍ଯ୍ୟୋପରାଗ ହେବବୋଲ୍ କୌଣସି ବଙ୍ଗଳା ପାଞ୍ଜିରେ ଲେଖାଥିଲା ପୁଣି ମତାନ୍ତରେ ଅଦୃଶ୍ୟ ବୋଲି ମଧ୍ୟ ଲେଖାଥିଲା । ଉତ୍କଳପଞ୍ଜିକାରେ ଏଥିର କିଛିମାତ୍ର ଉଲ୍ଲେଖ ନ ଥିଲା । କୌଣସି ମହକୁମାର ଅମଲମାନେ ହାକିମଙ୍କୁ କହି କଚେରି ବନ୍ଦ କରାଇଲେ କେତେ ଲୋକ ଆକାଶକୁ ଚାହିଁ ଆଖିର ପାଣି ମାଇଲେ କେହି ସ୍ନାନାଦି କରିବାକାରଣ ନଦୀକୂଳରେ ବସି ରହିଲେ ମାତ୍ର ଦିନ ଶେଷ ହେଲା ପରାଗ ହେଲା ନାହିଁ ଏବଂ ଉତ୍କଳପଞ୍ଜିକାର ଗଣନା ବଙ୍ଗଳା ଗଣନାକୁ ଜିଣିଗଲା ।

---

ଏଥର ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ କାଦମ୍ବିନୀ ବୋଷ ନାମରେ ଜଣେ ବଙ୍ଗଦେଶୀୟ ବାଳିକା ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଅଛି । ଏ ବାଳିକାଟି କଲିକତାର ବେଥୁନଫିମେଲ ସ୍କୁଲରେ ଅଧ୍ୟୟନ କରିଥିଲା । ଏଥି ପୂର୍ବେ ଭାରତବର୍ଷୀୟ କେହି ସ୍ତ୍ରୀ ବିଶ୍ୱବିଦ୍ୟାଳୟର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାହିଁ । ବୋଧ ହୁଅଇ ଏ ସ୍ତ୍ରୀଟି କୌଣସି ଉପାଧି ଲାଭ କରିବାର ଚେଷ୍ଟା କରିବ । କିନ୍ତୁ ତହିଁ ଉତ୍ତାରୁ କି ହେବ ଆମ୍ଭେମାନେ ଚିନ୍ତା କରି ପାରୁ ନାହୁଁ । ଇଂଲଣ୍ଡ ପ୍ରଭୃତି ସଭ୍ୟତମ ଦେଶରେ ସ୍ତ୍ରୀ ଶିକ୍ଷାର ବିଶେଷ ଚଳନ ଅଛି କିନ୍ତୁ ବିଶ୍ୱବିଦ୍ୟାଳୟର ଉପାଧି ପ୍ରତି ବଡ ଆଦର ଥିବାର ଦେଖା ନ ଯାଏ । ଯେଉଁ ଶିକ୍ଷାଦ୍ୱାରା ସ୍ତ୍ରୀମାନଙ୍କର ପ୍ରକୃତ ଉପକାର ହେବ ତହିଁର ଉନ୍ନତି କରିବା ସର୍ବାଗ୍ରେ ଉଚିତ ।

---

କଲିକତାର ବିଖ୍ୟାତ କବିରାଜ ରମାନାଥ ସେନଙ୍କର ମୃତ୍ୟୁ ହୋଇଅଛି । ଏ ମହାଶୟ ଦେଶୀୟ ମତରେ ଚିକିତ୍ସା କରିବା ବିଷୟରେ ଅଦ୍ୱିତୀୟ ଥିଲେ । ଆଜିକାଲି ଡାକ୍ତରୀ ଚିକିତ୍ସାର ଭକ୍ତ ଅଧିକାଂଶ ଲୋକ ହୋଇଥିଲେହେଁ ଚିକିତ୍ସା କରିବାର ଏହାଙ୍କର ଅବସର ନ ଥିଲା ଏବଂ ମାସକୁ ଦୁଇ ହଜାରଠାରୁ ତିନିହଜାର ପର୍ଯ୍ୟନ୍ତ ଟଙ୍କା ଉପାର୍ଜନ କରୁଥିଲେ । ସୌଜନ୍ୟତା ଅମାୟିକତା ଚତୁରତା ଓ ବଦାନ୍ୟତା ପ୍ରଭୃତି ସଦ୍‌ଗୁଣରେ ଏ ମହାଶୟ ସମସ୍ତଙ୍କର ମନ ହରଣ କରିଥିଲେ ଏବଂ ଏହାଙ୍କର ସୁଖ୍ୟାତି ଅବଗତ ହୋଇ ଗବର୍ଣ୍ଣମେଣ୍ଟ ମଧ୍ୟ ଏହାଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ଚିକିତ୍ସା କରିବାରେ ସର୍ବଦା ବ୍ୟସ୍ତ ଥିଲେହେଁ ଗୃହରେ କେତେ ଗୁଡିଏ ଛାତ୍ରଙ୍କୁ ଆପଣା ଘରେ ହିନ୍ଦୁ ଚିକିତ୍ସାଶାସ୍ତ୍ର ପଢାଇବାରେ ତ୍ରୁଟି କରୁ ନଥିଲେ ଅନେକ ଗୁଡିଏ ଲୋକ ଆପଣା ଅଧୀନରେ ରଖି ପ୍ରତିପାଳନ କରୁଥିଲ ଏବଂ ପ୍ରାୟ ପଞ୍ଚାଶ ଜଣ ଛାତ୍ରକୁ ବିଦ୍ୟାଳୟର ବେତନ ଦେବାଦ୍ୱାରା ସାହାଯ୍ୟ କରୁଥିଲେ । ଏପ୍ରକାର ଗୁଣବନ୍ତ ଲୋକର ମୃତ୍ୟୁରେ କାହାର ଶୋକ ନ ହେବ । ଫଳତଃ ଏହାଙ୍କ ପରି ଗୋଟିଏ ଲୋକ ମିଳିବାର କଠିନ । ଏହାଙ୍କର ବୟସ ୫୫ ବର୍ଷ ହୋଇଥିଲା ।

---

ପ୍ରଜାଠାରୁ ଖଜଣା ଆଦାୟ କରିବାର ନୂତନ ଆଇନର ପାଣ୍ଡୁଲିପି ବ୍ୟବସ୍ଥାପକ ସଭାରେ ପଠିତ ହୋଇ ବିଶେଷ କମିଟିଙ୍କ ବିଚାର ନିମିତ୍ତ ଅର୍ପିତ ହୋଇ ଅଛି । ଏ ଆଇନର ଦୁଇଟି ଉଦ୍ଦେଶ୍ୟ ଅଟଇ । ପ୍ରଥମ ଜମିଦାରଙ୍କୁ ପ୍ରଜାଙ୍କଠାରୁ ଶୀଘ୍ର ଖଜଣା ଆଦାୟ କରିବାର ସୁଯୋଗ କରିଦେବା ଓ ଦ୍ୱିତୀୟ ପ୍ରଜାଙ୍କର ଯୋତସତ୍ତ୍ୱ ବଳବତ୍ତ କରିବା ଏ ଦୁଇଟି ବିଷୟ ଯେ ଭାରି ପ୍ରୟୋଜନ ତଦ୍‌ବିଷୟରେ ସନ୍ଦେହ ଦ୍ୱିମତ ନାହିଁ । କିନ୍ତୁ କି ଉପାୟରେ ଏ ଦୁଇ ଉଦ୍ଦେଶ୍ୟ ସଫଳ ହେବ ସେ ବିଷୟରେ କେତେକ ମତାନ୍ତର ଅଛି । ଶୀଘ୍ର ଖଜଣା ଆଦାୟ ବିଷୟରେ

Digitized by srujanika@gmail.com

ଏହି ନିୟମ ହୋଇଅଛି କି ଜମିଦାର ଯେ ଦରରେ ଖଜଣା ପାଉଅଛି ତାହା ବାକି ପଡ଼ିଲେ ସେ ଅଦାଲତରେ ନାଲିଶ କରିବ । ଦରପ୍ରମାଣ ତାହାକୁ ଦେବାକୁ ହେବ । ଏକବର୍ଷରୁ ଅଧିକ କାଳର ଖଜଣା ବାକିଥିଲେ ତହିଁର ନାଲିଶ ଏ ଆଇନ ମତେ ହେବ ନାହିଁ ନାଲିଶ ରୁଜୁ ହେଲାରୁ ଅଦାଲତ ସରସରିବାର ନିମିତ୍ତ ୧୫ ନ ମିଆଦରେ ପ୍ରତିବାଦୀ ନାମରେ ସମନ ଜାରି କରିବେ । ମିଆଦ ମଧ୍ୟରେ ପ୍ରଜା ଜବାବ ନ ଦେଲେ ଦାବୀ ଡିକ୍ରୀ ହେବ । ତହିଁ ଉତ୍ତାରୁ ପ୍ରଜା ଖଜଣା ଓ ଖର୍ଚ୍ଚାସବୁ ଯମାକଲେ ଅପିଲ କରି ପାରିବ ନୋହିଲେ ଅପିଲ ନାମଞ୍ଜୁର ହେବ ।

ଏ ଆଇନଦ୍ୱାରା ଜମିଦାରଙ୍କୁ ଯେମନ୍ତ ସୁଯୋଗ ଦିଆଗଲା ତେମନ୍ତ ପ୍ରଜାଙ୍କୁ କିଛି ସୁଯୋଗ ଦେବାର ଉଚିତ । ଏହି ନ୍ୟାୟର ବଶ ହୋଇ ଗବର୍ଣ୍ଣମେଣ୍ଟ ପ୍ରସ୍ତାବ କରିଅଛନ୍ତି କି ପ୍ରଜା ଆପଣାର ଯୋତସତ୍ୱ ହସ୍ତାନ୍ତର କରି ପାରିବ । ପ୍ରଜାଦ୍ୱାରା ଭୂମିର ଉତ୍କର୍ଷ ସାଧିତ ହୁଅଇ । ପ୍ରଜାର ସ୍ଥାୟୀ ସତ୍ୱ ନ ଥିଲେ ସେ ଉନ୍ନତି କରିବାକୁ ମନ ବଳାଇବ ନାହିଁ । ଯୋତସତ୍ୱ ହସ୍ତାନ୍ତର କରିବାର କ୍ଷମତା ନ ଥିବାରୁ ଯେକିଛି ଉନ୍ନତି ସେ କରିଥାଏ ତହିଁର ଫଳଭୋଗୀ ସେ ହୋଇ ନ ପାରେ ଓ ବଜାରରେ ଯୋତସ୍ୱତ୍ୱର କୌଣସି ମୂଲ୍ୟ ନ ଥିବାରୁ ଜମିଦାର ଆପଣା ଖଜଣା ଆଦାୟ କରିବାର ମଧ୍ୟ ସୁଯୋଗ ପାଏ ନାହିଁ । ତେବେ ଏମନ୍ତ ଅନୁମାନ ହୋଇପାରେ ଯେ ପ୍ରଜାର ଯୋତସତ୍ୱ ହସ୍ତାନ୍ତର ଯୋଗ୍ୟ ହେଲେ ମହାଜନ ଓ ସିକ୍କିମି ପ୍ରଜାମାନେ ସେ ସମସ୍ତ କିଣି ନେବେ ସୁତରାଂ ପ୍ରଜା ହାତରେ ଜମି ରହିବ ନାହିଁ କି ତହିଁର ଉନ୍ନତି ହେବ ନାହିଁ । ଏଥି ପାଇଁ ବିଧାନ ହୋଇଅଛି କି କେବଳ ପ୍ରକୃତ ଋଷି ପକ୍ଷରେ ହସ୍ତାନ୍ତର ଆଇନସିଦ୍ଧ ହେବ ଅନ୍ୟ କେହି ଲୋକ କିଣି ପାରିବ ନାହିଁ । ବାବୁ କୃଷ୍ଣଦାସ ପାଲ ଅନେକ ଯୁକ୍ତି ଦେଖାଇ ଯୋତସତ୍ୱ ହସ୍ତାନ୍ତର ହେବାର ନିୟମଦ୍ୱାରା ପ୍ରଜାର ଅନିଷ୍ଟ ଭିନ୍ନ ମଙ୍ଗଳ ହେବ ନାହିଁ ବୋଲି ମତ ପ୍ରକାଶ କରିଥିଲେ ଏବଂ ସଭାପତି ମହାଶୟ ତହିଁର ପ୍ରତିବାଦରେ କେତେ ଗୁରୁତର ରସପୂର୍ଣ୍ଣ କଥା କହିଥିଲେ ମାତ୍ର ମୂଳ ବିଷୟର ବିଚାର ବିଶେଷ କମିଟୀଙ୍କ ବିଚାରାଧୀନରେ ରହିଲା ।

ସମ୍ପ୍ରତି ଆମ୍ଭମାନଙ୍କର ପ୍ରାର୍ଥନା ଯେ ଜମିଦାର ଓ ପ୍ରଜାମାନେ ଉପରଲିଖିତ ପ୍ରସ୍ତାବମାନଙ୍କୁ ଭଲରୂପେ ବିଚାର କରି ଆପଣାମତ ସର୍ବସାଧାରଣଙ୍କୁ ଜଣାଉନ୍ତୁ ତାହା ହେଲେ ପଛକୁ କାହାରିକୁ ମନସ୍ତାପ କରିବାକୁ ହେବ ନାହିଁ ।

## ବିଶ୍ୱବିଦ୍ୟାଳୟର ପରୀକ୍ଷାର ଫଳ ।

ଫାଷ୍ଟଆର୍ଟସ ଓ ପ୍ରବେଶିକା ପରୀକ୍ଷାର ଫଳ ଗତ ଇଣ୍ଡିଆ ଗେଜେଟରେ ପ୍ରଚାରିତ ହୋଇଅଛି । ଏଥର ଏଫଳ କିଞ୍ଚିତ୍ ବିଲମ୍ବରେ ପ୍ରଚାରିତ ହେଲା ତହିଁ ପାଇଁ ଛାତ୍ର ଓ ଶିକ୍ଷକମାନେ ବଡ ବ୍ୟସ୍ତ ଥିଲେ । ସମ୍ପ୍ରତି ଗେଜେଟ ଦେଖି ସମସ୍ତଙ୍କର ମନ ଥିର ଧରିଲା ।

ଓଡ଼ିଶା ବିଦ୍ୟାଳୟ ସମୂହର ପରୀକ୍ଷାର୍ଥିଙ୍କ ମଧ୍ୟରୁ ତଳଲିଖିତ ଛାତ୍ରମାନେ କୃତକାର୍ଯ୍ୟ ହୋଇଅଛନ୍ତି ଯଥା;—

### ଫାଷ୍ଟଆର୍ଟସପରୀକ୍ଷା

### କଟକ କଲେଜ ।

| | |
|---|---|
| ବ୍ରଜଲାଲ ମୁଖର୍ଯ୍ୟା | ୧ମ ଶ୍ରେଣୀ |
| ଆଶୁତୋଷ ବାନୁର୍ଯ୍ୟା | ୨ୟ ଶ୍ରେଣୀ |
| ରଜନୀନାଥ ବୋଷ | " " |
| ଜାନକୀବଲ୍ଲଭ ଘୋଷ | " " |
| ଗ୍ରମଶଙ୍କର ଗୁପ୍ତ | " " |
| ଉମାଚରଣ ମିଶ୍ର | ୩ୟ ଶ୍ରେଣୀ |
| ଯୋଗେଶ୍ଚନ୍ଦ୍ର ମୁଖର୍ଯ୍ୟା | " " |
| କୃଷ୍ଣମୋହନ ପଟ୍ଟନାୟକ | " " |

### ପ୍ରବେଶିକାପରୀକ୍ଷା

### ପ୍ରଥମ ଶ୍ରେଣୀ ।

| | |
|---|---|
| ମନମୋହନ ଚକ୍ରବର୍ତ୍ତୀ | କଟକ |

### ୨ୟ ଶ୍ରେଣୀ ।

| | |
|---|---|
| ହେମଚନ୍ଦ୍ର ଗଙ୍ଗୁର୍ଯ୍ୟା | କଟକ |
| ଗୋକୁଳାନନ୍ଦ ଚୌଧୁରୀ | " |
| ଭୋଳାନାଥ ଦାସ | " |
| ବ୍ରହ୍ମାନନ୍ଦଦାସ | " |
| ଗୋପାଳବଲ୍ଲଭ ଦାସ | " |
| ଅକ୍ଷୟକୁମାର ଘୋଷ | " |
| ନାରାୟଣଦାସ ବାନୁର୍ଯ୍ୟା | ବାଲେଶ୍ୱର |
| ଜଗମୋହନ ଘୋଷ | " |
| ବୈକୁଣ୍ଠନାଥ ପାଲ | " |
| ସାଧୁଚରଣ ଚନ୍ଦ | ପୁରୀ |
| ହରିଶ୍ଚନ୍ଦ୍ର ଘୋଷ | " |

### ୩ୟ ଶ୍ରେଣୀ ।

| | |
|---|---|
| ଭୂପତିନାଥ ବୋଷ | କଟକ |
| ଜଗବନ୍ଧୁ ଦାସ | " |
| ଗୋପୀନାଥ ମଜୁମଦାର | " |
| ସଲମନ ନାୟକ | ବାଲେଶ୍ୱର |
| ଲିଙ୍ଗରାଜ ପଟ୍ଟନାୟକ | ପୁରୀ |

କଥିତ ହୁଅଇ ଯେ ଏବର୍ଷ ଜ ୯୨୪ ଣ ଛାତ୍ର ଫାଷ୍ଟଆର୍ଟସ ଏବଂ ଜ ୨୫୬୭ ଣ ପ୍ରବେଶିକା ପରୀକ୍ଷା ଦେବାକୁ ପ୍ରାର୍ଥନା କରିଥିଲେ ଏଥକୁ ଗେଜେଟରେ ଦେଖାଯାଏ ଯେ ପ୍ରଥମ ଲିଖିତ ପରୀକ୍ଷାରେ ଜ ୨୭୭ ଣ ଏବଂ ଶେଷ ଲିଖିତ ପରୀକ୍ଷାରେ ଜ ୧୦୯୮ ଣ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଅର୍ଥାତ୍ ଫାଷ୍ଟଆର୍ଟସରେ ଏକତୃତୀୟାଂଶ ଏବଂ ପ୍ରବେଶିକାରେ ଅର୍ଦ୍ଧାଂଶରୁ ଊଣା ଛାତ୍ର କୃତକାର୍ଯ୍ୟ ହୋଇଅଛନ୍ତି । ଗତବର୍ଷର ଫଳ ସଙ୍ଗେ ତୁଳନା କଲେ ବର୍ତ୍ତମାନର ଫଳ ମନ୍ଦ ହୋଇ ନାହିଁ କାରଣ ଗତବର୍ଷର ହରଦର ଫଳ ପ୍ରାୟ ଏହିପରି ଥିଲା । ଅର୍ଥାତ୍ ଗତବର୍ଷ ଫାଷ୍ଟଆର୍ଟସରେ ପ୍ରାୟ ଜ ୭୦୦ ଣ ମଧ୍ୟରୁ ୨୫୩ ଜଣ ଏବଂ ପ୍ରବେଶିକାରେ ୨୪୩୫ ଜଣ ମଧ୍ୟରୁ ୧୧୭୭ ଜଣ ଉତ୍ତୀର୍ଣ୍ଣ ହୋଇଥିଲେ । ଅତଏବ କେହି୨ ଯାହା କହନ୍ତି କି ଏବର୍ଷ ପ୍ରଶ୍ନ ଅତ୍ୟନ୍ତ କଠିନ ଥିବାରୁ ବହୁତ ହାରି ଯାଇଅଛନ୍ତି ତହିଁର କିଛି ହେତୁ ଦେଖା ଯାଉ ନାହିଁ ।

ମୋଟ ଫଳସହିତ ତୁଳନା କରି ଦେଖିଲେ ଓଡ଼ିଶାର ଫଳ ଏବର୍ଷ ସର୍ବତୋଭାବେ ଉତ୍ତମ ହୋଇଅଛି । କଟକ କଲେଜର ମର୍ଯ୍ୟାଦା ଏତେଦିନେ ରକ୍ଷା ପାଇଲା । ଫାଷ୍ଟଆର୍ଟସପରୀକ୍ଷା ନିମିତ୍ତେ ଯେତେ ଲୋକ ମନୋନୀତ ହୋଇଥିଲେ ସମସ୍ତେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏବଂ ପ୍ରବେଶିକା ପରୀକ୍ଷାରେ କେବଳ ଏକଜଣ ହାରି ଯାଇଅଛି ନୋହିଲେ ଆଉ ସମସ୍ତେ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ଏପ୍ରକାର ଫଳ ଅସାଧାରଣ ଅଟଇ କିନ୍ତୁ ଏଥିର ପ୍ରଧାନ କାରଣ ଏହି ଯେ ଶିକ୍ଷକମାନେ ଆଗେ ପରୀକ୍ଷା କରି ବଡ କଠିନ ନିୟମରେ ବାଛି୨ ପରୀକ୍ଷାର୍ଥି ଛାତ୍ରମାନଙ୍କୁ ମନୋନୀତ କରିଥିଲେ ନୋହିଲେ ଯେଉଁ ଶ୍ରେଣୀରୁ ଛାତ୍ରମାନଙ୍କୁ ବାଛିଲେ ଯେବେ ସେ ଶ୍ରେଣୀର ଅଧିକାଂଶ ଛାତ୍ରଙ୍କୁ ପରୀକ୍ଷା ଦେବା କାରଣ ମନୋନୀତ କରିଥାନ୍ତେ ତାହା ହେଲେ ଫଳ ଏତେ ଉତ୍କୃଷ୍ଟ ଦିଶନ୍ତା ନାହିଁ । ଯାହା ହେଉ କଟକ କଲେଜ ଅନେକବର୍ଷ ମନ୍ଦଫଳ ଦେଖାଇ ଏବର୍ଷ ଯେ ଏପ୍ରକାର ସୁଫଳ ଦେଖାଇଅଛି ଏଥିରେ ସମସ୍ତେ ଆନନ୍ଦିତ ହେବେ ମାତ୍ର ଆମ୍ଭେମାନେ ଏହିଫଳ ଦୃଷ୍ଟିରେ ବିଚାର ନିଶ୍ଚୟ କରି କହି ନ ପାରୁଁ ଯେ କଟକ ହାଇସ୍କୁଲ କଲେଜରେ ପରିଣତ ହେବାରେ ଅଧିକ କିଛି ଲାଭ ହୋଇଅଛି କାରଣ ଏବର୍ଷ ଯେତେ ଛାତ୍ର ଉଭୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି

Split by PDF Splitter

Digitized by srujanika@gmail.com

Split by PDF Splitter



ହାଇସ୍କୁଲ ଥିଲାବେଳେ ମଧ୍ୟ କୌଣସି ବର୍ଷ ଏହି ପରି ଫଳ ଘଟିଥିଲା । ବିଶେଷରେ ଗତବର୍ଷ ଜ ୧୬ ଣ ପ୍ରବେଶିକା ପରୀକ୍ଷା ଦେବାକୁ ଯାଇ ଥିବା ସ୍ଥଳେ ଏବର୍ଷ ଜ ୧୯ ଣ ମାତ୍ର ପ୍ରାର୍ଥୀ ହେବା କଥା ଶିକ୍ଷାବିସ୍ତାର ହେବାର ପରିଚାୟକ ନୁହଇ । ଆମ୍ଭେମାନେ ବିଶ୍ୱାସ କରୁଁ କି ଯେବେ ଶିକ୍ଷକମାନେ ସାହସକରି ଅଧିକଛାତ୍ର ମନୋନୀତ କରିଥାନ୍ତେ ତେବେ ଆହୁରି କେତେଗୁଡିଏ ଛାତ୍ର ଉତ୍ତୀର୍ଣ୍ଣ ହୋଇଥାନ୍ତେ ସେପରି ନ ହେବାରୁ କେତେ ଛାତ୍ରର କ୍ଷତି ହୋଇଅଛି । ଯାହା ହେଉ ଆମ୍ଭେମାନେ ଏ, ଏ, ପରୀକ୍ଷାର ଫଳକୁ ଅପେକ୍ଷାକରି ରହିଲୁଁ । ଯେବେ ସେ ପରୀକ୍ଷାରେ କେହି ଛାତ୍ର ଉତ୍ତୀର୍ଣ୍ଣ ହେବ ତେବେ କଟକ କଲେଜର କାର୍ଯ୍ୟକାରିତା ଜଣା ଯିବ । ତାହା ନ ହେବା ପର୍ଯ୍ୟନ୍ତ ବର୍ତ୍ତମାନ ଫଳଦ୍ୱାରା କଲେଜର ସୁଖ୍ୟାତି କହି ନ ପାରୁଁ । ବଡ ଦୁଃଖର ବିଷୟ ଯେ ବଙ୍କିବଜାର ସ୍କୁଲର କୌଣସି ଛାତ୍ର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନାହିଁ । ଉକ୍ତ ସ୍କୁଲଟି ଏଥିପୂର୍ବେ ମାଇନର ଛାତ୍ରବୃତ୍ତି ପର୍ଯ୍ୟନ୍ତ ଶିକ୍ଷାଦେଇ ପ୍ରଶଂସା ଭାଜନ ହୋଇଥିଲା ଏବର୍ଷ ଉଚ୍ଚ ଆକାଙ୍କ୍ଷା କରି କୌଣସି ଅତଳୁ ହେଲା ନାହିଁ । ମାତ୍ର ପ୍ରଥମ ଉଦ୍ୟମ ସର୍ବସ୍ଥରେ ସଫଳ ହୁଅଇ ନାହିଁ ଅତଏବ ଏ ସ୍କୁଲର ଶିକ୍ଷକ ଓ ଛାତ୍ରମାନଙ୍କୁ ଆମ୍ଭେମାନେ ଅନୁରୋଧ କରୁଁ ଯେ ଏଥିରେ ଭଗ୍ନୋତ୍ସାହ ନ ହୋଇ ଆଗାମୀ ବର୍ଷ ସୁଫଳ ଲାଭ କରିବାର ସମ୍ୟକ ଯତ୍ନ କରନ୍ତୁ ।

ପୁରୀ ସ୍କୁଲ ଗତ ବର୍ଷ ଓଡିଶାରେ ଶ୍ରେଷ୍ଠ ହୋଇଥିଲା ଏବର୍ଷ ଏଥିର ଫଳ ମନ୍ଦ ହୋଇ ନାହି ।

ବାଲେଶ୍ୱରର ଫଳ ଗତବର୍ଷ ଅପେକ୍ଷା ଭଲ ହୋଇଅଛି ।

---

## ଲାଇସେନ୍ସଟାକ୍ସ ।

ଗବର୍ଣ୍ଣମେଣ୍ଟଙ୍କର ଧନାଗାର ପୂର୍ଣ୍ଣ କରିବା ସକାଶେ ଲାଇସେନ୍ସ ଟାକ୍ସର ସୃଷ୍ଟି ହୋଇଅଛି ଏହା ସମସ୍ତେ ଜାଣନ୍ତି ମାତ୍ର ଏଥିରେ ଯେ ପ୍ରଜାପୀଡନର ଯଥେଷ୍ଟୋନାସ୍ତି ଉପାୟ ହୋଇଅଛି ତାହା ବହୁତ ଲୋକ ଅବଧି ଜାଣି ନ ଥିଲେ । ସମ୍ପ୍ରତି ତାହା ସମସ୍ତେ ଜାଣିପାରି ଯେପରି ଦୁଃଖିତ ଓ ଚକିତ ହୋଇ ଅଛନ୍ତି ତାହା ବର୍ଣ୍ଣନାତୀତ । ପରମେଶ୍ୱର ଏକଜଣକୁ ବଡ ଓ ଏକଜଣକୁ ଛୋଟ କରିବାରେ ତାହାଙ୍କ ସମଦର୍ଶିତା ପ୍ରତି କେହି ଦୋଷାରୋପ କରୁଥିଲେହେଁ ବ୍ରିଟିସ ଗବର୍ଣ୍ଣମେଣ୍ଟ ଯେ ଆପଣାର ସମସ୍ତ ପ୍ରଜାଙ୍କୁ ସମାନ ଦୃଷ୍ଟିରେ ଦେଖନ୍ତି ଏହା ସମସ୍ତଙ୍କର ବିଶ୍ୱାସ ଥିଲା । କିନ୍ତୁ ଲାଇସେନ୍ସ ଟାକ୍ସ ବନ୍ଦୋବସ୍ତ ଓ ଉସୁଲର ନିୟମଦ୍ୱାରା ସେ ବିଶ୍ୱାସର ମୂଳ ଦୋହଲି ଯାଇଅଛି । ଆମ୍ଭେମାନେ ଶୁଣିଅଛୁଁ ଯେ ଏକଜଣ ବିଜ୍ଞଲୋକ ଦରିଦ୍ର ଓ ନିଗ୍ରହଯୁକ୍ତ ବ୍ୟକ୍ତିଙ୍କୁ ସାଧ୍ୟାନୁସାରେ ଦାନ କରୁଥିଲେହେଁ ଅନ୍ଧ, ଖଞ୍ଜ, ଓ ବ୍ୟାଧିଗ୍ରସ୍ତ ଲୋକଙ୍କୁ ଦେଖିବାମାତ୍ରକେ ଦ୍ୱାରରୁ ତଡି ଦେଉଥିଲେ ଏବଂ ତାହାର ଏହି ହେତୁ ଦର୍ଶାଉଥିଲେ କି ପରମେଶ୍ୱର ଯାହାଙ୍କୁ ଦୁଃଖ ଦେଇଅଛି ସେ ତାହାକୁ ସାହାଯ୍ୟ କଲେ ଈଶ୍ୱରଙ୍କର ଅଭିପ୍ରାୟର ବିରୁଦ୍ଧ କାର୍ଯ୍ୟ ହେବ । ବୋଧ ହୁଅଇ ଲାଇସେନ୍ସଟାକ୍ସ ପ୍ରଣୟନ କର୍ତ୍ତାମାନଙ୍କ ମନରେ ଉକ୍ତ ଆଇନ ଗଢିବାବେଳେ ଏହିପରି କିଛି ଭାବର ଉଦୟ ହୋଇ ଥିଲା ଏଥିପାଇଁ ସେମାନେ ଉକ୍ତ ଆଇନର ବିଧିମାନ ଯଥାସାଧ୍ୟ ଧନୀଙ୍କ ପକ୍ଷରେ କୋମଳ ଏବଂ ଦୁଃଖୀଙ୍କ ପକ୍ଷରେ କଠିନ କରିଅଛନ୍ତି । ସେପରି କରି ନ ଥିଲେ ଈଶ୍ୱରଙ୍କର ଯେଉଁ ନିୟମ ଅଛି କି ଧନିମାନେ ସର୍ବସୁଖ ଏବଂ ଦରିଦ୍ରମାନେ ସର୍ବଦୁଃଖ ଭୋଗ କରିବେ ତାହାର ବିରୁଦ୍ଧ କାର୍ଯ୍ୟ ହୋଇଥାନ୍ତା । ବାସ୍ତବରେ ଆଇନଟି ଆପାଦମସ୍ତକ ଧନୀଙ୍କର ପକ୍ଷପାତୀ ଅଟଇ । ପ୍ରଥମେ ଟାକ୍ସର ଶ୍ରେଣୀ ଏମନ୍ତ ବନ୍ଧା ହୋଇଅଛି କି ଯେ ବ୍ୟକ୍ତି ଯେ ପରିମାଣରେ ଦୁଃଖୀ ତାହା ଉପରେ ସେ ପରିମାଣରେ ଟାକ୍ସର ଭାର ଅଧିକ ହୋଇଅଛି ଯେହେତୁ ଯେଡେ ଧନୀ ହେଉ ଟ ୫୦୦ ଙ୍କାର ଅଧିକ ତାହାକୁ ଦେବାକୁ ହେବ ନାହିଁ । ମାତ୍ର ଯାହାର ଆୟ ଟ ୧୦୦ ଙ୍କା ସେ ଅବଶ୍ୟ ଏକଟଙ୍କାଦେବ ଏକଶ ଟଙ୍କା ଆୟ କରିବା ଲୋକର ଆଜିକାଲି ଦିନରେ ପେଟକୁ ଦାନା ମିଳିବାର ଭାର ତାନ୍ତୁ ସରକାରଙ୍କୁ ଟଙ୍କାଏ ନ ଦେଇ ରକ୍ଷା ନାହିଁ ।

ଏ ତ ଗଲା ବନ୍ଦୋବସ୍ତର କଥା କିନ୍ତୁ ଉସୁଲର ବ୍ୟବସ୍ଥା ଆହୁରି ଚମତ୍କାର । ଯାହା ଉପରେ କୋଡିଏଟଙ୍କା ବା ଅଧିକ ଟାକ୍ସ ଧାର୍ଯ୍ୟ ହେଲା ତାହାଠାରୁ ବିଶେଷ ନୋଟିସଦ୍ୱାରା ଟାକ୍ସ ତଲବ ହେଲା କିନ୍ତୁ କୋଡିଏଟଙ୍କାରୁ ଊଣା ଟାକ୍ସ ଯେ ଦେବ ତାହା ନିକଟକୁ ବନ୍ଦୋବସ୍ତର ସଂବାଦ ଯିବ ନାହିଁ କେବଳ ସେମାନଙ୍କର ନାମ ଓ ଟାକ୍ସର ପରିମାଣ ଏକ ଫର୍ଦ୍ଦରେ ଲେଖା ହୋଇ ବଜାର ଫାଣ୍ଡି ଇତ୍ୟାଦିରେ ଲଟକାଇ ଦିଆଯିବ ଏହିପରି ନିୟମ ହୋଇଅଛି ଓ ଏହି ନିୟମଅନୁସାରେ କାର୍ଯ୍ୟ ହୋଇଅଛି । କିନ୍ତୁ ଦୁଃଖୀମାନଙ୍କର ଆଇନ ଜାଣିବାର ଯେତେ ସୁଯୋଗ ପାଠକମାନେ ତାହା ଅନାୟାସରେ ଜାଣନ୍ତି ଓ ଏମାନଙ୍କମଧ୍ୟରେ ଯେ ଅଧିକାଂଶ ଲେଖାପଢା ଜାଣନ୍ତି ନାହିଁ ତାହା ମଧ୍ୟ ପ୍ରସିଦ୍ଧ । ଫଳ ଏହି ହେଲା ଯେ କଲେକ୍ଟରସାହେବ ଟାକ୍ସ ବନ୍ଦୋବସ୍ତ କରି ବଜାର ମଣ୍ଡ ବା ଫାଣ୍ଡିରେ ଟାକ୍ସଦାତାଙ୍କ ନାମର ଫର୍ଦ୍ଦ ଝୁଲାଇ ଦେଲେ ପ୍ରାୟ କେହି ତାହାକୁ ପଢିଲା ନାହିଁ ଓ ବର୍ଷାସବଲରେ ବା ପିଲାଙ୍କର ଖେଳରେ ଅଥବା ବଣିଆମାନଙ୍କ ମସଲାବାନ୍ଧିବା ପ୍ରୟୋଜନରେ ତାହା ଦୁଇ ଏକ ଦିନରେ ଅଦୃଶ୍ୟ ହେଲା । ଟାକ୍ସଦାତାମାନେ କିଛି ଭେଦ ଜାଣିପାରିଲେ ନାହିଁ କ୍ରମେ ଅପିଲ ଓ ଟଙ୍କା ଦାଖଲ କରିବାର ମିଆଦ ଟଳିଗଲା ତଥାଚ ଯେ ଯାହାର ପର ଜାଣିନ୍ତି । ଟାକ୍ସଦେବାଲୁତ କାହାର ସତ ବଳଇ ନାହିଁ ଯେ ଆପଣା ସୁଖେ ତାହାର ତଦନ୍ତ କରିବ ଏବଂ ହାକିମ ମଧ୍ୟ କିଛି କହିନାହିଁ ଏଥି ମଧ୍ୟରେ ଏକଦିନ ବଜାରବଜାରରେ ଧେଣ୍ଡୋରାପିଟାଇ ଘୋଷଣା ଦିଆଗଲା କି ଟାକ୍ସ ଦେବାର ସମୟ ଗତ ହୋଇ ଅଛି ଆଇନାନୁସାର ଚଉଗୁଣ ଟାକ୍ସ ଦେବାକୁ ହେବ । ଏ ଶବ୍ଦ ବଜ୍ରପତନ ପ୍ରାୟ ଜଣାଗଲା ସମସ୍ତେ ଲଣ୍ଡଭଣ୍ଡ ହୋଇ କଚେରୀକୁ ଦୌଡିଲେ । ଯାହା ଉପରେ ଟାକ୍ସ ହୋଇ ନାହିଁ ସେ ଆନନ୍ଦ ହୋଇ ଫେରି ଆସିଲା ଓ ଯାହାଙ୍କର ଟଙ୍କାଏ ଦୁଇଟଙ୍କା ପାଞ୍ଚଟଙ୍କା ବା ତତୋଧିକ ଟାକ୍ସ ହୋଇଅଛି ସେମାନେ ହତବୁଦ୍ଧିହୋଇ ଘରକୁ ଆସି ଫିକର ଫାକର କରି ଟଙ୍କାଘେନି କଚେରୀକୁ ଗଲେ ମାତ୍ର ମିଆଦ ଟଳିଅଛି ଟଙ୍କା ନେଉଛି କିଏ ? ଟାକ୍ସ ଉସୁଲକର୍ତ୍ତା ଚଉଗୁଣ ଦିଅବୋଲି ବୋଲନ୍ତେ ଟାକ୍ସଦାତାଙ୍କର କଣ୍ଠ ଶୁଖିଗଲା । ଏହିପରି କେତେଲୋକ ଯେ ଏନଗରରେ ହରବରରେ ପଡିଅଛନ୍ତି ତାହାର ସୀମା ନାହିଁ । ଏମାନେ ପ୍ରାୟ କେହି ଜାଣି ଶୁଣି ଟାକ୍ସ ଦେବାକୁ ତ୍ରୁଟି କରି ନାହାନ୍ତି କେବଳ ଆଇନ କର୍ତ୍ତାଙ୍କ ଅତିସୂକ୍ଷ୍ମବୁଦ୍ଧି ହେତୁ ଅନାହୃତ ଏମାନେ କଷ୍ଟରେ ପଡିଅଛନ୍ତି । ଚୌକିଦାରୀ ଟାକ୍ସର ନିୟମ ସବୁ ଏ ଆଇନରେ ହୋଇ ନାହିଁ । ତାହା ହେଲେ ବିଲ ଦେଖିଲା ଉତ୍ତାରୁ ଟାକ୍ସ ଦାତା ଅପିଲ କରନ୍ତା । ଯେବେ ପ୍ରତ୍ୟେକ

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୪ ଗ
ସଂ ୫ ଖ୍ୟା

ତା ୧ ରଖ ମାହେ ଫିବୃଏରି ସନ ୧୮୭୯ ମସିହା । ମୂ । ମାଘ ଦ ୨୧ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ ୫୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ ୬୧
ମଫସଲପାଇଁ ଡାକମାସୁଲ ଟ ୧॥୵

ଗତ ଦୁଇବର୍ଷ ବସନ୍ତପଞ୍ଚମୀ ଦିନ ଏ ନଗରରେ ସରସ୍ୱତୀ ପୂଜା ଓ ତହିଁ ସଙ୍ଗେ ଯାତ୍ରା ଓ ଥିଏଟର ଇତ୍ୟାଦି ଭାରି ସମାରୋହ ସହିତ ହୋଇଥିଲା ଓ ନଗରବାସିମାନେ ବଡ଼ ଆନନ୍ଦ ଅନୁଭବ କରିଥିଲେ । ଏ ବର୍ଷ ବସନ୍ତପଞ୍ଚମୀରେ ସେ ସମସ୍ତ କିଛି ହୋଇ ନାହିଁ । ନଗରବାସୀ ବାବୁମାନେ ସୁଧା କି ମହରଗ ହେତୁ ଏମନ୍ତ ଅସ୍ତବ୍ୟସ୍ତ ହୋଇଅଛନ୍ତି ଯେ ବର୍ଷ ମଧ୍ୟରେ ଦିନେ ହେଲେ ସମସ୍ତେ ଆମୋଦ ପ୍ରମୋଦ କରିବାକୁ ଅକ୍ଷମ ହେଲେ ନା କେବଳକୁ କେବଳ ଲକ୍ଷ୍ମୀଙ୍କ ପ୍ରତି ଅଧିକ ଭକ୍ତି ହେବାରୁ ଦିବା ରାତ୍ର ସେହି ଚିନ୍ତାରେ ରହି ସରସ୍ୱତୀଙ୍କୁ ଏକାବେଳକେ ପାସୋରି ଗଲେ ।

---

ଆମ୍ଭେମାନେ ଶୁଣୁଅଛୁଁ ଯେ ପୁରୀରେ ଗୋଟିଏ ଭାରି ଜାଲ ମୋକଦ୍ଦମା ଉପସ୍ଥିତ ହୋଇଅଛି ଓ ତହିଁରେ ରେଜଷ୍ଟ୍ରାରି କଚେରୀ, ଜଣେ ଉକିଲ ଓ ଅମଲା ପ୍ରଭୃତି ଆଉ କେତେକ ଲୋକ ଧରା ହୋଇଅଛନ୍ତି । ମୋକଦ୍ଦମାର ବିଚାର ଡେପୁଟୀ ମାଜିଷ୍ଟ୍ରେଟ ସୀତାକାନ୍ତ ବାବୁଙ୍କ ମହକୁମାରେ ଲାଗିଅଛି ଓ ଆସାମିଙ୍କ ପକ୍ଷରୁ ଏଠା ବଡ଼ଅଦାଲତର ଦୁଇଜଣ ଉକିଲ ବାବୁ ବିପିନବିହାରୀ ମିତ୍ର ଓ ବାବୁ ସତ୍ୟେନ୍ଦ୍ର ମିତ୍ର ନିଯୁକ୍ତ ହୋଇ ସେଠାକୁ ଯାଇଅଛନ୍ତି । କଥିତ ଅଛି ଯେ ଏକବ୍ୟକ୍ତି ମରିଯିବାର ଅନେକଦିନ ପରେ ତାହା ନାମରେ ଖଣ୍ଡେ ଉଇଲ ଜାଲ ପ୍ରସ୍ତୁତ ଓ ରେଜଷ୍ଟ୍ରି ହୋଇଅଛି । ମୋକଦ୍ଦମାର ବିସ୍ତାରିତ ବିବରଣ ଏପରେ ଜଣା ପଡିବ ।

---

ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ଗତ ସପ୍ତାହର ପତ୍ରିକା ବାହାରିବା ପୂର୍ବେ ଶ୍ରୀଯୁକ୍ତ କଲେକ୍ଟର ସାହେବ ଲାଇସେନ୍ସ ଟାକ୍ସଦେବା ବିଷୟରେ ଗତ ମାସ ତା ୨୭ ରଖ ପର୍ଯ୍ୟନ୍ତ ଦିନ ଧାର୍ଯ୍ୟ କରିଥିଲେ କି ଯେଉଁ ବ୍ୟକ୍ତି ଟାକ୍ସ ଦେବାକୁ ବିଳମ୍ବ କରିବାରୁ ଦ୍ୱିଗୁଣ ଟାକ୍ସ ଦେବା ଦଣ୍ଡର ଯୋଗ୍ୟ ହୋଇଅଛି ସେ ଉକ୍ତ ତାରିଖ ମଧ୍ୟରେ ଆପଣାର ଉଚିତ ଟାକ୍ସ ଦାଖଲ କଲେ ତାହାଠାରୁ ଦଣ୍ଡସ୍ୱରୂପ କିଛି ନିଆଯିବ ନାହିଁ । ଏ ଆଜ୍ଞାଦ୍ୱାରା ଅନେକ ଲୋକ ରକ୍ଷା ପାଇଅଛନ୍ତି କିନ୍ତୁ ମିଯ୍ୟାଦଟି ଅଳ୍ପ ଏବଂ ତାହା ଶ୍ରୀପଞ୍ଚମୀ ଦିନ ପଡିବାରୁ ତହିଁର ଫଳ ସମସ୍ତେ ପାଇ ନାହାନ୍ତି । ଆଉ ଗୋଟିଏ ମିଆଦ କରି ଦେଇ ସମସ୍ତଙ୍କୁ ଜଣାଇ ଦେଲେ କଲେକ୍ଟର ସାହେବଙ୍କର ଦୟାକୁ ଲୋକେ ଅଧିକ କରି ଘୋଷିବେ ଓ ତହିଁଉତ୍ତାରୁ ଯେ ତ୍ରୁଟି କରିବ ସେ ଆପଣା କୁକର୍ମର ଫଳ ଭୋଗ କରିବ ।

---

ଶିକ୍ଷାବିଭାଗର ନିମ୍ନତର କର୍ମଚାରୀମାନଙ୍କୁ ଶ୍ରେଣୀବଦ୍ଧ କରି ସେମାନଙ୍କର ବେତନ ବୃଦ୍ଧିର ପ୍ରସ୍ତାବ ଅନେକଦିନରୁ ହୋଇ ସେକ୍ରେଟରି ଅଫ୍ ଷ୍ଟେଟଙ୍କ ମଞ୍ଜୁର ପର୍ଯ୍ୟନ୍ତ ଆସିଥିଲା ଚନ୍ତୁ କେଉଁ କର୍ମଚାରୀ କେଉଁ ଶ୍ରେଣୀର ଯୋଗ୍ୟ ତାହା ବୁଝିବାରେ ବିଳମ୍ବ ହେବାରୁ ଏତେଦିନ ଗବର୍ଣ୍ଣମେଣ୍ଟ ଉକ୍ତ ପ୍ରସ୍ତାବକୁ କାର୍ଯ୍ୟରେ ପରିଣତ କରି ପାରି ନ ଥିଲେ । ଗତ କଲିକତା ଗେଜେଟରେ ଗବର୍ଣ୍ଣମେଣ୍ଟ ବଙ୍ଗାଳଙ୍କର ନିର୍ଦ୍ଧାରଣ ସହିତ ଶ୍ରେଣୀଭୁକ୍ତ କର୍ମଚାରୀଙ୍କର ତାଲିକା ବାହାରିଅଛି । ତହିଁରୁ ଜଣାଯାଏ ଯେ ଏ କର୍ମଚାରୀମାନଙ୍କର ୭ ଶ୍ରେଣୀ ହୋଇଅଛି ଯଥା;

| ସଂଖ୍ୟା | ଶ୍ରେଣୀ | ବେତନ | | | |
|---|---|---|---|---|---|
| ଜ ୭ ଣ | ପ୍ରଥମ | ଟ ୪୦୦ ଙ୍କାଠାରୁ | ଟ ୫୦୦ଙ୍କା | ପର୍ଯ୍ୟନ୍ତ |
| ଜ ୧୦ ଣ | ୨ୟ | ଟ ୩୦୦ | ,, | ଟ ୪୦୦ | ,, |
| ଜ ୨୫ ଣ | ୩ୟ | ଟ ୨୦୦ | ,, | ଟ ୩୦୦ | ,, |
| ଜ ୪୦ ଣ | ୪ର୍ଥ | ଟ ୧୫୦ | ,, | ଟ ୨୦୦ | ,, |
| ଜ ୬୦ ଣ | ୫ମ | ଟ ୧୦୦ | ,, | ଟ ୧୫୦ | ,, |
| ଜ ୭୫ ଣ | ୬ଷ୍ଠ | ଟ ୭୫ | ,, | ଟ ୧୦୦ | ,, |
| ଜ ୧୦୦ ଣ | ୭ମ | ଟ ୫୦ | ,, | ଟ ୭୫ | ,, |

ଯେ ଯେଉଁ ଶ୍ରେଣୀର ନିମ୍ନବେତନ ପାଉଅଛି ତହିଁର ସର୍ବୋଚ୍ଚ ବେତନ ବାର୍ଷିକ ସମାନ ବୃଦ୍ଧିଦ୍ୱାରା ପାଞ୍ଚବର୍ଷରେ ପାଇବ ଓ ଗତ ଅଗଷ୍ଟ ମାସ ତା ୧ ରଖଠାରୁ ବାର୍ଷିକବୃଦ୍ଧିର କାଳ ଆରମ୍ଭ ହେବାର ଗଣନା ହେବ । କିନ୍ତୁ ଯେବ୍ୟକ୍ତି ଆପଣା ଶ୍ରେଣୀର ନିମ୍ନ ବେତନରୁ ଅଧିକ ପାଉଅଛି ସେ ଉକ୍ତ ଶ୍ରେଣୀର ନିମ୍ନ ବେତନ ଭୋଗୀଙ୍କ ଅପେକ୍ଷା ଉଚ୍ଚସ୍ଥାନରେ ରହିଅଛି ସୁତରାଂ ସେ ଅଧିକା ବୃଦ୍ଧି ପାଇବ । ଏକ ଶ୍ରେଣୀରୁ ଅନ୍ୟ ଶ୍ରେଣୀକୁ ଉଠିବା କାର୍ଯ୍ୟକାଳର ଦୀର୍ଘତା ଉପରେ ନିର୍ଭର ରହିବ ନାହିଁ ଯୋଗ୍ୟ

Digitized by srujanika@gmail.com

ତାର ମଧ୍ୟ ବିଚାର ହେବ । ଏଥିଉତ୍ତାରୁ ଯେଉଁମାନେ ବିଶ୍ୱବିଦ୍ୟାଳୟରୁ ଭଲ ଉତ୍ତୀର୍ଣ୍ଣ ହୋଇବେ କେବଳ ସେହିମାନେ ନିଯୁକ୍ତ ହେବେ ।

— ❋ —

ନୂତନ ଷ୍ଟାମ୍ପ ଆଇନ ବିଧିବଦ୍ଧ ହୋଇ ଗତ ଇଣ୍ଡିଆ ଗେଜେଟରେ ପ୍ରକାଶିତ ହୋଇଅଛି । ଏଥିରେ ତମସୁକ ଚିଠା କବୁଲିୟତ କବାଲା ଇତ୍ୟାଦି ସମସ୍ତ ପ୍ରକାର ଦଲୀଲ ଉପରେ ଷ୍ଟାମ୍ପ ଅଧିକ କର ନେବାର ବିଧାନ ହୋଇଅଛି । ଏଥିର ବାହୁଲ୍ୟ ଲେଖିବାର ପ୍ରୟୋଜନ ନାହିଁ ଆଇନ ଦେଖି ସମସ୍ତେ ଅବଗତ ହେବେ । ମୁକ୍ତାରନାମା ବିଷୟରେ ଅଳ୍ପଦିନ ତଳେ ବୋର୍ଡ ଯେ ସମସ୍ତ ଗୋଲମାଲ ଲଗାଇ ଦେଇଥିଲେ ଏ ଆଇନଦ୍ୱାରା ତହିଁର ମୀମାଂସା ହୋଇଅଛି ଅର୍ଥାତ୍ ଏ ଆଇନରେ ବିଧାନ ହୋଇଅଛି କି ଏକଖଣ୍ଡ ମୁକ୍ତାରନାମାଦ୍ୱାରା ଜଣ ୧୦ ଜଣ ପର୍ଯ୍ୟନ୍ତ ମୁକ୍ତାର ନିଯୁକ୍ତ ହୋଇ ପାରିବେ ତହିଁରୁ ଅଧିକ ହେଲେ ପ୍ରତ୍ୟେକ ଅଧିକା ମୁକ୍ତାର ନିମନ୍ତେ ଏକଟଙ୍କା ଲେଖାଏଁ ଅଧିକା ମାସୁଲ ଲାଗିବ । ଜଣ ୧୦ ଜଣରୁ ଅଧିକ ଏକ ମୁକ୍ତାରନାମାରେ ନିଯୁକ୍ତ ହେବା ସଚରାଚର ଏ ପ୍ରଦେଶରେ ଘଟଇ ନାହିଁ କିନ୍ତୁ ବଙ୍ଗଳାରେ ଦେଖାଯାଇଅଛି କି ଏକ ମୁକ୍ତାରନାମାରେ ଏକଶତ ଜଣରୁ ଅଧିକସୁଦ୍ଧା ନିଯୁକ୍ତ ହୋଇଅଛନ୍ତି । ଏଥିରୁ ଆଇନକର୍ତ୍ତା ହବରଲ ସାହେବ କହିଅଛନ୍ତି କି ଯାହାର ଅନେକ ସ୍ଥଳରେ ବିସ୍ତର ସମ୍ପତ୍ତି ଅଛି ସେହି ବ୍ୟକ୍ତି ଅଧିକ ସଂଖ୍ୟକ ମୁକ୍ତାର ନିଯୁକ୍ତ କରିବା ଆବଶ୍ୟକ ମଣଇ ଓ ଯେଉଁସ୍ଥଳେ ଷ୍ଟାମ୍ପ ଆଇନର ଉଦ୍ଦେଶ୍ୟ ଅଧିକ କର ନେବା ହେଉଅଛି ସେସ୍ଥଳେ ଏପ୍ରକାର ଧନୀଲୋକଠାରୁ ପ୍ରତ୍ୟେକ ମୁକ୍ତାର ସକାଶେ ଏକଟଙ୍କା ଲେଖାଏଁ ଅଧିକା ନେବା ଅନ୍ୟାୟ ବୋଲି ଯାଇ ନ ପାରେ । ଆମ୍ଭମାନଙ୍କ ମତରେ ଏ ବିଚାର ମନ୍ଦ ନୁହଇ କାରଣ ଅଧିକାଂଶ ଲୋକ ପକ୍ଷରେ ଦଶଜଣରୁ ଅଧିକ ମୁକ୍ତାର ନିଯୁକ୍ତ କରିବାର ପ୍ରୟୋଜନ ଘଟିବ ନାହିଁ ।

———

ଭାରତେଶ୍ୱରୀ ଅଟ୍ଟାଳିକା ନିର୍ମାଣ ନିମିତ୍ତ ଯେଉଁମାନେ ପୂର୍ବରୁ ଚାନ୍ଦା ସ୍ୱାକ୍ଷର କରିଅଛନ୍ତି ସେମାନଙ୍କର ନାମ ଓ ଯେ ଯେତେ ଚାନ୍ଦା ସ୍ୱାକ୍ଷର କରି ତହିଁ ମଧ୍ୟରୁ ଯାହା ଦେଇ ଯାହା ବାକୀ ରଖିଅଛନ୍ତି ତାହା ସମସ୍ତ ଏହି ଅତିରିକ୍ତ ପତ୍ରିକାରେ ପ୍ରକାଶିତ ହେଲା । ଯେଉଁମାନେ ଦଶଟଙ୍କାର ନ୍ୟୂନ ସ୍ୱାକ୍ଷର କରିଅଛନ୍ତି ବାହୁଲ୍ୟ ହେତୁରୁ ତାହାଙ୍କ ନାମ ବର୍ତ୍ତମାନ ଛାଡ଼ି ଦେଲୁଁ । ଅନ୍ୟ ସମୟରେ ପ୍ରକାଶ ହୋଇ ପାରିବ ସମ୍ପ୍ରତି ଏହା ପ୍ରଚାର କରିବାର ଉଦ୍ଦେଶ୍ୟ ଏହି କି ଯେଉଁମାନେ ଆପଣା ସ୍ୱାକ୍ଷରିତ ଚାନ୍ଦା ଆଦାୟ କରି ନାହାନ୍ତି ସେମାନେ ଆଦାୟ କରିବେ ଯେଉଁମାନେ ଅଳ୍ପ ଚାନ୍ଦା ସ୍ୱାକ୍ଷର କରିଅଛନ୍ତି ସେମାନେ ପ୍ରୟୋଜନ ଦୃଷ୍ଟିରେ ଅଧିକ ଚାନ୍ଦା ଦେବାକୁ ପ୍ରବୃତ୍ତ ହେବେ ଓ ଯେଉଁମାନେ ଆଦୌ ଚାନ୍ଦା ସ୍ୱାକ୍ଷର କରିନାହାନ୍ତି ସେମାନେ ଚାନ୍ଦା ଦେବାକୁ ପ୍ରସ୍ତୁତ ହେବେ ଏବଂ ଅନୁଗ୍ରହ କରି କମିଟିଙ୍କୁ ତାହା ଜଣାଇବେ ।

କେହି କେହି ବିବେଚନା କରନ୍ତି କି ଭାରତେଶ୍ୱରୀ ଅଟ୍ଟାଳିକାରେ ଏତେ ଟଙ୍କା ବ୍ୟୟ ନ କରି ଓଡ଼ିଶାର ଦରିଦ୍ର ଅବସ୍ଥା ଦୃଷ୍ଟିରେ ସେହି ଟଙ୍କାରେ ଦରିଦ୍ର ବାଳକମାନଙ୍କ ଶିକ୍ଷା ନିମିତ୍ତ ବୃତ୍ତି ସ୍ଥାପନ ଅଥବା ଶିଳ୍ପ ବିଦ୍ୟାଳୟ ସ୍ଥାପନ କିମ୍ବା ସଂସ୍କୃତ ବିଦ୍ୟା ଚର୍ଚ୍ଚାର ଉତ୍ସାହ ଦାନରେ ବ୍ୟୟ କଲେ ଭଲ ହେବ ଏହି ମର୍ମରେ ଆମ୍ଭେମାନେ ଖଣ୍ଡିଏ ପତ୍ର ପାଇଅଛୁଁ ପତ୍ର ଖଣ୍ଡି ଦୀର୍ଘ ଥିବାରୁ ପ୍ରକାଶ କରି ନ ପାରିଲୁଁ । ମାତ୍ର ଆମ୍ଭମାନଙ୍କର କହିବାର ଏହି ଯେ ଅଭାବର ସଂଖ୍ୟା ନାହିଁ ଓ ଦିନ ଦିନ ତାହା ବୃଦ୍ଧି ହେଉଅଛି । ଅନ୍ୟାନ୍ୟ ଅଭାବଠାରୁ ଗୋଟିଏ ସାଧାରଣ ଅଟ୍ଟାଳିକାର ଅଭାବ ଊଣା ନୁହଇ । ଅଟ୍ଟାଳିକା ହେଲେ ପୁସ୍ତକାଳୟ ନାଟ୍ୟଶାଳା ସଭା ଇତ୍ୟାଦି ଅନେକ କାର୍ଯ୍ୟ ହେବ । ଏହି ଅଭାବଟି ପୂରଣ କରିବାର ଉଦ୍ୟମ ହେଉଅଛି ଏଥିରେ ସମସ୍ତଙ୍କର ଆନନ୍ଦ ସହିତ ଯୋଗ ଦେବାର ଉଚିତ ଆଉ ତର୍କର ପ୍ରୟୋଜନ ନାହିଁ ।

———

## ସହଜରେ କର ଆଦାୟ କରିବାର ନୂତନ ଆଇନ ।

ଯେଉଁ ଯୁକ୍ତିରେ ଗବର୍ଣ୍ଣମେଣ୍ଟ ଜମିଦାରଙ୍କୁ ପ୍ରଜାଙ୍କଠାରୁ ସହଜରେ କର ଆଦାୟ କରିବାର ସୁଯୋଗ ଦେବାକୁ ପ୍ରବୃତ୍ତ ହୋଇଅଛନ୍ତି ଏବଂ ଯେପ୍ରକାର ବିଧାନ କରିବାଦ୍ୱାରା ତାହା ସିଦ୍ଧ କରିବାର ପ୍ରସ୍ତାବ ହୋଇଅଛି ତହିଁର ସଂକ୍ଷେପ ବିବରଣ ଏଥିପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ । ସମ୍ପ୍ରତି ଏବିଷୟରେ ଆମ୍ଭମାନଙ୍କର ନିଜର ମତାମତ ବ୍ୟକ୍ତ କରିବାକୁ ଇଚ୍ଛା ହେବାରୁ ସର୍ବସାଧାରଣଙ୍କୁ ତାହା ଜଣାଉଅଛୁଁ ।

ଗବର୍ଣ୍ଣମେଣ୍ଟ ଯେଉଁ କାରଣରୁ ଜମିଦାରଙ୍କ ପ୍ରତି ସଦୟ ହୋଇ ଖଜଣା ଉସୁଲ କରିବାର ସହଜ ଉପାୟ କରିଦେବାକୁ ପ୍ରବୃତ୍ତ ହୋଇଅଛନ୍ତି ତାହା ଯୁକ୍ତିଯୁକ୍ତ ଅଟଇ ଏଥିରେ କୌଣସି ସନ୍ଦେହ ନାହିଁ । ମାତ୍ର ଯେଉଁଠାରେ ଜମିଦାରର ପାଉଣା ପକ୍ଷରେ କୌଣସି ବିବାଦ ନାହିଁ ସେସ୍ଥଳେ ଜମିଦାର କି ବାସ୍ତବରେ ପ୍ରଜାଠାରୁ ଖଜଣା ଉସୁଲ କରିବାକୁ କଷ୍ଟ ପାଏ ? ଏବିଷୟରେ ଆମ୍ଭମାନଙ୍କର ସନ୍ଦେହ ହେଉଅଛି । ଗବର୍ଣ୍ଣମେଣ୍ଟ ଅବଶ୍ୟ ତାଲିକା ଦେଖି ଜମିଦାରଙ୍କ କଷ୍ଟ ଅନୁଭବ କରିଥିବେ ଓ ସେପରି କିଛି ତାଲିକା ଆମ୍ଭମାନଙ୍କ ସମ୍ମୁଖରେ ନ ଥିବାରୁ ଆମ୍ଭେମାନେ କିଛି ତର୍କ କରି ନ ପାରୁଁ ମାତ୍ର ଆମ୍ଭମାନଙ୍କର ବିଶ୍ୱାସ ଏହି କି ବଙ୍ଗଳାରେ ଯଦ୍ୟପି ସେପରି ଘଟୁଥିବ ଏବଂ ଦେୱାନୀ ଅଦାଲତରେ ଖଜଣା ମୋକଦ୍ଦମାର ବିଚାର ହେଉଥିବାରୁ ବିଲମ୍ବରେ ମୋକଦ୍ଦମା ଫଇସଲ ହେଉଥିବ ମାତ୍ର ଓଡ଼ିଶାରେ ସେପରି କିଛି କାରଣ ଦେଖାଯାଉ ନାହିଁ । ହାକିମଙ୍କ ସଂଖ୍ୟା ଊଣା ହେତୁରୁ ଅଥବା କଚେରିମାନ ଏକ ଅନ୍ୟଠାରୁ ଅଧିକ ଅନ୍ତରରେ ଥିବା ହେତୁ ଯାହା କିଛି ମୋକଦ୍ଦମା ନିଷ୍ପତ୍ତିରେ ବିଲମ୍ବ ହେଉଅଛି ନୋହିଲେ ଅଦାଲତଠାରୁ କଲେକ୍ଟରୀରେ ଅବଶ୍ୟ ଶୀଘ୍ର ମାମଲା ମିଟଇ ଅଥବା ମିଟିବାର ସୁଯୋଗ ଅଛି । ଆଉ ନିର୍ବିବାଦ ଖଜଣା ସକାଶେ ନାଲିଶ କରିବାକୁ ଜମିଦାରମାନେ ବାଧ୍ୟ ହେବାର ଆମ୍ଭମାନଙ୍କୁ ବୋଧ ହେଉ ନାହିଁ ବର୍ତ୍ତମାନ ଯେପରି ଭୂମିର ମୂଲ୍ୟ ବଢ଼ିଅଛି ଏବଂ ବାଣିଜ୍ୟର ଅତ୍ୟନ୍ତ ବିସ୍ତାର ହେତୁ ଫସଲ ପାଚିବା ପୂର୍ବରୁ ଯେପରି ଚାଷୀଙ୍କରେ ଦାଦନ ଅଜାଡି ପଡୁଅଛି ତହିଁରେ ଯେ ଜମିଦାର ଆପଣା ନ୍ୟାଯ୍ୟ ଖଜଣା ପାଇବାରେ କଷ୍ଟ ଅନୁଭବ କରୁଅଛି ଏମନ୍ତ କଦାଚ ବିଶ୍ୱାସ ହେଉ ନାହିଁ । ପ୍ରଜାମାନେ ଜମିଦାରେ ଧନ୍ଦାଧର ଖଜଣା ଛଡ଼ା ସଲାମୀ ଦେଇ ଜମିଦାରର ମନ ଯୋଗାଉଅଛନ୍ତି ପୁଣି ଆଗେ ମହାଜନ ଓ ଗାନ୍ତିଆଙ୍କ ଅନୁସରଣ କରି ଦାଦନ ଆଣୁଥିଲେ ଏବେ ତାହାଙ୍କ ଘରଠାରୁ ଯିବା ଛାଡ଼ି ଆଉ ସେମାନେ ଯାଚି ବୁଲିଲେ ସୁଦ୍ଧା ନେଉ ନାହାନ୍ତି ଏପରି ଅବସ୍ଥାରେ ଜମିଦାରର ଉଚିତ ଖଜଣା ପ୍ରଜା ଅଟକାଇ ରଖିବା ଅଥବା ଦେବାକୁ ଅକ୍ଷମ ହେବା କଥା କିପରି ବିଶ୍ୱାସ ହେବ । ଫଳତଃ ଆମ୍ଭମାନଙ୍କର ବିଶ୍ୱାସ ଏହି ଯେ ଉଚିତ ଖଜଣା ପାଇବା କାରଣ ଅଦାଲ-

Split by PDF Splitter
Digitized by srujanika@gmail.com

Split by PDF Splitter



ତର ଆଶା କେଉବା ଅତ ହବଲ ଓ ଯେବେ କି ବାକି ଖଜଣାର ନାଲିଶ ଅତ୍ୟଧିକ ବସ୍ତୁର ହେଉଅଛି ତେବେ ଏହାର ଭିନ୍ନ କାରଣ ଅଛି। ତାହା ଏହି ଯେ ପ୍ରଜାଙ୍କର ଭଲ ଅବସ୍ଥା ଦେଖି ଜମିଦାରମାନେ କେଉଁ ସମୂଳ ନ ପାଇ ପ୍ରଜାଙ୍କଠାରୁ ଅଧିକା ଦରରେ ଖଜଣା ନେବା ଓ ପ୍ରଜାଙ୍କ ଜମି ଲୋପ କରିବାକୁ ଚେଷ୍ଟା କରୁଅଛନ୍ତି ଓ ଏହାର ଅନ୍ୟ ଉପାୟ ନ ପାଇବାରୁ ପ୍ରଜାଙ୍କ ନାମରେ ନାଲିଶ କରୁଅଛନ୍ତି। ଯେଉଁଠାରେ ଦର ବିଷୟରେ ବିବାଦ ନାହିଁ ସେଠାରେ ନାଲିଶ ପ୍ରାୟ ହେଉ ନାହିଁ ମାତ୍ର ଯେଉଁଠାରେ ଦର ଘେନି ଜମିଦାର ଓ ପ୍ରଜାମଧ୍ୟରେ ଦ୍ୱନ୍ଦ୍ୱ ସେଠାରେ ନାଲିଶ ଅଧିକ। ଏହି କାରଣରୁ ତୋମପତ୍ତା ଏଲକାର ଅନେକ ନାଲିଶ ହୋଇଥିଲା ଏବଂ ଏହି କାରଣରୁ ବର୍ତ୍ତମାନ ପଟିଆ ଏଲକାର ବହୁତ ନାଲିଶ ହୋଇଅଛି। ଜମିଦାର ଓ ପ୍ରଜା ମଧ୍ୟରେ ଖଜଣା ରଫା ପ୍ରତିବର୍ଷ ଅନେକ ସ୍ଥଳରେ ହୁଅଇ ନାହିଁ ଓ ତହିଁରେ ମଧ୍ୟ ନାଲିଶର ପ୍ରୟୋଜନ ହୁଅଇ। ରଫା ନ କରିବାର ଦୋଷ ଅଧିକାଂଶସ୍ଥଳରେ ଜମିଦାରର। ସୁତରାଂ ଆମ୍ଭମାନଙ୍କର ମତ ଏହି କି ଯଦ୍ୟପି ବର୍ତ୍ତମାନକାଳରେ କେହି ଜମିଦାର ଆପଣା ପ୍ରଜାଠାରୁ ଖଜଣା ଉସୁଲ କରିବାକୁ କଷ୍ଟ ବୋଧ କରଇ ତହିଁନିମିତ୍ତ ଅଧିକାଂଶରେ ଜମିଦାର ସ୍ୱୟଂ ଦାୟୀ ଅଟଇ। ଓ ସେ ଯେବେ ଆପଣା କୁତକାର୍ଯ୍ୟ ହେତୁ ହରବର ହେଲା ତେବେ ସେ କିପରି ଗବର୍ଣ୍ଣମେଣ୍ଟଙ୍କର ଦୟାର ପାତ୍ର ହେବ ଆମ୍ଭେମାନେ ବୁଝିପାରୁ ନାହୁଁ।

ଆମ୍ଭେମାନେ ପ୍ରଥମରେ କହିଅଛୁଁ କି ବର୍ତ୍ତମାନ ବାକି ଖଜଣାର ମୋକଦ୍ଦମା ବଙ୍ଗଳାରେ ଅବା ଚହର ହୋଇଥିବ ମାତ୍ର ଓଡ଼ିଶାରେ ସେପରି ନୁହଇ ଏବଂ ଆମ୍ଭମାନଙ୍କର ବିଶ୍ୱାସ ଏହି କି ଯେଉଁଠାରେ ଦ୍ୱନ୍ଦ୍ୱ ନାହିଁ ସେଠାରେ ମୋକଦ୍ଦମା ନାହିଁ। ଯାହାର ସ୍ୱୀକାର କରିବାର ଇଚ୍ଛା ସେ ମୋକଦ୍ଦମାର ଖର୍ଚ୍ଚା ଓ କଷ୍ଟ କାହିଁକି ଆପଣା ଉପରେ ନେବ? ଇଥତ ଯଦ୍ୟପି କି ସ୍ୱୀକାର କରାଯାଏ ଯେ ବର୍ତ୍ତମାନ ଖଜଣା ପାଇବାକୁ ଜମିଦାରମାନଙ୍କର କଷ୍ଟ ହେଉଅଛି ତେବେ ପ୍ରସ୍ତାବିତ ଆଇନଦ୍ୱାରା ତାହାଙ୍କର ବିଶେଷ କିଛି ଲାଭ ଆମ୍ଭେମାନେ ଦେଖୁ ନାହୁଁ। ବାକି ଖଜଣାର ନାଲିଶ ହେଲେ ଦ ୧୫ ନ ମିଆଦରେ ପ୍ରଜା ନାମରେ ସମନ ହେବ ସେ ଯେବେ ଉପସ୍ଥିତ ନ ହେବ ତେବେ ଜମିଦାର ଏକତରଫା ଡିକ୍ରୀ ପାଇବ କିନ୍ତୁ ପ୍ରଚଳିତ ଆଇନରେ ସୁଦ୍ଧା ଏକତରଫା ଡିକ୍ରୀ ପାଇବାର ବିଧାନ ଅଛି କିନ୍ତୁ ପ୍ରସ୍ତାବିତ ଆଇନରେ ଏକତରଫା ଡିକ୍ରୀ ପାଇବା ପୂର୍ବ ଜମିଦାରକୁ ଅଦାଲତରେ ପ୍ରମାଣ କରିବାକୁ ହେବ ଯେ ଯେଉଁ ଦରରେ ଖଜଣାର ନାଲିଶ କରଅଛି ସେହି ଦରରେ ଗତ ୨ ବର୍ଷ ଖଜଣା ପାଇଥିଲା ଏବଂ ପ୍ରଜା ଉପରେ ସମନ ଜାରି ହୋଇଥିବାର ମଧ୍ୟ ପ୍ରମାଣ କରିବ। ବର୍ତ୍ତମାନ ଏକତରଫା ଡିକ୍ରୀ ପାଇବା ସକାଶେ ଯେତେ ପ୍ରମାଣର ଆବଶ୍ୟକ ତାହାଠାରୁ କି ନୂତନ କିଛି ସହଜ ହେଲା? ଦର ବିଷୟର ଉତ୍ତମ ପ୍ରମାଣ କେବଳ ଦୁଇ ଜଣ ଗୁହା ଯୋବାନବନ୍ଦୀ କରାଇବାଦ୍ୱାରା ହୋଇ ନ ପାରେ ତହିଁସକାଶେ କବୁଲିୟତି ଜମାବନ୍ଦୀ ଇତ୍ୟାଦି ଲିଖିତ ଦଲିଲ ଆବଶ୍ୟକ କିନ୍ତୁ ତାଲପତ୍ର ଦଲିଲର ଯେତେ ମୂଲ୍ୟ ଅଦାଲତରେ ହୁଅଇ ତାହା ସମସ୍ତେ ଜାଣନ୍ତି ସୁତରାଂ ଜମିଦାର ପକ୍ଷରେ ଏକଥା ପ୍ରମାଣ କରିବା ଶୁଣିବାକୁ ଯେମନ୍ତ ସହଜ କାର୍ଯ୍ୟରେ ତେମନ୍ତ ହେବ ନାହିଁ ଓ ଯେବେ ସେ ଦର କଥା ପ୍ରମାଣ କରି ନ ପାରିଲ ତେବେ କୌଣସି ସହଜ ଉପାୟ ପାଇବାର ଆଶା କରି ନ ପାରେ। ଅତଏବ ପ୍ରସ୍ତାବିତ ଆଇନଦ୍ୱାରା ଜମିଦାରର ବିଶେଷ ସୁବିଧା ହେବାର ବୋଧ ହେଉ ନାହିଁ। ଆଉ ଯେବେ ପ୍ରଜା ଆସି ଦର ପ୍ରତି ଆପତ୍ତି କଲା ତେବେ ଠିକ ବର୍ତ୍ତମାନର ନିୟମରେ ମୋକଦ୍ଦମା ବିଚାର ହେବାର ଆବଶ୍ୟକ ହେଲା ସୁତରାଂ ଜମିଦାରର କିଛି ଲାଭ ରହି ପାରିଲା ନାହିଁ। ପୁଣି ପ୍ରଜା ପକ୍ଷରେ ଏ ଆଇନ ଅଧିକ କଷ୍ଟକର ହେବାର ବୋଧ ହୁଅଇ। ପ୍ରଜା ଯେବେ ସମନ ପାଇ ଉପସ୍ଥିତ ନ ହେବ ତେବେ ଆଗେ ଟଙ୍କା ଜମା ନ କଲେ କିଛି ପ୍ରତୀକାର ପାଇବ ନାହିଁ ଆଉ ଯେବେ ଉପସ୍ଥିତ ହୋଇ ଯଥାର୍ଥ ଆପତ୍ତି ଦର୍ଶାଇବାକୁ ପ୍ରବୃତ୍ତ ହେବ ତେବେ ଅଗ୍ରେ ଅଦାଲତର ଅନୁମତି ନ ପାଇଲେ କିଛି କହିପାରିବ ନାହିଁ ଅତଏବ ଏକଥର ଅନୁମତି ପାଇବା ସକାଶେ ଖର୍ଚ୍ଚାନ୍ତ ହେବ ଏବଂ ତହିଁଉତ୍ତାରୁ ବିଧିମତ ଆପଣା ଆପତ୍ତି ଆଗତ କରି ତାହା ପ୍ରମାଣ କରିବାକୁ ବର୍ତ୍ତମାନ ଯେକିଛି ତହଖର୍ଚ୍ଚ ଓ କଷ୍ଟରେ ପଡ଼ୁଅଛି ତାହା ସମସ୍ତ ଭୋଗ କରିବ। ଏଥିରୁ ଜମିଦାର ସବଳପକ୍ଷ ଏବଂ ପ୍ରଜା ଦୁର୍ବଳପକ୍ଷ କିନ୍ତୁ ନୂତନ ଆଇନରେ ଦୁର୍ବଳପକ୍ଷକୁ ଅଧିକ କଷ୍ଟ ଦେବାର ପ୍ରସ୍ତାବ ହୋଇଅଛି ଏହି କାରଣରୁ ଆମ୍ଭେମାନେ ପ୍ରସ୍ତାବିତ ଆଇନର ଅନୁକୂଳ ନହୁଁ।

ଆମ୍ଭେମାନେ ଅଦ୍ୟ ପ୍ରସ୍ତାବିତ ଆଇନର ଏକ ଅଂଶର ସମାଲୋଚନା କଲୁଁ। ଅନ୍ୟ ସମୟରେ ଅପର ଅଂଶର ବିଚାର କରିବୁଁ। ଏ ଅଂଶ ସମ୍ପର୍କରେ ଆମ୍ଭମାନଙ୍କର ବାଞ୍ଛା ଏହି କି ଯହିଁରେ ଜମିଦାର ଓ ପ୍ରଜା ମଧ୍ୟରେ ଦର ବିଷୟରେ କୌଣସି ବିବାଦ ନ ହେବ ଗବର୍ଣ୍ଣମେଣ୍ଟ ତହିଁର ଉଚିତ ବ୍ୟବସ୍ଥା କରନ୍ତୁ। ଆଇନରେ ଚେକପଞ୍ଚା ପ୍ରଚଳିତ ହେବାର ଯେଉଁ ଗୋଟିଏ ବିଧି ହୋଇଅଛି ତାହା ସର୍ବୋତ୍କୃଷ୍ଟ ଅଟଇ ତଦ୍ୱାରା ଅନେକ ଗୋଳ ନିବାରଣ ହୋଇ ପାରିବ କିନ୍ତୁ କେବଳ ପାଉତିଦ୍ୱାରା ସକଳ ବିବାଦ ଭଞ୍ଜନ ହେବ ନାହିଁ ତହିଁ ସଙ୍ଗେ ପଟ୍ଟା କବୁଲିୟତ୍ ଗଟମତ ନିଆ ଦିଆ ଏବଂ ରସିଦକ ହେବାର ବିଧାନ ହେବା ଉଚିତ। ଏ ବିଷୟରେ ଆମ୍ଭେମାନେ ଆପଣା ମନ୍ତବ୍ୟ ଏପରେ ବ୍ୟକ୍ତ କରିବୁଁ।

---

# ସାପ୍ତାହିକସଂବାଦ।

ସମ୍ବାଦପତ୍ରମାନଙ୍କରେ ପାଠକଲୁଁ ଯେ ଇ. ଏଚ୍ ହୁଇନଫିଲଡ୍ ସାହେବ ଏମ୍ ଏ ଓ ବାରିଷ୍ଟର କଟକର କଲେକ୍ଟର ମାଜିଷ୍ଟ୍ରେଟ ହୋଇ ଆସୁଅଛନ୍ତି। ଏ ମହାଶୟ ବର୍ତ୍ତମାନର କଲେକ୍ଟର ମାଜିଷ୍ଟ୍ରେଟ ଥାଇ ଛୁଟି ନେଇ ବିଲାତକୁ ଯାଇଥିଲେ।

ଏବର୍ଷ ଆମ୍ବବଉଳ ବହୁତ ହେଉଅଛି। କିନ୍ତୁ ପଛବଉଳ ହେବାରୁ କୁହୁଡ଼ିକୁ ବଡ ଡର ଅଛି। ଯଦ୍ୟପି ବିଶେଷ ବ୍ୟାଘାତ ନ ହୁଅଇ ତେବେ ଏବର୍ଷ ଭଲ ଆମ୍ବ ହେବ ଓ ମହତଗଣ ସମୟରେ ବଡ ଉପକାର ହେବ।

ସମ୍ବାଦବାହିକାରୁ ଅବଗତ ହେଲୁଁ ଯେ କୁମାର ବୈକୁଣ୍ଠନାଥ ଦେ ଜଗନ୍ନାଥ ସଡ଼କ ଦୁଇ ପାଖରେ ଆଖୁଆପଦା ପର୍ଯ୍ୟନ୍ତ ନାନା ପ୍ରକାର ଗଛ ଲଗାଇବା ଏବଂ ସଡ଼କପାଖ କୂଅମାନ ଖୋଳାଇଦେବା ନିମିତ୍ତ ଉଦ୍ୟମ କରୁଅଛନ୍ତି। ସାଧାରଣ ଉପକାର ସାଧନ ବ୍ରତରେ କୁମାରଙ୍କର ନିଷ୍ଠା ଦେଖି ଆମ୍ଭେମାନେ ବଡ଼ ପ୍ରୀତ ହୋଇଅଛୁଁ ଓ ଭରସାକରୁଁ କି ସେ ଏହି ପ୍ରକାର କାର୍ଯ୍ୟମାନଙ୍କରେ ସଫଳତା ଲାଭ କରି ଓଡ଼ିଶାର ଧନୀମାନଙ୍କର ଆଦର୍ଶସ୍ୱରୂପ ହେଉନ୍ତୁ।

ଉକ୍ତ ପତ୍ରିକାରେ ଜଣାଯାଏ ଯେ ବାବୁ ଚତୁର୍ଭୁଜ ପଟ୍ଟନାୟକଙ୍କ ଯତ୍ନରେ ଭଦ୍ରକରେ ଗୋଟିଏ ବାଳିକାବିଦ୍ୟାଳୟ ସ୍ଥାପିତ ହୋଇଅଛି ମାତ୍ର ସ୍ଥାନବାସୀ କେତେକ ଲୋକ ତାହା ଉଠାଇଦେବାର ଚେଷ୍ଟା କରୁଅଛନ୍ତି। ଯେବେ ସ୍ଥାନବାସିଙ୍କର ଶ୍ରଦ୍ଧା ନାହିଁ ତେବେ ବଳାତ୍କାରରେ ବିଦ୍ୟାଳୟ ରଖିବାର ପ୍ରୟୋଜନ କି ଆମ୍ଭେମାନେ ବୁଝିପାରୁ ନାହୁଁ।

ଅମିର ସେରଅଲ୍ଲୀ ରୁଷୀୟଙ୍କ ରାଜ୍ୟକୁ ପଳାଇବା ଅଥବା ରୁଷୀୟ ରାଜଧାନୀ ସେଣ୍ଟପିଟର୍ସବର୍ଗକୁ ଯାଉଥିବା ସମ୍ବାଦର କିଛି ମୂଳ ପାଆଯାଉ ନାହିଁ। ରୁଷୀୟ ସମ୍ବାଦପତ୍ରମାନେ ଅମିର-

Digitized by srujanika@gmail.com

Split by PDF Splitter



# ଅତିରିକ୍ତ ।

ଉତ୍କଳଦୀପିକା ୧ ଲା ତାଖ ଫେବ୍ରୁଆରୀ ସନ ୧୮୭୯ ମସିହା ।

ଶ୍ରୀମତୀ ମହାରାଣୀ ଭାରତେଶ୍ୱରୀ ପଦ ଧାରଣର ସ୍ମରଣାର୍ଥ ଅଟ୍ଟାଳିକା ନିମିତ୍ତ ଚନ୍ଦାର ବିବରଣ ।

| ନାମ ଚନ୍ଦାଦାତା | ଜିଲା | ଚନ୍ଦାଟଙ୍କା | ଉସୁଲ | ବାକୀ |
|---|---|---|---|---|
| ଶ୍ରୀଯୁକ୍ତ ଟୀ, ଇ, ରେବନ୍ସାସାହେବ | କଟକ | ଟ ୫୦୦ | ଟ ୫୦୦ | ଟ ୦ |
| „ ଡବଲିଉ, ଯେ, ହରସେଲବାର୍ଟ | „ | ଟ ୨୦୦ | ଟ ୨୦୦ | ଟ ୦ |
| „ ଡବଲିଉ, ମେକଫର୍ସନ ସାହେବ | „ | ଟ ୩୦୦ | ଟ ୦ | ଟ ୩.୦ |
| „ ଯେ, ଷ୍ଟାମ୍ସ ସାହେବ | „ | ଟ ୩୦୦ | ଟ ୧୦୦ | ଟ ୨୦୦ |
| „ ସି, ଟେଏନଟା ସାହେବ | „ | ଟ ୧୨୫ | ଟ ୦ | ଟ ୧୨୫ |
| „ ଇ, ଯେ, ଏଲଷ୍ଟନ ସାହେବ | „ | ଟ ୭୫ | ଟ ୦ | ଟ ୭୫ |
| „ ଯେ, ଉଇଲ୍ଷର ସାହେବ | „ | ଟ ୧୦୦ | ଟ ୦ | ଟ ୧୦୦ |
| ବାବୁ ବୈଦ୍ୟନାଥ ପଣ୍ଡିତ | „ | ଟ ୧୦୦୦ | ଟ ୧୦୦ | ଟ ୯୦୦ |
| „ ଜହ୍ନେୟାଲାଲ ପଣ୍ଡିତ | „ | ଟ ୧୦୦୦ | ଟ ୧୦୦ | ଟ ୯୦୦ |
| „ କାଳୀପଦ ବାନୁର୍ଯ୍ୟା | „ | ଟ ୫୦୦ | ଟ ୦ | ଟ ୫୦୦ |
| ଚୌଧୁରୀ ବଟ୍ନାଥ ଦାସ | „ | ଟ ୧୦୦୦ | ଟ ୨୫୦ | ଟ ୭୫୦ |
| ବାବୁ ଲକ୍ଷ୍ମୀନାରାୟଣ ରାୟ ଚୌଧୁରୀ | „ | ଟ ୫୦୦ | ଟ ୦ | ଟ ୫୦୦ |
| ରାଜା ନନ୍ଦକିଶୋର ଭୂପତି | „ | ଟ ୩୦୦ | ଟ ୧୦୦ | ଟ ୨୦୦ |
| ରାଜା ନୀଳାଦ୍ରିବେହାରିହରିଚନ୍ଦନ | „ | ଟ ୧୦୦ | ଟ ୦ | ଟ ୧୦୦ |
| ବାବୁ ହରେକୃଷ୍ଣ ଦାସ | „ | ଟ ୨୦୦ | ଟ ୨୫ | ଟ ୧୭୫ |
| „ ମହେଶଚନ୍ଦ୍ର ବାନୁର୍ଯ୍ୟା ତରଫ ରାମନାଥ ରାୟ ଚୌଧୁରୀ | „ | ଟ ୫୦୦ | ଟ ୦ | ଟ ୫୦୦ |
| „ ଶ୍ୟାମାଶ୍ୟାମ ନରେନ୍ଦ୍ର ମହାପାତ୍ର | „ | ଟ ୫୦୦ | ଟ ୦ | ଟ ୫୦୦ |
| ଶ୍ରୀଯୁକ୍ତ ଯେ, ପୁଲ ସାହେବ | „ | ଟ ୫୦ | ଟ ୦ | ଟ ୫୦ |
| „ ଯେ, ଲେସି ସାହେବ | „ | ଟ ୧୦ | ଟ ୦ | ଟ ୧୦ |
| ବାବୁ ଅନନ୍ତ ଚନ୍ଦ୍ର ବାନୁର୍ଯ୍ୟା | „ | ଟ ୧୧ | ଟ ୦ | ଟ ୧୧ |
| „ ଦ୍ୱାରକାନାଥ ଚକ୍ରବର୍ତ୍ତୀ | „ | ଟ ୧୦ | ଟ ୦ | ଟ ୧୦ |
| ସୁଲତାନ ମହମ୍ମଦ | „ | ଟ ୩୦ | ଟ ୩୦ | ଟ ୦ |
| ବାବୁ ଜଗନ୍ନାଥ ପ୍ରସାଦ ଦାସ | „ | ଟ ୨୦ | ଟ ୦ | ଟ ୨୦ |
| „ ହରବଲ୍ଲଭ ବୋଷ | „ | ଟ ୧୨୫ | ଟ ୦ | ଟ ୧୨୫ |
| „ ହରିଚରଣ ବାନୁର୍ଯ୍ୟା | „ | ଟ ୧୫ | ଟ ୦ | ଟ ୧୫ |
| „ ଜଗନ୍ମୋହନ ରାୟ | „ | ଟ ୨୦୦ | ଟ ୦ | ଟ ୨୦୦ |
| „ ଅନ୍ନଦା ପ୍ରସାଦ ଘୋଷ | „ | ଟ ୧୦୦ | ଟ ୦ | ଟ ୧୦୦ |
| ମଉଲବୀ ଅବଦୁଲବାହର | „ | ଟ ୨୫ | ଟ ୦ | ଟ ୨୫ |
| ବାବୁ ପୂର୍ଣ୍ଣଚନ୍ଦ୍ର ସରକାର | „ | ଟ ୫୦ | ଟ ୦ | ଟ ୫୦ |
| „ ହରମୋହନ ମିଶ୍ର | „ | ଟ ୩୦ | ଟ ୦ | ଟ ୩୦ |
| „ ଗୋପାଳଚନ୍ଦ୍ର ମିଶ୍ର | „ | ଟ ୧୫ | ଟ ୦ | ଟ ୧୫ |
| ମୁନସି ଗୋଲମରସୁଲ | „ | ଟ ୪୦ | ଟ ୫ | ଟ ୩୫ |
| ବାବୁ ଦବାଡ଼ିର ଦାସ | „ | ଟ ୨୫ | ଟ ୦ | ଟ ୨୫ |

| ନାମ ଚନ୍ଦାଦାତା | ଜିଲା | ଚନ୍ଦାଟଙ୍କା | ଉସୁଲ | ବାକୀ |
|---|---|---|---|---|
| ବାବୁ ଭଗବତ ଦାସ | „ | ଟ ୧୫ | ଟ ୦ | ଟ ୧୫ |
| „ ରଘୁନାଥ ବୋଷ | „ | ଟ ୨୦ | ଟ ୦ | ଟ ୨୦ |
| ମୁନସି ଅଯିଜ ଖାଁ | „ | ଟ ୧୦ | ଟ ୦ | ଟ ୧୦ |
| ବାବୁ ଜଗବନ୍ଧୁ ଘୋଷ | „ | ଟ ୨୦ | ଟ ୦ | ଟ ୨୦ |
| „ ହରେକୃଷ୍ଣ ମିଶ୍ର | „ | ଟ ୧୫ | ଟ ୧୫ | ଟ ୦ |
| ରାଜା ହଲ୍ଲେ ଅଲ | „ | ଟ ୧୦୦ | ଟ ୧୦୦ | ଟ ୦ |
| ବାବୁ ଭବାନୀଚରଣ ନେଉଗୀ | „ | ଟ ୧୦ | ଟ ୦ | ଟ ୧୦ |
| „ ଗୌରୀଶଙ୍କର ବସୁ | „ | ଟ ୨୫ | ଟ ୦ | ଟ ୨୫ |
| „ ଗୋକୁଳଚନ୍ଦ୍ର ବୋଷ | „ | ଟ ୧୦୦୦ | ଟ ୦ | ଟ ୧୦୦୦ |
| „ ସଦାନନ୍ଦ ବେହୁର | „ | ଟ ୧୦ | ଟ ୦ | ଟ ୧୦ |
| „ ନନ୍ଦକିଶୋର ଦାସ ଓ „ ଗଣେଶ୍ୱର ଦାସ | „ | ଟ ୫୦ | ଟ ୦ | ଟ ୫୦ |
| ବାବୁ ବଳଦେବ ଲାଲ ଭଗତ | „ | ଟ ୧୦୦ | ଟ ୦ | ଟ ୧୦୦ |
| „ ରାମବୋଧି ଗୁପ୍ତ | „ | ଟ ୧୫ | ଟ ୦ | ଟ ୧୫ |
| „ ମଥୁରାଲାଲ ଭଗତ | „ | ଟ ୪୦ | ଟ ୧୦ | ଟ ୪୦ |
| „ ଦୀନାନାଥ ସରକାର | „ | ଟ ୧୦ | ଟ ୦ | ଟ ୧୦ |
| „ କପିଳବିହାରୀ ମିଶ୍ର | „ | ଟ ୧୦ | ଟ ୦ | ଟ ୧୦ |
| „ ଗୌରମୋହନ ଚାଟୁର୍ଯ୍ୟା | କଟକ | ଟ ୧୦ | ଟ ୧୦ | ଟ ୦ |
| ରାଜା ହଲ୍ଲେ ମଥୁରୁର | | ଟ ୧୦୦ | ଟ ୧୦୦ | ଟ ୦ |
| ବାବୁ ବୈଷ୍ଣବଚରଣ ଭାରଥି ଗୋସାଇଁ । ମା । ଜଗନ୍ନାଥ ଭାରଥି ଗୋସାଇଁ | „ | ଟ ୫୦ | ଟ ୫୦ | ଟ ୦ |
| ବାବୁ ବୈକୁଣ୍ଠନାଥ ଦେ | ବାଲେଶ୍ୱର | ଟ ୨୦୦ | ଟ ୦ | ଟ ୨୦୦ |
| „ ରଘୁନାଥ ସାମନ୍ତ୍ର | କଟକ | ଟ ୮୦ | ଟ ୦ | ଟ ୮୦ |
| ମୁନସି ମହମ୍ମଦଅବଦୁଲ ହଲମ | „ | ଟ ୧୫ | ଟ ୦ | ଟ ୧୫ |
| ବାବୁ ରାମଚନ୍ଦ୍ର ଅଡ୍ଡ | ପୁରୀ | ଟ ୧୫ | ଟ ୧୫ | ଟ ୦ |
| „ ଅଗ୍ରଲନାଥ ରାୟ ଗୋସାଇଁ | „ | ଟ ୧୦ | ଟ ୧୦ | ଟ ୦ |
| „ ଲୋକନାଥ ରାୟ | „ | ଟ ୧୦ | ଟ ୧୦ | ଟ ୦ |
| „ ଅଯୋଧ୍ୟାପ୍ରସାଦ ସାହୁ | କଟକ | ଟ ୧୦ | ଟ ୦ | ଟ ୧୦ |
| „ ଗୃଷ୍ଣାଲଗୃଜ | „ | ଟ ୧୦ | ଟ ୦ | ଟ ୧୦ |
| „ ଗୌରୀଶଙ୍କର ଜହରୀ | „ | ଟ ୩୦ | ଟ ୦ | ଟ ୩୦ |
| ମୁନସି କାଦର ବକ୍ସ | „ | ଟ ୧୦ | ଟ ୦ | ଟ ୧୦ |
| ବାବୁ କାର୍ତ୍ତିକଚନ୍ଦ୍ର ରାୟ ଚୌଧୁରୀ | „ | ଟ ୧୫ | ଟ ୦ | ଟ ୧୫ |
| „ ଇଶ୍ୱର ଲାଲ ପରଓଆର | „ | ଟ ୩୦ | ଟ ୦ | ଟ ୩୦ |
| „ ପହଲ ମଲ୍ଲିକ | „ | ଟ ୩୦ | ଟ ୦ | ଟ ୩୦ |
| ଛାଜମହମ୍ମଦ | „ | ଟ ୫୦ | ଟ ୦ | ଟ ୫୦ |

Digitized by srujanika@gmail.com

| ନାମ ଚନ୍ଦାଦାତା | ଜିଲ | ଚନ୍ଦାଟଙ୍କା | ଉସୁଲ | ବାକୀ |
|---|---|---|---|---|
| ବାବୁ ବଳରାମଦାସ ଭଗତ ଓ ମଙ୍ଗଳାରାମ | ” | ଟ ୩୦ | ଟ ୦ | ଟ ୩୦ |
| ” ମଙ୍ଗରାମ ଓ ବୁଦ୍ଧିରାମ ଓ ଚନ୍ଦୁ | ” | ଟ ୩୦ | ଟ ୦ | ଟ ୩୦ |
| ” ପରୀକ୍ଷିତ ଦାସ ଓ ନରହର ଦାସ | ଟ | ଟ ୧୦୦ | ଟ ୧୦୦ | ଟ ୦ |
| ଶ୍ରୀମତ୍ୟା ସୁଲୋଚନା ଦାସୀ | ” | ଟ ୩୦ | ଟ ୦ | ଟ ୩୦ |
| ମୁନସି ରସୁଲ ବକ୍ସ | ” | ଟ ୨୦ | ଟ ୨୦ | ଟ ୦ |
| ବାବୁ ଦୁର୍ଗାନାରାୟଣ ଘୋଷ | ” | ଟ ୪୦ | ଟ ୦ | ଟ ୪୦ |
| ” ଦାମୋଦର ଦାସ ମୁକ୍ତାର | ” | ଟ ୩୦ | ଟ ୦ | ଟ ୩୦ |
| ” କୃଷ୍ଣମୋହନ ଘୋଷ | ” | ଟ ୫୦ | ଟ ୦ | ଟ ୫୦ |
| ରାଜା ହେଲେ ଆଠମଲ୍ଲିକ | ” | ଟ ୧୦୦ | ଟ ୧୦୦ | ଟ ୦ |
| ” ” ନରସିଂହପୁର | ” | ଟ ୨୫ | ଟ ୨୫ | ଟ ୦ |
| ” ” ଅଠଗଡ଼ | ” | ଟ ୫୦ | ଟ ୫୦ | ଟ ୦ |
| ” ” ବଡ଼ଆମ୍ବା | ” | ଟ ୭୫ | ଟ ୭୫ | ଟ ୦ |
| ” ” ଖଣ୍ଡପଡ଼ା | ” | ଟ ୫୦ | ଟ ୫୦ | ଟ ୦ |
| ବାକି ତହସିଲଦାର | ” | ଟ ୧୦ | ଟ ୧୦ | ଟ ୦ |
| ରାଜା ହେଲେ ନୀଳଗିରି | ” | ଟ ୪୦ | ଟ ୪୦ | ଟ ୦ |
| ” ” ତାଳଚେର | ” | ଟ ୧୫୦ | ଟ ୧୫୦ | ଟ ୦ |
| ” ” ଢିଗିରିଆ | ” | ଟ ୫୦ | ଟ ୫୦ | ଟ ୦ |
| ” ” ମୟୂରଭଞ୍ଜ | ” | ଟ ୧୫୦ | ଟ ୧୫୦ | ଟ ୦ |
| ” ” ନୟାଗଡ଼ | ” | ଟ ୧୦୦ | ଟ ୧୦୦ | ଟ ୦ |
| ମହନ୍ତ ନାରାୟଣ ଦାସ | ପୁରୀ | ଟ ୩୦୦ | ଟ ୩୦୦ | ଟ ୦ |
| ରାଜା ହେଲେ ରଣପୁର | କଟକ | ଟ ୨୦ | ଟ ୨୦ | ଟ ୦ |
| ” ” ପାଲଲହଡ଼ା | ” | ଟ ୫୦ | ଟ ୫୦ | ଟ ୦ |
| ବାବୁ ମଥୁରାମୋହନ ପାତ୍ରୀ ଓ ବ୍ରଜବଲ୍ଲଭ ପାତ୍ରୀ | ବାଲେଶ୍ୱର | ଟ ୮୦ | ଟ ୮୦ | ଟ ୦ |
| ବାବୁ ଦେବେନ୍ଦ୍ରନାଥ ଠାକୁର | କଟକ | ଟ ୧୦୦ | ଟ ୧୦୦ | ଟ ୦ |
| ରାଜା ହେଲେ ପାରିକୁଦ | ପୁରୀ | ଟ ୧୫୦ | ଟ ୧୫୦ | ଟ ୦ |
| ମୁନସି ଜମିରୁଦ୍ଦିନ ମହମ୍ମଦ ଜାଗିରଦାର | ” | ଟ ୨୫ | ଟ ୨୫ | ଟ ୦ |
| ରାଜା ହେଲେ ଦଶପଲ୍ଲା | କଟକ | ଟ ୫୦ | ଟ ୫୦ | ଟ ୦ |
| ” ” ହିନ୍ଦୋଳ | ” | ଟ ୨୫ | ଟ ୨୫ | ଟ ୦ |
| ରାଜେ ହରେକୃଷ୍ଣ ଭଞ୍ଜ | ବାଲେଶ୍ୱର | ଟ ୨୦ | ଟ ୨୦ | ଟ ୦ |

| ନାମ ଚନ୍ଦାଦାତା | ଜିଲ | ଚନ୍ଦାଟଙ୍କା | ଉସୁଲ | ବାକୀ |
|---|---|---|---|---|
| ରାଜା ହେଲେ ବୌଦ | କଟକ | ଟ ୨୦୦ | ଟ ୨୦୦ | ଟ ୦ |
| ” ” କେନ୍ଦୁଝର | ” | ଟ ୧୦୦ | ଟ ୧୦୦ | ଟ ୦ |
| ବାବୁ ଅତୁଲଚନ୍ଦ୍ର ଚଟ୍ଟୋପାଧ୍ୟା | କଟକ | ଟ ୨୦ | ଟ ୦ | ଟ ୨୦ |
| ” ଶିବପ୍ରସାଦ ସିଂହ | ” | ଟ ୧୫ | ଟ ୧୫ | ଟ ୦ |
| ” ନରହର ଦୋବାଇ | ” | ଟ ୧୦ | ଟ ୧୦ | ଟ ୦ |
| ଚଉଧୁରୀ ସତ୍ୟଦେବ ମହାପାତ୍ର | ” | ଟ ୨୦ | ଟ ୨୦ | ଟ ୦ |
| ” ଜନାର୍ଦ୍ଦନ ମହାପାତ୍ର | ” | ଟ ୧୦ | ଟ ୧୦ | ଟ ୦ |
| ବାବୁ ନୀଳମଣି ଦୋବାଇ | ” | ଟ ୧୦ | ଟ ୧୦ | ଟ ୦ |
| ” ଜନ୍ମେଜୟ ପହରାଜ | ” | ଟ ୧୦ | ଟ ୧୦ | ଟ ୦ |
| ” ବିଦ୍ୟାଧର ପଣ୍ଡା | ” | ଟ ୧୦ | ଟ ୧୦ | ଟ ୦ |
| ” ରମାକାନ୍ତ ବଡ଼ପଣ୍ଡା | ” | ଟ ୧୦ | ଟ ୧୦ | ଟ ୦ |
| ” ବାଲାମଣି ଦୋବାଇ | ” | ଟ ୧୦ | ଟ ୧୦ | ଟ ୦ |
| ” ହରଗୋପାଳ ଘୋଷ | ” | ଟ ୨୦ | ଟ ୨୦ | ଟ ୦ |
| ରାଜା ହେଲେ ଆଳ | ” | ଟ ୧୦ | ଟ ୧୦ | ଟ ୦ |
| ବାବୁ ବଳଭଦ୍ରପ୍ରସାଦ ଦାସ ରାଜକୁମାର କଇର ଗଞ୍ଜା କୁମ୍ଭମହାପାତ୍ର | ବାଲେଶ୍ୱର | ଟ ୫୦ | ଟ ୫୦ | ଟ ୦ |
| ରାଜା ନରସିଂହଚରଣ ସିଂହ | ” | ଟ ୫୦ | ଟ ୦ | ଟ ୫୦ |
| ” ଉପେନ୍ଦ୍ର ନରେନ୍ଦ୍ର ମହାପାତ୍ର | ” | ଟ ୬୦ | ଟ ୦ | ଟ ୬୦ |
| ଚଉଧୁରୀ କଶୋରୀନାରାୟଣ ପହରାଜ ମାନାଭା | ବାଲେଶ୍ୱର | ଟ ୩୦ | ଟ ୩୦ | ଟ ୦ |
| କାନୁନ ଗୋଇ କୃଷ୍ଣଚନ୍ଦ୍ର ହରିଚନ୍ଦନ ମହାପାତ୍ର | ” | ଟ ୨୦ | ଟ ୦ | ଟ ୨୦ |
| ବାବୁ ମଦନମୋହନ ଦାସ | ” | ଟ ୧୫୦ | ଟ ୦ | ଟ ୧୫୦ |
| ” ରାଧାରମଣ ଦାସ | ” | ଟ ୧୫୦ | ଟ ୦ | ଟ ୧୫୦ |
| ” ଗୋପାଳୀରାମ ଭଗତ | କଟକ | ଟ ୩୫ | ଟ ୦ | ଟ ୩୫ |
| ” ଗୋପାଳଶରଣ ଭଗତ | ” | ଟ ୧୦ | ଟ ୦ | ଟ ୧୦ |
| ” ଶାଳଗ୍ରାମ ଭଗତ | ” | ଟ ୩୦ | ଟ ୦ | ଟ ୩୦ |
| ଶ୍ରୀମତ୍ୟା ସୂର୍ଯ୍ୟମଣି ଦେଈ | ” | ଟ ୧୫୦ | ଟ ୦ | ଟ ୧୫୦ |
| ମହାରାଜା | ବର୍ଦ୍ଧମାନ | ଟ ୫୦୦ | ଟ ୫୦୦ | ଟ ୦ |
| ରାଜା ହିନ୍ଦୋଳ | କଟକ | ଟ ୧୦୦ | ଟ ୧୦୦ | ଟ ୦ |

[illegible]

Split by PDF Splitter

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୪ | ସଂଖ୍ୟା ୭

ତା ୮ ଇଙ୍ଗ ମାହେ ଫିବ୍ରୁଅରି ସନ ୧୮୭୯ ମସିହା । ମୁ । ମାଘ ଦି ୨୮ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩୧
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୧
ମଫସଲପାଇଁ ଡାକମାସୁଲ ଟ୧୷

ପୁରୀ ଜାଲମୋକଦ୍ଦମାର ଅନୁସନ୍ଧାନ କାର୍ଯ୍ୟ ଶେଷ ହୋଇଅଛି ଏବଂ ଏଠାରୁ ଯାଇଥିବା ବଡ ଉକୀଲମାନେ ଫେରି ଆସିଅଛନ୍ତି । ପ୍ରମାଣ ବିଷୟରେ ନାନାଲୋକ ନାନାପ୍ରକାର କହୁଅଛନ୍ତି କିନ୍ତୁ ଆମ୍ଭେମାନେ ତହିଁର ସୁକ୍ଷ୍ମ ବିବରଣ ଜାଣି ନ ଥିବାରୁ କିଛି କହି ନ ପାରୁଁ ଯାହାହେଉ ବିଚାରକର୍ତ୍ତା ମାଜିଷ୍ଟ୍ରେଟ ଚାରିଜଣ ଆସାମିଙ୍କୁ ସୋପର୍ଦ୍ଦ କରିଅଛନ୍ତି ଓ ଅବଶିଷ୍ଟମାନେ ଜାମିନରେ ଅଛନ୍ତି । ଆଗାମୀ ମାସରେ ଦୌରାକଚେରୀର ସମୟରେ ସମସ୍ତ କଥା ଜଣାପଡିବ ।

---

ଏଥର ବସନ୍ତପଞ୍ଚମୀ ଦିନ ଯହିଁ ଟିକିଏ ବସନ୍ତ ବହିଲାପରି ଜଣାଗଲା ଶୀତ ହେମନ୍ତ ଆପଣା ଲୁଗାଜାଉଁଳ ଘେନି ପ୍ରସ୍ଥାନ କଲା । ଅଦ୍ୟାପି ପୂର୍ଣ୍ଣିମା ପର୍ଯ୍ୟନ୍ତ ସୁଦ୍ଧା ରହିଲା ନାହିଁ । ଏତେବେଳେ ଶୀତକାଳ ଗତ ହେବାର ଅନାୟାସରେ କୋଲଯାଇ ପାରେ । ଆମ୍ଭେ ଦେଖୁ ବର୍ତ୍ତମାନ ଏପରି ହୋଇଅଛି ଯେ ପ୍ରାୟ କୌଣସି ଗଛର ପତ୍ର ଦିଶୁ ନାହିଁ । ଏଥିରୁ ଏ ପ୍ରଦେଶରେ ଦୁଇଦିନ ଅଣ ଉତ୍ପତ୍ତ ହୋଇ ଆମ୍ଭ ପକ୍ଷରେ ଲୋକଙ୍କୁ ବିଭାଗ କରିଥିଲା ମାତ୍ର ଆଉ ଉତ୍ପତ୍ତ ହୋଇ ନାହିଁ । ଦିନାକେତେ ଟଳି ଯାଇ ମୃଦୁ ବୃଷ୍ଟି ହେଲେ ଏବର୍ଷ ଆମ୍ଭ ଫସଲ ଯଥାର୍ଥରେ ଲୋକଙ୍କର ଦରିଦ୍ରତା ଛଡାଇ ଦେବ ।

---

ବୋର୍ଡର ମେମ୍ବର ଶ୍ରୀଯୁକ୍ତ ଡାମ୍ପିୟର ସାହେବ ଅଳ୍ପକାଳ ପହୁଞ୍ଚିବାର କଥା ଥିବାରୁ କମିଶନର ଓ କଲେକ୍ଟର ସାହେବମାନେ ମୋଫସଲରୁ ଫେରି ଆସି ଆପଣା କଚେରୀମାନ ସଜାଇ ରଖିଅଛନ୍ତି । ସାହେବ ମହୋଦୟ କଚେରୀମାନ ଥରେ ଦେଖିବେ ସନ୍ଦେହ ନାହିଁ କିନ୍ତୁ ତାହାଙ୍କର ଆସିବାର ପ୍ରଧାନ ଉଦ୍ଦେଶ୍ୟ ଖୋର୍ଦ୍ଧାବନ୍ଦୋବସ୍ତ କାର୍ଯ୍ୟ ଦେଖିବା ଓ ତହିଁର ସୁବ୍ୟବସ୍ଥା କରିବା । ଆମ୍ଭେମାନେ ଆଶା କରୁଁ କି ଖୋର୍ଦ୍ଧା ବନ୍ଦୋବସ୍ତର ତତ୍ତ୍ୱାବଧାରଣ କର୍ମ୍ମ ସାର ଯେବେ ଏନଗର ଖାସମହାଲ ବନ୍ଦୋବସ୍ତର ଫଲର କିଞ୍ଚିତ ତତ୍ତ୍ୱାବଧାରଣ କରନ୍ତେ ତେବେ ବଡ ଭଲ ହୁଅନ୍ତା । ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଖାସମହାଲର ଅନେକ ପ୍ରଜା ବାକୀଦାର ହୋଇଅଛନ୍ତି ଏବଂ କେହି୨ ପଲାତକ ପ୍ରାୟ ହୋଇଅଛନ୍ତି ।

---

ବିଶ୍ୱବିଦ୍ୟାଲୟର ଗତ ପରୀକ୍ଷାରେ ଓଡିଶା ବିଭାଗର ଯେଉଁ ଛାତ୍ରମାନେ ଉତ୍ତୀର୍ଣ୍ଣ ହୋଇଥିଲେ ସେମାନେ ତଲଲିଖିତରୂପ ବୃତ୍ତି ପାଇଅଛନ୍ତି ।

### ସିନିୟର ଅର୍ଥାତ୍ ଉଚ୍ଚଶ୍ରେଣୀର ଛାତ୍ରବୃତ୍ତି !

#### ୨ ୟ ଶ୍ରେଣୀ

| | |
|---|---|
| ବ୍ରଜଲାଲ ମୁଖୋପାଧ୍ୟାୟ | କଟକକଲେଜ |
| ଜାନକୀବଲ୍ଲଭ ଘୋଷ | ଏହିନ । |

### ଜୁନିୟର ଅର୍ଥାତ୍ ନିମ୍ନଶ୍ରେଣୀର ଛାତ୍ରବୃତ୍ତି ।

#### ୨ ୟ ଶ୍ରେଣୀ ।

| | |
|---|---|
| ମନମୋହନ ଚକ୍ରବର୍ତ୍ତୀ | କଟକ କଲେଜ |
| ନାରାୟଣଦାସ ବନ୍ଦ୍ୟୋପାଧ୍ୟାୟ | ବାଲେଶ୍ୱରସ୍କୁଲ |
| ଜଗନ୍ମୋହନ ଘୋଷ | ଏହିନ |
| ଗୋପାଳବଲ୍ଲଭ ଦାସ | କଟକ କଲେଜ |

#### ତୃତୀୟ ଶ୍ରେଣୀ ।

| | |
|---|---|
| ବ୍ରହ୍ମାନନ୍ଦ ଦାସ | କଟକ କଲେଜ |
| ହେମଚନ୍ଦ୍ର ଚଟ୍ଟୋପାଧ୍ୟାୟ | ଏହିନ |
| ସାଧୁଚରଣ ଗନ୍ଧ | ପୁରୀସ୍କୁଲ |
| ହରିଶ୍ଚନ୍ଦ୍ର ଘୋଷ | ଏହିନ |
| ବୈକୁଣ୍ଠନାଥ ପାଲ | ବାଲେଶ୍ୱରସ୍କୁଲ |
| ସଲମନ ନାୟକ | ଏହିନ |

---

ଗତବର୍ଷ ମାର୍ଚ୍ଚମାସଠାରୁ ଓଡିଶା ଓ ମେଦିନୀପୁର ନାଲଗ୍ରିଜସ୍ତର ସୁପରିଣ୍ଟେଣ୍ଡେଣ୍ଟମାନଙ୍କର ଶ୍ରେଣୀ ଓ ବେତନ ବିଷୟରେ ଗବର୍ଣ୍ଣମେଣ୍ଟ ନୂତନବିଧି କରି ଗଜେଟରେ ପ୍ରକାଶ କରିଅଛନ୍ତି । ତହିଁରୁ ଜଣାଯାଏ ଉକ୍ତ ତାରିଖଠାରୁ ସୁପରିଣ୍ଟେଣ୍ଡେଣ୍ଟମାନଙ୍କର ଚାରିଶ୍ରେଣୀ ହୋଇଅଛି । ଯଥା;—

| | | | |
|---|---|---|---|
| ପ୍ରଥମ | ଶ୍ରେଣୀର ବେତନ | ମାସକୁ | ଟ ୫୦୦୲ |
| ଦ୍ୱିତୀୟ | ” | ” | ଟ ୪୦୦୲ |
| ତୃତୀୟ | ” | ” | ଟ ୩୦୦୲ |
| ଚତୁର୍ଥ | ” | | ଟ ୨୦୦୲ |

Digitized by srujanika@gmail.com

Split by PDF Splitter



ଓଡ଼ିଶାର ଶ୍ରୀଯୁକ୍ତ ଓ୍ୱାଲି ସାହେବ ଏବଂ ଶ୍ରୀଯୁକ୍ତ ଏସ୍, ସି, ସ୍ୱର୍ଡ ସାହେବମାନେ ଦ୍ୱିତୀୟ ଶ୍ରେଣୀରେ ସ୍ଥାନ ପାଇଅଛନ୍ତି । ଏମାନେ ପ୍ରତ୍ୟେକେ ୨୪୦୦ ଟଙ୍କା ଲେଖାଏ ବେତନ ପାଇବେ । ଆମ୍ଭେମାନେ ଓ୍ୱାଲି ସାହେବଙ୍କୁ ଦ୍ୱିତୀୟ ଶ୍ରେଣୀରେ ଦେଖି ଆନନ୍ଦିତ ହେଲୁଁ ନାହିଁ । ଏ ମହାଶୟ ପୂର୍ବରୁ ଏହି ବେତନ ପାଉଥିଲେ ଏବଂ କାଳ ରାଜସ୍ୱ ସମ୍ପର୍କରେ ସେ ଯେମନ୍ତ ସୁଖ୍ୟାତି ସହିତ କର୍ମ କରିଅଛନ୍ତି ସ୍ୱୟଂ ଗବର୍ଣ୍ଣମେଣ୍ଟ ଗତ ପ୍ରକାଶିତ କାଳସମ୍ପର୍କୀୟ ବିଜ୍ଞାପନୀର ସମାଲୋଚନାରେ ତାହା ସ୍ୱୀକାର କରି ତାହାଙ୍କର ପ୍ରଶଂସା କରିଅଛନ୍ତି ଓ ତାହା ସର୍ବତୋଭାବେ ଯଥାର୍ଥ ହୋଇଅଛି ଅତଏବ ଏହାଙ୍କୁ ପ୍ରଥମଶ୍ରେଣୀରେ ସ୍ଥାନ ଦିଆଯାଇଥିଲେ ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇଥାନ୍ତୁ । ଭରସା କରୁଁ ଗବର୍ଣ୍ଣମେଣ୍ଟ ଶୀଘ୍ର ତାହା କରିବେ ।

---

ସରକାରୀ ସମ୍ବାଦ ଆସିଅଛି କି ଜେନେରଲ ଷ୍ଟିବାର୍ଟ ସାହେବଙ୍କ ରିପୋର୍ଟ ଅନୁସାରେ ତାହାଙ୍କର ଅଗ୍ରଗାମୀ ସୈନ୍ୟ ଗତ ମାସ ତା୨୧ରିଖରେ କେଲାତେଘିଲଯାଇରେ ପ୍ରବେଶ ହେଲେ । ଶତ୍ରୁ ଗୋଟିଏ ଗୁଳି ସୁଦ୍ଧା ନ ମାରି କିଲ୍ଲା ଛାଡ଼ି ଦେଲା ।

ପଞ୍ଜାବର ସରଦାରମାନେ ଯେସମସ୍ତ ସୈନ୍ୟ ସାହାଯ୍ୟ ସ୍ୱରୂପ ଗବର୍ଣ୍ଣମେଣ୍ଟଙ୍କୁ ଦେଇ ଅଛନ୍ତି ସେମାନେ ଜେନେରଲ ରବର୍ଟସଙ୍କ ସାହାଯ୍ୟ ନିମିତ୍ତ କୁରମ ପ୍ରଦେଶକୁ ପ୍ରେରିତ ହେବେ ।

ଗବର୍ଣ୍ଣମେଣ୍ଟ ସମ୍ବାଦ ପାଇଅଛନ୍ତି କି ମୀର ଅଖୋରଙ୍କର ଖୋଗିଯାନି ପାହାଡ଼ରେ ଅପମୃତ୍ୟୁ ହେଲା । ଯାକୁବ ଖାଁନଙ୍କ ପକ୍ଷ ଘେନି ସୈନ୍ୟ ସଂଗ୍ରହ ନିମିତ୍ତ ସେ କାବୁଲରୁ ଉକ୍ତ ସ୍ଥାନକୁ ଯାଇଥିଲେ । ରବାଗଡ଼ର ସରଦାର ହେଦାଏତ ଖାଁନଙ୍କର ମୃତ୍ୟୁ ହୋଇଅଛି ଏବଂ ଉତ୍ତରାଧିକାରିତ୍ୱ ବିଷୟରେ ସେଠାରେ ବିବାଦ ଉପସ୍ଥିତ ହେବାର ସମ୍ଭାବନା ଅଛି । କଥିତ ହୁଅଇ ଯେ ଅମିର ଅବଧି ମୁଜାରିସରିଫରେ ଅଛନ୍ତି ଏବଂ ଆପଣା ପରିବାରବର୍ଗଙ୍କୁ ମେମିନାକୁ ପଠାଇ ଦେଇଅଛନ୍ତି । ଜେନେରଲ ଦାଉଦ ସାହ ଏବଂ ସାହାଗାଜି ଯୁସଫ ଏହି ଦୁହେଁ ଯାକୁବଖାଁନଙ୍କର ଅଧୀନରେ ଅଛନ୍ତି ଏବଂ ଅମିରଙ୍କ ଅଠର ପଲଟନ ସିପାହୀ ମଧ୍ୟରୁ ଯେତିକ ବାକି ଅଛନ୍ତି ସେମାନେ ବାଲାହିସାରୁ ଏବଂ ସିରବାଦ ଛାଉଣିରେ ସମ୍ମିଳିତ ହୋଇଅଛନ୍ତି । ଅବଧି ସୈନ୍ୟମାନେ କାର୍ଯ୍ୟ ଛାଡ଼ି ପଳାଉ ଅଛନ୍ତି ଏବଂ ନଗରର ବହିର୍ଦ୍ଦେଶରେ ଯାକୁବଖାଁନଙ୍କ ଅଧିକାର ପ୍ରାୟ କିଛିମାତ୍ର ନାହିଁ ।

କାବୁଲ ଯୁଦ୍ଧ ବିଷୟରେ କେବଳ ଉପରଲିଖିତ ସମ୍ବାଦମାନ ଏ ସପ୍ତାହରେ ଆସିଅଛି । ପାଠକମାନେ ଦେଖିବେ ଏ ଯୁଦ୍ଧ ସମ୍ପର୍କରେ ଆଉ ନୂଆକଥା କିଛି ନାହିଁ । ଇଂରାଜ ସେନା ମନକୁ ଯହିଁ ମାଡ଼ି ଯାଉଅଛନ୍ତି ଏବଂ ଶତ୍ରୁ ପକ୍ଷରୁ କିଛି ବାଧା ନାହିଁ ଅଥଚ ଯୁଦ୍ଧର ବ୍ୟୟ ଦିନକୁ ଦିନ ବୃଦ୍ଧି ହେଉଅଛି । ଏପରି ଗୋଳମାଳ କେବେ ଶେଷ ହେବ କିଛି ଜଣାଯାଇ ନାହିଁ ।

---

## ପୁଣି ଗୋଟାଏ ମୁଦ୍ରାଯନ୍ତ୍ର ।

ଅନ୍ୟ ସ୍ଥାନରେ ପ୍ରକାଶ ହୋଇଥିବା ବିଜ୍ଞାପନରୁ ପାଠକମାନେ ଜାଣିବେ ଯେ ମୟୂରଭଞ୍ଜର ମହାରାଜା ଗୋଟିଏ ମୁଦ୍ରାଯନ୍ତ୍ର ଆପଣା ରାଜଧାନୀରେ ସ୍ଥାପନ କରି ଖଣ୍ଡିଏ ପାକ୍ଷିକପତ୍ରିକା ବାହାର କରିବାର ସ୍ଥିର କରିଅଛନ୍ତି । ମହାରାଜାଙ୍କର ଏ ବାଞ୍ଛା କାହିଁକି ହେଲା ଆମ୍ଭେମାନେ କହି ନ ପାରୁଁ । ପ୍ରକାଶ୍ୟରେ ବୋଧ ହୁଅଇ ଯେ ଦେଶର ଅନ୍ୟାନ୍ୟ ଉନ୍ନତି ମଧ୍ୟରେ ମୁଦ୍ରାଯନ୍ତ୍ର ସ୍ଥାପନକୁ ଗୋଟିଏ ପ୍ରଧାନ ଜ୍ଞାନ କରି ତଦ୍ଦ୍ୱାରା ଶିକ୍ଷା ବିସ୍ତାର ଆଶାରେ ମହାରାଜା ଏଥିରେ ପ୍ରବୃତ୍ତ ହୋଇଅଛନ୍ତି ନୋହିଲେ ଓଡ଼ିଶାରେ କି ମୁଦ୍ରାଯନ୍ତ୍ରର ଅଭାବ ଅଛି ଅଥବା ତଦ୍ଦ୍ୱାରା ମହାରାଜାଙ୍କର ପ୍ରୟୋଜନୀୟ କାର୍ଯ୍ୟ ସବୁ ହୋଇପାରୁ ନାହିଁ ଯେ ତହିଁ ନିମନ୍ତେ ଆପଣା ବ୍ୟୟରେ ମହାରାଜା ଗୋଟିଏ ମୁଦ୍ରାଯନ୍ତ୍ର ଆପଣା ରାଜଧାନୀରେ ସ୍ଥାପନ କଲେ । ଯଦ୍ୟପି ଜନସାଧାରଣଙ୍କୁ ଶିକ୍ଷା ଦେବା ନିମନ୍ତେ ମହାରାଜା ଏ ପାକ୍ଷିକ ପତ୍ରିକାକୁ ବାହାର କରିବାର ସ୍ଥିର କରିଥାନ୍ତି ତେବେ ନିଶ୍ଚୟ ବୋଲି ଯାଇପାରେ ଯେ ଏହା ଦ୍ୱାରା ଅଧିକ ଉପକାର ହେବ ନାହିଁ । ଓଡ଼ିଶାରେ ବର୍ତ୍ତମାନ ଚାରିଖଣ୍ଡ ସମ୍ବାଦପତ୍ର ଅଛି । ଗ୍ରାହକ ଅଭାବରୁ କାହାର ଉନ୍ନତି ହୋଇପାରୁ ନାହିଁ । ଏଥି ଉପରେ ଆଉ ଖଣ୍ଡେ ହେଲେ ଯେ ଅଧିକ ଗ୍ରାହକ ଆକର୍ଷଣ କରିବ ତାହା ସମ୍ଭବ ହେଉ ନାହିଁ ସୁତରାଂ ମୂଲ୍ୟ ଦେଇ ଅଧିକାଂଶ ଲୋକ ଯେବେ ନ ପଢ଼ିବେ ତେବେ ପତ୍ରିକାଦ୍ୱାରା ବିଶେଷ କି ଉପକାର ହେବ । ମହାରାଜା କିଛି ଅନ୍ୟ ଲୋକପରି ଅର୍ଥର ପ୍ରତ୍ୟାଶୀ ନୁହନ୍ତି ଯେ ପତ୍ରିକାଦ୍ୱାରା କିଞ୍ଚିତ୍ ଆୟ ହେଲେ ତାହାଙ୍କର ଉପକାର ହେବ । ଯେବେ ମହାରାଜା କୌଣସି ପତ୍ରିକା ବାହାର କରିବେ ତାହା ବିନାମୂଲ୍ୟରେ ବିତରଣ କରିବାର ଉଚିତ ଯେମନ୍ତ କି ବର୍ତ୍ତମାନର ମହାରାଜା ମହାଶୟ ଏବଂ ଅନ୍ୟ ସମ୍ଭ୍ରାନ୍ତବ୍ୟକ୍ତିମାନେ ଅନେକାନେକ ପୁସ୍ତକ ବିନାମୂଲ୍ୟରେ ବିତରଣ କରିଥିଲେ । କିନ୍ତୁ ଏଥିରେ ମଧ୍ୟ ଯେ ଅଧିକ ଉପକାର ହେବ ତାହା ଆମ୍ଭେମାନେ ଦେଖୁ ନାହୁଁ ବରଂ ଅନ୍ୟାନ୍ୟ ସମ୍ବାଦପତ୍ରର ଅନିଷ୍ଟ ଘଟି ପାରେ କାରଣ ଖଣ୍ଡିଏ କାଗଜ ବିନାମୂଲ୍ୟରେ ପ୍ରାପ୍ତ ହେଲେ ମୂଲ୍ୟ ଦେଇ କେହି କିଣିବାକୁ ଆଗ୍ରହ କରିବେ ନାହିଁ । ଆମ୍ଭେମାନେ ଅନୁମାନ କରୁ କି ମୁଦ୍ରାଯନ୍ତ୍ର ଆଣିବାରେ ମହାରାଜା କୌଣସି ଭ୍ରମରେ ପଡ଼ିଅଛନ୍ତି । ଓଡ଼ିଶାରେ ମୁଦ୍ରାଯନ୍ତ୍ରର ଅଭାବ ନାହିଁ କିନ୍ତୁ ମୁଦ୍ରାଯନ୍ତ୍ରର ସହାୟ କେହି ନାହିଁ । ଗବର୍ଣ୍ଣମେଣ୍ଟ ଏତେକାଳ ମୁଦ୍ରାଯନ୍ତ୍ରମାନଙ୍କୁ ପ୍ରତିପାଳନ କରି ଆସୁଥିଲେ ଏବେ ତାହା ରହିତ ହେବାରୁ ମୁଦ୍ରାଯନ୍ତ୍ରମାନଙ୍କର ଅବସ୍ଥା ଅତି ମନ୍ଦ । ଏଥିରେ ମହାରାଜା ଆଉ ଗୋଟିଏ ଯନ୍ତ୍ର ଆଣିବାରେ ଏହି ହେଲା କି ମହାରାଜାଙ୍କ ଯୋଗେ ଅନ୍ୟାନ୍ୟ ଯନ୍ତ୍ରାଳୟମାନଙ୍କର ଯଦ୍ୟପି କିଛି ଉପକାର ହୋଇପାରନ୍ତା ତାହା ଆଉ ହେବ ନାହିଁ । ମହାରାଜା ଯେବେ ପ୍ରକୃତ ହିତର ଚେଷ୍ଟା କରନ୍ତେ ତେବେ ସେ ଅନାୟାସରେ ଦେଖିପାରନ୍ତେ ଯେ ତାହାଙ୍କ ଅତି ନିକଟ ବାଲେଶ୍ୱର ନଗରରେ ଦୁଇଟା ପ୍ରେସ ଅଛି ଓ ଯଦ୍ୟପି ଏ ଦୁଇଟା ମଧ୍ୟରୁ ଗୋଟାଏ ପ୍ରେସକୁ ସେ ସାହାଯ୍ୟ କରନ୍ତେ (ଅବଶ୍ୟ ଏକ ପ୍ରେସ ବୈକୁଣ୍ଠ ବାବୁଙ୍କର ଥିବାରୁ ତହିଁକି ସାହାଯ୍ୟର ପ୍ରୟୋଜନ ନାହିଁ) ତେବେ ତାହାଙ୍କର ଅଧିକ ସୁଖ୍ୟାତି ହୁଅନ୍ତା ଓ ତାହାଙ୍କର ପ୍ରୟୋଜନୀୟ କାର୍ଯ୍ୟମାନ ଅନାୟାସରେ ହୋଇ ପାରନ୍ତା । ଯାହା ସାମାନ୍ୟ ଲୋକର ଅସାଧ୍ୟ ରାଜା ମହାରାଜାଙ୍କୁ ସେ ସମସ୍ତର ଅନୁଷ୍ଠାନ କରିବା ଉଚିତ ତାହାହେଲେ ସେମାନଙ୍କର ମହତ୍ତ୍ୱ ପ୍ରକାଶ ପାଇବ । ତହିଁର ବିପରୀତ କାର୍ଯ୍ୟରେ ସମାଜର କ୍ଷତି ଭିନ୍ନ ମଙ୍ଗଳ ଦେଖୁ ନାହୁଁ । ମହାରାଜା ଖଣ୍ଡିଏ ନୂତନ ପତ୍ରିକା ବାହାର ନ କରି ଖଣ୍ଡିଏ ପ୍ରଚଳିତ ପତ୍ରିକାର ଉନ୍ନତି ସାଧନ କରିବାକୁ ଚେଷ୍ଟା କରନ୍ତୁ ଏବଂ ଗୋଟାଏ ମୁଦ୍ରାଯନ୍ତ୍ର ସ୍ଥାପନ ନ କରି ବର୍ତ୍ତମାନରେ ଯେ ସମସ୍ତ ମୁଦ୍ରାଯନ୍ତ୍ର ଅଛି ତହିଁର କୌଣସି ଏକକୁ ଯଥାବିଧି ସାହାଯ୍ୟ ଦେଇ ତଦ୍ଦ୍ୱାରା କୌଣସି ଅଧିକ ବ୍ୟୟସାଧ୍ୟ ପୁସ୍ତକ ମୁଦ୍ରିତ କରାଇ

Digitized by srujanika@gmail.com

Split by PDF Splitter



ପ୍ରସ୍ତୁତ କରନ୍ତୁ ତାହାହେଲେ ମହାରାଜାଙ୍କ ଯୋଗେ ସର୍ବସାଧାରଣଙ୍କର ଯଥାର୍ଥ ଉପକାର ହେବ। ପ୍ରତ୍ୟେକ ଧନାଢ୍ୟ ଯାଞ୍ଚିଲେ ଗୋଷ୍ଠୀଏକେଶାଁଏ ମହାଯନ୍ତ୍ର ଆପଣା ଘରେ ବସାଇ ପାରନ୍ତି। ଏଥିରେ କେବଳ ବୃଥା ବ୍ୟୟ ଓ ସାଧାରଣ ଅଚକ୍ଷୁ ହେବ ମଙ୍ଗଳ କିଛି ନାହିଁ।

---

## ଖଜଣା ଆଦାୟର ନୂତନ ଆଇନ।

ଆମ୍ଭେମାନେ ଆଗତ ସପ୍ତାହରେ ଏ ଆଇନର ଏକଅଂଶର ସମାଲୋଚନା କରିଥିଲୁଁ। ଖଜଣା ଆଦାୟର ଯେଉଁ ସହଜ ଉପାୟ ଜମିଦାରଙ୍କୁ ଦେବାର ପ୍ରସ୍ତାବ ହୋଇଅଛି କେବଳ ତହି ସମ୍ପର୍କରେ କେତେକ କଥା କହିଥିଲୁଁ। ଆଇନଟିର ନାମଦୃଷ୍ଟିରେ ଯଦ୍ୟପି ବୋଧ ହେଉଅଛି କି ଏଥିରେ ଖଜଣା ଆଦାୟର ଉପାୟ ଭିନ୍ନ ଆଉ କିଛି ନାହିଁ ମାତ୍ର ପ୍ରକୃତ କଥା ତାହା ନୁହେ। ଆଇନରେ ଗୋଟିଏ ବଡ଼ ପରିବର୍ତ୍ତନର ସୂତ୍ରପାତ ହୋଇଅଛି ଓ ସେ ପରିବର୍ତ୍ତନ ଯୋଗୁ ଅନେକ ବାଦାନୁବାଦ ହେବାର ସମ୍ଭାବନା ଦେଖାଯାଏ।

ପରିବର୍ତ୍ତନଟି ଏହି ଯେ ପ୍ରଚଳିତ ଆଇନଦ୍ୱାରା ପ୍ରଜାକୁ ଯେଉଁ ଯୋତ ସତ୍ତ୍ୱ ଦିଆଯାଇଅଛି ତାହା ହସ୍ତାନ୍ତର କରିବାର କ୍ଷମତା ପ୍ରଜାକୁ ଦେବା। ଆମ୍ଭେମାନେ ପୂର୍ବରୁ ପାଠକଙ୍କୁ ଜଣାଇଅଛୁଁ କି ଗବର୍ଣ୍ଣମେଣ୍ଟ ଯେମନ୍ତ ଜମିଦାରକୁ ଖଜଣା ଉସୁଲ ବିଷୟରେ ସହଜ ଉପାୟ ଦେଉଅଛନ୍ତି ତେମନ୍ତ ପ୍ରଜାକୁ କୌଣସି ଗୋଟିଏ ସୁବିଧା ନ ଦେଲେ ନିରପେକ୍ଷତା ରହିପାରିବ ନାହିଁ ଏହି ଲାଗି ଗବର୍ଣ୍ଣମେଣ୍ଟ ପ୍ରଜାକୁ ଯୋତସତ୍ତ୍ୱ ବିକ୍ରୟ କରିବାର କ୍ଷମତା ଦେଉଅଛନ୍ତି। ଏଥିରେ ଗବର୍ଣ୍ଣମେଣ୍ଟଙ୍କର ଉଦ୍ଦେଶ୍ୟ ଏହି କି ପ୍ରଜାଦ୍ୱାରା ଭୂମିର ଉତ୍କର୍ଷ ସାଧନ ହୁଅଇ ଓ ହେବାର ସମ୍ଭାବନା। ମାତ୍ର କୃଷିଭୂମି ଉପରେ ପ୍ରଜାର ସତ୍ତ୍ୱ ନିଶ୍ଚିତପ୍ରକାରର ନ ହେଲେ ଉନ୍ନତିବିଷୟକୁ ତାହାର ମନ ଯିବ ନାହିଁ। ଯଦ୍ୟପି ପ୍ରଜାର କିଛି ସ୍ଥାୟିତ୍ୱ ଭୂମି ଉପରେ ହେବ ତେବେ ସେ ଯଥାସାଧ୍ୟ ବ୍ୟୟ ଓ ପରିଶ୍ରମଦ୍ୱାରା ଭୂମିର ଉତ୍କର୍ଷଶକ୍ତି ବୃଦ୍ଧି କରିବାକୁ ଉତ୍ସାହିତ ହେବ କାରଣ ସେ ଜାଣିପାରିବ କି ଯେକିଛି ଉନ୍ନତି ସେ କରିବ ତହିଁର ଫଳ ସେହି ଏକା ଭୋଗ କରିବ। ଏଥିଲାଗି ଯୋତସତ୍ତ୍ୱ ନିଶ୍ଚୟରୂପେ ସ୍ଥିର କରିବା ଓ ତାହା ହସ୍ତାନ୍ତର ଯୋଗ୍ୟ କରିବା ଆବଶ୍ୟକ ଜ୍ଞାନ କରି ସଂସ୍ଥାପକ ସଭା ନୂତନ ଆଇନର ଏ ବିଷୟରେ କେତେଗୁଡ଼ିଏ ବିଧି ନିର୍ଦ୍ଦେଶ କରିଅଛନ୍ତି। ପ୍ରଚଳିତ ଆଇନରେ କୌଣସି ପ୍ରଜା ଯୋତସତ୍ତ୍ୱ ଲାଭ କରିପାରେ ମାତ୍ର ନୂତନ ଆଇନରେ ବିଧି ହୋଇଅଛି କି କେବଳ କୃଷୀ ଯୋତସତ୍ତ୍ୱ ଲାଭ କରିପାରିବ ଅନ୍ୟ କୌଣସି ପ୍ରକାର ମଧ୍ୟବର୍ତ୍ତୀ ପ୍ରଜା ତାହା ଲାଭ କରିପାରିବ ନାହିଁ। ପୁଣି କୌଣସି କୃଷୀ ଜମିଦାରର ଅନୁମତି ବିନା ଦରପତ୍ତନୀ ଦେଇପାରିବ ନାହିଁ ଓ ଯେବେ ଜମିଦାରର ଅନୁମତି ସହିତ ଦେବ ତେବେ ତାହାର ଯୋତସତ୍ତ୍ୱ ରହିବ ନାହିଁ ମାତ୍ର ଦରପତ୍ତନୀ ସୂତ୍ରେ ଯେ ଚାଷ କରିବ କାଳକ୍ରମେ ସେ ଯୋତସତ୍ତ୍ୱ ଲାଭ କରିପାରିବ। ଯୋତସତ୍ତ୍ୱ ଉତ୍ତରାଧିକୃତ ଓ ହସ୍ତାନ୍ତର ହୋଇ ପାରିବ ଏବଂ ଉତ୍ତରାଧିକାରିତ୍ୱ ଅଥବା କ୍ରୟସୂତ୍ରେ କେହି ଯୋତସତ୍ତ୍ୱ ପ୍ରାପ୍ତ କଲେ ଜମିଦାରର ସେରସ୍ତାରେ ଅଳ୍ପ ଫି ଦେଇ ତାହା ରେଜେଷ୍ଟରୀ କରାଇ ପାରିବ ଏବଂ ଜମିଦାର ରେଜେଷ୍ଟରୀ ନ କଲେ ଅଦାଲତର ଆଜ୍ଞାକ୍ରମେ ଜମିଦାର ତାହା କରିବାକୁ ବାଧ୍ୟ ହେବ। ମାତ୍ର କୃଷୀ ଭିନ୍ନ ଆଉ କାହାରପକ୍ଷରେ ବିକ୍ରୟସିଦ୍ଧ ହେବ ନାହିଁ।

ଉପରଲିଖିତ ବିଧିମାନଙ୍କରୁ ପାଠକମାନେ ଦେଖିବେ କି ଯେ ପ୍ରକୃତ କୃଷୀ କେବଳ କେହି ଯୋତସତ୍ତ୍ୱ କ୍ରୟ କରିପାରିବ ଅନ୍ୟ କାହାର ପକ୍ଷରେ ଯୋତସତ୍ତ୍ୱର ହସ୍ତାନ୍ତର ସିଦ୍ଧ ହେବ ନାହିଁ। ଅର୍ଥାତ୍ ଗବର୍ଣ୍ଣମେଣ୍ଟ ପ୍ରଜାକୁ ଗୋଟିଏ ପ୍ରଧାନ ସତ୍ତ୍ୱ ଦେବାକୁ ସଂକଳ୍ପ କଲେହେଁ ତାହା ସମ୍ପୂର୍ଣ୍ଣରୂପେ ଦେବାକୁ ସାହସ କରୁ ନାହାନ୍ତି। ହସ୍ତାନ୍ତର ସତ୍ତ୍ୱକୁ ସୀମାବଦ୍ଧ କରିବାର ଏହି ହେତୁ ପ୍ରଦର୍ଶିତ ହୋଇଅଛି କି ପ୍ରଜାମାନେ ଅନେକ ସ୍ଥାନରେ ମହାଜନଙ୍କଠାରୁ ଟଙ୍କା ଋଣ କରି ପରିଶେଷରେ ଋଣପାଶରେ ଏପ୍ରକାର ଆବଦ୍ଧ ହୁଅନ୍ତି ଯେ ତହିଁରୁ ନିସ୍ତାର ପାଇବାର ଆଉ ଆଶା ନ ଥାଏ। ଏସ୍ଥଳେ ଯେବେ ପ୍ରଜାର ଯୋତସତ୍ତ୍ୱ ଯେ କେହି କ୍ରୟ କରିପାରିବାର ନିୟମ ହେବ ତେବେ ମହାଜନମାନେ ଅଧିକାଂଶ ସ୍ଥଳରେ ତାହା କ୍ରୟ କରିବେ ସୁତରାଂ ଭୂମି ସମସ୍ତ ପ୍ରକୃତ କୃଷୀ ହାତରୁ ବାହାରିଯାଇ ମହାଜନଙ୍କ ହାତରେ ପଡ଼ିବ। ଯେହେତୁ ମହାଜନଦ୍ୱାରା ଭୂମିର ଉନ୍ନତି ସାଧନ ହେବାର ସମ୍ଭାବନା ନାହିଁ ଅତଏବ ଏପ୍ରକାର ହସ୍ତାନ୍ତରଦ୍ୱାରା ହସ୍ତାନ୍ତର ସତ୍ତ୍ୱ ଦେବାର ମୂଳ ଅଭିପ୍ରାୟ ନଷ୍ଟ ହେବ। ଏହି କାରଣରୁ କେବଳ କୃଷୀପକ୍ଷରେ ହସ୍ତାନ୍ତର ସିଦ୍ଧ ହେବାର ନିୟମ ହୋଇଅଛି। ମାତ୍ର ଆମ୍ଭେମାନେ ସ୍ୱୀକାର କରୁଅଛୁଁ ଯେ ଏ ଯୁକ୍ତିର ଅନୁଗାମୀ ଆମ୍ଭେମାନେ ହୋଇ ପାରିଲୁଁ ନାହିଁ। ମହାଜନ କୃଷୀ ଅପେକ୍ଷା ଲାଭକୁ ଅଧିକ ଚାହିଁ ସନ୍ଦେହ ନାହିଁ। ଟଙ୍କାର ସୁଧ ଯାଗରେ ଜମିର ଲାଭ ଯେବେ ଅଧିକ ଦିଶିବ ତେବେ ମହାଜନ ମହାଜନୀ ଛାଡ଼ି ଚାଷ କରିବ ଓ ଯେବେ ଭୂମିରେ କମ୍ପା ଚାଷରେ ତାହାର ଲୋଭ ନ ଥିବ ଅଥବା ତହିଁରେ ଅଧିକ ଲାଭ ପାଇବାର ଆଶା ନ ଦେଖିବ ତେବେ ସେ ଟଙ୍କା ଛାଡ଼ି ଜମି କିଣିବାକୁ କାହିଁକି ପ୍ରବୃତ୍ତ ହେବ? ପକ୍ଷାନ୍ତରେ ପ୍ରଜା ଦୁଃଖୀ ସେ ଅଧିକ ଟଙ୍କା ବ୍ୟୟକରି ଭୂମିର ଉନ୍ନତି ସାଧନ କରି ନ ପାରେ କିନ୍ତୁ ମହାଜନ ଋଣ ଦେଇଥିବା ଟଙ୍କା ପରିଶୋଧ କରିବାର ଉପାୟାନ୍ତର ନ ଦେଖି ଯେବେ ଜମି କିଣିବାକୁ ବାଧ୍ୟ ହେବ ଅଥବା ଜମିରେ ଅଧିକ ଲାଭ ହେବା ଆଶାରେ ଜମି କିଣିବାକୁ ପ୍ରବୃତ୍ତ ହେବ ତେବେ ସେ ଧନଶାଳୀ ଏବଂ ଲାଭାକାଂକ୍ଷୀ ଥିବାରୁ ନିଶ୍ଚୟ ବୋଧ ହୁଅଇ ଯେ ଅଧିକ ବ୍ୟୟ ଓ ଯତ୍ନ କରି ଜମିରୁ ଅଧିକ ଲାଭ ପାଇବାର ଚେଷ୍ଟା କରିବ ଏମନ୍ତ ହେଲେ ଯେଉଁ ଆଶଙ୍କାରେ ଗବର୍ଣ୍ଣମେଣ୍ଟ ମହାଜନକୁ ଯୋତସତ୍ତ୍ୱ ଅଧିକାର କରିବାରୁ ଅନ୍ତରରେ ରଖିବାର ଉପାୟ କରୁଅଛନ୍ତି ତାହା କେବଳ ବ୍ୟର୍ଥ ହେବ ଏମନ୍ତ କି ତଦ୍ୱାରା କୌଣସି ମଙ୍ଗଳ ନ ହୋଇ ବରଂ ତହିଁର ବିପରୀତ ଫଳ ଫଳିବ।

ପ୍ରଜା ପକ୍ଷରେ ଯୋତସତ୍ତ୍ୱ ହସ୍ତାନ୍ତର କରିବାର କ୍ଷମତା ହିତକର ଅଟଇ କି ନା ଏ ବିଷୟରେ ମଧ୍ୟ ଅନେକ ମତଭେଦ ଅଛି କିନ୍ତୁ ଆମ୍ଭମାନଙ୍କ ଜାଣିବାରେ ପ୍ରଜାମାନେ ଯେ ଯୋତସତ୍ତ୍ୱ ଏବଂ ତହିଁ ଉପରେ କ୍ଷେତ୍ର କ୍ଷମତା ଲୋଡ଼ୁଅଛନ୍ତି ଏଥିରେ କିଛି ସନ୍ଦେହ ନାହିଁ। ଜମିଦାର ଓ ପ୍ରଜା ମଧ୍ୟରେ ଅଧିକାଂଶ ବିବାଦର ମୂଳ ଏହି ସତ୍ତ୍ୱ ଉପରେ ନିର୍ଭର କରଇ। ପ୍ରଜାକୁ ବେଦଖଲ କରିପାରିଲେ ଜମିଦାରର ଲାଭ ଏଣୁ ଥାନିଜମିରୁ ସ୍ଥିତି ପ୍ରଜାଙ୍କୁ ଛଳେ କୌଶଳେ ବେଦଖଲ କରିବାକୁ ଜମିଦାର ଚେଷ୍ଟା କରଇ। ଅବଶ୍ୟ ନୂତନ ଆଇନଦ୍ୱାରା ସ୍ଥାନୀ ସତ୍ତ୍ୱ ହସ୍ତାନ୍ତର ହୋଇପାରିବ ନାହିଁ କାରଣ ନୂତନ ଆଇନ ପ୍ରଚଳିତ ହେଲେ ଯେ ଥାନିପଟ୍ଟାର ନିୟମକୁ ଅନ୍ୟଥା କରିବ ଏମନ୍ତ

Digitized by srujanika@gmail.com

Split by PDF Splitter



# SUPPLEMENT to the "UTKUL DIPIKA"

8th. February 1879.

To the Editor of "Utkala Deepica"
CUTTACK.

My dear Sir :—

Will you kidly allow me a space in your valuable Journal for the insertion of the following :—

On the bright day of the 12th. of December 1878, the Insignia of the most exalted order of Companion of the Indian Empire was conferred upon the Sri Rajah of Mandasa by G. D. Leman Esqr. the Collector and Governor's Agent of Ganjam. The Collector came with a part of his establishment on the 6th. of December and remained a week at Mandasa. A large and magnificent Pendal was erected in his Palace by the Sri Rajah at his own cost for the grand occasion. The Pendal itself cost him more than a thousand rupees, and a beautiful dais was prepared in the centre of the Pendal which appeared to be the chief ornament to it.

The ceremony began at 7 P. M. The main street through which the Collector was taken from his Bungalow to the Raja's fort on the Howdah of the largest Elephant of the Sri Rajah was lit on either side by three rows of lights. The Collector arrived in the Pendal at 8½ P. M. after a ceremonial progress through the town amidst fireworks that were of various colours and descriptions. The Rajah received him with respect and both of them seated themselves on the Dais. On the right side of the Dais the Collector's establishment and other respectable Government Officers took their appointed seats, while on the left the Rajah's establishment and his friends and relatives that were invited for the occasion were respectfully received and seated in order by Baboo Sri Narayana Bodojenna Santo, the able Head Dewan of Mandasa. On either side of the Pendal, the Rajah's Payiks with muskets on their shoulders arranged themselves in rows to maintain perfect order and quiet, and fired a cheer while the Rajah and the Collector took their seats. In about 5 minutes the whole audience observed silence and seemed inquisitive to see what would follow. Her Imperial Majesty's grant to the Sri Rajah and its Telugu and Oriya translations were then read with great solemnity, during which the Collector, the Rajah and the whole audience remained standing; three cheers were poured forth by the assemblage after the reading. The Collector then rose up from his seat, and with the Insignia in his hands addressed Rajah thus:—

"The Sri Rajah of Mandasa—It is a great pleasure to me that I have the duty of delivering to you the Insignia of the order of the Indian Empire, and I have great satisfaction in announcing to you that it has been Her Majesty's pleasure to select you for this favour—a favour which I trust you may long enjoy."

The Collector then approached the Rajah and pinned upon his coat the Insignia of C. I. E. He then bowed to the Insignia and the Rajah who expressed his thankfulness to the Collector by throwing round his neck three flower wreaths and giving him attur and Lavender. Three hearty cheers were then given for the Sri Rajah by his armed Payiks.

The Rajah then presented to the Collector for submission an address expressing his gratitude to Her Imperial Majesty, Victoria, the Sovereign of the order of the Indian Empire, which the Collector permitted to be read in the Durbar. The following is a copy of it.

"To her most gracious Majesty Victoria, Queen of the United Kingdom of great Britain and Ireland, Defender of the faith, Empress of India, and Sovereign of the order of the Indian Empire.

May it please your Majesty,

The assumption by Your Majesty of the direct control of Your Indian Empire was hailed with sentiments of the deepest loyalty by the people of India; and on that occasion I expressed my humble but heartfelt congratulations and welcome.

2. Now that Your Imperial Majesty has been pleased to select me among the Zemindars of the Madras Presidency, for the purpose of conferring upon me the newly created title of COMPANION OF THE ORDER OF THE INDIAN EMPIRE words fail me to express the sense of gratitude, I entertain for the honor conferred upon me.

3. Your Majesty's most gracious expression of Your approbation will be ever remembered by me and by my descendant, and the precious jewel which it has pleased Your Majesty to bestow upon me as a token of Your Majesty's Royal Favour, has marked a new epoch in the history of my house, and will be preserved as the most sacred of our heirlooms, to stimulate me and my offspring after me, to still further deeds of devotion and loyalty towards so august and so gracious a sovereign.

4. I pray that Your Imperial Majesty may hold long and happy reign, and I am.

Your Imperial Majesty's most obedient and most dutiful subject.

Mandasa<br>Ganjam District<br>Madras Presidency<br>1st January 1879. } Sri Zemindar of MANDASA."

The people of the Sri Rajah then presented to him an address in Telugu in which they expressed fully all the benevolent deeds performed by the Rajah for the good of the public in general as well as for the well—being of his subjects.

A display of wonderful fire works was then made before the Pendal. Next followed the dramatic performances. Each set of dramatists was called forward and allowed ten minutes' time to display its performance.

In the meanwhile *attur* and *pan* were distributed among the assembly by the Head and assistant Dewans of the Rajah.

The Durbar having been declared to be at an end, the proceedings terminated, and the company separated.

29th January 1879. Yours &c.
A Spectator.

Digitized by srujanika@gmail.com

Split by PDF Splitter



Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭା ୧୦ ଗ } ତା ୧୪ ରଖ ମାହେ ଫିବ୍ରୁଏରି ସନ ୧୮୭୯ ମସିହା । ମୂ । ଫାଲ୍‌ଗୁନ ବ ୪ ନ ସନ ୧୨୮୬ ସାଲ ଶନବାର
ସ ୭ ଖ୍ୟା

{ ଅଗ୍ରିମ ବାର୍ଷିକମୂଲ୍ୟ ଟ୬୯
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬୯
ମଫସଲଙ୍କପାଇ ଡାକମାସୁଲ ଟ୧୫୯

କାଉପୁରର ଜମିଦାର ବାବୁ ଗୋବିନ୍ଦଚନ୍ଦ୍ରଭ ଗ୍ୟୁ ଭରତେଶ୍ୱରୀ ଅଷ୍ଟାଲିକା ନିମିତ୍ତ ୫ ୨୫ ଙ୍କା ଭେଦା ଦେବାକୁ ସ୍ୱୀକାର କର ଆମ୍ଭମାନଙ୍କ ନିକଟକୁ ପତ୍ର ଲେଖିବାରୁ ଆମ୍ଭେମାନେ ଅତ୍ୟନ୍ତ ଆଦର ସହିତ ତାହାଙ୍କ ନାମ ଭେଦାଦାତାଙ୍କ ତାଲିକାରେ ଲେଖାଇ ଦେଲୁଁ । ଭରସାକରୁଁ ଅନ୍ୟାନ୍ୟ ମହାଶୟମାନେ ଭେଦା ଦେବାକୁ ଏହିପରି ତତ୍ପର ହେବେ ।

———

ଶ୍ରୀଯୁକ୍ତ ଡାମ୍ପୀୟର ସାହେବ ବୋର୍ଡର ମେମ୍ବର ଗତ ସୋମବାରଠାରୁ ଏଠାରେ ପହଞ୍ଚି ଖୋର୍ଦ୍ଧା ବନ୍ଦୋବସ୍ତ ସମ୍ପର୍କୀୟ କାର୍ଯ୍ୟମାନ ବୁଝୁଅଛନ୍ତି ଏବଂ ସେଥିପାଇ ପୁରୀର କଲେକ୍ଟର ଖୋର୍ଦ୍ଧା ବନ୍ଦୋବସ୍ତର ଡେପୁଟୀ କଲେକ୍ଟର ଏବଂ ଖୋର୍ଦ୍ଧାର ସରବେୟର ସାହେବମାନେ ଏଠାକୁ ଆସିଅଛନ୍ତି । କଥିତ ହୁଅଇ ସାହେବ ପ୍ରଶଂସିତ ବନ୍ଦୋବସ୍ତର ସମସ୍ତ ଶୃଙ୍ଖଳା ଏହିଠାରେ ବସି ବାନ୍ଧିଦିବେ ।

—*—

କାବୁଲରୁ ଆସିଥିବା ସରକାରୀ ସମ୍ବାଦରୁ ଜଣାଯାଏ ଯେ କାବୁଲରେ ଅନ୍ତର୍ବିବାଦ ଆରମ୍ଭ ହୋଇଅଛି ୟାକୁବଖାନ ଏବଂ ଜଙ୍ଗଲ ଜନ୍ମଙ୍କ ମଧ୍ୟରେ ବିବାଦ ଲାଗିଅଛି ଏଥିପାଇ ଅନେକ ସରଦାର ଆପଣା ପରିବାର ସହିତ କାବୁଲରୁ ବାହାରି ଯାଇଅଛନ୍ତି । କଥିତ ହୁଅଇ ଯେ ତୁରକସ୍ଥାନରେ ଅମିରଙ୍କର ସମ୍ପତ୍ତିବ୍ୟାହାରୀ ଲୋକଙ୍କମଧ୍ୟରୁ ଅନେକଲୋକ ପୀଡ଼ିତ ହୋଇଅଛନ୍ତି ଓ ସରଦାରୀ ଗଦିଲଭ କରିବା ଆଶାରେ ନବାଗିବାଜାରରେ ଯୁଦ୍ଧ ଆରମ୍ଭ ହୋଇଅଛି ।

———

ଶ୍ରୀମତୀ କାଦମ୍ବିନୀ ବସୁ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କେବଳ ଆପେ କୃତକାର୍ଯ୍ୟ ହୋଇଅଛି ଏମନ୍ତ ନୁହେ ତ ଭବିଷ୍ୟତରେ ଯେଉଁ ସ୍ତ୍ରୀମାନେ ଉତ୍ତୀର୍ଣ୍ଣ ହେବେ ତାହାଙ୍କ ସକାଶେ ବୃତ୍ତି ଭିଆଇ ଅଛି କଲିକତା ଗଜେଟରେ ପାଠ କଲୁଁ ଯେ କାଦମ୍ବିନୀ ଦ୍ୱିତୀୟଶ୍ରେଣୀରେ ପାଶ କରିଅଛି ମାତ୍ର ଆଉ ଗୋଟିଏ ନମ୍ବର ପାଇଥିଲେ ପ୍ରଥମ ଶ୍ରେଣୀରେ ପାଶ କରିଥାନ୍ତା । ଡିରେକ୍ଟରଙ୍କ ଅନୁରୋଧକ୍ରମେ ଗବର୍ଣ୍ଣମେଣ୍ଟ ଏହାଙ୍କ ସକାଶେ ମାସିକ ୫ ୧୫ଙ୍କାର ଗୋଟିଏ ବୃତ୍ତି ମଞ୍ଜୁର କରିଅଛନ୍ତି ଏବଂ ଏଥି ଉପରେ ପଞ୍ଚାଶଟଙ୍କା ମୂଲ୍ୟର ପୁସ୍ତକ ଏକକାଳରେ ଦାନ କରିବାକୁ ଗବର୍ଣ୍ଣମେଣ୍ଟ ଆଜ୍ଞା ଦେଇଅଛନ୍ତି । ଏହି ଅବସରରେ ଗବର୍ଣ୍ଣମେଣ୍ଟ ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରୀଙ୍କ ସକାଶେ ବାର୍ଷିକ ଛଗୋଟି ବୃତ୍ତି ସ୍ଥାପନ କରିବାର ଆଜ୍ଞା ଦେଇଅଛନ୍ତି । ଫାଷ୍ଟଆର୍ଟସ ନିମିତ୍ତ ଯେଉଁ ଛାତ୍ରୀମାନେ ବିଶ୍ୱବିଦ୍ୟାଳୟର ନିୟମାନୁସାରେ ପାଠ କରିବେ ସେମାନେ ତାହା ପାଇବେ ।

———

ବାଗ୍‌ଶତ ନିବାସି ବାବୁ କ୍ଷେତ୍ରନାଥ ଭଟ୍ଟାଚାର୍ଯ୍ୟ ଯେ ସେ ବର୍ତ୍ତମାନ ଇନ୍ଦୋରରାଜ୍ୟର ଏକଜିକ୍ୟୁଟିବ ଇଞ୍ଜିନୀୟର ହୋଇଅଛନ୍ତି ସମ୍ପ୍ରତି ଗବର୍ଣ୍ଣମେଣ୍ଟଙ୍କ ହସ୍ତରେ ୧୫ ହଜାର ଟଙ୍କା ଦାନ କରିଥିବାରୁ କଲିକତା ଗଜେଟରେ ଗବର୍ଣ୍ଣମେଣ୍ଟ ତାହା ପ୍ରଚାର କରି ତାହାଙ୍କୁ ଧନ୍ୟବାଦ ଦେଇଅଛନ୍ତି । ଉକ୍ତ ଟଙ୍କାରେ କମ୍ପାନୀ କାଗଜ କ୍ରୟ ହେବ ଓ ଇହାର ବାର୍ଷିକ ସୁଧ ୫ ୬୨୫ ମଧ୍ୟରୁ ବାଗ୍‌ଶତ ଓ ତନ୍ନିକଟବାସି ଦୁଃଖୀ ଛାତ୍ରମାନଙ୍କର ଅଧ୍ୟୟନର ସାହାଯ୍ୟ ନିମିତ୍ତ ୫୬୦୦ଙ୍କା ବ୍ୟୟ ହେବ ଏବଂ ଅବଶିଷ୍ଟ ୫ ୨୫ଙ୍କା ବାଗ୍‌ଶତର ଡାକ୍ତରଖାନାକୁ ଦାନ ହେବ । କ୍ଷେତ୍ରନାଥ ବାବୁ ଏହାଦ୍ୱାରା ଏକକାଳରେ ସ୍ୱଦେଶାନୁରାଗ ଏବଂ ବିଦ୍ୟାନୁରାଗର ଯଥାର୍ଥ ପରିଚୟ ଦେଇଅଛନ୍ତି ଏବଂ ତାହା ପାଠ କରି ଅମ୍ଭେମାନେ ଅତ୍ୟନ୍ତ ପ୍ରୀତ ହୋଇ ତାହାଙ୍କର ପ୍ରଶଂସା ଘୋଷଣା କରୁଅଛୁଁ ।

———

### କଟକ କଲେଜ ।

ଗତ ବୀ, ଏ, ପରୀକ୍ଷାର ଫଲ ବାହାରିଅଛି । ଶୁଣାଯାଏ ଯେ ଏଥର ପ୍ରାୟ ଚଉଦ ଲୋକ ପରୀକ୍ଷା ଦେବାକୁ ଆସିଥିଲେ ତହିଁମଧ୍ୟରୁ କେବଳ ଛଅଜଣ ଉତ୍ତୀର୍ଣ୍ଣ ହୋଇ ଅଛନ୍ତି । ଲକ୍ଷ୍ମୌର କାନିଂକଲେଜ ସର୍ବପ୍ରଥମ ସ୍ଥାନ ପାଇଅଛି ତହିଁ ଉତ୍ତାରୁ ହୁଗଲି ଏବଂ ତହିଁ ଉତ୍ତାରୁ ପ୍ରେସିଡେନ୍‌ସି । ଲକ୍ଷ୍ମୌ କଲେଜ ପ୍ରେସିଡେନ୍‌ସିକୁ ଜିଣିଗଲା ବଡ଼ ପ୍ରଶଂସାର ବିଷୟ ଅଟଇ ।

Digitized by srujanika@gmail.com

Split by PDF Splitter



କଟକରୁ ଏଥର ସୁଦ୍ଧା କେତେଜଣ ଛାତ୍ର ପରୀକ୍ଷା ଦେବାକୁ ଯାଇ ଥିବାରୁ ଆମ୍ଭେମାନେ ଏ ପରୀକ୍ଷାର ଫଳକୁ ଅଧିକ ବ୍ୟଗ୍ରତା ସହିତ ଚାହିଁ ବସି ଥିଲୁଁ । ମାତ୍ର ଫଳ ଦେଖି ମନ ଅତ୍ୟନ୍ତ ଫିକାପଡିଗଲା । କଟକ କଲେଜର ନାମ ଆଦୌ ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରଙ୍କ ତାଲିକାରେ ନାହିଁ କେହି ଜଣେ ସୁଦ୍ଧା ପାସ କରି ନାହାନ୍ତି । ଦୁଇଥର ପରୀକ୍ଷା ଦେଲେ ଅଥଚ କିଛି ହେଲା ନାହିଁ ଏ ଦୋଷ କାହାର ବୋଲିବାକୁ ହେବ? ଉତ୍କଳ ଦର୍ପଣ ଓଡିଶାର କପାଳର ଦୋଷଦେଇ ଅଛନ୍ତି ଓ ତାହା ନିତାନ୍ତ ଅଯୌକ୍ତିକ ନୁହଇ । ଓଡିଶାବାସିମାନେ ବଙ୍ଗଳାର ଅନ୍ୟ ଖଣ୍ଡର ଲୋକଙ୍କ ତୁଳନାରେ ଧନୀ ନ ହେଲେ ସୁଦ୍ଧା କଲେଜ ସକାଶେ ପ୍ରଚୁର ଅର୍ଥ ଦାନ କଲେ ଏବଂ ଗବର୍ଣ୍ଣମେଣ୍ଟ ମଧ୍ୟ ଅର୍ଥସାହାଯ୍ୟ ଦେଲେ ଭଲ ପିଲାମାନେ ଦୁଇବର୍ଷ ଶ୍ରମ କଲେ ତାତରୁ ଅର୍ଥ ବ୍ୟୟ କରି କଲିକତା ଯାଇ ପରୀକ୍ଷା ଦେଲେ ମାତ୍ର ଫଳ କିଛି ହେଲା ନାହିଁ । ସୁତରାଂ କପାଳର ଦୋଷ ନ କହି ଆଉ କାହାର ଦୋଷ ଦିଆଯିବ । ମାତ୍ର ଆଜିକାଲିର ଲୋକ କପାଳକୁ ବଡ଼ ମାନନ୍ତି ନାହିଁ ଉଦ୍ୟମକୁ ଅଧିକକରି ଘେନନ୍ତି । ଏ ପକ୍ଷରେ ବିଚାର କଲେ କଷ୍ଟ୍ୟ ବୋଲାଯାଇ ପାରେ ଯେ ଗବର୍ଣ୍ଣମେଣ୍ଟଙ୍କ ଅବିବେଚନାରୁ ଓଡିଶାର ଏ ଦୁର୍ଦ୍ଦଶା ଘଟିଲା । ଗବର୍ଣ୍ଣମେଣ୍ଟ ସାଧାରଣ ଧନରକ୍ଷକ ହୋଇ ଏ ସ୍ଥଳେ ବ୍ୟକ୍ତି ବିଶେଷର ଉପକାର ନିମିତ୍ତ ସାଧାରଣ ଧନ ଅନାୟାସରେ ଅପବ୍ୟୟ ହେବାକୁ ଦେଲେ ତହିଁପାଇ କିଞ୍ଚିନ୍ମାତ୍ର ସାବଧାନ ହେଲେ ନାହିଁ । ଆମ୍ଭେମାନେ ସାଧାରଣ ଭାବର ଅନୁବର୍ତ୍ତୀ ହୋଇ ପୁନଃ୨ କହୁଅଛୁଁ ଯେ ପ୍ରଥମେ କଟକରେ କଲେଜ ବସାଇବା ଅନାବଶ୍ୟ ଓ ଦ୍ୱିତୀୟରେ ଯେବେ କଲେଜ ବସାଇବା ଉଚିତ ହେଲା ତେବେ ତହିଁରେ ଉପଯୁକ୍ତ ଶିକ୍ଷକ ନ ରଖି ଅଳ୍ପ ବ୍ୟୟରେ କାର୍ଯ୍ୟ ସାରିବାକୁ ଚେଷ୍ଟା କରିବା ତତୋଧିକ ଅନାବଶ୍ୟ । ସ୍ଥାନୀୟ ହାକିମମାନେ ତହିଁରେ କର୍ଣ୍ଣପାତ କଲେ ନାହିଁ ଗବର୍ଣ୍ଣମେଣ୍ଟ ମଧ୍ୟ ସେଥିରେ ଆପଣା ବିଚାର ଖଟାଇଲେ ନାହିଁ ପରଶେଷରେ ଫଳ ଯାହା ହେବାର ଥିଲା ତାହା ହେଲା ! ଗତବର୍ଷର ଫଳ ମନ୍ଦ ହୋଇଥିଲେହେଁ ପ୍ରଥମବର୍ଷରେ ଭଲ ଫଳର ଆଶାକରି ବୃଥା ବୋଲି ଗବର୍ଣ୍ଣମେଣ୍ଟ ସର୍ବସାଧାରଣଙ୍କୁ ପ୍ରବୋଧ ଦେଲେ । ଏଥର କି ବୋଲିବେ ତାହା ଶୁଣିବାରେ ଆସିବ । ମାନ୍ୟବର ସର ଇଡନସାହେବ ଅତି ଚତୁର ଲୋକ ଏହା ଆମ୍ଭେମାନେ ସ୍ୱୀକାର କରୁଁ କିନ୍ତୁ କଟକ କଲେଜ ବିଷୟରେ ସେ ଯାହା ଗତବର୍ଷର ରିକ୍ଷାପତ୍ରରେ ଲେଖିଅଛନ୍ତି କି "ଅଳ୍ପବେତନ କର୍ମଚାରୀଙ୍କଦ୍ୱାରା କଲେଜର କର୍ମ ନିର୍ବାହ ହୋଇ ପାରେ କି ନା ଏହା ଦେଖିବା ସକାଶେ କଟକ କଲେଜ ସ୍ଥାପିତ ହୋଇ ନାହିଁ କିନ୍ତୁ ଓଡିଆମାନେ ପଢିବାକୁ ଇଚ୍ଛୁକ କି ନା ଏହା ଦେଖିବା ସକାଶେ ହୋଇ ଅଛି" ଏଥିକୁ ଗବର୍ଣ୍ଣମେଣ୍ଟ କେଉଁକଥା ବୁଝିଲେ ଆମ୍ଭେମାନେ କହି ନ ପାରୁଁ ଯେମନ୍ତ ଲୋକଙ୍କ ଇଚ୍ଛା ଏକ ଅଙ୍ଗ ତେମନ୍ତ ଉପଯୁକ୍ତ ଶିକ୍ଷକ ଆଉ ଏକ ଅଙ୍ଗ ଏ ଦୁଇ ଏକତ୍ର ନ ହେଲେ ଭଲଫଳ ହେବ ନାହିଁ ଏହା ସମସ୍ତେ ଜାଣନ୍ତି ଓ ମାନ୍ୟବର ଇଡନସାହେବ ଏହା ବୁଝିପାରି ନାହାନ୍ତି ଏ କଥା କିଏ ବୋଲିବ ? ଏଥିକୁ ଓଡିଆମାନେ କଲେଜପାଇ ଟେଦାଦେଲେ ଓଡିଆପିଲାମାନେ ଦେହ ଗୁଣ୍ଡା କରି ନିବାସ ପରିଶ୍ରମ ସହିତ ପଢିଲେ ଏକାକୀ ବିଦେଶକୁ ଯାଇ ବହୁବ୍ୟୟ ଓ କ୍ଲେଶ ସ୍ୱୀକାର କରି ପରୀକ୍ଷା ଦେଲେ ଏ ଉତ୍ତାରୁ ଓଡିଆଙ୍କର ପଢିବାର ଇଚ୍ଛା ନାହିଁ ବୋଲି କେମନ୍ତେ କୁହାଯିବ । ଫଳତଃ ଇଚ୍ଛା ଥିଲେ କି ହେବ ଇଚ୍ଛା ଚରିତାର୍ଥ କରିବାର ଉପାୟ ନ ଥିଲେ କୌଣସି ବିବେଚକ ଲୋକ ଇଚ୍ଛା କରିବ ନାହିଁ ଆଉ ଯେବେ ଅଳ୍ପବେତନଭୋଗୀ କର୍ମଚାରୀଦ୍ୱାରା କଲେଜ ଚଳାଇବାର କଥା ଗବର୍ଣ୍ଣମେଣ୍ଟ ଦେଖିବାକୁ ଇଚ୍ଛା ନ କରନ୍ତି ଓ ତାହା କଷ୍ଟଲବୋଲି ବୁଝିଅଛନ୍ତି ତେବେ ଏଥର ଯେ ପ୍ରକାରରେ କଲେଜଟି ପ୍ରକୃତ କଲେଜର କାର୍ଯ୍ୟ କରିବାକୁ ସକ୍ଷମ ହେବ ତହିଁର ବିହିତ ବନ୍ଦୋବସ୍ତ କରନ୍ତୁ ଆଉ ବିଳମ୍ବରେ ପ୍ରୟୋଜନ ନାହିଁ ବର୍ଷର ଦୁଇମାସ ବାହାର ଗଲା ଆଉ ବିଳମ୍ବ ସହିବ ନାହିଁ । ଯେବେ ତାହା ନ କରିବେ ତେବେ କଲେଜକୁ ଉଠାଇ ଦେଉନ୍ତୁ ତାହା ହେଲେ ପୂର୍ବେ ଯେମନ୍ତ ଏକବର୍ଷ ଦୁଇଜଣ ଏ, ଏ, ପାସ କଲେ ସେହିପରି ଅବା ଏଣିକି କେହି ପାରିବ । ଗବର୍ଣ୍ଣମେଣ୍ଟଙ୍କୁ ଏତିକି ଅନୁରୋଧ ଯେ ଓଡିଶାକୁ ନିତାନ୍ତ ମୂର୍ଖ ମନେ କରି ଗିଲଟି ଦ୍ରବ୍ୟ ଦେଇ ସୁନା ବୋଲି ନ ଭଣ୍ଡନ୍ତୁ ।

---

### ଶୀଘ୍ର ଖଜଣା ଆଦାୟ କରିବାର ନୂତନ ଆଇନ ।

ସମ୍ବାଦପତ୍ରରେ ପାଠ କଲୁଁ କି ବେହାରର ଜମିଦାରମାନେ ଏକ ସଭା କରି ଏ ଆଇନର ସମସ୍ତ ବିଧାନକୁ ଏକାବେଳକେ ନିନ୍ଦା କରିଅଛନ୍ତି ସେମାନଙ୍କର ମତ ଏହି ହୋଇଅଛି କି ପ୍ରସ୍ତାବିତ ଆଇନଦ୍ୱାରା ଜମିଦାର ଓ ପ୍ରଜାଙ୍କ ଯେଉଁ ପ୍ରତି- ଯାମାନ ଦିଆଯିବାର ଚେଷ୍ଟା ହୋଇଅଛି ସେସବୁ ସଫଳୀକୃତ ହେବାର ଦୂରେ ଥାଉ ତାହା- ଦ୍ୱାରା ଜମିଦାର ଓ ପ୍ରଜାଙ୍କ ମଧ୍ୟରେ ଅଧିକତର ବିଚ୍ଛେଦ ଓ କଳହ ଜାତ ହେବ ଓ ଉଭୟଙ୍କର ଅଧିକ କ୍ଲେଶ ଓ ଅସୁବିଧା ହେବ । ଆମ୍ଭେମାନେ ଏବମ୍ପ୍ରକାର ମତ ଶୁଣି ବିସ୍ମିତ ହୋଇ ନାହୁଁ ବରଂ ଏଥିପୂର୍ବେ ଆମ୍ଭେମାନେ ଏବିଷୟରେ ଯେଉଁମତ୍ତ ଅଭିପ୍ରାୟ ବ୍ୟକ୍ତ କରିଅଛୁଁ ତାହା ଅନେକାଂଶରେ ସମର୍ଥିତ ହେବାର ଦେଖି ଆନନ୍ଦିତ ହେଉଅଛୁଁ । ନୂତନ ଆଇନରେ ଯେ ଜମିଦାରଙ୍କର ଅଧିକ ସୁବିଧା ନାହିଁ ଏକଥା ବୋଲିବା ବାହୁଲ୍ୟ ବରଂ ସ୍ପଷ୍ଟ କଥା ଏହି ଯେ ନିର୍ବିବାଦ ଜମା ପ୍ରଜାଠାରୁ ଆଦାୟ କରିବା କାରଣ ଜମିଦାରମାନେ ଆଦୌ କୌଣସି ଆଇନ ଲୋଡ଼ି ନାହାନ୍ତି ବିନା ଆଇନରେ ସେମାନେ ସେପ୍ରକାର ଜମା ଅନାୟାସରେ ଆଦାୟ କରିପାରୁଅଛନ୍ତି ଅର୍ଥାତ୍ ପ୍ରଜା ଆପଣା ଶ୍ରେଣି ଗଣି ଜମିଦାରର ପାଉଣା ଗଣ୍ଡାକ କୌଣସି ରୂପେ ବୁଝାଇ ଦେଇ ଆସୁଅଛି ବା ଦେବାକୁ ଚେଷ୍ଟିତ ଅଛି । ଏମନ୍ତ ପ୍ରଜା ଅତି ବିରଳ ଯେ କି ବଳ ଥାଉଁ୨ ଜମିଦାରର ପାଉଣା ଅଟକାଇ ରଖି ପରିଶେଷରେ ଆପେ କ୍ଷତିଗ୍ରସ୍ତ ହେବ । ପକ୍ଷାନ୍ତରେ ଖଜଣା ଆଦାୟ ପକ୍ଷରେ ଜମିଦାରର ଯଦ୍ୟପି କୌଣସି ସ୍ଥଳରେ କିଛି ଅସୁବିଧା ଥିବାର ସ୍ୱୀକାର କରାଯାଏ ତେବେ ଯେସ୍ଥଳେ ଉକ୍ତ ସୁବିଧା କରି ଦେବା ସଙ୍ଗେ୨ ଗବର୍ଣ୍ଣମେଣ୍ଟ ପ୍ରଜାର ଯୋତସ୍ୱତ୍ୱକୁ ଦୃଢ଼ କରିବାକୁ ବସିଅଛନ୍ତି ସେସ୍ଥଳେ କେଉଁ ବିବେକୀ ଜମିଦାର ଅଳ୍ପ ସୁବିଧା ସକାଶେ ଆପଣା ସ୍ୱତ୍ୱ ମୂଳରେ କୁଠାର ପ୍ରୟୋଗ କରିବ ? ଏଥିରୁ ସ୍ପଷ୍ଟ ଜଣାଯାଏ ଯେ ପ୍ରଜାକୁ ଯୋତସ୍ୱତ୍ୱ ଦେବାପାଇଁ ଜମିଦାରମାନେ ଆଦୌ ପ୍ରସ୍ତୁତ ନାହାନ୍ତି ଓ ଏହି ହେତୁ ବେହାରର ଜମିଦାର- ମାନେ ଏକାବେଳକେ ସମ୍ପୂର୍ଣ୍ଣ ଆଇନଟିକୁ ନିନ୍ଦା କରିଅଛନ୍ତି ।

ପ୍ରଜାର ଯୋତସ୍ୱତ୍ୱ ବଳବତ୍ତ ହେଲେ ଜମିଦାରର କି ଅସୁବିଧା ବା ଅନିଷ୍ଟ ହେବ ଅବଶ୍ୟ ତାହା କେହି କହି ନାହାନ୍ତି । ଯେଉଁମାନେ ଯୋତସ୍ୱତ୍ୱର ପ୍ରତିବାଦୀ ସେମାନେ ପ୍ରଜାପକ୍ଷରୁ

Digitized by srujanika@gmail.com

Split by PDF Splitter



ଆପତ୍ତି କରିବାର ଛଳ କରୁଅଛନ୍ତି ମାତ୍ର ଯେ ସ୍ଥଳେ ସ୍ପଷ୍ଟ ଦେଖାଯାଉଅଛି କି ପ୍ରଜାମାନେ ଯେ ଭଡ଼ି ଦେଉଅଛନ୍ତି ଓ ଜମିଦାରମାନେ ତାହା ଦେବାକୁ ସମ୍ମତ ନାହାନ୍ତି ସେସ୍ଥଳେ ସେମାନଙ୍କର ଆପତ୍ତି ପ୍ରକୃତ ବୋଲି ଗୃହୀତ ହୋଇ ନ ପାରେ । ବାସ୍ତବରେ ଯୋତସତ୍ୱ ବଳବତ୍ ହେଲେ ଜମିଦାରର କିଛି ନ୍ୟାଯ୍ୟ କ୍ଷତି ହେବ ନାହିଁ ଅଥଚ ପ୍ରଜାର ଅନେକ ମଙ୍ଗଳ ହେବ । ପ୍ରଜା ମୂର୍ଖ ଦରିଦ୍ର ଓ ଅବିବେକ ଏ ହେତୁରୁ ତାହାକୁ ସମ୍ପତ୍ତି ଦେଲେ ସେ ଅପବ୍ୟୟ କରିବ ଏକଥା ଯେଉଁମାନେ ବୋଲନ୍ତି ତାହାଙ୍କ ମତରେ ଆମ୍ଭେମାନେ ଐକ୍ୟ ହୋଇ ନ ପାରୁଁ । ପ୍ରଜା ଏତେ ମୂର୍ଖ ନୁହନ୍ତି ଯେ ଆପଣା ସତ୍ୱର ମୂଲ୍ୟ ବୁଝିପାରିବେ ନାହିଁ ଯେବେ ତାହା ହୋଇଥାନ୍ତା ତେବେ ଯୋତସତ୍ୱ ସ୍ଥାପନ କରିବା ସକାଶେ ଏତେ ମୋକଦ୍ଦମା ହୁଅନ୍ତା ନାହିଁ ଏବଂ ପ୍ରଜା ଯଦ୍ୟପି କି ଏକକାଳରେ ବଡ ଦରିଦ୍ର ଥିଲେ ବର୍ତ୍ତମାନ ତାହା ନାହିଁ । ବରଂ ତାହାଙ୍କର ଅବସ୍ଥା ଭଲ ହେଉଅଛି ଓ ତାହାଙ୍କ ହାତକୁ ପୂର୍ବାପେକ୍ଷା ଅଧିକ ଟଙ୍କା ଆସୁଅଛି । ଯେସ୍ଥଳେ ଆପଣ କ୍ଷେତର ଉତ୍ପନ୍ନରୁ କପର ଅଧିକ ଲାଭ ହେବ ତାହା ଚିନ୍ତା କରି ଜମି ନିଜସ୍ୱ କରୁଅଛନ୍ତି ଏବଂ ଉଚ୍ଚମୂଲ୍ୟର ସମସ୍ତ ଫଳ ପାଉଅଛନ୍ତି ସେସ୍ଥଳେ ସେମାନେ ଏତେ ମୂର୍ଖ ବା ଦରିଦ୍ର ନୁହନ୍ତି ଯେ ଆପଣା ସତ୍ୱ ରକ୍ଷା କରିବାକୁ ସମର୍ଥ ହେବେ ନାହିଁ ଓ ସୁଯୋଗ ପାଇଲେ କେବଳ ତାହା ବିକ୍ରୟ କରିବେ । ଫଳତଃ ଯେବେ ଏହି ଆପତ୍ତିରେ ପ୍ରଜାଙ୍କୁ ଯୋତସତ୍ୱ ଦେବା ଅଯୌକ୍ତିକ ହୁଅଇ ତେବେ ଆମ୍ଭେମାନେ ଅନୁମାନ କରୁଁ କି ଜମିଦାରକୁ ଜମିଦାରୀ ସତ୍ୱରୁ ମଧ୍ୟ ବଞ୍ଚିତ କରିବା ଉଚିତ କାରଣ ଦେଖାଯାଉଅଛି ଯେ ଅନେକ ଜମିଦାର ମୂର୍ଖତା ଏବଂ ଅବିବେଚନା ପଣିଆରେ ଆପଣା ଜମିଦାରୀ ହରାଇ ହୀନ ଦଶାକୁ ପ୍ରାପ୍ତ ହୋଇଅଛନ୍ତି । ଜମିଦାରର ଜମିଦାରୀ ସତ୍ୱ ଯେବେ ହସ୍ତାନ୍ତର ଯୋଗ୍ୟ ନ ଥାନ୍ତା ଓ ବାକି ଖଜଣା ହେଲେ ସରକାର ଜମିଦାରୀ ନିଲାମ ନ କରି କେବଳ କାଢି ନେଉଥାନ୍ତେ ତେବେ ଜମିଦାରଙ୍କର କି ଦୁର୍ଦ୍ଦଶା ହୁଅନ୍ତା ତାହା ଯେବେ ପ୍ରଜାଙ୍କର ଯୋତସତ୍ୱ ବିରୁଦ୍ଧରେ ଯେଉଁମାନେ ଆପତ୍ତି କରୁଅଛନ୍ତି ଥରେ ବୁଝନ୍ତେ ତେବେ ସେମାନେ କଦାଚ ସେପ୍ରକାର ଆପତ୍ତି କରନ୍ତେ ନାହିଁ । ଆମ୍ଭମାନଙ୍କର ସ୍ଥିର ବିଶ୍ୱାସ ଏହି କି ଯେମନ୍ତ କେତେ ଜମିଦାର ଅବିବେକ ପଣିଆରେ ଆପଣା ଜମିଦାରୀ ସତ୍ୱ ହରାଇଅଛନ୍ତି ତେମନ୍ତ କେତେ ପ୍ରଜା ଆପଣା ଯୋତ ସତ୍ୱ ହରାଇବାର ସମ୍ଭବ ଜଣା ଯାଉଥିଲେହେଁ ପ୍ରଜାକୁ ଯୋତସତ୍ୱ ନ ଦେବାର କାରଣସ୍ୱରୂପ ଆମ୍ଭେମାନେ ଏହାକୁ ଗ୍ରହଣ କରି ନ ପାରୁଁ ।

———

### ଉତ୍କଳ ବ୍ରାହ୍ମଣମାନେ ବିଦେଶରେ ପରିବାର ସହିତ ରହିପାରନ୍ତି କି ନା ।

ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତରେ ଏ ବିଷୟରେ ପାଇଥିବା ଶାସ୍ତ୍ରୀଏ ବ୍ୟବସ୍ଥା ପଶ୍ଚ ନିମ୍ନେ ପ୍ରକାଶ କଲୁଁ । ଏଥିରେ ଅମ୍ଭମାନଙ୍କର ସମ୍ପୂର୍ଣ୍ଣ ସମ୍ମତି ଅଛି ଏକଥା ବୋଲିବା ବାହୁଲ୍ୟ । ଦେଶ କାଳ ପାତ୍ର ଅନୁସାରେ ସମସ୍ତ ଆଚାର ବ୍ୟବହାରର ସମୟ ସମୟରେ ପରିବର୍ତ୍ତନ ଆବଶ୍ୟକ ହୁଅଇ ଓ ସାଧାରଣ ହିତ ଉଦ୍ଦେଶ୍ୟରେ ତାହା କରିବା ଉଚିତ । ତଥାଚ ଯଦ୍ୟପି ଏବ୍ୟବସ୍ଥା ବିରୁଦ୍ଧରେ କାହାର କିଛି କହିବା ରଥାଏ ତେବେ ତାହାଙ୍କୁ ଅନୁରୋଧ କରୁଁଅଛୁଁ କି ସତ୍ୱର ତାହା ସର୍ବସାଧାରଣଙ୍କୁ ଗୋଚର କରାନ୍ତୁ ଓ ଯୁକ୍ତିଯୁକ୍ତ ହେଲେ ଆମ୍ଭେମାନେ ତାହା ପ୍ରକାଶ କରିବାକୁ ବଡ ସୁଖୀ ହେବୁଁ ।

ବ୍ୟବସ୍ଥା ଯଥା;—

କୌଣସି ରାଜକର୍ମଗ୍ରସ୍ତ ସଦା ପ୍ରବାସୀ ଉତ୍କଳୀୟ ବ୍ରାହ୍ମଣର ପ୍ରଶ୍ନ ଏହି ଯେ ଉତ୍କଳୀୟ ବ୍ରାହ୍ମଣମାନେ ଗୁରୁତର ବା ବିଶେଷ କାର୍ଯ୍ୟ ବଶରେ ଚିରପ୍ରବାସୀ ହେଲେ ସେମାନେ ସଭାର୍ଯ୍ୟ ହୋଇ ପ୍ରବାସ କରିପାରନ୍ତି କି ନା ? ଯେବେ ସଭାର୍ଯ୍ୟରେ ପ୍ରବାସ କରିବାକୁ କେହି ବାଚ୍ୟ କରନ୍ତି ତେବେ ଇହାଁର ପ୍ରମାଣ କଣ ? ଯେବେ କିଛି ପ୍ରମାଣ ନ ଥାଏ ତେବେ ଯେଉଁମାନେ ସଭାର୍ଯ୍ୟରେ ପ୍ରବାସ କରିବାକୁ ଇଚ୍ଛୁକ ଅଛନ୍ତି ସେମାନଙ୍କୁ କାହିଁକି ବାଚ୍ୟ କରୁଅଛନ୍ତି ? । ଉକ୍ତ ବିଷୟମାନଙ୍କର ଯଥାର୍ଥ ବିବେଚନା କରି ଉତ୍କଳୀୟ ପଣ୍ଡିତମାନେ ଏଥିର ଉତ୍ତର ପ୍ରଦାନ ପୂର୍ବକ ଏହି ପ୍ରାର୍ଥକର ଅଭିଳାଷକୁ ସିଦ୍ଧ କଲେ ଅଧୀନ କୃତକାର୍ଯ୍ୟ ହେବ ।

ଉତ୍ତର

ସପରିବାର ସହିତରେ ଅର୍ଥାତ୍ ସଭାର୍ଯ୍ୟ ହୋଇ ପ୍ରବାସ କରିବାର କୌଣସି ନିଷିଦ୍ଧ ବାକ୍ୟ ଥିବାର ଦେଖା ଯାଏ ନାହିଁ । ବରଂ ପୁରୁଷ ଆପଣାର ସ୍ତ୍ରୀକି ସର୍ବଦା ଯତ୍ନରେ ରକ୍ଷା କରିଥିବ ଅର୍ଥାତ୍ ସ୍ତ୍ରୀକି କ୍ଷଣମାତ୍ର ଆପଣା ନିକଟରୁ ଅନ୍ତର ନ କରିବ ଏ ବିଷୟରେ ମନ୍ୱାଦି ପ୍ରମାଣ ଅନେକ ଦେଖା ଯାଏ । ଯଥା ;—

ପିତା ରକ୍ଷତି କୌମାରେ ଭର୍ତ୍ତା ରକ୍ଷତି ଯୌବନେ ।
ରକ୍ଷନ୍ତି ସ୍ଥବିରେ ପୁତ୍ରା ନ ସ୍ତ୍ରୀ ସ୍ୱାତନ୍ତ୍ର୍ୟମର୍ହତି ।୩। ୯ମ ଅଧ୍ୟାୟ ମନୁଃ
ସୂକ୍ଷ୍ମେଭ୍ୟୋଽପି ପ୍ରସଙ୍ଗେଭ୍ୟଃ ସ୍ତ୍ରିୟୋ ରକ୍ଷ୍ୟା ବିଶେଷତଃ ।
ଦ୍ୱୟୋର୍ହି କୁଳୟୋଃ ଶୋକମାବହେୟୁରରକ୍ଷିତାଃ । ୫ ।
ଇମଂ ହି ସର୍ବବର୍ଣ୍ଣାନାଂ ପଶ୍ୟନ୍ତୋ ଧର୍ମମୁତ୍ତମଂ ।
ଯତନ୍ତେ ରକ୍ଷିତୁଂ ଭାର୍ଯ୍ୟାଂ ଭର୍ତ୍ତାରୋ ଦୁର୍ବଳା ଅପି ।୬।
ସ୍ୱାଂ ପ୍ରସୂତିଂ ଚରିତ୍ରଂ ଚ କୁଳମାତ୍ମାନମେବ ଚ ।
ସ୍ୱଂ ଚ ଧର୍ମଂ ପ୍ରଯତ୍ନେନ ଜାୟାଂ ରକ୍ଷନ୍ ହି ରକ୍ଷତି ।୭। ଇତ୍ୟାଦି ।

ଏହିପରି ଅନେକ ପ୍ରମାଣଦ୍ୱାରା ଦେଖାଯାଏ ଯେ ପୁରୁଷ ସର୍ବଦା ସ୍ତ୍ରୀକି ରକ୍ଷା କରିଥିବ । ଅତଏବ ଯେବେ ଭାର୍ଯ୍ୟା ସହିତ ସ୍ଥାନାନ୍ତରକୁ ନ ଯିବ ଅର୍ଥାତ୍ ଭାର୍ଯ୍ୟାକୁ ଛାଡି ଚିରକାଳ ପ୍ରବାସରେ ରହିବ ତେବେ ସେହି ସ୍ତ୍ରୀର ଚରିତ୍ରଗତ ଦୋଷ ଘଟିବାର ସମ୍ଭବ ହୋଇ ପାରେ ଏହା ମଧ୍ୟ ସେହି ମନୁରେ ଉକ୍ତ ଅଛି । ଯଥା;

ନୈତା ରୂପଂ ପରୀକ୍ଷନ୍ତେ ନାସାଂ ବୟସି ସଂସ୍ଥିତିଃ ।
ସୁରୂପଂ ବା ବିରୂପଂ ବା ପୁମାନିତ୍ୟେବ ଭୁଞ୍ଜତେ । ୧୪ ।
୯ମ ଅଧ୍ୟାୟ—
ପୌଂଶ୍ଚଲ୍ୟାଚ୍ଚଲଚିତ୍ତାଚ୍ଚ ନୈଃସ୍ନେହ୍ୟାଚ୍ଚ ସ୍ୱଭାବତଃ ।
ରକ୍ଷିତା ଯତ୍ନତୋଽପୀହ ଭର୍ତ୍ତୃଷ୍ୱେତା ବିକୁର୍ବତେ । ୧୫ ।
ଏବଂ ସ୍ୱଭାବଂ ଜ୍ଞାତ୍ୱାସାଂ ପ୍ରଜାପତିନିସର୍ଗଜଂ ।
ପରମଂ ଯତ୍ନମାତିଷ୍ଠେତ୍ ପୁରୁଷୋ ରକ୍ଷଣଂ ପ୍ରତି ।୧୬। ଇତି ।

ଉକ୍ତବାକ୍ୟମାନଙ୍କଦ୍ୱାରା ବୋଧ ହୁଅଇ ଯେ ସ୍ତ୍ରୀମାନଙ୍କର ସ୍ୱଭାବ ଚଞ୍ଚଳ ଥିବାରୁ ସର୍ବଦା ପୁରୁଷକର୍ତ୍ତୃକ ରକ୍ଷା ସେମାନଙ୍କର ବିଧେୟ । ଏପରି ସ୍ଥଳରେ ସ୍ତ୍ରୀମାନଙ୍କୁ ପରିତ୍ୟାଗ କରି ଚିରକାଳ ପର୍ଯ୍ୟନ୍ତ ପ୍ରବାସ କଲେ କି ଅନିଷ୍ଟ ଘଟିପାରେ ତାହା ସହଜରେ ଅନୁମାନ କରି ଯାଇ ପାରେ ।

ଆଉ ମଧ୍ୟ ପୂର୍ବକାଳରେ ଶ୍ରୀରାମ, ଶ୍ରୀକୃଷ୍ଣ ଓ ଯୁଧିଷ୍ଠିରାଦି ରାଜପୁରୁଷମାନେ ଏବଂ ବଶିଷ୍ଠାଦି ବ୍ରାହ୍ମଣମାନେ ଯେଉଁ ସ୍ଥାନକୁ ଯାଉଥିଲେ ସଭାର୍ଯ୍ୟ ହୋଇ ସେହି ସ୍ଥାନକୁ ( ଅର୍ଥାତ୍ ରାଜସଭାପର୍ଯ୍ୟନ୍ତ) ଯାଉଥିବାର ପୁରାଣାଦିରୁ ସ୍ପଷ୍ଟରୂପେ ସପ୍ରମାଣ ହୁଅଇ । ଏପରି ବର୍ତ୍ତମାନରେ ଏହି ଉତ୍କଳଦେଶୀୟ ସ୍ମାର୍ତ୍ତ ବ୍ରାହ୍ମଣ ଓ କରଣମାନେ ଯେଉଁ ସମୟରେ ମିଥିଳାରୁ ଏଦେଶକୁ ଆସିଲେ (ଅର୍ଥାତ୍ ଯାଜପୁରଠାରେ ଉତ୍କଳୀୟ ରାଜା ଯାଗ କରାଇବାକୁ ଏହି ବ୍ରାହ୍ମଣମାନଙ୍କୁ ଯେତେବେଳେ ମିଥିଳାରୁ ଆଣାଇଲେ) ସେସମୟରେ ଏମାନେ ସକୁଟୁମ୍ବରେ ଏଦେଶକୁ ଆସିଥିଲେ । ଏଣୁକରି ଅନୁମାନ ହୁଅଇ ଯେ ସପରିବାରରେ ସ୍ଥାନାନ୍ତର ଗତାୟାତ କରିବାର

Digitized by srujanika@gmail.com

Split by PDF Splitter



ପ୍ରଥା ପୂର୍ବେ ନ ଥିଲେ ଏମାନେ କଦାଚ ସପରିବାରରେ ଆସି ନ ଥାନ୍ତେ । ଅଦ୍ୟ ମଧ୍ୟ ଦେଖାଯାଉ ପାଶ୍ଚାତ୍ୟ ଓ ମହାରାଷ୍ଟ୍ରୀୟ ବ୍ରାହ୍ମଣମାନେ ମୁକ୍ତି ଶ୍ରାଦ୍ଧରେ ଉତ୍ତମରୂପେ ପାରଗ ଥିଲେ ସୁଦ୍ଧା ଯହିଁ ଯାଉଅଛନ୍ତି ସପରିବାରରେ ଯିବାର ଦେଖାଯାଏ ଅଥଚ ବଙ୍ଗୀୟମାନେ ମଧ୍ୟ ତଦନୁଯାୟୀ ବ୍ୟବହାର କରୁଅଛନ୍ତି । କେବଳ ଏହି ଉତ୍କଳଦେଶରେ କେତେକ ସମୟ ପୂର୍ବେ ଅର୍ଥାତ୍ ମୋଗଲମାନମାନଙ୍କ ଅଧିକାର ସମୟରେ ସେମାନଙ୍କ ଦୌରାତ୍ମ୍ୟ ହେତୁରୁ ସଭାର୍ଯ୍ୟ ହୋଇ ଯିବା ଆସିବାର ପ୍ରଥା ବନ୍ଦ ହୋଇଥିଲା ଏଥିମଧ୍ୟରେ ଏହି ଉତ୍କଳଦେଶର ରାଜଦ୍ୱାରରେ କେତେକ ନିମ୍ନଶ୍ରେଣୀୟ ବ୍ରାହ୍ମଣ ଓ କରଣମାନେ ମାନ୍ୟାସ୍ପଦ ହେବାରୁ ଆପଣା ଆପଣାର ଆଧିକ୍ୟ ଦେଖାଇ କେତେଗୁଡ଼ିଏ ବୃଥାଡମ୍ବରୀୟ କଥାକୁ ବେଦବାକ୍ୟ ପ୍ରାୟ ପ୍ରମାଣ କରି ଦେଇ ରାଜାଙ୍କୁ ତହିଁରେ ପ୍ରବର୍ତ୍ତାଇ ଦେବାରୁ ସେହି ଦିନଠାରୁ ସେହି କଥା ଚଳି ଆସି ବର୍ତ୍ତମାନରେ ନୀତିମଧ୍ୟରେ ତାହାସବୁ ଗଣ୍ୟ ହୋଇ ଯାଇଅଛି (ଅର୍ଥାତ୍ ଦୂର ତୀର୍ଥ ପର୍ଯ୍ୟନ୍ତ ଯେଉଁ କଥା ଚଳଇ ତାହାକୁ ଅକୁତୋଭୟ ବ୍ୟକ୍ତିମାନେ ଅଥବା ସଜ୍ଜନ ବ୍ୟକ୍ତିମାନେ ପ୍ରମାଣ ମାନି ତହିଁର ଅନ୍ୟଥା କରି ନ ପାରନ୍ତି) । ଅତଏବ ଆମ୍ଭମାନଙ୍କ ମତରେ ଏହା ପ୍ରମାଣ ଦିଶୁଅଛି ଯେ ସଭାର୍ଯ୍ୟ ହୋଇ ଦୂର ଦେଶଗାମୀ ହେବାରେ କୌଣସି ଆପତ୍ତି ନାହିଁ ।

ଯେହେତୁ ଗ୍ରନ୍ଥାନ୍ତରେ ଲେଖାଅଛି କି ଋତୁକାଳରେ ସ୍ତ୍ରୀଗମନ ନ କଲେ ମହାଦୋଷଭାଗୀ ହେବାକୁ ହୁଏ । ଯଥା;

ଋତୁସ୍ନାତାଂ ତୁ ଯୋ ଭାର୍ଯ୍ୟାଂ ସ୍ୱସ୍ଥଃ ସନ୍ନୋପଗଚ୍ଛତି ।
ବାଲଗୋଘ୍ନାପରାଧେନ ଲିପ୍ୟତେ ନାତ୍ର ସଂଶୟଃ ।
ଋତୁକାଳାଭିଗାମୀ ସ୍ୟାତ୍ ସ୍ୱଦାରନିରତଃ ସଦା ।
ପର୍ବବର୍ଜଂ ବ୍ରଜେଚ୍ଚୈନାଂ ତଦ୍ବ୍ରତୋ ରତିକାମ୍ୟୟା । ୪୫ ।
୩ଅଧ୍ୟାୟ ମନୁଃ ।—

ଉକ୍ତ ପ୍ରମାଣମାନଙ୍କଦ୍ୱାରା ସଭାର୍ଯ୍ୟ ହୋଇ ସର୍ବଦା ରହିବାର ପ୍ରକଟିତ ହେବାରୁ ସଭାର୍ଯ୍ୟରେ ଦୂରଦେଶଗାମୀ ହେଲେ କୌଣସି ପ୍ରତ୍ୟବାୟ ହେବ ନାହିଁ । ଇତି, ଅଲମତି ବିସ୍ତରେଣ ।

ଶ୍ରୀ କୃତ୍ତିବାସ ଶତପଥି ଶର୍ମଣଃ ସମ୍ମତେୟଂ ବ୍ୟବସ୍ଥା
ଶ୍ରୀ କପିଳେଶ୍ୱର ମିଶ୍ର ଶର୍ମଣଃ ,,
ଶ୍ରୀ କପିଳେଶ୍ୱର ନନ୍ଦ ଶର୍ମଣଃ ,,
ଶ୍ରୀ ଦଧ୍ୟାଧର ମିଶ୍ର ଶର୍ମଣଃ ,,
ଶ୍ରୀ ହରେକୃଷ୍ଣ ମହାପାତ୍ର ଶର୍ମଣଃ ,,
ଶ୍ରୀ ହରେକୃଷ୍ଣ ପଟ୍ଟନାୟକେନ ,,
ଶ୍ରୀ ଗଦାଧର ତ୍ରିପାଠିନଃ ,,
ଶ୍ରୀ କବିବର ବୈଦ୍ୟନାଥ ମିଶ୍ର ,,
ଶ୍ରୀ ହରିଚରଣ ମହାପାତ୍ର ,,

# ସାପ୍ତାହିକସଂବାଦ ।

ଗବର୍ଣ୍ଣମେଣ୍ଟ ଇଣ୍ଡିଆ ବିଜ୍ଞାପନ ଦେଇଅଛନ୍ତି କି ସାତେ ପାଞ୍ଚଟଙ୍କିଆ ପ୍ରମିସରି ନୋଟ କି ଯାହା ଆଦାୟ ହେବାର ନିଅତ ହୋଇଅଛି ଆଗାମୀ ମଇ ମାସ ପ୍ରଥମ ତାରିଖରେ ଆଦାୟ ହେବ ।

ଗତତ ମାସ ପ୍ରଥମ ତାରିଖରେ କଲିକତା ଗବର୍ଣ୍ଣମେଣ୍ଟ ହାଉସରେ ଭାରତବର୍ଷର ନକ୍ଷତ୍ର ଉପାଧିର ସଭା ହୋଇଥିଲା । ଏଥିର ସରଜନ ଷ୍ଟ୍ରାଚି, ସର ଆସଲି ଇଡନ ଏବଂ ସର ଷ୍ଟୁଆର୍ଟ ବେଲି ସାହେବମାନେ ପଦ ପାଇଲେ । ଏ ସଭାର କାର୍ଯ୍ୟ ନିତାନ୍ତ ପାର୍ଯ୍ୟାପାତନ ପ୍ରାୟ ହୋଇଥିଲା ।

ସନ ୧୮୮୦ ମସିହାରେ ରୁଷିୟା ଅନ୍ତର୍ଗତ ମସ୍କୋନଗରରେ ଏକ ଶିଳ୍ପ ପ୍ରଦର୍ଶନ ହେବ ଓ ବର୍ତ୍ତମାନ ସମ୍ରାଟଙ୍କ ଗଦିରେ ବସିବାର ବାର୍ଷିକ ଦିନ ସେହି ସମୟରେ ପଡ଼ିବ ଏସେନ ଅନେକ ପ୍ରକାର ଉତ୍ସବ ହେବ ।

ହିନ୍ଦୁପେଟ୍ରିଅଟରେ ପାଠକଲୁଁ ଯେ ଅଯୋଧ୍ୟାର ଏକ ଅଦାଲତରେ ଗୋଟିଏ ମୋକଦ୍ଦମା ବାଇଶବର୍ଷ ଲାଗିଥିଲା ସମ୍ପ୍ରତି ତାହା ନିଷ୍ପତ୍ତି ହୋଇଅଛି । ଏ ମୋକଦ୍ଦମାରେ ତିନିଲକ୍ଷ ଟଙ୍କା ବ୍ୟୟ ହେଲା ଓ ମୋକଦ୍ଦମା ଶେଷ ହେବା ପୂର୍ବରୁ ବାଦୀ ପ୍ରତିବାଦୀ ଦୁହେଁ ମରିଥିଲେ । ଅଦାଲତର କାର୍ଯ୍ୟରେ ସର୍ବତ୍ରରେ ବିଲମ୍ବ ହୁଏ ।

ଆମେରିକାର ରେଲୱେର କମ୍ପାନି ନିୟମ କରିଅଛନ୍ତି କି ଯେଉଁମାନେ ମଦ୍ୟପାନ କରନ୍ତି ସେମାନେ କୌଣସି କର୍ମରେ ନିଯୁକ୍ତ ହେବେ ନାହିଁ ଓ କର୍ମ କଲା ବେଳେ ହେଉ କିମ୍ବା ଅବସର ବେଳେ ହେଉ ଯେ କେହି କର୍ମଚାରୀ ମଦ୍ୟପାନ କରିବ ସେ ଚାକିରିରୁ ବହିଷ୍କୃତ ହେବ । ଯେବେ ଏଠା କରେଣ୍ଟି ଅମଲାଙ୍କ ପ୍ରତି ଏ ନିୟମ ହୁଅନ୍ତା ତେବେ ସଚ୍ଛେନ ଅଫୁ ଓ ମଦ ହେତୁ କେତେ ଅମଲା ଯେ ମାକୁଲ ହୁଅନ୍ତେ ବୋଲି ଯାଇ ନ ପାରେ ।

ସର ମାଧୋରାଓ ବରୋଦାର ଗୁଇକୁଆରଙ୍କ ବିବାହ ସକାଶେ କନ୍ୟା ଅନ୍ୱେଷଣ କରୁଅଛନ୍ତି । ଦଶ୧ ରାଜାମାନେ ଆପଣା୨ କନ୍ୟାର ଚିତ୍ରପଟ ତାହାଙ୍କ ନିକଟକୁ ପଠାଉଅଛନ୍ତି । ଗ ୧୬ ଖଣ୍ଡି ଚିତ୍ରପଟ ସର ମାଧୋରାଓ ପାଇ ତହିଁ ମଧ୍ୟରୁ ପାଞ୍ଚଖଣ୍ଡ ବାଛି ମହାରାଣୀ ଯମୁନାବାଈଙ୍କ ନିକଟକୁ ପଠାଇ ଅଛନ୍ତି । କେଉଁ ଚିତ୍ରପଟ ମହାରାଣୀଙ୍କର ମନୋନୀତ ହେବ ପରେ ଜଣା ଯିବ ।

ହଜାରପିର ମୁକାମରୁ ସଂବାଦ ଆସିଅଛି କି ସରଦାର ଓୟାଲି ମହମ୍ମଦ ଜେନେରଲ ରବର୍ଟସ୍‌ଙ୍କ ତମ୍ବୁରେ ପ୍ରବେଶ ହେଲେ ଓ ତାହାଙ୍କ ଅଭ୍ୟର୍ଥନା ନିମିତ୍ତ ବଧିମତ ଦରବାର ହୋଇଥିଲା । ସନ୍ଧ୍ୟା ସମୟରେ ଜେନେରଲଙ୍କ ସହିତ ଖାନା ଖାଇଲେ ଏବଂ ମନ ଫିଟାଇ ସମସ୍ତ କଥାବାର୍ତ୍ତା କଲେ ।

ସେଣ୍ଟପିଟର୍ସବର୍ଗରୁ ଆସିଥିବା ଏହି ସଂବାଦରୁ ଜଣାଯାଏ ଯେ ପଳାତକ ଅମିର ରୁଷିୟ ରାଜ୍ୟର ବହିର୍ଭୀମାରେ ଅଛନ୍ତି ଏବଂ ରୁଷୀୟ କର୍ମଚାରୀମାନେ ମନା କଲେ ସୁଦ୍ଧା ରୁଷୀୟ ରାଜଧାନୀକୁ ଯିବା କାରଣ ହଠ ବାନ୍ଧି ଅଛନ୍ତି ।

ମହାରାଜା କୋଟୀନ୍ଦ୍ରମୋହନ ଠାକୁର ପୁନର୍ବାର ଭାରତବର୍ଷୀୟ ବ୍ୟବସ୍ଥାପକ ସଭାର ଜଣେ ସଭ୍ୟ ସ୍ୱରୂପ ମନୋନୀତ ହୋଇଅଛନ୍ତି ।

ଗତବର୍ଷ ଖାସ୍ ପର୍ବତରେ ହାତୀଧରା କାର୍ଯ୍ୟ ବଡ଼ ସନ୍ତୋଷଜନକ ହୋଇଥିଲା ଗୋଟିଏ ମାହାଲ ଟ ୧୪୧୦୧୮ ଙ୍କାରେ ନିଲାମ ହୋଇଥିଲା ସେ ତହିଁରୁ ୯୮ ହାତୀ ଧରା ଗଲା । ଏଥି ମଧ୍ୟରୁ ଗୋ ୧୬ ଟା ମରିଗଲେ ଏବଂ ଗବର୍ଣ୍ଣମେଣ୍ଟ ଗୋଟିକୁ ଟ ୭୦୦୮ ଙ୍କା ଲେଖାଏ ମୂଲ୍ୟରେ ଗୋ ୧୮ ଟା କିଣିଲେ । ଢାକାଜିଲା ଅନ୍ତର୍ଗତ ଏକ ମାହାଲରୁ ୯୬ ହାତୀ ଧରା ଯାଇଥିଲେ ।

ସରକାରୀ ତାଲିକାରୁ ଜଣାଯାଏ ଯେ ସନ ୧୮୭୭ ମସିହାରେ ମାନ୍ଦ୍ରାଜରେ ୬୩୭ ପୁସ୍ତକ ବମ୍ବେଇରେ ୮୩୬ ପୁସ୍ତକ ବଙ୍ଗଳାରେ ୧୬୭୬ ପୁସ୍ତକ ଉତ୍ତର ପଶ୍ଚିମ ଏବଂ ଅଯୋଧ୍ୟାରେ ୮୫୮ ପୁସ୍ତକ ଓ ପଞ୍ଜାବର ୮୧୪ ପୁସ୍ତକ ରେଜିଷ୍ଟରୀ ସକାଶେ ପ୍ରାପ୍ତ ହୋଇଥିଲା । ଏଥିରୁ ଜଣାଯାଏ ଯେ ବଙ୍ଗଳାରେ ଲେଖାପଢ଼ିର ଚର୍ଚ୍ଚା ଅଧିକ । ମଧ୍ୟ ପ୍ରଦେଶରେ କେବଳ ଏକଖଣ୍ଡି ପୁସ୍ତକ ରେଜିଷ୍ଟରୀ ହୋଇଥିଲା ।

୧ । ସୁଲଭସମାଚାରରୁ ଅବଗତ ହେଲୁଁ ଯେ କର୍ଣ୍ଣେଲ ଭଇଣ୍ଡହାମ ସାହେବ ରେଙ୍ଗୁନରେ ଗତ ଶନିବାର ଏକ ବେଲୁନରେ ଚଢ଼ିଲେ, ଗୃହଶତ ଫୁଟ ଉପରକୁ ଉଠି ବେଲୁନ ଛିଣ୍ଡିଗଲା; ସାହେବ ପଡ଼ି ମରିଗଲେ ।

୨ । ଅମୀରଙ୍କର ପ୍ରଜାସଂଖ୍ୟା ପ୍ରକାଶିତ ହୋଇଅଛି ଅଫଗାନ ସ୍ଥାନରେ ତାଙ୍କର ୭୦ ଲକ୍ଷ କାବୁଲରେ ୭୦ ହଜାର କାନ୍ଦାହାରରେ ୫୦ ହଜାର ଓ ହେରାଟରେ ୪୫ ହଜାର ଲୋକଙ୍କର ବାସ ।

୩ । ଅଫଗାନ ଯୁଦ୍ଧର ବ୍ୟୟ ନିବାରଣ ପାଇଁ ପୁନର୍ବାର ଇନ୍‌କମ୍ ଟାକ୍ସ ବସିବ ଏରୂପ କଥା ଉଠିଅଛି ।

୪ । ଡାଇମଣ୍ଡ ହାରବାରରେ ଜଣେ ଦେଶୀୟ ସରକାରକୁ ଦୁଇଜଣ ନୀଚ ଶ୍ରେଣୀର ସାହେବ ତାହାକୁ ପାଣିରେ ଫୋପାଡ଼ି ଦେଇଥିଲେ ବିଚାରରେ ସେମାନଙ୍କ ଶତେ ଯାଏ ଟଙ୍କା ଜରିମାନା ହୋଇଅଛି । ଗୋଟିଏ ଜୀଅନ୍ତା ମନୁଷ୍ୟକୁ ଧରି ଜଳକୁ ଫୋପାଡ଼ି ଦେବା ଏ କିରୂପ ଭଦ୍ରତା ?

---

ନିମ୍ନ ଲିଖିତ ବାଳକମାନେ ମାଇନର ଛାତ୍ରବୃତ୍ତି ପାଇଅଛନ୍ତି ।

| | |
|---|---|
| ଗଣେଶ୍ୱର ମହାନ୍ତି | କେନ୍ଦ୍ରାପଡ଼ା |
| ଶ୍ରୀହରି ଗିରି | ଭଦ୍ରଖ |
| ମୁକୁନ୍ଦପ୍ରସାଦ ମହାନ୍ତି | କେନ୍ଦ୍ରାପଡ଼ା |
| ରାଧାନାଥ ମହାନ୍ତି | ସୋରୋ |
| ରଘୁନାଥ ମହାନ୍ତି | ଭଦ୍ରଖ |
| ହରେକୃଷ୍ଣ ମହାପାତ୍ର | ନିମାପଡ଼ା |
| ଜଗନ୍ନାଥପ୍ରସାଦ ବୋଷ | ରଘୁନାଥପୁର |

ନିମ୍ନ ଲିଖିତ ବାଳକମାନେ ଭର୍ଣ୍ଣାକୁଲର ଛାତ୍ରବୃତ୍ତି ପାଇଅଛନ୍ତି ।

| | |
|---|---|
| ଶ୍ରୀହରି ପଟ୍ଟନାୟକ | ବାଲେଶ୍ୱର ମିଶନ |
| ବୈଦ୍ୟନାଥ ବେହେରା | ଏକନ |
| ମଦନମୋହନ ପଟ୍ଟନାୟକ | ଜଉପଡ଼ା |
| ଚନ୍ଦ୍ରମୋହନ ମହାରଣା | କେମ୍ବା |
| ଜାନକୀବଲ୍ଲଭ ଦାସ | ବେଲବୋଇ |
| ରାମକୃଷ୍ଣ ଶତପଥୀ | ମହାସିଂହପୁର |
| ଦୀନବନ୍ଧୁ ଚମ୍ପତିରାୟ | ଜଉପଡ଼ା |
| ପ୍ରହ୍ଲାଦ ଚୌଧୁରୀ | ପଟ୍ଟାମୁଣ୍ଡେଇ |
| ସଦାନନ୍ଦପ୍ରସାଦ ରାୟ | କଟକ ମଟେର |
| ଚତୁର୍ଭୁଜ ଦାସ | ମହାସିଂହପୁର |
| ମାଗୁଣି ଦାସ | [illegible] |
| ଗୋବିନ୍ଦପ୍ରସାଦ ଦାସ | କାଉପୁର |
| ଶେଖ ମଇନୁଦ୍ଦିନ | କୃଷ୍ଣନନ୍ଦପୁର |
| ଲକ୍ଷ୍ମଣ ଭୁଡିସା | ସାବାପୁର |

Cuttack, 6th. Febry. 1879. — RADHANATH RAI. *Joint Inspector of schools Orissa Circle.*

---

ଏହି ଉତ୍କଳଦୀପିକା ସହର କଟକ ଉଡ଼ିଷାବଜାର କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୧୦ ମ
୪୮ ସଂଖ୍ୟା

ତା ୨୨ ଦଶ ମାହେ ଫିବ୍ରୁଏରୀ ସନ ୧୮୭୯ ମସିହା । ମୁ । ଫାଲ୍ଗୁନ ୭ ୮ ନ ସନ ୧୨୮୬ ସାଲ ଶନିବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୩
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୬।
ମଫସଲପାଇଁ ଡାକମାସୁଲ ଟ୧୷

ମହାରାଣୀ ସ୍ୱର୍ଣ୍ଣମୟୀଙ୍କ ବଦାନ୍ୟତାର ପୁନଃଃ ପ୍ରମାଣ ଦେଖି ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦିତ ହୋଇ ଅଛୁଁ ଯେ କୌଣସି ସାଧାରଣ ହିତକର ଓ ଆବଶ୍ୟକୀୟ କାର୍ଯ୍ୟ ପଡ଼ୁଅଛି ତହିଁରେ ମହାରାଣୀଙ୍କର ଯଥାସାଧ୍ୟ ସାହାଯ୍ୟ ହେଉଅଛି ଏପରି ଦାନଶୀଳତା ମହିଳା ପକ୍ଷରେ ବଡ଼ ପ୍ରଶଂସନୀୟ ଅଟଇ ସନ୍ଦେହ ନାହିଁ । କଲିକତାର ବଙ୍ଗାଳି ମୃତ କବିଶ୍ରେଷ୍ଠ ରମାନାଥ ସେନଙ୍କର ପରିବାରଙ୍କର ଭରଣପୋଷଣାର୍ଥ ସାଧାରଣଙ୍କର ସାହାଯ୍ୟ ଆବଶ୍ୟକ ହୋଇ ଅଛି କାରଣ ମୃତ କବିବର ଅନେକ ଅର୍ଜ୍ଜନ କରିଥିଲେହେଁ ଦାନଶୀଳତା ସ୍ୱଭାବ ବଶତଃ ଦୁଃଖୀ ଦରିଦ୍ରଙ୍କ ସାହାଯ୍ୟରେ ସମୁଦାୟ ଅର୍ଥ ବ୍ୟୟ କରି କିଛିହିଁ ସଞ୍ଚୟ କରି ନାହାନ୍ତି । ତାଙ୍କ ପ୍ରତି ମାନ୍ୟ ଓ ସ୍ନେହ ଓ ତାଙ୍କ ପରିବାରଙ୍କର ପୋଷଣପାଇଁ କଲିକତାରେ ଚେନ୍ଦା ସଂଗ୍ରହ ହେଉଅଛି ଏଥିରେ ମହାରାଣୀ ୫୦୦ ଙ୍କା ଚେନ୍ଦା ଦେଇ ଅଛନ୍ତି । ଏହା ଏ ପର୍ଯ୍ୟନ୍ତ ସଂଗୃହୀତ ଚେନ୍ଦା ମଧ୍ୟରେ ସର୍ବାଧିକ ଅଟଇ ।

---

କଟକରୁ ଚନ୍ଦବାଲି ପର୍ଯ୍ୟନ୍ତ ସରକାରୀ ଜାହାଜ ଗତାୟାତର ହିସାବ କାହାରି ଅଛି ତହିଁରୁ ଦେଖାଯାଏ ଯେ ସନ ୧୮୭୮ ସାଲ ଜାନୁଆରୀରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ୧୨ମାସରେ ଟ ୧୬୨୧୦ ଙ୍କା ଆୟ ହୋଇଅଛି ତହିଁ ମଧ୍ୟରୁ ୫୩୨୭୮ ଙ୍କା ଖର୍ଚ୍ଚ ଯାଇ ବାକି ୫୮୯୩୨ ଙ୍କା ଲାଭ ହୋଇଅଛି । ଏ ଫଳ ଅତି ସନ୍ତୋଷଜନକ ଅଟେ ଏଥିରେ ସରକାରର ଯେପରି ଲାଭ ଓ ଲୋକମାନଙ୍କର ସେହିପରି ସୁବିଧା ହୋଇ ଅଛି ଓ ଏ ଉପାୟର ଉଦ୍ୟୋଗକର୍ତ୍ତା ଆମ୍ଭମାନଙ୍କର ଲେଫ୍ଟେନେଣ୍ଟ ଗବର୍ଣ୍ଣର ମାନ୍ୟବର ଇଡେନସାହେବ ଥିବାରୁ ତାଙ୍କୁ ଭୂରି ପ୍ରଶଂସା କରୁଅଛୁଁ । ପରୀକ୍ଷା ସ୍ୱରୂପ ଏ ଜାହାଜ ଗମନାଗମନର ବନ୍ଦୋବସ୍ତ ହୋଇ ଥିଲା ଏପରି ସନ୍ତୋଷଜନକ ଫଳ ହେବାରୁ ଆମ୍ଭେମାନେ ଭରସା କରୁଁ ଯେ ଏହା ଚିରସ୍ଥାୟୀ ହେବ ଓ ବର୍ତ୍ତମାନ ପତ୍ତାମୁଣ୍ଡାଇ ଓ ଚନ୍ଦବାଲି ମଧ୍ୟରେ ନଦୀରେ ଜାହାଜ କେବେ ବସିଯାଇ ଯେ ଅସୁବିଧା ପଡ଼ୁଅଛି ତହିଁର ମଧ୍ୟ ବହୁତ ପ୍ରତିକାର ହେବ ।

---

ହୁଇନଫିଲ୍ଡସାହେବ ଏଠାର କଲେକ୍ଟର ପଦରେ ନିଯୁକ୍ତ ହୋଇଥିବାର ଆମ୍ଭେମାନେ ପୂର୍ବେ ଲେଖିଥିଲୁଁ । ସେ ଗତ ମଙ୍ଗଳବାର ପ୍ରାତଃକାଳେ ଏଠାରେ ପ୍ରବେଶ ହୋଇ ସେଦିନ କଚେରୀକୁ ଯାଇ ବୁଲିବାଲି ସବୁ ଦେଖି ବୁଧବାର ଚଜ [illegible] ନେବାର ସ୍ଥିର କଲେ ମାତ୍ର ସେ ଇତ୍ୟବସରରେ ଫେରି ଯିବାପାଇଁ ଗବର୍ଣ୍ଣମେଣ୍ଟକୁ ତାରଡାକରେ ପ୍ରାର୍ଥନା କରିବାରୁ ତଦ୍ରୂପ ଆଜ୍ଞା ଆସିଲା ଓ ସେ ସେଦିନ ଏଠାରୁ ପ୍ରସ୍ଥାନ କଲେ । ଏ ଚମତ୍କାରକଥାର କାରଣ କଣସବୁ ଜାଣି ନପାରି କେହି କେହି ଅନୁମାନ କଲେ ଯେ [illegible] କମିଶନରସାହେବ ଗବର୍ଣ୍ଣମେଣ୍ଟକୁ ଲେଖିଥିଲେ କି କିମ୍ସ ସାହେବଙ୍କ ଫେରିଆସିବା ପର୍ଯ୍ୟନ୍ତ ହାଣ୍ଡ୍ଲି ସାହେବ ଏଠାର କର୍ମ ଚଳାଇ ପାରିବେ ଅନ୍ୟ କର୍ମଚାରୀ ପଠାଇବାର ଆବଶ୍ୟକ ନାହିଁ ଚିଠୀ ପହଞ୍ଚିବା ପୂର୍ବେ ହୁଇନଫିଲ୍ଡ ସାହେବ ଏଠାକୁ ଆସିବାର ଆଜ୍ଞା ପାଇ ଥିବାରୁ ତଦନୁସାରେ ସେ ଚାଲି ଆସିଲେ ଓ ଚିଠୀ ପହଞ୍ଚିବା ଉତ୍ତାରେ ତାଙ୍କୁ ଫେରିଯିବାର ଆଜ୍ଞା ହେଲା । ମାତ୍ର ଆମ୍ଭେମାନେ ଏହା ଲେଖିବା ଉତ୍ତାରେ ବିଶ୍ୱସ୍ତସୂତ୍ରେ ଅବଗତ ହୋଇଅଛୁଁ ଯେ ହୁଇନ ଫିଲ୍ଡ ସାହେବ ଏ ଜିଲାର କର୍ମ ବିଶେଷ ଥିବା ଓ ସେ ଓଡ଼ିଆଭାଷା ଜାଣି ନ ଥିବାରୁ ତାହା ତାଙ୍କ ପ୍ରତି ଅଧିକ କଷ୍ଟକର ହେବା ବିବେଚନାରେ ସେ ଏଠା କର୍ମର ଭାର ନ ନେଇ ଫେରିଯିବାର ସ୍ଥିର କଲେ ! ସାହେବ ପ୍ରଶଂସିତ ଆରବୀ, ପାରସୀ, ହିନ୍ଦୀ ଓ ବଙ୍ଗଭାଷାମାନ ଜାଣନ୍ତି ତଥାପି ସେ ମାହାଫିଜଖାନାରେ ଓଡ଼ିଆ କିଟା କରଣୀ ଅକ୍ଷର ଦେଖି ବୟୋଧିକ ସମୟରେ ତାହା ଶିଖିବାର ଅସାଧ୍ୟ ଜ୍ଞାନ କଲେ ଏବଂ ଭାଷା ନ ଜାଣିଲେ କର୍ମ ଉତ୍ତମରୂପେ ଚଳାଇ ପାରିବାରେ ଆପଣାକୁ ଅକ୍ଷମ ବୁଝି ଫେରି ଗଲେ । ଏହା ଅତି ବିବେକତା ଅଟଇ ।

---

### କାବୁଲ୍ ଯୁଦ୍ଧ ।

କାବୁଲ ଯୁଦ୍ଧର ସମ୍ବାଦରେ ଅତି ରସ ନାହିଁ ଯୁଦ୍ଧର ସମସ୍ତ ସଜ ଅଥଚ ଯୁଦ୍ଧ ନାହିଁ । ସୈନ୍ୟମାନେ କେବଳ ବଣୁଆ ଲୋକଙ୍କୁ ଦମନ

Digitized by srujanika@gmail.com

କରିବା ସକାଶେ ଅସ୍ତ୍ରଧାରଣ କରୁ ଅଛନ୍ତି କରୁବା ଶତ୍ରୁ ସଙ୍ଗେ ଦେଖା ନାହିଁ । ଏକ କଥା ଉଠିଥିଲା ଯେ ଅମିରଙ୍କର ମୃତ୍ୟୁ ହୋଇଅଛି । ପଛେ ନିଶ୍ଚିତ ସଂବାଦ ଆସିଲା ଯେ କାବୁଲର ଅମିର ନୁହେ ବୋଖାରାର ଅମିରଙ୍କ ମୃତ୍ୟୁ ହୋଇ ଅଛି । ଫଳତଃ ଅମିର ଆପଣା ରାଜ୍ୟରେ କାହାକୁ ପ୍ରତ୍ୟୟ ସେ କରୁଥିଲେ ତାହାଙ୍କ ସଙ୍ଗେ କିଛି କାର୍ଯ୍ୟ ହୋଇ ପାରୁ ନାହିଁ । ଯାକୁବଖା-ନଙ୍କର ପୂର୍ବ ତେଜ ଓ ବଳ ନାହିଁ ଓ ତାହାଙ୍କୁ କେହି ମାନୁ ନାହାନ୍ତି । ଏହାଙ୍କ ସଙ୍ଗେ ସନ୍ଧି ଅବା କପରି ହେବ । ଅମିରଙ୍କର ଇଚ୍ଛା ଥିଲେ-ହେଁ ଏ କିଛି କରି ନ ପାରନ୍ତି । ତେବେସୁଦ୍ଧା ଏମନ୍ତ ଏକ ଜନରବ ଶୁଣାଯାଏ ଯେ ଇଂରାଜ ଗବର୍ଣ୍ଣମେଣ୍ଟ ସନ୍ଧିର ପ୍ରସ୍ତାବ ଯାକୁବଖାନଙ୍କର ନିକଟରେ କରିଥିଲେ ମାତ୍ର ସେ ତହିଁରେ ସମ୍ମତ ହେଲେ ନାହିଁ । ଏଣେ ବରଫ ଓ ବର୍ଷା ହେତୁରୁ ଇଂରାଜ ସେନା ଅଗ୍ରସର ହୋଇ ପାରୁ ନାହାନ୍ତି ଓ ୭୦୦ ଓଟ ଏକ ପକ୍ଷରେ ମରି ଯିବାର ସଂବାଦ ଆସିଅଛି । ବର୍ଷାହେତୁ ଖାଦ୍ୟଦ୍ରବ୍ୟର କିଛି ସସ୍ତା ହୋଇଅଛି ଏହି ଗୋଟିଏ ଶୁଭସମ୍ବାଦ ଅଟଇ । ବରଫ ଓ ବର୍ଷା ଛାଡ଼ିଲେ ସୈନ୍ୟମାନେ ଯେ ଅଗ୍ରସର ହେବେ ଏଥିର ସମ୍ଭାବନା ମଧ୍ୟ ଅଧିକ ଦେଖା ନାହିଁ । ଏକପକ୍ଷରେ ଇଂରାଜମାନେ ପ୍ରଧାନ ଘାଟିମାନ ହସ୍ତଗତ କରି ଯୁଦ୍ଧରେ ଯାହା ଆଶା କରିଥିଲେ ତାହା ପାଇ ଅଛନ୍ତି । ଅମିରଙ୍କର ରାଜ୍ୟ ନେବା ତାହାଙ୍କର ଇଚ୍ଛା ନୁହଇ ବରଂ ଅମିରଙ୍କୁ ସ୍ୱାଧୀନ ରଖିବାର ଇଚ୍ଛା ତେବେ ଆଉ ତାହାଙ୍କ ସଙ୍ଗେ ଯୁଦ୍ଧ କରିବା ଅନର୍ଥକ ଓ ସେ ମଧ୍ୟ ଯୁଦ୍ଧ କରିବାକୁ ବାହାରୁ ନାହାନ୍ତି । କେବଳ ବସି ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ଦମ୍ଭ ଓ ବ୍ୟୟ ବୃଦ୍ଧି କରୁଅଛନ୍ତି । ଏ ଗୋଟିଏ ନୂଆ ପ୍ରକାର ଯୁଦ୍ଧ ହେଲା ଏହା କେବେ କିପରି ଶେଷ ହେବ ଅମ୍ଭେମାନେ ସ୍ଥିର କରି ପାରୁନାହୁଁ ।

———

ଲଣ୍ଡନନଗରରୁ ଆସିଥିବା ଟେଲିଗ୍ରାମ ସମ୍ବାଦଟି ଅମ୍ଭେମାନେ ପାଠକରି ଅତ୍ୟନ୍ତ ଚମତ୍କୃତ ହେଲୁଁ । ସମ୍ବାଦଟି ଯଥା;—

କେପରୁ ସମ୍ବାଦ ଆସିଅଛି ଯେ ଇଂରାଜଙ୍କର ୨୪ ନମ୍ବର ରେଜିମେଣ୍ଟର ପାଞ୍ଚକମ୍ପାନି ପଦାତିକ, କତିପୟ ଦେଶୀୟ ସେନା ଏବଂ ଏକ ପଲଟନ ଗୋଲନ୍ଦାଜ ଜୁଲୁମାନଙ୍କ ଅତର୍କିତା-[illegible] କୋଡ଼ିଏହଜାର ସେନାଦ୍ୱାରା ଆକ୍ରାନ୍ତ ହୋଇ ସମୂଳେ ଧ୍ୱଂସ ହୋଇ ଅଛନ୍ତି । ଇଂରାଜଙ୍କର ୫୦୦ ଜଣ ହତ ହୋଇଅଛି ତହିଁମଧ୍ୟରେ ଦୁଇଜଣ ମେଜର ଚାରିଜଣ କପ୍ତାନ ବାରଜଣ ଲେଫ୍ଟେନେଣ୍ଟ ଦୁଇଜଣ ଗୋଲନ୍ଦାଜ କପ୍ତାନ ଏବଂ ଇଞ୍ଜିନିୟର୍ସ ଇଲାକାର ଜଣେ କର୍ଣ୍ଣେଲ ଦୁଇଜଣ କପ୍ତାନ ଏବଂ ଚାରିଜଣ ଲେଫ୍ଟେନେଣ୍ଟ ଏପରି ଦେଶୀୟ ସୈନ୍ୟଙ୍କ ଉପରେ ଥିବା ୨୧ଜଣ ଇଂରାଜ ସରଦାର ଅଛନ୍ତି । ଜୁଲୁମାନଙ୍କର ପାଞ୍ଚହଜାର ଲୋକ କ୍ଷତ ହୋଇ ଅଛି । ନ ୨୪ ମ୍ବର ପଲଟନର ଧ୍ୱଜା ଏବଂ ଅନେକ ଯୁଦ୍ଧର ଉପକରଣ ଶତ୍ରୁହାତରେ ପଡ଼ିଅଛି ।

କେପଷ୍ଟାଟନ୍ତି ଅନ୍ତିକାରେ ଇଂରାଜଙ୍କର ଗୋଟିଏ ଉପନିବେଶ ଅଛି ଏବଂ ଜୁଲୁପ୍ରଭୃତି ଅସଭ୍ୟ ଜାତି ସେଠାରେ ବାସ କରନ୍ତି ତାହାଙ୍କ ସଙ୍ଗେ ଇଂରାଜଙ୍କର ସୁଶିକ୍ଷିତ ସୈନ୍ୟ ଯୁଦ୍ଧକରି ଏତାଦୃଶ ପରାଭବ ପାଇଲେ ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଅଛି । ସମ୍ମୁଖଯୁଦ୍ଧରେ ଏପରି ହେବା ଅସମ୍ଭବ ଏଥିରୁ ବୋଧ ହୁଅଇ କୌଣସି ଷଡ଼ଯନ୍ତ୍ର ଏଥିର ମୂଳରେ ଥିବ । ବାସ୍ତବରେ ଏଥି ପତ୍ରର ଏକ ସମ୍ବାଦରୁ ଜଣାଯାଏ ଯେ ବ୍ରିଟିଶ ସୈନ୍ୟ ଏକ ମାଡ଼ିରେ ପଡ଼ି ଆପଣା ଛାଉଣିଠାରୁ ଅନ୍ତର ହୋଇ ଯାଇଥିଲେ [illegible] । ନାଶହେବା ସୈନ୍ୟସଂଖ୍ୟା ୭୦୦ଜଣ ଅଟଇ ଯାହାହେଉ ଏଥିର ବିସ୍ତାରିତ ବିବରଣ ଜଣାଯିବାପର୍ଯ୍ୟନ୍ତ କିଛି ମତାମତ ଅମ୍ଭେମାନେ ସ୍ଥିର କରି ପାରୁ ନାହୁଁ ।

—*—

### ସଦାବର୍ତ୍ତ ଓ ଜଗନ୍ନାଥମନ୍ଦିର ବିଷୟକ ବ୍ୟବସ୍ଥା ।

ମାନ୍ୟବର ଡାମ୍ପିୟରସାହେବ ଏଠାକୁ ଯେ ସମସ୍ତ କାର୍ଯ୍ୟ କରିବାକୁ ଆସିଥିଲେ ତହିଁମଧ୍ୟରେ ସଦାବର୍ତ୍ତ ସମ୍ପତ୍ତିର ରକ୍ଷା ଏବଂ ଜଗନ୍ନାଥମନ୍ଦିରର କାର୍ଯ୍ୟ ନିର୍ବାହ ବିଷୟରେ କିପରି ବନ୍ଦୋବସ୍ତ କଲେ ଭଲ ହେବ ତହିଁର ପରାମର୍ଶ ଏଠା ଲୋକଙ୍କ ସହିତ କରିବା ପ୍ରଧାନ କାର୍ଯ୍ୟ ଥିଲା । ସଦାବର୍ତ୍ତ ସମ୍ପତ୍ତି ବିଷୟରେ ଯେପ୍ରକାର ଆଇନ କଲେ ଭଲ ହେବ ତହିଁର ଏକ ଚଠା ଏଠାର ସୁହୃଦ୍‌ମାନେ ପ୍ରସ୍ତୁତ କରିଥିବା କଥା ପାଠକମାନେ ପୂର୍ବରୁ ଜାଣିଅଛନ୍ତି । ସେହି ଚଠା ତାହାଙ୍କୁ ଅର୍ପିତ ହେଲା ଏବଂ ସେଥି ଲିଖିତ କଥାମାନ ବୁଝିବାକାରଣ ଗତ ଶନିବାର ମଧ୍ୟାହ୍ନକାଳରେ ସୁହୃଦ୍‌ବର୍ଗଙ୍କ କେତେକ ସଭ୍ୟ ଏବଂ ଅପର ଦୁଇ ଚାରିଜଣ ଦେଶୀୟ ଭଦ୍ରଲୋକଙ୍କୁ ସେଠା ସାହେବ [illegible] କମିଶନରଙ୍କ କୋଠି-ଠାରେ ଏକ ସଭା କରିଥିଲେ ଏବଂ ଉକ୍ତ ସଭା-ରେ ଉପରଲିଖିତ ଚଠା ଆଇନର ସମସ୍ତ ଧାରା ପାଠକରି ଯେଉଁଠାରେ ଯାହା ସନ୍ଦେହ ହେଲା ତାହା ସବୁ ମୀମାଂସା କରୁନେଲେ । ସାହେବ ଆପଣା ମତ କିଛି ବ୍ୟକ୍ତ କରୁ ନାହାନ୍ତି କେବଳ ଏଠା ଲୋକଙ୍କ ମତ ଜାଣିବାକାରଣ ସଭା କରିଥିଲେ ଓ ତାହା ବୁଝିନେଲେ । ଏଥିରେ ଯେ-ପ୍ରକାର ବ୍ୟବସ୍ଥା କରିବାର ହେବ ତହିଁର ପରାମର୍ଶ ସେ ଗବର୍ଣ୍ଣମେଣ୍ଟଙ୍କୁ ଦେବେ । କେବଳ ତାହାଙ୍କ କଥାବାର୍ତ୍ତାରୁ ଏତିକି ଜଣାଗଲା ଯେ ମାନ୍ଦ୍ରାଜରୁ ଏ ବିଷୟରେ ଯେଉଁ ପାଣ୍ଡୁଲିପି ଆସିଅଛି ସାହେବଙ୍କ ମତ ତହିଁର ସପକ୍ଷରେ ନୁହଇ ଏଠା ପାଣ୍ଡୁଲିପି ପ୍ରାୟ ତାହାଙ୍କର ମନୋନୀତ ହୋଇଅଛି ଏବଂ ଏହି ମର୍ମର ସେ ଗୋଟିଏ ଆଇନର ଚଠା ପ୍ରସ୍ତୁତ କରିବେ ଏପରି ଅନୁମାନ ହୁଅଇ । ସାହେବ ଯେପରି ସୁନ୍ଦର ବକ୍ତୃତା ଦ୍ୱାରା ଏ ବିଷୟର ତର୍କବିତର୍କ ଆରମ୍ଭ କଲେ ଏବଂ ତର୍କବିତର୍କରେ ଯେମନ୍ତ ବିଚକ୍ଷଣତା ଦେଖାଇ-ଲେ ସଭ୍ୟମାନେ ତହିଁରେ ମୋହିତ ହୋଇ ସାହେବଙ୍କର ପ୍ରଶଂସା କରିଥିଲେ ।

ସଦାବର୍ତ୍ତର କଥା ଶେଷ ହେଲାରୁ ଶ୍ରୀମନ୍ଦିରର କାର୍ଯ୍ୟ ନିର୍ବାହ ପ୍ରସଙ୍ଗର ଅବତାରଣା କରି ସାହେବ କହିଲେ ଯେ ଏ ବିଷୟରେ ପୂର୍ବରୁ ଯେଉଁ ଆଇନଦ୍ୱାରା ପୁରୀରାଜାଙ୍କୁ ମନ୍ଦିରର ଭାର ଦିଆ ଯାଇଅଛି ସେ ଆଇନ ପରିବର୍ତ୍ତନ କରିବାର ଆବଶ୍ୟକ ହୋଇଅଛି । ସମ୍ପ୍ରତି ପୁରୀର ରାଜା କାରାବାସରେ ଥିବା ଏବଂ ତାହାଙ୍କ ପୁତ୍ର ନାବାଳଗ ଥିବାରୁ ମନ୍ଦିରକାର୍ଯ୍ୟ ନିର୍ବାହ ପକ୍ଷରେ ବଡ଼ ଅସୁବିଧା ପଡ଼ିଅଛି ଏବଂ ମନ୍ଦିରର ସେବା ଇତ୍ୟାଦି କ୍ରିୟା ମନ୍ଦିର ମଧ୍ୟରେ ଜନତା ନିବାରଣ, ସ୍ୱାସ୍ଥ୍ୟରକ୍ଷା, ଯାତ୍ରୀଙ୍କ ପ୍ରାଣରକ୍ଷା ପ୍ରଭୃତି ନାନା ବିଷୟରେ ରାଜାଙ୍କର ଦାୟିତ୍ୱ ଅଟେ ସାଧାରଣ ହିତ ଉଦ୍ଦେଶରେ ଗବର୍ଣ୍ଣମେଣ୍ଟ ସେ ସମସ୍ତ କର୍ମ ସୁଶୃଙ୍ଖଳରୂପେ ହେଉଅଛି କି ନା ସର୍ବଦା ଦେଖିବାକୁ ବାଧ୍ୟ । ଏଥି ପୂର୍ବେ ଗୋବିନ୍ଦଦ୍ୱାଦଶୀ ସମୟରେ ଯେଉଁ ଶୋଚନୀୟ ଦୁର୍ଘଟନା ସେଠାରେ ଘଟିଥିଲା ଉପରଲିଖିତ ବିଷୟମାନଙ୍କର ତାହା ଗୋଟିଏ ଉଦାହରଣ ଅଟଇ । ରାଜା ଥିବା ସମୟରେ ଏହାଙ୍କ ଏ ସମସ୍ତ କାର୍ଯ୍ୟ ନିର୍ବାହ କରିବା କଠିନ ଏବଂ ଏହି ସମସ୍ତ କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ ଶାସନ-

Split by PDF Splitter
Digitized by srujanika@gmail.com

ଙ୍କଠାରୁ ସର୍ବଦା ତାହାଙ୍କ ଉକ୍ତିକୁ ପରଓ୍ୱାନା ହୁକୁମ ପଠାଇ ଯିବା ଏବଂ ତହିଁର ତୈଫିୟତ୍ ଦେବାକୁ ସେ ବାଧ୍ୟ ହେବା ରାଜମର୍ଯ୍ୟାଦା ପକ୍ଷରେ ଅଶୋଭନୀୟ ଅଟଇ। ଏହି ସବୁ କାରଣରୁ ସାହେବ ନିମ୍ନଲିଖିତ ପ୍ରକାରର ବ୍ୟବସ୍ଥା କରିବାକୁ ମାନସ କରିଅଛନ୍ତି ଯଥା;—

ମନ୍ଦିରର ସୁପରିଣ୍ଟେଣ୍ଡେଣ୍ଟ ଯେପରି ରାଜା ଅଛନ୍ତି ସେହିପରି ଥିବେ। ତାହାଙ୍କୁ ପରାମର୍ଶ ଦେବାକାରଣ କୋଟିଏ କମିଟୀ ନିଯୁକ୍ତ ହେବ। ମୁକ୍ତିମଣ୍ଡପର ପଣ୍ଡିତମାନଙ୍କର ସଭା ପ୍ରାଚୀନକାଳରୁ ଅଛି ସେମାନେ ଧର୍ମସମ୍ବନ୍ଧୀୟ ନାନା ବିଷୟରେ ରାଜାଙ୍କୁ ପରାମର୍ଶ ଦେଅନ୍ତି ସେହିପରି ଅପର କାର୍ଯ୍ୟ ନିର୍ବାହ ବିଷୟରେ ନୂତନ ନିଯୋଜିତ ସଭା ରାଜାଙ୍କୁ ପରାମର୍ଶ ଦେବେ ଓ ସେହି ପରାମର୍ଶାନୁସାରେ ସମସ୍ତ କାର୍ଯ୍ୟ କରିବାକୁ ହେବ। ମନ୍ଦିରର କାର୍ଯ୍ୟ ନିର୍ବାହ ନିମନ୍ତେ ଜଣେ ମେନେଜର ବା ସରବରାହକାର ନିଯୁକ୍ତ ହେବ। ମେନେଜର ମନ୍ଦିରର ସମସ୍ତ କର୍ମ ନିର୍ବାହ କରିବେ ଓ ସମସ୍ତ ଦାୟି ତାହାଙ୍କ ଉପରେ ରହିବ ସରକାରଙ୍କ ପକ୍ଷରୁ ଯେତେବେଳେ ଯେ ଆଜ୍ଞା ହେବାର ପ୍ରୟୋଜନ ହେବ ଓ ଯାହା ଚିଠିପତ୍ର ଲେଖାପଢ଼ି ହେବ ସେ ସମସ୍ତ ମେନେଜରଙ୍କ ନାମରେ ହେବ ଓ ମେନେଜର ତହିଁର ଜବାବଦେହୀ କରିବେ। ଏପରି ହେଲେ ସରକାରୀ କାଗଜପତ୍ର ସହିତ ରାଜାଙ୍କର ସାକ୍ଷାତ ସମ୍ପର୍କ ରହିବ ନାହିଁ ମନ୍ଦିରର ସମସ୍ତ କାର୍ଯ୍ୟ ସକାଶେ ମେନେଜର ଦାୟୀ ହେବ ଏବଂ ତହିଁପାଇଁ ସେ ଦଣ୍ଡନୀୟ ମଧ୍ୟ ହୋଇ ପାରିବ। ରାଜାଙ୍କ ଅନୁପସ୍ଥିତ କାଳରେ ସଭାର ଅଧୀନରେ ମେନେଜରଙ୍କଦ୍ୱାରା ସୁନ୍ଦରରୂପେ କାର୍ଯ୍ୟ ଚଳିବ ଏବଂ ରାଜା ଉପସ୍ଥିତ ଥିବା କାଳରେ ମଧ୍ୟ ସଭାର ପରାମର୍ଶରେ ରାଜାଙ୍କର କାର୍ଯ୍ୟ ଉତ୍ତମରୂପେ ଚଳିବ।

ଏହିପ୍ରକାର ବ୍ୟବସ୍ଥା ଏଠା ଲୋକଙ୍କର ମନୋନୀତ ଅଟଇ କି ନାହିଁ ଏହା ଜାଣିବା କାରଣ ଶ୍ରୀ ଚଉଧୁରୀ କାଶୀନାଥଦାସଙ୍କୁ ସାହେବ ପ୍ରସଂଗିତ ପ୍ରଶ୍ନ କଲେ। ଚୌଧୁରୀ ଏ ବିଷୟ ପୂର୍ବରୁ ଚିନ୍ତାକରି ନ ଥିଲେ ସୁତରାଂ ଏ ପ୍ରକାର ଗୁରୁତର ବିଷୟରେ ସହସା ଉତ୍ତର ନ ଦେଇ ପଛେ ଉତ୍ତର ଲେଖି ପଠାଇବା ବୋଲି କହି ଆସିଲେ।

ଏଥିଉତ୍ତାରୁ ଚୌଧୁରୀ ମହାଶୟ ଏ ନଗରର ଜେନେଜ ଦେଶୀୟ ଭଦ୍ରଲୋକଙ୍କୁ ଏକ ସଭାକୁ ଅହ୍ୱାନ କରି ସମସ୍ତଙ୍କର ମତ ପଚାରିଲେ। ଅନେକ ତର୍କବିତର୍କ ଉତ୍ତାରୁ ସଭାରେ ଏହି ଧାର୍ଯ୍ୟ ହେଲା ଯେ ମାନ୍ୟବର ଡାମ୍ପୀୟର ସାହେବ ଯେଉଁପ୍ରକାର ବ୍ୟବସ୍ଥା କରିବାକୁ କଳ୍ପନା କରିଅଛନ୍ତି ତାହା ସ୍ଥୂଳରୂପେ ଭଲ ଅଟଇ ଓ ତହିଁରେ ସୁନ୍ଦରରୂପେ କାର୍ଯ୍ୟ ଚଳିବ ଏପରି ଅନାୟାସରେ ଆଶା କରାଯାଇ ପାରେ ମାତ୍ର ସାହେବ କେବଳ ମୋଟକଥା ପ୍ରକାଶ କରିଅଛନ୍ତି ତପସିଲ ଅବଧି କିଛି ଜଣାଯାଇ ନାହିଁ ଅଥଚ ଏ ପ୍ରକାର କାର୍ଯ୍ୟକାରିତା ତପସିଲ ଉପରେ ଅଧିକାଂଶ ନିର୍ଭର କରଇ। ଉକ୍ତ ତପସିଲମାନ ପ୍ରକାଶିତ ହେଲେ ତଦ୍ଦୃଷ୍ଟିରେ ତହିଁପ୍ରତି ଯାହା ମତାମତ ହେବ ସଭ୍ୟମାନେ ତାହା ଯଥାକାଳରେ ବ୍ୟକ୍ତ କରିବାର ଅଧିକାର ରଖି ଉପରଲିଖିତ ବ୍ୟବସ୍ଥାକୁ ମନୋନୀତ କରିବାର ଉତ୍ତର ପଠାଇଲେ।

---

ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ରଚିତ ସର୍ବସାର ବ୍ୟାକରଣ ନାମକ ଗ୍ରନ୍ଥର ପ୍ରଥମଭାଗ ଓଡ଼ିଶାପେଟ୍ରିଅଟ ପ୍ରେସରେ ପ୍ରଥମବାର ମୁଦ୍ରିତ ହୋଇ ବାହାରି ଅଛି ଓ ଅମ୍ଭେମାନେ ତହିଁରୁ ଏକଖଣ୍ଡ ଉପହାର ପାଇଥିବାର କୃତଜ୍ଞତା ସହିତ ସ୍ୱୀକାର କରୁଅଛୁ। ଏ ଗ୍ରନ୍ଥର ଭୂମିକାରେ ଗ୍ରନ୍ଥକର୍ତ୍ତା ଲେଖିଅଛନ୍ତି କି " ଏ ଗ୍ରନ୍ଥ ହେଲରୁ ଶ୍ରୀଯୁକ୍ତ କମିଶନରସାହେବ ମହାଶୟ ଏହାକୁ ସଦାନନ୍ଦଦାସ ଓ ପାରେନ୍ଦ୍ରନାଥ ଚୌଧୁରୀ ନାୟକପ୍ରଭୃତଙ୍କ ବ୍ୟାକରଣର ସହିତ ମାନ୍ୟବର ସ୍କୁଲସମୂହର ଇନସ୍ପେକ୍ଟରଙ୍କ ଶ୍ରୀଯୁକ୍ତ ବାବୁ ରାଧାନାଥ ରାୟ ମହାଶୟଙ୍କ ହସ୍ତରେ ପରୀକ୍ଷା କରିବାକୁ ସମର୍ପଣ କରିଥିଲେ ବାବୁ ମହାଶୟଙ୍କ ପରୀକ୍ଷା ଏବଂ ସାହେବ ମହାଶୟଙ୍କ ବିବେଚନାରେ ମୋହର ଏହି ବ୍ୟାକରଣ ଶ୍ରେଣୀ ସର୍ବୋତ୍କୃଷ୍ଟ ହେବାରୁ ସ୍କୁଲ ସମୂହର ପାଠ୍ୟପୁସ୍ତକ ମଧ୍ୟରେ ନିର୍ଦ୍ଧାର୍ଯ୍ୟ ହେଲା ମଧ୍ୟ ମୁଁ ଶଏଟଙ୍କା ପୁରସ୍କାର ପାଇଲି ଏବଂ ଗ୍ରନ୍ଥର ନାମ (ସର୍ବସାର ବ୍ୟାକରଣ) ଦେଲି "। ସୁତରାଂ ଆଉ ସମାଲୋଚନାର ପ୍ରୟୋଜନ ନାହିଁ।

---

## ସାପ୍ତାହିକସଂବାଦ।

ଅସ୍ମାନଙ୍କର କଲେକ୍ଟର ଶ୍ରୀଯୁକ୍ତ ଫତବ ସାହେବ ଗତ ଶନିବାର ଦିନ ଡାଣ୍ଡଲ ସାହେବଙ୍କୁ କଲେକ୍ଟର ଗୃହ ଦେଇ ବସଏଠକୁ ଯିବାର ଉଦ୍ୟୋଗରେ ଅଛନ୍ତି। ପ୍ରାୟ ଆଗାମୀ ମଙ୍ଗଳବାର ଦିନ ଏଠାରୁ ପ୍ରସ୍ଥାନ କରିବେ।

ବିଲାତର ଡାକଦ୍ୱାରା ସମ୍ବାଦରୁ ଜଣାଗଲା ଯେ ଗତ ମାସ ତା ୧୩ ରିଖରେ ପାର୍ଲିମେଣ୍ଟ ସଭା ବସିଲା। ପ୍ରଧାନମନ୍ତ୍ରୀ ଏ ସଭାରେ ତଳ ଲିଖିତ କଥାମାନ ଜଣାଇଲେ ଯଥା;-

ବର୍ଲିନ ସଭର ନିୟମମାନ ଦୃଢ଼ରୂପେ ପ୍ରତିପାଳିତ ହେବାର ସମ୍ପୂର୍ଣ୍ଣ ଭରସା ଦେଖାଯାଏ।

ଅଫଗାନ୍ ଯୁଦ୍ଧର ଉଦ୍ଦେଶ୍ୟ ସଫଳ ହୋଇଅଛି। ସମ୍ପ୍ରତି ଅଫଗାନ୍ ସ୍ଥାନର ସ୍ୱାଧୀନତା ରକ୍ଷା କରିବା ସଙ୍ଗେ ସଙ୍ଗେ ଭାରତବର୍ଷର ସୀମା ପ୍ରଦେଶ ରକ୍ଷାର ଉପାୟ ସହଜରେ ହୋଇପାରେ ! ଅଫଗାନ୍ ସ୍ଥାନର ତିନୋଟି ପ୍ରଧାନ ବାଟ ଇଂରାଜଙ୍କ ହସ୍ତଗତ ହୋଇଅଛି ଓ ସେ ବାଟମାନଙ୍କୁ ସେମାନେ ଅପଣା ହାତରେ ରଖିବାର ଆଶା କରନ୍ତି।

ଇଣ୍ଡିଆ ଗବର୍ଣ୍ଣମେଣ୍ଟ ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କଠାରୁ ଦୁଇ କୋଟି ଟଙ୍କା ବିନା ସୁଧରେ କେତେ ବର୍ଷ ସକାଶେ ଋଣ ପ୍ରାର୍ଥନା କରିଥିଲେ।

ଏଲାହାବାଦର ରାଜା ଶିବପ୍ରସାଦ ସି, ଏସ, ଆଇ, ଉକ୍ତ ନଗରରେ ଗୋଟିଏ ଶିଳ୍ପ ବିଦ୍ୟାଳୟ ସ୍ଥାପନ ନିମିତ୍ତ ପାଞ୍ଚହଜାର ଟଙ୍କା ଦାନ କରିଅଛନ୍ତି।

ପଞ୍ଜାବ ଏବଂ ଉତ୍ତର ପଶ୍ଚିମ ପ୍ରଦେଶମାନଙ୍କରେ ବୃଷ୍ଟି ଅଭାବରୁ ରବି ଫସଲର ଆଶା ଏକାବେଳକେ ଲୁପ୍ତ ହୋଇଥିଲା। ପଞ୍ଜାବର ଅବସ୍ଥା ପ୍ରାୟ ଅବଧି ସେହିପରି ଅଛି ମାତ୍ର ଉତ୍ତର ପଶ୍ଚିମ ପ୍ରଦେଶରେ ପ୍ରଚୁର ବୃଷ୍ଟି ହୋଇଅଛି ଏବଂ ସେଠିମାନେ ଗ୍ରୀଷ୍ମକାଳରେ ଫସଲ ପାଇବାର ଆଶା ଯେତେ ଥିଲେ ସେମାନେ ଏଥର ବାଉଗଣ କାଟିବେ ବୋଲି ଅପଣା ମୁହଁରେ କହୁଲେଣି।

ଲୁଷ୍ଟଭେଗ ଉପରେ ଗର୍ଜନ ତେଲ ଅତ୍ୟନ୍ତ ଉପକାରୀ ବୋଲି ଏକ ସମୟରେ ସାଧାରଣ ବିଶ୍ୱାସ ହୋଇଥିଲା କିନ୍ତୁ ପରୀକ୍ଷାରେ ସେ ବିଶ୍ୱାସ ସ୍ଥିର ହେଲା ନାହିଁ। ସନ ୧୮୭୭ ସାଲର ବାର୍ଷିକ ରିପୋର୍ଟରେ ଉତ୍ତର ପଶ୍ଚିମ ପ୍ରଦେଶର ଡାକ୍ତରଖାନାମାନଙ୍କର ଇନସ୍ପେକ୍ଟର ଜେନେରଲ ଯାହା ଲେଖିଅଛନ୍ତି ତହିଁରୁ ଜଣାଯାଏ ଯେ ଗର୍ଜନ ତେଲରେ ଲୁଷ୍ଟଭେଗର ଯେଉଁ ଉପକାର ହୁଅଇ ତାହା ଅତି ସାମାନ୍ୟ ଏବଂ ନଡ଼ିଆ ବା ଅନ୍ୟ ମିଶ୍ର ତେଲଦ୍ୱାରା ତାହା ହୋଇପାରେ। ଲୁଷ୍ଟଭେଗନାଶକ ଗୁଣ ଗର୍ଜନ ତେଲରେ ଥିବାର କୌଣସି ପ୍ରମାଣ ପାଆଯାଇ ନାହିଁ।

ବମ୍ବେଗାଡ଼ିଅନରେ ଲେଖାଅଛି କି ବମ୍ବେରୁ ସମ୍ପ୍ରତି ଜଣେ ଶ୍ରୀଷ୍ଟିୟାନ ଫକୀର ଆସିଅଛନ୍ତି। ଏ ବ୍ୟକ୍ତି ପୂର୍ବେ ପରମହଂସ ଥିଲେ ଏବଂ ଅବଧି ଗେରୁଆ ବସନ ପରିତ୍ୟାଗ କରି ନାହାନ୍ତି ଓ ସନ୍ନ୍ୟାସିର ରୂପ ଧାରଣ କରିଅଛନ୍ତି। ପାଦ୍ରିମାନଙ୍କ ସହିତ ଦୁଇ ବର୍ଷ ସହବାସ କରି ଶ୍ରୀଷ୍ଟଧର୍ମକୁ ମନରେ ସାର କରିଅଛନ୍ତି କିନ୍ତୁ ଭୂଷିତ ହୋଇ ନାହାନ୍ତି। ସଂସ୍କୃତ ଶ୍ଳୋକମାନ ସର୍ବଦା ଏହାଙ୍କ ମୁଖରୁ ଶୁଣାଯାଏ।

ପରୀକ୍ଷାଦ୍ୱାରା ଯେଉଁ ଦୁର୍ଗନ୍ଧ ବାଷ୍ପ ବାହାରେ ତାହା ଅଧିକ ପରିମାଣରେ ନାସା ରନ୍ଧ୍ରରେ ପ୍ରବେଶ କଲେ ମାସନ୍ତିକ ଜ୍ୱର ଉତ୍ପତ୍ତି ହେବାର ଡାକ୍ତରମାନେ ସ୍ଥିର କରିଅଛନ୍ତି।

ବମ୍ବେରେ ଲୁଚ୍ଚାର ପ୍ରଦର୍ଶନ ହେବ। ତେବେ ସେଠାରେ ଲୁଚ୍ଚାଙ୍କର ବଡ଼ ଆଦର।

ଘିଷ୍ଟ ନଙ୍କଟସ୍ଥ ଭୁଲ ଗ୍ରାମରେ ଗୋଟାଏ ବାଘୀ ବହୁଅ ଲୋକମାନଙ୍କ ଉତ୍ପୀଡ଼ନରୂପେ ଅପାର ହୁଅଛି। ଏପର୍ଯ୍ୟନ୍ତ ୨୧ ଜଣ୍କୁ ଝାମ୍ପିଅଛି ସେମାନଙ୍କ ମଧ୍ୟରୁ ସାତଜଣ ମରିଗଲେଣି।

ଅମ୍ଭେମାନେ ଅନ୍ତରର ସହିତ ଅବଗତ ହେଲୁଁ ଯେ ଅସ୍ମାନଙ୍କର ମହାମାନ୍ୟ ଲାଟ ସାହେବଙ୍କର ଏକ କୁମାର ଜନ୍ମ ହୋଇଅଛି।

Digitized by srujanika@gmail.com

କାବୁଲ ଯୁଦ୍ଧରେ ନିଯୁକ୍ତଥିବା ସୈନ୍ୟଙ୍କ ସାହାଯ୍ୟାର୍ଥ ନଗରୀର ଦେଶୀୟ ଭଦ୍ର ବ୍ୟକ୍ତିମାନେ ଟଙ୍କା ସଂଗ୍ରହ କରୁଅଛନ୍ତି ।

୫ । ସୁଲତାନାଗ୍ରଜ୍ଞ ଅବଗତ ହେଉଁ ଯେ ଜେଲ-ଦାରୋଗାଙ୍କର ଛାତ୍ରମାନଙ୍କ ପଢ଼ କାହାକେ ଦେଖା କରିବା ସ୍ଥଳେ ଯେଉଁ ଉପଦେଶ ପତ୍ର ତାହାର ହୋଇଥିଲା ତାହା କେବଳ ଜନ୍ମତାର ହାକିମ ସାର୍ଜନମାନଙ୍କ ଦ୍ବାରା ଛନ୍ତି ।

୬ । ଏବେଦନ ଉଗଲେ ବେଣୀଗୋପାଳ ଆପଣା ଲୋକମାନଙ୍କର ନାମ ବାହାର କରିଅଛି । ମତ ବପ୍ରପର ମକ-ଦମାରେ ବେଣୀଗୋପାଳର ସାକ୍ଷ୍ୟ ନିଆ ଯାଇଥିବ । ସେ କହୁଅଛି ଡେପୁଟୀ ମାଜିଷ୍ଟ୍ରେଟ ପ୍ରବେଶନାଥ ଶୁକ୍ଳ ଅନନ୍ତ ସରକାର, ବେସ୍ତବନ ମଳକ, ସ୍ନାମଲ ଦେ, ମତିଲାଲ ଭଞ୍ଜ ଏମାନେ ସମସ୍ତେ ଲୁଣୀଦାର ଥିଲେ । ଏମାନେ ସମସ୍ତେ ଖଜଣାଖାନାର ଅମଲ ।

୭ । ମୃତ ରମାନାଥ ବବରାନଙ୍କର ଯେଉଁ ଟଙ୍କା ଗ୍ରଣ ଥିବ ତାହା ପଦ୍ମଗୋଷ ଜମିରୁ ସହର ୨ ବର୍ଷ ଲୋକ-ମାନେ ହୁଣ୍ଡିଗାମ ଶ୍ରଏ ଲେଖାଏ ସ୍ନଦା ଦେଉଅଛନ୍ତି ।

୮ । ଉତ୍ତର ଦେଶରେ ଏହିକା କାମକ ଟେଲେଗ୍ରାଫର ଅଗ୍ନି ଉଦିତ ହୋଇଅଛୁ । ଏଥିର ସ୍ଥପସ୍ତେ ଭୂମି କମ୍ପ ହୋଇଅଛି । ସନ୍ଧ୍ୟା ଦଶ ଘଣ୍ଟାର କୌଣସି ଗିର୍ଜାରେ ସମସ୍ତେ ଉପାସନା କରୁଥିଲେ । ଏମନ୍ତ ସମୟରେ ସେ କମ୍ପ ହେଲା । ତେତେବେଳେ ସମସ୍ତେ ପ୍ରାଣ ଭୟରେ ଦ୍ୱାର ନିକଟରେ ଅତ୍ୟନ୍ତ ଠେଲାଠେଲି ହେବାରୁ ଅନେକ ଲୋକ ମରି ଯାଇଅଛନ୍ତି ।

୯ । ମୁକ୍ତାରାମ ବାବୁଙ୍କ ଶୁଣି ବାଟେ ଏଥି ମଧ୍ୟରେ ଯଦି କୌଣସି ବାବୁ ରାତ୍ରିରେ ନିମନ୍ତ୍ରଣ ଖାଇ ଥାଉଥିଲେ ଏମନ୍ତ ସମୟରେ ପୁଲିସ ପହରାବାଲାରୁ ପଚାରିଲେ କଅଣ ହେବେ ହେଉଛି ? ସେ ରାତ୍ର ସଙ୍ଗରେ ସଭ ବସି ପାରୁ ନାହିଁ ? ଅଥବା ତ ତୁମ୍ ବାପର ଗଡ଼ର ? ବାବୁ ଠାଉଁରେ ନାମ ଓ ନଅର ପଚାରିବାରେ ସେ ତାହାଙ୍କୁ ମତୁଆଲ ବୋଲି ଥାନାକୁ ନେଇ ଗଲା, ଲକ୍‌ଅପ୍ ଗୃହରେ ରୁନ୍ଧିଲେ ସବୁ ମିଛ । ବମ୍ବାଇରେ ସେ ବ୍ୟକ୍ତିର ଜରିମାନା ହୋଇଅଛି । କଲିକତା ପୁଲିସର ଯଶ ଲଭ ।

---

## ପ୍ରେରିତପତ୍ର ।

[ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

ସମସ୍ତ ଲୋକାନନ୍ଦ ଆପଣଙ୍କ ପତ୍ରିକାଭକ୍ତା-ମଣିରେ ଏଭଳି ମୁଲକ୍ଷିତ ପଂକ୍ତିମାନଙ୍କ ମୁଦ୍ରା-ଙ୍କିତକରି ଓଡ଼ିଶାବାସିଙ୍କି ଅବଗତ କରିବାହେବେ

ଅମ୍ଭେ ଶୁଣିପାରିଲୁଁ ଯେ ପୁରୀର ଶ୍ରୀ ଠାକୁର ମହାରାଜାଙ୍କ ଯାବଜ୍ଜୀବନ କାରାବାସରୁ ମୁକ୍ତ କରାଇବା ନିମିତ୍ତ ପାର୍ଲିମେଣ୍ଟ ସଭାରେ ଅପିଲ କରିବାକୁ କଉଁଣ୍ଟେଣ୍ଟ ଶ୍ରୀ ରାଜା ଉଦ୍ୟମ କରି କେନେଡ଼ିଆବ ଇଞ୍ଜିନ ଇଉରୋପୀୟ କାଉ-ନସିଲଙ୍କ ଦର୍ଶିଥି କଲେ ପାର୍ଲିମେଣ୍ଟରେ ପାଞ୍ଚ-ହଜାର ଟଙ୍କା ଯାକୁ ଦାଖଲ କଲେ ।

ସେ ଉକ୍ତପଦମାନଙ୍କ ଦଣ୍ଡର ଅପିଲ କରି-ବାର ଅଣ୍ଟବୋଲ କମ୍ପା ସମାଜର ଶ୍ରୀ ଠାକୁର ମହାରାଜାଙ୍କୁ ମୁକ୍ତ କରିବାକୁ ଆଦେଶ ଦେବେ ପୁଣି ସେଥିନିମିତ୍ତେ ଅଠଦଶ ଭଲେ କଉଣ୍ଟେ-ନଣ୍ଟ ଶ୍ରୀ ରାଜା ପାଞ୍ଚହଜାର ଟଙ୍କା ଲଣ୍ଡନକୁ ପଠାଇ ଅଛନ୍ତି ଅତି ସୁଖର ବିଷୟ ।

ଶ୍ରୀ ନାରାୟଣ ଗଡ଼ଜେନା ସାନ୍ତ
Head Dewan of Mandasa
to the Sree Rajah C. I. E.

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ନିମ୍ନଲିଖିତ କେତେକ ଥାଡ଼ପ୍ରତ ବରିକ୍ତ ନ ହୋଇ ସରଲାନ୍ତଃକରଣରେ ପତ୍ରିକାସ୍ଥ କରି ବାଧିତ କରିବା ହେବେ ।

ଉଦ୍ରଶ ଅନ୍ତର୍ଗତ କାନ୍ଦପୁର ମହାଶୟ ନଗର ଅନ୍ୟତର ଜମିଦାର ଶ୍ରୀଯୁକ୍ତ ବାବୁ ଗୋବିନ୍ଦବଲ୍ଲଭ ରାୟ ମହାଶୟଙ୍କର ନାମ ଆପଣଙ୍କ ପତ୍ରିକାରେ ଉଲ୍ଲେଖ ନ ହେଉ ଥାଇ ହୋଇ ପାରନ୍ତ ନାହିଁ; କାରଣ ମହାଶୟ ଅତି ଅଳ୍ପ ବୟସରେ ଯେ ଏପରି ସଦନୁଷ୍ଠାନରେ ପ୍ରବୃତ୍ତ ହୋଇଅଛନ୍ତି, ସେଥିନିମନ୍ତେ ଅମ୍ଭେ-ମାନେ ତାହାଙ୍କୁ ଦେଶହିତୈଷୀ ବୋଲି ଆପଣ-ଙ୍କର ପାଠକବର୍ଗଙ୍କ ନିକଟରେ ପରିଚିତ କରୁଅଛୁଁ । କାନ୍ଦପୁର ନିବାସିମାନଙ୍କର ଅଜ୍ଞାନାନ୍ଧ-କାର ମୋଚନାର୍ଥେ ବାବୁ ମହାଶୟ ଅଶେଷ କଷ୍ଟ ଓ ଯତ୍ନେନ ସ୍ୱୀକାରପୂର୍ବକ ସେଠାରେ ଗୋଟିଏ ଭର୍ଣ୍ଣାକ୍ୟୁଲର ସ୍କୁଲ ସ୍ଥାପନ କରାଇ ସେଥିର ଅଧିକାଂଶ ବ୍ୟୟଭାର ସ୍ୱୟଂ ବହନ କରୁଅଛନ୍ତି ଓ ସ୍କୁଲର ଛାତ୍ରଙ୍କୁ ଉପକରଣ-ମାନ କିଣି ଦେଉଅଛନ୍ତି । ବାଳକମାନେ ଯଥାସମୟ ସ୍କୁଲ ର ଉପସ୍ଥିତ ନ ହେଲେ ସେ-ମାନଙ୍କର ଅଭିଭାବକମାନଙ୍କୁ ନାନାପ୍ରକାର ସଦୁପଦେଶ ଦେଇ ଯେପ୍ରକାରେ ବାଳକମାନେ ପ୍ରତ୍ୟହ ସ୍କୁଲକୁ ଆସନ୍ତି ତାହାର ସୁବନ୍ଦୋବସ୍ତ କରିଅଛନ୍ତି ଓ ଅବସ୍ଥାନୁସାରେ କାହାର ୨ କୁ ପାଠ୍ୟପୁସ୍ତକ, ବେତନ ଓ ବସ୍ତ୍ର ସୁଦ୍ଧା ଦାନ କରୁଅଛନ୍ତି ।

ଯେତେବେଳେ ଉକ୍ତ ସ୍କୁଲ ସ୍ଥାପିତ ହୁଏ ତେତେବେଳେ କାନ୍ଦପୁରର ଭୂତପୂର୍ବ ମହାଶୟ ଗୋପୀବଲ୍ଲଭ ରାୟ ମାସିକ ୫ ୧୦ ଟଙ୍କା ଓ ଶ୍ରୀଯୁକ୍ତ ବାବୁ ଗୋବିନ୍ଦବଲ୍ଲଭ ରାୟ ୫ ୧୦ ଟଙ୍କା ଚାନ୍ଦା ଦେବାକୁ ସ୍ୱୀକୃତ ହୋଇଥିଲେ, ମହାଶୟ କହୁଅଛନ୍ତି ୫ ୧୦ ଟଙ୍କା ହିସାବରେ ଚାନ୍ଦା ଦେଇ ତାହାର ଭୂତପୂର୍ବରେ ଉଭୟ ଅନ୍ୟ କୌଣସି କାରଣରୁ ବନ୍ଦ କରି ଦେଲେ, କିନ୍ତୁ ଶ୍ରୀଯୁକ୍ତ ଗୋବିନ୍ଦ ବାବୁ ଏବେସୁଦ୍ଧା ଶ୍ରୀଯୁକ୍ତ କଲେକ୍ଟର ସାହେବ ମହୋଦୟଙ୍କ ଜଣାଇବାରେ ସାହେବ ମହୋଦୟ ମହାଶୟଙ୍କୁ ଚାନ୍ଦା ଦେବା ନିମନ୍ତେ ଅନୁରୋଧ କରିବାରେ ମହାଶୟ ୫ ୧୦ ଟଙ୍କା ନ ଦେଇ ୫ ୫ ଟଙ୍କା ଦେବାକୁ ସ୍ୱୀକୃତ ହେଲେ. ତେତେବେଳେ ଅନନ୍ୟ ଚାନ୍ଦା ଅଭାବର ଅନ୍ୟ ଉପାୟ ନ ଦେଖି ଗୋବିନ୍ଦବାବୁ ୫ ୧୦ ହିସାବରେ ଦେଲେ । ପୂର୍ବୋକ୍ତ ମହାଶୟଙ୍କ ଅନ୍ତେ ଅଧୁନାତନ ମହାଶୟ ଶ୍ରୀଯୁକ୍ତ ଲକ୍ଷ୍ମୀକାନ୍ତ ରାୟ ଆଜିପର୍ଯ୍ୟନ୍ତ ସେହି ହିସାବରେ ଦେଇ ଆସୁଥିଲେ ବର୍ତ୍ତମାନ ତାହା ସୁଦ୍ଧା ଦେବାକୁ ଅସ୍ୱୀକୃତ ହୋଇଅଛନ୍ତି, ଯଦ୍ୟପି ମହାଶୟ ଚାନ୍ଦା ବନ୍ଦ କରନ୍ତି ତାହା ହେଲେ ଉକ୍ତ ସ୍କୁଲ ରହିବା ସନ୍ଦେହ ।

ସମ୍ପାଦକ ମହାଶୟ ! ଯେସ୍ଥଳେ ମହାଶୟ-ଙ୍କର ଏକ ୨ ଘୋଷା ପଦର ଖର୍ଚ୍ଚ ୨ ଟଙ୍କା ବ୍ୟୟ ହୋଇଅଛି, ସେସ୍ଥଳେ ଯେ କାଣ୍ଟିକ ୫ ୫ ଟଙ୍କା ଦେବାକୁ କୁଣ୍ଠିତ ହେଉଅଛନ୍ତି, ଏ ବଡ଼ ଦୁଃଖ ଓ ଲଜ୍ଜାର ବିଷୟ ଅଟେ ଅତଏବ ମହାଶୟଙ୍କ-ଠାରେ ଅମ୍ଭମାନଙ୍କର ପ୍ରାର୍ଥନା ଏହି ଯେ ତାହାଙ୍କର ଅଙ୍ଗୀକୃତ ଯତ୍ସାମାନ୍ୟ ଚାନ୍ଦା ବନ୍ଦ ନ କରି ପୂର୍ବବତ୍ ଦାନ କରି ମହାଶୟ ନଗର ପ୍ରକୃତ ନାମ ରକ୍ଷା କରନ୍ତୁ । ଶ୍ରୀଯୁକ୍ତ ଗୋବିନ୍ଦ ବାବୁଙ୍କଠାରେ ପ୍ରାର୍ଥନା ଯେ ଯେପରି ଭାବ ସ୍ଥାପିତ ସ୍କୁଲରେ ଅଗରୁପଦ୍ରାର ବାପୁ ପ୍ରବେଶ କରି ନ ପାରେ ସେଥିପ୍ରତି ବିଶେଷ ଯତ୍ନ କରି ପ୍ରକୃତ ଦେଶହିତୈଷିତାର ପରିଚୟ ଦେଉନ୍ତୁ ।

କସ୍ୟଚିତ୍

---

## ବିଜ୍ଞାପନ ।

---

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଆଗାମି ସୋମବାର ତା ୨୪ ଦିନ ସନ୍ଧ୍ୟା ୬ ୫ ଘଣ୍ଟା ସମୟରେ ଟ୍ରିଣ୍ଡି-ବଜାରସ୍ଥ ଦୋମହଲରେ ଉତ୍କଳ ସଭାର ସାମ୍ବତ୍ସରିକ ଅଧିବେଶନ ହେବ ଓ ଉକ୍ତ ଅଧିବେଶନରେ ବାବୁ ଗୌରୀ ମୋହନ ଅଗ୍ରୁଣି (ଜାଗଦ୍ଦଳକର) ବିଷୟରେ ଗୋଟିଏ ବକ୍ତୃତା ପ୍ରଦାନ କରିବେ । ଅତଏବ ପ୍ରାର୍ଥନା ଯେ ଉକ୍ତ ସମୟରେ ସଭା ସ୍ଥଳେ ଉପସ୍ଥିତ ହେଲେ ବାଧିତ ହେବୁଁ ।

୨୦।୨।୭୯ } ଶ୍ରୀ ଗୋପାଳଚନ୍ଦ୍ର ଦତ୍ତ
କଟକ } ଉ, ସ, ସମ୍ପାଦକ

---

ଏହି ଉତ୍କଳଦୀପିକା କଟକ ଉଣ୍ଡ ଦଉସାବଜାର ଜାତ ପ୍ରିଣ୍ଟିଙ୍ଗ କମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଉ

Split by PDF Splitter

REGISTERED NO. 1



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୧୪ ଶ
ସ ୯ ଖ୍ୟା

ତା ୮ ରଖ ମାହେ ମାର୍ଚ୍ଚ ସନ ୧୮୭୯ ମସିହା । ମୂ । ଫାଲ୍ଗୁନ ଦ ୧୯ ନ ସନ ୧୨୮୬ ସାଲ ଶନବାର

ଅଗ୍ରିମ ବାର୍ଷିକମୂଲ୍ୟ ଟ୨୦
ବର୍ଷାନ୍ତେମୂଲ୍ୟଦେଲେବର୍ଷକୁ ଟ୨୮
ମଫସଲପାଁଇ ଡାକମାସୁଲ ଟ୧୨୵

ଏ ବର୍ଷ ଆମ୍ବ ଯେମନ୍ତ ବୌଳିଥିଲା ଫସଲ ତେମନ୍ତ ଲାଭ ହେବାର ଆଶା ହୋଇଅଛି । ସମ୍ପ୍ରତି ଆମ୍ବ ଚଣା ଫୁଟିଗଲାଣି ଏବଂ ଏସପ୍ତାହରେ ଅଳ୍ପ ୨ ବୃଷ୍ଟି ହେବାରେ ତାହା ଅକ୍ଷୟ ହେବାର ସମସ୍ତେ କହୁଅଛନ୍ତି । ଆମ୍ବ ଅଧିକ ହେଲେ ଧାନ ମଧ୍ୟ ଭଲ ହୁଅଇ କିନ୍ତୁ ପୀଡ଼ା ଅଧିକ ହୁଅଇ ଏହିପରି ସାଧାରଣ ବିଶ୍ୱାସ ଅଟଇ ।

---

ଯେତେବେଳେ ବ୍ରହ୍ମଦେଶର ରାଜାଙ୍କ ମୃତ୍ୟୁ ହେଲା ତେତେବେଳେ ସମସ୍ତଙ୍କର ଭୟ ହୋଇଥିଲା ଯେ ବଡ଼ ଅବା ବିଚକ୍ଷଣ ପତ୍ନୀଙ୍କ କାରଣ ପ୍ରତ୍ୟେକ ରାଜାର ମୃତ୍ୟୁ ପରେ ୨ ସେ ରାଜ୍ୟରେ ନାନାଗୋଳ ଯୋଗ ଜାତ ହେବାର ଦେଖାଯାଇଅଛି । ଏଥର ତାହା ନ ହେବାରୁ ସମସ୍ତେ ମନେ କରୁଥିଲେ ଯେ ଏଣିକି ସଭ୍ୟ ପ୍ରଣାଳୀରେ ଉକ୍ତ ରାଜ୍ୟର କାର୍ଯ୍ୟ ଚଳିବାର ସମୟ ଉପସ୍ଥିତ ହୋଇଅଛି । ମାତ୍ର ସେ ଆଶା ବୃଥା ହେଲା । ନୂତନ ରାଜା ହେବାର ଛମାସ ଗତ ହୋଇ ନାହିଁ ଏଥି ମଧ୍ୟରେ ତାରଯୋଗେ ସଂବାଦ ଆସିଅଛି କି ବ୍ରହ୍ମଦେଶର ରାଜା ସମସ୍ତ ରାଜକୁମାରଙ୍କୁ ସପରିବାରରେ ମାରି ପକାଇଅଛନ୍ତି । କି ଭୟାନକ ସଂବାଦ ! ଊନବିଂଶତି ଶତାବ୍ଦିରେ ଏପ୍ରକାର ଘୋର ନରହତ୍ୟା ଏଥିର କି କିଛି ପ୍ରତିକାର ନାହିଁ ?

---

ଆମ୍ଭମାନଙ୍କ କଲେକ୍ଟର ଶ୍ରୀଯୁକ୍ତ ବିଡନ ସାହେବ ଗତ ମଙ୍ଗଳବାର ଏଠାରୁ କଲିକତାକୁ ଯାତ୍ରା କଲେ ସେଠାରେ ଚାରି ପାଞ୍ଚଦିନ ରହି ବିଲାତକୁ ଯାତ୍ରା କରିବେ । ସାହେବ ପ୍ରଶଂସିତ ଯେପରି ଏଠା ଲୋକଙ୍କୁ ସନ୍ତୁଷ୍ଟ କରି ତାହାଙ୍କ ଶୁଭବାଞ୍ଛା ସଙ୍ଗେ ଘେନି ଯାଇଅଛନ୍ତି ସେ ଯେ ଅଳ୍ପଦିନ ମଧ୍ୟରେ କୁଶଳରେ ଭାରତବର୍ଷକୁ ଫେରି ଆସିବେ ଏବିଷୟରେ ସନ୍ଦେହ ନାହିଁ ମାତ୍ର ପୁନର୍ବାର କଟକକୁ ଆସିବେ କି ନାହିଁ ତାହା କିଏ କହିପାରେ । ଯାହା ହେଉ କଟକ ତାହାଙ୍କୁ କେବେ ଭୁଲିବ ନାହିଁ । ତାହାଙ୍କ ଯୋଗେ ଦେଶୀୟ ଓ ଇଂରାଜଙ୍କ ମଧ୍ୟରେ ଯେପରି ସୌହୃଦତା ଜନ୍ମିଅଛି ଏପରି ଅନ୍ୟ କେହି ଇଂରାଜ ହାକିମଦ୍ୱାରା ହୋଇ ନ ଥିଲା ଏବଂ ସୁହୃଦସମାଜ ସ୍ଥାପନ ତହିଁର ଅନ୍ୟତର ପ୍ରମାଣ ଅଟଇ । ଏହି ସମାଜଟି ଯେତେକାଳ ଜାଗ୍ରତ ଥିବ ତେତେଦିନ ବିଡନ ସାହେବଙ୍କୁ ଆମ୍ଭେମାନେ ଏଠାରେ ବର୍ତ୍ତମାନ ଦେଖୁଥିବୁଁ ।

---

ଆମ୍ଭେମାନେ ଅବଗତ ହୋଇଅଛୁଁ ଯେ ଗତ ବି, ଏ, ପରୀକ୍ଷାରେ କଟକ କଲେଜର ଛାତ୍ରମାନେ ନିମ୍ନଲିଖିତ ବିଷୟରେ ବିଫଳ ହୋଇ ଅଛନ୍ତି ଯଥା, ।

ଶ୍ୟାମସୁନ୍ଦର ରାଉତ — କେବଳ ଅଙ୍କରେ ।
ଗୋପୀମୋହନ ସେନ— ରସାୟନ ଏବଂ ଉଦ୍ଭିଦଶାସ୍ତ୍ରରେ ।
ଆନନ୍ଦଚନ୍ଦ୍ର ମହାନ୍ତି — ଇଂରାଜୀଭାଷା ଅଙ୍କ ଏବଂ ରସାୟନରେ
ଯଦୁନାଥ ବସୁ — ସମସ୍ତ ବିଷୟରେ ।

ଏଥିରୁ ସ୍ପଷ୍ଟ ଦେଖାଯାଉଅଛି ଯେ ମନ୍ଦଫଳ ନିମିତ୍ତ କୌଣସି ଏକ ବ୍ୟକ୍ତିକୁ ଦାୟୀ କରିବା ନ୍ୟାୟ ସଙ୍ଗତ ନୁହଇ ଅନେକଙ୍କର ବିଶ୍ୱାସ ଥିଲା ଯେ ଇଂରାଜୀ ଭାଷାରେ ମନ୍ଦଫଳ ହୋଇ ଅଛି ମାତ୍ର ଦେଖାଯାଏ ଯେ ବରଂ ଭାଷାରେ ଭଲଫଳ ହୋଇ ଅଛି । ମାତ୍ର ଅଙ୍କ ବିଜ୍ଞାନରେ ଛାତ୍ରମାନେ ସମସ୍ତେ ହାରିଯାଇ ଅଛନ୍ତି । ଯାହାହେଉ କଲେଜର ଅବସ୍ଥା ଉନ୍ନତ କରିବାର ନିତାନ୍ତ ଆବଶ୍ୟକ ହୋଇଅଛି ଏବଂ ଗବର୍ଣ୍ଣମେଣ୍ଟ ତାହା କିରୂପେ କରିବେ ଦେଖିବାକୁ ବ୍ୟଗ୍ର ଅଛୁଁ ।

---

ଖୋରଧା ବନ୍ଦୋବସ୍ତ ସମ୍ପର୍କରେ ଶ୍ରୀଯୁକ୍ତ ଡାମ୍ପିୟର ସାହେବ ଏଠାରୁ ଆସି କି ବନ୍ଦୋବସ୍ତ କରିଗଲେ ଏହା ଜାଣିବାକୁ ସମସ୍ତେ ବ୍ୟସ୍ତ ଅଛନ୍ତି । ମାତ୍ର ଆମ୍ଭେମାନେ ପାଠକମାନଙ୍କୁ ଏ ବିଷୟରେ ବିଶେଷ ସଂବାଦ ଦେବାକୁ ଅକ୍ଷମ ଥିବାରୁ ଦୁଃଖର ସହିତ ପ୍ରକାଶ କରୁଅଛୁଁ । ବନ୍ଦୋବସ୍ତର ହାକିମାନ ବା ଜିଲ୍ଲାର କଲେକ୍ଟର ଓ କମିଶ୍ନରଙ୍କ ସହିତ ସାହେବ କି କାର୍ଯ୍ୟ କରିଗଲେ ତାହା ଆମ୍ଭେମାନେ କହି ନ ପାରୁଁ କିନ୍ତୁ ଖୋରଧାର ପ୍ରଜା ଓ ସରବରାକରଙ୍କଠାରୁ ଅନେକ ଗୁଡ଼ିଏ ଦରଖାସ୍ତ ପ୍ରାପ୍ତ ହୋଇ ସାହେବ ସଙ୍ଗରେ ବାନ୍ଧି ନେଇ ଅଛନ୍ତି । ସେଥିରେ ପ୍ରଜାଙ୍କର ସମସ୍ତ ଗୁହାରି ଅଛି ଏବଂ ଡାମ୍ପିୟର ସାହେବଙ୍କୁ ଯେପ୍ରକାର ବିଚକ୍ଷଣ ନିରପେକ୍ଷ ଏବଂ

Digitized by srujanika@gmail.com

Split by PDF Splitter



ନ୍ୟାଯ୍ୟବାନ୍ ଦେଖାଗଲା ଏଥିରେ ନିଶ୍ଚୟ ଭରସା ହେଉଅଛି ଯେ ସେ ସମସ୍ତ ବିଷୟର ସୁବିଚାର କରି ଏ ପକ୍ଷେ ଉଚିତ ଆଜ୍ଞା ପଠାଇବେ ।

---

ଅମ୍ଭେମାନେ ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ପାର୍ଲିମେଣ୍ଟ ସଭାର ଅଧିବେଶନ ଆରମ୍ଭ ହୋଇଅଛି । ନର୍ଥକୋଟ ସାହେବ ସଭାରେ ଜଣାଇଲେ ଯେ କାବୁଲଯୁଦ୍ଧ ପ୍ରାୟ ଶେଷ ହୋଇଅଛି । ଭାରତବର୍ଷୀୟ ଗବର୍ଣ୍ଣମେଣ୍ଟ ବିଲାତର ଗବର୍ଣ୍ଣମେଣ୍ଟକୁ ଦୁଇକୋଟି ଟଙ୍କା ବିନା ସୁଧରେ ଋଣ ଚାହିଁଅଛନ୍ତି ଏଥିରୁ ଅନୁମାନ ହୁଏ ଯେ ଏବର୍ଷ ଅଧିକା ଟାକ୍ସ ବସିବ ନାହିଁ । କାବୁଲଯୁଦ୍ଧର ବ୍ୟୟ ଏପର୍ଯ୍ୟନ୍ତ ପ୍ରାୟ ଦେଢ଼କୋଟି ଟଙ୍କା ହୋଇଅଛି ଓ ଯୁଦ୍ଧ ଶେଷପର୍ଯ୍ୟନ୍ତ ମୋଟବ୍ୟୟ ଦୁଇକୋଟିରୁ ଅଧିକ ହେବ ନାହିଁ । ଋଣଟଙ୍କାରୁ ଏବ୍ୟୟ ନିର୍ବାହ ହେବ ଓ ଏଥିପାଇଁ ଆଉ ଟାକ୍ସ ବସିବ ନାହିଁ ଓ ବାର୍ଷିକ ବଳକା ଟଙ୍କାରୁ କ୍ରମେ ୨ ପରିଶୋଧ ହେବ । ଏଥିରୁ ପ୍ରକାଶ ଯେ ଲର୍ଡ ହ୍ୱାଇଟବ୍ରୁକ୍ ଯେ ପାଞ୍ଚକୋଟି ବଳକାର ପାର୍ଲିମେଣ୍ଟରେ କହି କାବୁଲ ଯୁଦ୍ଧଖର୍ଚ୍ଚ ଭାରତବର୍ଷ ଉପରେ ପକାଇଲେ ତାଙ୍କର ବଳକା ଟଙ୍କାର ଅନୁମାନଟି ନିତାନ୍ତ ଭ୍ରମଯୁକ୍ତ ଥିଲା । ଯାହା ହେଉ ଯଦି ଇନ୍କମ୍ ଆଉ ଟାକ୍ସ ଦେଣ ନ ପଡେ ତେବେ ବଡ଼ ସୁଖେରବିଷୟ ।

---

ଗତ ସପ୍ତାହରେ ଜୁଲୁମାନଙ୍କ ସହିତ ଇଂରାଜଙ୍କର ଯୁଦ୍ଧର ବିବରଣ ଲେଖିଥିଲୁଁ । ଜୁଲୁଙ୍କର ରାଜ୍ୟ ଅଫ୍ରିକାରେ । ରାଜ୍ୟର ନାମ ଜୁଲୁ ଥିବାରୁ ସେଠା ଅଧିବାସୀଙ୍କୁ ଜୁଲୁଲୋକ ବୋଲାଯାଇ ଅଛି । ଏହି ଜୁଲୁ ରାଜ୍ୟ ନିକଟରେ ଇଂରାଜଙ୍କ ଉପନିବେଶ, ନେଟାଲ୍ ଏଥିର ପ୍ରଧାନ ସ୍ଥାନ ହେଉ ଅଛି । ଜୁଲୁ ରାଜ୍ୟରେ ଇଂରାଜମାନେ ଜଣେ ରେସିଡେଣ୍ଟ ରଖିବା ଓ ଜୁଲୁ ଲୋକଙ୍କ ଅତ୍ୟାଚାର ନିବାରଣ ସକାଶେ ଅନ୍ୟ କେତେଗୁଡିଏ ପ୍ରସ୍ତାବ ଇଂରାଜମାନେ କରିବାରୁ ବର୍ତ୍ତମାନ୍ ଯୁଦ୍ଧ ହୋଇଅଛି । ସେଠାର ଶେଷ ସଂବାଦ ଏହି ଯେ ଗତମାସ ତା ୨୪ ରଖରେ କର୍ଣ୍ଣେଲ ଉଡଙ୍କ ସୈନ୍ୟକୁ ଚାରିହଜାର ଜୁଲୁ ସେନା ଆକ୍ରମଣ କରିଥିଲେ । ଅଳ୍ପକ୍ଷଣ ଘୋରତର ଯୁଦ୍ଧ ହେଲା ବନ୍ତୁ ଶେଷରେ ଇଂରାଜମାନେ ଜୟୀ ହେଲେ ଓ ଏହାଙ୍କର ଅଳ୍ପ କ୍ଷତି ହୋଇଥିଲା । ସମ୍ପ୍ରତି ଜୁଲୁଙ୍କ ବିରୁଦ୍ଧରେ ଇଂଲଣ୍ଡରୁ ଅନେକ ସୈନ୍ୟ ପ୍ରେରିତ ହୋଇ ଅଛନ୍ତି । ଭାରତବର୍ଷରୁ ମଧ୍ୟ ସୈନ୍ୟ ପଠାଇବା କାରଣ ପ୍ରସ୍ତୁତ ଥିବା ବିଷୟ ଲର୍ଡ ଲିଟନସାହେବ ବିଲାତର ସେକ୍ରେଟରୀଙ୍କୁ ଲେଖିଥିଲେ ମାତ୍ର ବିଲାତରୁ ସଂବାଦ ଆସିଲା ଯେ ଏଠାରୁ ସୈନ୍ୟ ପଠାଇବାର ପ୍ରୟୋଜନ ନାହିଁ ।

---

କାର୍ଯ୍ୟ ନ ଥିଲାବେଳେ ନାନାକଥା ବାହାରିବା ଗୋଟିଏ ସାଧାରଣ ନିୟମ ଅଟଇ । ବର୍ତ୍ତମାନ କାବୁଲଯୁଦ୍ଧ ସମ୍ପର୍କରେ ତାହାଇ ଘଟିଅଛି । ଯେତେବେଳେ ଲଢାଇ ଲାଗିଥିଲା ସେତେବେଳେ ପ୍ରକୃତ କଥାସବୁ ଅତ୍ୟ ଶୁଣିବାରେ ଆସୁଥିଲା । ସମ୍ପ୍ରତି ଯୁଦ୍ଧ ନାହିଁ ସୁତରାଂ ଲୋକେ ନାନାପ୍ରକାର ଜନରବ ଉଠାଇ କାଳ କ୍ଷେପ କରୁଅଛନ୍ତି । କେହି କହୁଅଛନ୍ତି ଯେ ଅମିର ରୁସିୟାର ସାହାଯ୍ୟ ନ ପାଇ ଦାଣ୍ଡର ଉଦାସୀ ପ୍ରାୟ ବୁଲୁଅଛନ୍ତି । କେହି କହନ୍ତି କି ୟାକୁବଖାନ ଅମିରଙ୍କୁ ବହିଁ ୨ କିଛି ସମ୍ବାଦ ନ ପାଇବାରୁ କାବୁଲ ଛାଡି ପଳାଇ ଅଛନ୍ତି । ଏକ ଜନରବ ଏହି ଯେ କାବୁଲରୁ ଏକମଞ୍ଜିଲ ବାଟ ଛଡା ବୁତଖାଇ ନାମକ ସ୍ଥାନରେ ୧୧ ପଲଟନ ପଦାତିକ ଓ ଅଶ୍ୱାରୋହୀ ସୈନ୍ୟ ୩୦ । ୪୦ ତୋପ ଧରି ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଅଛନ୍ତି ପୁଣି କାହାର କହିବାରେ ମିର ଅଖୋରର ପୁଅ ଅବଦୁଲଗଫୁର ଖାନ ଜେଲାଲାବାଦକୁ ଆସି ମେଜର କାବାଗନାରୀଙ୍କ ଠାରେ ଶରଣ ପଶିଅଛନ୍ତି । ଏହିପ୍ରକାର କେତେକଥା ଉଠିଅଛି କହିଲେ ଶେଷ ହେବ ନାହିଁ । ମାତ୍ର ପ୍ରକୃତକଥା ଏହିପରି ଜଣାଯାଏ ଯେ ଯୁଦ୍ଧ ହେଉ ନାହିଁ ତେବେ ଅସଭ୍ୟଜାତୀୟଙ୍କ ପକ୍ଷରୁ କେବେ ୨ ଗୋଲି ଚଳିବାର କଥା ଅପର ଅଭ୍ୟାସର ହେବାର ବଡ ନାହିଁ । କାବୁଲର ଶାସନକର୍ତ୍ତା କି ପରାମର୍ଶ କରୁଅଛନ୍ତି ତାହା କିଛି ଜଣାଯାଉ ନାହିଁ । ଏକ ତାରସମ୍ବାଦରୁ ଜଣାଯାଏ ଯେ ରୁସିୟାରୁ ତୁର୍କିସ୍ଥାନର ଗବର୍ଣ୍ଣରଙ୍କ ପ୍ରତି ଏହି ଆଦେଶ ହୋଇଅଛି କି ଅମିର ସେରଅଲୀ ତାହାଙ୍କଠାରେ ଯେକିଛି ପ୍ରସ୍ତାବ କରିବେ ତାହା ସମସ୍ତ ସେ ନାସ୍ତି କରିବେ । ଏଥିରୁ ନିଶ୍ଚୟ ଜାଣିବାକୁ ହେବ ଯେ ରୁସିୟାଠାରେ ଅମିରଙ୍କର ଆଉ କିଛି ଆଶା ଭରସା ନାହିଁ ।

---

ଅମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ଅନ୍ୟ ଆଜ୍ଞା ପର୍ଯ୍ୟନ୍ତ ଯେଉଁକି ମାହାଲପ୍ରତି ପଟ୍ଟୱାରୀ ନିୟମକୁ ଗବର୍ଣ୍ଣମେଣ୍ଟ ସ୍ଥଗିତ କରିଅଛନ୍ତି । ଓଡିଶାରେ ପଟ୍ଟୱାରୀ ନିୟମ ଅନେକବର୍ଷ ହେଲା ପ୍ରଚଳିତ ହୋଇଅଛି ଏଥି ମଧ୍ୟରେ ତ.ଦା କେବଳ କଷ୍ଟକର ଥାଇଁ କିଶେଷ ଫଳକର ନ ଥିବାର ପ୍ରକାଶ ହେବାରୁ ସ୍ଥାନୀୟ କର୍ମଚାରୀମାନେ ତାହା ଗବର୍ଣ୍ଣମେଣ୍ଟରେ ଜଣାଇ ଅଛନ୍ତି ଓ ତାହା ବର୍ତ୍ତମାନ ଗବର୍ଣ୍ଣମେଣ୍ଟଙ୍କ ବିଚାରାଧୀନ ଅଛି । ଏଥି ମଧ୍ୟରେ ଆଳ ମଧୁପୁର ଇତ୍ୟାଦି କିଲ୍ଲାର ରାଜାମାନେ ପଟ୍ଟୱାରୀ ନିୟମ ଯେଉଁକି ମାହାଲପ୍ରତି ନ ଖଟିବା ବିଷୟରେ ଗବର୍ଣ୍ଣମେଣ୍ଟରେ ଆବେଦନ କରିବାରୁ ଉପର୍ଯ୍ୟୁକ୍ତ ଆଜ୍ଞା ହୋଇଅଛି । ଅମ୍ଭମାନଙ୍କ ବିବେଚନାରେ ଏ ଆଜ୍ଞା ସବୁ ମାହାଲପ୍ରତି ହେବାର ଉଚିତ । ପଟ୍ଟୱାରୀ ନିୟମ ଯେଉଁ ରାଜାମାନେ ଯେପରି ବ୍ୟସ୍ତରେ ପଡିଥିଲେ ଜମିଦାରମାନେ ମଧ୍ୟ ସେହିପରି ବ୍ୟସ୍ତରେ ପଡିଅଛନ୍ତି । କାଗଜ ଦାଖଲ ଇତ୍ୟାଦିର ପରୱାନା ପୁନଃ ୨ ବାହାରୁଅଛି ଓ ସେମାନଙ୍କ ଉପରେ ଡିଅଦଦେଣ ହେଉଅଛି ଓ ମିଆଦ ମଧ୍ୟରେ କାଗଜ ଦାଖଲ ନ ହେଲେ କଲେକ୍ଟର ସାହେବ ସେମାନଙ୍କ ଉପରେ ଜରିମାନା କରୁଅଛନ୍ତି । ପୁନଶ୍ଚ ଗବର୍ଣ୍ଣମେଣ୍ଟ ସ୍ଥିର କରିଅଛନ୍ତି ଯେ ଯଦ୍ୟପି ପଟ୍ଟୱାରୀ ନିୟମ ପ୍ରଚଳିତ ରଖିବାର ଉଚିତ ଓ ଆବଶ୍ୟକ ବୋଧ ହେବ ତେବେ ଯେଉଁକି ମାହାଲମାନ ସେ ନିୟମରୁ ବର୍ଜିତ ହୋଇ ନ ପାରିବ କେବଳ ସେ ବିଷୟର ନିଷ୍ପତ୍ତି ପର୍ଯ୍ୟନ୍ତ ପଟ୍ଟୱାରୀ ନିୟମ ଯେଉଁକି ମାହାଲରେ ସ୍ଥଗିତ ରହିବ ତେବେ ଜମିଦାରୀ ମାହାଲମାନଙ୍କର କି ଦୋଷ ? ଏ ମାହାଲମାନଙ୍କର ପକ୍ଷରେ କାହିଁକି ନିୟମ ସେ ପର୍ଯ୍ୟନ୍ତ ସ୍ଥଗିତ ନ ରହିବ ? ଯଦ୍ୟପି ଗବର୍ଣ୍ଣମେଣ୍ଟ ପଟ୍ଟୱାରୀ ନିୟମ ଉଠାଇ ଦେବାର ଆଜ୍ଞା କରନ୍ତି ତେବେ ସେ ପର୍ଯ୍ୟନ୍ତ ଜମିଦାରମାନେ କାହିଁକି ଅକାରଣ କଷ୍ଟ ସହିବେ ଓ ଖର୍ଚ୍ଚାନ୍ତ ହେବେ ? ଅତଏବ ଅମ୍ଭେମାନେ ପ୍ରାର୍ଥନା କରୁଁ ଯେ ଶ୍ରୀଯୁତ କମିଶ୍ନର ସାହେବ ଅନୁଗ୍ରହ ପୂର୍ବକ ଗବର୍ଣ୍ଣମେଣ୍ଟରେ ଏ ବିଷୟ ଜଣାଇ ଚୂଡାନ୍ତ ନିଷ୍ପତ୍ତି ପର୍ଯ୍ୟନ୍ତ ପଟ୍ଟୱାରୀ ନିୟମ ସକଳ ମାହାଲପ୍ରତି ସ୍ଥଗିତ ରଖାଇବେ ।

---

ଖାସମାହାଲ ।

ଏ ନଗରର ଖାସମାହାଲ ବନ୍ଦୋବସ୍ତ ସମ୍ବନ୍ଧରେ ଅମ୍ଭେମାନେ ଇତିପୂର୍ବରେ ପୁନଃ ୨ ଲେଖିଥିଲୁଁ ଏହା ପାଠକମାନଙ୍କ ସ୍ମରଣ ଥିବ । ପ୍ରଜାମାନେ ମଧ୍ୟ ବନ୍ଦୋବସ୍ତ ଅତି କଷ୍ଟକର ଓ

Digitized by srujanika@gmail.com

ଅନ୍ୟାଯ୍ୟ ଥିବା ବିଷୟରେ କମିଶନର ସାହେବ ଓ ବୋର୍ଡଙ୍କ ସମ୍ମୁଖରେ ଆବେଦନ କଲେ କିନ୍ତୁ କେହି କର୍ଣ୍ଣପାତ କଲେ ନାହିଁ । କେବଳ ବୋର୍ଡ଼ ବିଧି ଅନୁସାରେ ସ୍ଥାନୀୟ କର୍ମଚାରିଙ୍କୁ କୈଫିୟତ୍ ତଲବ କରିଥିଲେ ମାଦ ଗାମ୍ସ ସାହେବ କଲେକ୍ଟର ଓ ରାବନ୍ସା ସାହେବ କମିଶନର ବନ୍ଦୋବସ୍ତ ନ୍ୟାଯ୍ୟ ଓ ଯୁକ୍ତିଯୁକ୍ତ ଓ ଜମା କୋହଲ ଥିବାର ଚତୁର୍ଣ କରି ଲେଖିବାରୁ ବୋର୍ଡ ସେଥିରେ ଭୁଲ ପ୍ରଜାଙ୍କ ଆପତ୍ତି ଅଗ୍ରାହ୍ୟ କଲେ ସୁତରାଂ ବନ୍ଦୋବସ୍ତ କର୍ମ ଚଳିଲା ଓ ଖାସମାହାଲର ପୂର୍ବ ଜମା ଟ ୨୫୦୦୯ ଙ୍କା ସ୍ଥଳେ ଟ ୧୦୬୦୦୯ ଙ୍କା ଧାର୍ଯ୍ୟ ହେଲା ବୋର୍ଡ ଓ ଗବର୍ଣ୍ଣମେଣ୍ଟ ଏତତ୍ ସନ୍ତୁଷ୍ଟ ହୋଇ ଏହା ମଞ୍ଜୁର କଲେ ଓ ଏ ଜମା ଗତ ସନ ଅର୍ଥାତ୍ ସନ ୧୨୮୫ ଅମଲର ଆରମ୍ଭରୁ ପ୍ରଚଳିତ ହେଲା ।

ଆମ୍ଭମାନଙ୍କ ଓ ପ୍ରଜାଙ୍କ ଆପତ୍ତି ଅଗ୍ରାହ୍ୟ ହେବା ସମୟରେହିଁ ଆମ୍ଭେମାନେ ମନେ କରିଥିଲୁଁ ବନ୍ଦୋବସ୍ତ ଜମା ପ୍ରଚଳିତ ହେବାର ଦୁଇ ତିନି ବର୍ଷରେ ହାକିମମାନେ ଆପଣାର ଭ୍ରମ ଓ ଆମ୍ଭମାନଙ୍କ ଆପତ୍ତି ଯଥାର୍ଥ ଥିବାର ଜାଣି ପାରିବେ ମାତ୍ର ସେତେ ଦିନ ସୁଦ୍ଧା ଗଲା ନାହିଁ ଏହି ଦେଢ଼ ବର୍ଷ ମଧ୍ୟରେ ବନ୍ଦୋବସ୍ତ ଅତି ଅନ୍ୟାଯ୍ୟ ଓ ପ୍ରପୀଡ଼କ ହୋଇଥିବାର ଜଣା ପଡ଼ିଅଛି । ଦେଢ଼ ବର୍ଷର ଜମା ଟ ୧୬୦୦୦୯ ଙ୍କା ହେଉଅଛି ଏଥି ମଧ୍ୟରୁ ପ୍ରାୟ ଟ ୬୦୦୦୯ ଙ୍କା କେତେ କଷ୍ଟରେ ଅସୁଲ ହୋଇଅଛି । ଏତକ ଅସୁଲରେ ଦୁଃଖୀ ପ୍ରଜାଙ୍କୁ ଅତିଶୟ ବାଧିଲାଣି କେତେ ପ୍ରଜା ଘର ସାମଗ୍ରୀ ସବୁ ବନ୍ଧା ପକାଇଲେଣି କେତେ ସ୍ୱଇଚ୍ଛାରେ ବିକିଲେଣି କେତେ ପ୍ରଜାଙ୍କର ସାମଗ୍ରୀ ସବୁ କୋରକ ହେଲାଣି କେତେ ପ୍ରଜାଙ୍କର ଦ୍ୱାରେ ନାଗରୀ ବାଜି ନିଲାମ ହେଲାଣି କେତେ ପ୍ରଜା ସ୍ଥାନାନ୍ତର ହେବାକୁ ସ୍ଥିର କଲେଣି ଓ କେହି୨ ଜମିଛାଡ଼ି ଦେଲେଣି । ସ୍ଥାନାନ୍ତର ହେବା ସହଜକଥା ନୁହେ ଯେଉଁ ଦୁଃସ୍ଥିମାନେ ଏଥିକରିବା ଅସମର୍ଥ ସେମାନଙ୍କର କି ଦଶା ହେବ ଆମ୍ଭେମାନେ ତାହା ସ୍ଥିରକରି ପାରୁ ନାହୁଁ ।

ବାସ୍ତବରେ ବନ୍ଦୋବସ୍ତ ଜମା ଦୁଃଖୀ ପ୍ରଜାଙ୍କୁ ବଳାଇ ଅଛି କିମ୍ବା ଅଧିକ ଜମା ଦେବାକୁ କେହି ସୁଖପାଉ ନାହାନ୍ତି ବୋଲି କଷ୍ଟ ସହି ସୁଦ୍ଧା ଦେଉ ନାହାନ୍ତି ଏହା ବୁଝିବାର ଆବଶ୍ୟକ । ଏଥକୁ ଖାସମାହାଲର ପୂର୍ବ ଜମା ପ୍ରତି ବର୍ତ୍ତମାନର ଜମା ମୋଟରେ ଚତୁର୍ଗୁଣରୁ କିଞ୍ଚିତ୍ ଅଧିକ ବୃଦ୍ଧି ହୋଇଅଛି ମାଦ କେଉଁ ବିଶେଷରେ କାହାର ଦଶ କାହାର ପନ୍ଦର କାହାର କୋଡ଼ିଏ ଗୁଣା କର ବୃଦ୍ଧି ହୋଇଅଛି । କେହି୨ ଅବା ବୋଲିବେ ପୂର୍ବାପେକ୍ଷା ବର୍ତ୍ତମାନ ଜମିର ମୂଲ୍ୟ ଅଧିକ ହୋଇଅଛି କର କି ସକାଶେ ବୃଦ୍ଧି ନ ହେବ । ଏ କଥା ଅଯଥାର୍ଥ ନୁହେ ତେବେ ନ୍ୟାଯ୍ୟ ମତେ ବୃଦ୍ଧି ହେବାର ଉଚିତ ଓ ଏହା କେତେଦୂର ହୋଇଅଛି ଖାସମାହାଲ ଜମି ସଂଲଗ୍ନ ଜମିଦାରୀ ଜମିର ଆଧୁନିକ ଖଜଣା ସଙ୍ଗେ ଖାସମହାଲର ଆଧୁନିକ ଖଜଣା ତୁଳନା କଲେ ସ୍ପଷ୍ଟ ଜଣା ପଡ଼ିବ ଏ ସକାଶେ ଆମ୍ଭେମାନେ ତହିଁର କେତେକ ଦୃଷ୍ଟାନ୍ତ ନିମ୍ନେ ଲେଖୁଅଛୁଁ ଯଥା;—

| ବଜାରର ନାମ । | ଖାସମହାଲ । | | | | ଜମିଦାରୀ । | | | | ଜମିଦାରୀ ଖଜଣା ପ୍ରତି ଖାସମାହାଲର ହାଲର ଖଜଣା କେତେ ଗୁଣ ଅଧିକ । |
|---|---|---|---|---|---|---|---|---|---|
| | ପ୍ରଜାର ନାମ । | ଜମି । | ଜମା । | ପ୍ରତି ମାଣର ଦର । | ପ୍ରଜାର ନାମ । | ଜମି । | ଜମା । | ପ୍ରତିମାଣର ଦର । | |
| ବାଲୁବଜାର | ଦୁଖୀ ବେଉଁଆ | ମା୦।୧।୧୫ | ଟ ୨୦୩ | ଟ ୪୦୦ | ଅଲ୍ଲବକ୍ସ | ମା୦।୩୯ | ଟ ୨ ।/ | ଟ ୧୧।୪ | ୨୦ ଗୁଣ |
| ମାଣିକଘୋଷବଜାର | ସେଖ୍ ଅଲ୍ଲଉଦ୍ଦିନ | ମା୦।୦୩/୪ | ଟ ୪୩/୨ | ଟ ୨୦୦ | ଗୋବର୍ଦ୍ଧନ ଗୁଇଁ | ମା୦।୨୬/୮ | ଟ ୧ ।/ | ଟ ୧୪୩/୨ | ପ୍ରାୟ ୧୪ ଗୁଣ |
| ମମଦଅଥବଜାର | ସେଖ ଅବ୍ଦୁଲ୍ଲା | ମା୦।୧।/୪ | ଟ ୫।୧୦ | ଟ ୧୦୦ | ନାଥ ସାହୁ | ମା୦।୦୩/୯ | ଟ ୧ ⁄ | ଟ ୫୦୯ | ୨ ଗୁଣ |
| ଅଲସାହାବଜାର | କପିଳ ପାଢ଼ୀ | ମା୦।୧/୧୨ | ଟ ୩।୧୦ | ଟ ୨୫ | ନାଥ ଦାସ | ମା୦।୦୩ ୫ | ଟ ୦ ।/ | ଟ ୧୫୩⁄ | ପ୍ରାୟ ୫ ଗୁଣ |
| ତେଲଙ୍ଗାବଜାର | ମହେବୁବ୍ ଖାଁ | ମା୦।୨୩/୧୪ | ଟ ୪।/୧ | ଟ ୩୨୩ | ବଳରାମ ଦଉରୀ | ମା୦।୨୩ ୨ | ଟ ୨ ।/୨ | ଟ ୨୩/ | ଏକନ |

ଉପର ଅଙ୍କିତ ପତ୍ରରେ ଆମ୍ଭେମାନେ ପାଂଚୋଟି ଭିନ୍ନ ସ୍ଥାନର ଦର ଦେଖାଇ ଅଛୁଁ ତହିଁରେ ଅତି ଉଚ୍ଚ ଓ ଅତି ନୀଚ ଦର ଅଛି ତଥାଚ ପ୍ରତ୍ୟେକ ଦର ଜମିଦାରୀ ଦର ଅପେକ୍ଷା ଅନେକ ଅଧିକ ଅର୍ଥାତ୍ ୨ ଗୁଣରୁ ୨୦ ଗୁଣ ପର୍ଯ୍ୟନ୍ତ ଅଧିକ ହୋଇଅଛି । ଏଥିର ହାରାହାରି ୯ଗୁଣ ହେଉଅଛି ଓ ପ୍ରତ୍ୟେକ ବଜାରର ଉଭୟଦର ତୁଳନା କଲେ ମଧ୍ୟ ଏ ହାରାହାରିର ଅଧିକ ବ୍ୟତିକ୍ରମ ହେବ ନାହିଁ । ଯେଉଁ ସ୍ଥଳେ ଖାସମାହାଲର ଦର ଓ ଜମା ବର୍ତ୍ତମାନର ଜମିଦାରୀ ଦର ଓ ଜମା ଅପେକ୍ଷା ଏତେ ଅଧିକ ସେ ସ୍ଥଳେ ଦୁଃଖୀ ପ୍ରଜାଙ୍କୁ ତାହା ଅତି କଷ୍ଟକର ହୋଇଅଛି ଏଥିରେ ଲେଶ ମାତ୍ର ସନ୍ଦେହ ନାହିଁ ।

ସଂଲଗ୍ନିକ ଜମିଦାରୀ ଜମିର ନିରଖ ଓ ପ୍ରଜାଙ୍କର ଅବସ୍ଥା ଦୃଷ୍ଟିରେ ବନ୍ଦୋବସ୍ତ ହୋଇଥିଲେ ବନ୍ଦୋବସ୍ତ ଏତାଦୃଶ ଦୂଷଣୀୟ ଓ ପ୍ରଜାପୀଡ଼କ ହୋଇ ନ ଥାନ୍ତା । କେହି୨ ବୋଲିବେ ଭୂମିର ପ୍ରାଧାନ୍ୟ ଅନୁସାରେ ତହିଁର କର ଧାର୍ଯ୍ୟ ହେବା କର୍ତ୍ତବ୍ୟ ପ୍ରଧାନ ସ୍ଥାନରେ ଧନିଙ୍କ ମଧ୍ୟରେ ଦରିଦ୍ର କାହିଁକି ବାସ କରି ରହିବ । ଏଥକୁ ଉତ୍ତର ଏହିଯେ ପୂର୍ବ ବନ୍ଦୋବସ୍ତରେ ପ୍ରଜାଙ୍କ ଅବସ୍ଥାନୁସାରେ କରଧାର୍ଯ୍ୟ ହୋଇଥିବାରୁ ସେମାନଙ୍କର ବିଶ୍ୱାସ ହୋଇଥିଲା ଯେ ଆଗାମୀ ବନ୍ଦୋବସ୍ତରେ ମଧ୍ୟ ସେମାନଙ୍କ ଅବସ୍ଥାପ୍ରତି ଦୃଷ୍ଟି ରହିବ ଏହି ବିଶ୍ୱାସରେ ସେମାନେ ଆପଣା୨ ସ୍ଥାନରେ ଘରଦ୍ୱାର କରି ୪୦ ବର୍ଷ ହେଲା ରହିଅଛନ୍ତି । ସରକାର ଯଦ୍ୟପି ପୂର୍ବ ନିୟମକୁ ଲଂଘନ କରିବାକୁ ଚାହିଲେ ତେବେ ଦୁଃଖୀ ପ୍ରଜାଙ୍କୁ ପ୍ରଧାନ ସ୍ଥାନରୁ ଘର ଉଠାଇ ନେଇ ଆପଣା ଉପଯୁକ୍ତ ସ୍ଥାନରେ ଘର ତୋଳି ରହିବା କାରଣ ଖର୍ଚ୍ଚା ବା କ୍ଷତିପୂରଣ ଯାଚିଥାନ୍ତେ ଏହା ହୋଇଥିଲେ ସେମାନଙ୍କ ଗୁହାରିର କିଛିହିଁ କାରଣ ନ ଥାନ୍ତା । ଯାହା ହେଉ ଆମ୍ଭମାନଙ୍କ ବିବେଚନାରେ ବନ୍ଦୋବସ୍ତକୁ ସଂଶୋଧନ କରି ଜମା କିଛି ହ୍ରାସ ନ କଲେ ଦୁଃସ୍ଥ ପ୍ରଜାଙ୍କର ଅତିଶୟ କଷ୍ଟ ହେବ ଓ ଦୁର୍ଦ୍ଦଶା ଘଟିବ । ଶ୍ରୀଯୁକ୍ତ ଡାମ୍ପୀୟର ସାହେବ ଏଠାରେ ବର୍ତ୍ତମାନ ଥିବା ସମୟରେ ବନ୍ଦୋବସ୍ତର ଅବସ୍ଥା କେତେକ ଭଦ୍ର ବ୍ୟକ୍ତିଙ୍କ ପ୍ରମୁଖାତ୍ ଅବଗତ ହୋଇଅଛନ୍ତି । ପ୍ରଜାମାନେ ତାଙ୍କଠାରେ ଆବେଦନ କଲେ ଏଥର ସେ ସେମାନଙ୍କ ଗୁହାରି ନିଶ୍ଚୟ

Split by PDF Splitter



ଶୁଣିବେ ଓ ତହିଁର ପ୍ରତୀକାର କରିବେ । ଅତ-ଏବ ପ୍ରଜାମାନେ ପଛରେ ଗାଉଗୁଡ଼ିଏ ନ ହୋଇ ତାଙ୍କ ଶୁଣୁରେ ଦୁଃଖ ଜଣାଉନ୍ତୁ ।

---

ଶ୍ରୀଯୁକ୍ତ ଡାକ୍ତର ଷ୍ଟିଓ୍ୱାର୍ଟଙ୍କ କୃତ ପଦାର୍ଥ-ବିଜ୍ଞାନ ଗ୍ରନ୍ଥ ଏକଖଣ୍ଡ ଉପହାର ପାଇଥିବାର ଆମ୍ଭେମାନେ ଅତ୍ୟନ୍ତ ଆନନ୍ଦ ସହିତ ସ୍ୱୀକାର କରୁଅଛୁଁ । ଏବର୍ଷ ଆରମ୍ଭ ହୋଇ ଏ ବିଷ-ୟରେ ଦୁଇଖଣ୍ଡ ପୁସ୍ତକ ବାହାର ଅଛି ଯଥା; ବାବୁ ଭୁବନେଶ୍ୱର ଦତ୍ତଙ୍କ ବିଜ୍ଞାନସାର ଏବଂ ଡାକ୍ତରସାହେବଙ୍କ କୃତ ଜଡ଼ବିଜ୍ଞାନ । ପ୍ରଥମ ପୁସ୍ତକର କଳେବର ୩୪ ପୃଷ୍ଠାରୁ ମୂଲ୍ୟ ୫ ୦୮ ଓ ଦ୍ୱିତୀୟର କଳେବର ୭୨ ପୃଷ୍ଠାରୁ ମୂଲ୍ୟ ୫୦। ସୁତରାଂ ମୂଲ୍ୟ ଓ ବିଷୟର ବିବେଚନାରେ ଦ୍ୱିତୀୟ ପୁସ୍ତକଟି ପ୍ରଥମ ପୁସ୍ତକଠାରୁ ଅନେକ ଉତ୍କୃଷ୍ଟ । ବିଜ୍ଞାନସାର ନିମ୍ନଶ୍ରେଣୀ ଏବଂ ପଦାର୍ଥ ବିଜ୍ଞାନ ଉଚ୍ଚଶ୍ରେଣୀର ଉପଯୋଗୀ ହୋଇ ଅଛି । ପଦାର୍ଥ ବିଜ୍ଞାନର ଭାଷା ସ୍ୱଭାବତଃ ପାଦ୍ରୀ-ସାହେବଙ୍କ ଭାଷାପରି ହୋଇଥିଲେହେଁ ଡାକ୍ତର ସାହେବଙ୍କପ୍ରତି ପ୍ରଶଂସନୀୟ ଅଟଇ ଏବଂ ସେ ଯେ ଅଳ୍ପ ମୂଲ୍ୟରେ ଅନେକଗୁଡ଼ିଏ ବିଷୟ ଦେଶୀୟ ବିଦ୍ୟାଳୟର ଉପକାର ନିମିତ୍ତ ପ୍ରକାଶ କରି ଅଛନ୍ତି ଏଥିପାଇ ସେ ଧନ୍ୟବାଦର ପାତ୍ର ଅଟନ୍ତି । ପୁସ୍ତକ ମଧ୍ୟରେ ଇଂରାଜୀ ସଂଜ୍ଞା-ମାନ ନ ଦେଇ ଶେଷ ପତ୍ରରେ ଭିନ୍ନକରି ଲେଖି ଦେଇ ଥିଲେ ଭଲ ହୋଇ ଥାନ୍ତା । ପୁସ୍ତକ ମଧ୍ୟରେ ଥିବାରୁ ଏହି ଶଙ୍କା ହେଉଅଛି ଯେ ଇଂରାଜୀ ନ ଜାଣିବା ଲୋକେ ସ୍ଥାନ ସ୍ଥାନରେ ଝୁଣ୍ଟି ପଡ଼ିବେ ।

---

# ସାପ୍ତାହିକସଂବାଦ ।

ଅମ୍ଭେମାନେ ଶୁଣୁଅଛୁଁ ଯେ ଉଦଣ୍ଡପ୍ରଗଣାର ଡେପୁଟି-ମେଜିଷ୍ଟ୍ରେଟ ପିଲୋଲିନ ସାହେବ ଏଠାର କଲେକ୍ଟର ଓ ମେଜିଷ୍ଟ୍ରେଟ ପଦରେ ଏକ୍ଟିଂସ୍ୱରୂପ ନିଯୁକ୍ତ ହୋଇଅଛନ୍ତି ।

ଅସ୍ଥାୟୀ କଲେକ୍ଟର ଶ୍ରୀଯୁତ ବେକନ ସାହେବ ଗତ ମଙ୍ଗଳବାର ଏଠାରୁ ପ୍ରସ୍ଥାନ କଲେ ।

ମିଷ୍ଟର କୃଷ୍ଣଗୋବିନ୍ଦ ଗୁପ୍ତ ଜଏଣ୍ଟମେଜିଷ୍ଟ୍ରେଟ ଦେବସ୍ୱାପଡ଼ ସବ୍‌ଡିଭିଜନର ଶୂନ୍ୟ ସ୍ଥାନ ତା ୨୨ ରିଖରେ ଗଲେ ଓ ବାବୁ ଅନ୍ନଦାପ୍ରସାଦ ଘୋଷ ଡେପୁଟୀମେଜିଷ୍ଟ୍ରେଟ ତା ୨୩ ରିଖରେ ଏ ସଦରସ୍ଥାନକୁ ଆସିଲେ ।

ଅଳ୍ପଦିନ କଲିକତାରେ ଇଲିସିମାଛ ବଡ଼ ଶସ୍ତା ହୋଇ-ଅଛି । ଟଙ୍କାକୁ ଇଲିସି ପଇସାଲେ ଦୁଇଟା ଲେଖାଏ ମିଳୁଅଛି କଲିକତାରେ ମାଛ ଏପରି ଶସ୍ତା କେବେ ହୋଇ ନ ଥିଲା । ମାଛଖିଆ ଲୋକଙ୍କର ଆନନ୍ଦର ସୀମା ନ ଥିବ ମାତ୍ର ଶେଷକୁ ଓସ୍ତତା ନ ଘଟେ ।

କଟକର ରମାନାଥ ସେନଙ୍କ ସ୍ମରଣାର୍ଥ ଫଣ୍ଡରେ ମହା-ରାଣୀ ସ୍ୱର୍ଣ୍ଣମୟୀ ୫ ୫୦୦୦ଙ୍କା ଦେଇ ଥିବାର ଗତ ସପ୍ତାହରେ ଲେଖିଥିଲୁଁ ଏ ସପ୍ତାହରେ ହିନ୍ଦୁପେଟ୍ରିଅଟରୁ ଅବଗତ ହେଲୁଁ ଯେ ଶ୍ରୀମତୀ ଜଗଦମ୍ବା ଦାସୀ ୫ ୨୫୦୦ଙ୍କା ଦାନ କରିଅଛନ୍ତି ବଡ଼ ପ୍ରଶଂସାର ବିଷୟ । ଏଦେଶର ଧନୀ ପୁରୁଷମାନେ ବଙ୍ଗ ଦେଶର ସ୍ତ୍ରୀମାନଙ୍କ ଦୃଷ୍ଟାନ୍ତକୁ ଦୃଷ୍ଟି କରନ୍ତୁ । ସେ ଦୁଇ ମହିଳାଙ୍କ ଭିନ୍ନ ଆଉ ଅନେକ ଲୋକ ଚାନ୍ଦା ଦେଇଅଛନ୍ତି ।

ନଦୀଆର ସେସନଜଜ ଟେଲର ଅନୁସାରରେ ସେଠା ଖଜା-ଣାଖାନାର ଏକାଉଣ୍ଟେଣ୍ଟ ଆନନ୍ଦଚନ୍ଦ୍ର ସରକାର ଓ ତହସିଲ ମଣ୍ଡଳ ବେଣୀଗୋପାଳର ସହକାରୀ ଥିବା ଅପରାଧରେ ବିଚାର ସୁପର୍ଦ୍ଦ ହୋଇଥିଲେ । ବିଚାରରେ ୨୧ ଦିନ କାଳ ବିଷ୍ଟର ହେଲା ଉଭୟଙ୍କୁ ଜୁରି ଓ ଜଜ ଏକମତ ହୋଇ ଉଭ-ୟଙ୍କୁ ମୁକ୍ତି ଦେଲେ ଓ ଆନନ୍ଦଚନ୍ଦ୍ର ସଂପୂର୍ଣ୍ଣରୂପେ ନିର୍ଦ୍ଦୋଷୀ ଥିବାର ଜଜ ସାହେବ ବ୍ୟକ୍ତ କଲେ ।

ବମ୍ବାଇ ଗେଜେଟରେ ଲେଖାଅଛି କି ନାସିକର ଜଣେ ଲକ୍ଷପତି ମହାଜନ ନାମରେ ଅଠଅଣାର କଡ଼ିଲ ଷ୍ଟାମ୍ପର ନାଲିଶ ହେବାରୁ ସେଠାର ମେଜିଷ୍ଟ୍ରେଟ ବେନ ସାହେବ ମହାଜନଠାରୁ ଜାମିନ ନ ନେଇ ତାହା ହାତରେ ହାତକଡ଼ି ଦେଇ ତାକୁ ହାଜତକୁ ପଠାଇଲେ । ଏହି ମୋକଦ୍ଦମାରେ ମୁଦେଇର ଭାଗ୍ୟଅଂଶ ଅଛି ଓ ମହାଜନର ଅଧିକାଂଶ । ସେ ଦୁହିଙ୍କ ମଧ୍ୟରେ କିଛି କାଠ ଇତ୍ୟାଦିରେ କିଛି ବିବାଦ ଥିଲା ତାର ସାକ୍ଷୀ ଥିବାପାଇଁ ମୁଦେଇ ଏପରି ନାଲିଶ କଲା ଓ ବେନ ସାହେବ କିଛି ନ ବୁଝିସୁଝି ଏପରି ଧନବନ୍ତ ଓ ସମ୍ଭ୍ରାନ୍ତ ଓ ମାନ୍ୟବନ୍ତ ବ୍ୟକ୍ତିକୁ ଅଯୋଗେ ହାତକଡ଼ି ଦେଇ ହାଜତକୁ ପଠାଇ ଦେଲେ ବଡ଼ ଆଶ୍ଚର୍ଯ୍ୟର ବିଷୟ । ଏଥି ପୂର୍ବେ ଜଣେ ଦୂତଶ୍ରୀ ଲୋକ କଲେକ୍ଟରଙ୍କର କ୍ରୁଡ଼ାଭୂଅ ଷ୍ଟାମ୍ପକର ଥିଲା । ଏହି ବେନ ସାହେବ ସେ ଗରିବକୁ ଦୁଇବର୍ଷ କଠିନ ପରିଶ୍ରମ ସହିତ କଏଦ କରିଥିଲେ । ଗବର୍ଣ୍ଣମେଣ୍ଟ ଏପରି ଦୁଷ୍ଟ କର୍ମଚାରୀକୁ କାହିଁକି ଦୂର କରି ନ ଦେଇ ତାଙ୍କର ସୁଶାସନକୁ ଦୃଷଣୀୟ ଓ ନିନ୍ଦନୀୟ କରୁଅଛନ୍ତି ।

ପସମି ଲୁଗା ବୁଣିବା କାରଣ ଚୀନଦେଶରେ ଗୋଟିଏ କଳ ବସିବାର ଉଦ୍ୟମ ଲାଗିଅଛି । ଇଂରାଜ ବଣିକମାନେ ଇଂରାଜୀ ନମୁନାରେ ଏଠାରେ ଲୁଗା ବୁଣାଯିବ । ଚୀନର ଗବର୍ଣ୍ଣମେଣ୍ଟ ପରୀକ୍ଷା ସ୍ୱରୂପ ଏକଳ ବସାଉଅଛନ୍ତି ।

ଖୋଜାକସାହିର ଆରପାଖ ଚୂନନ ପର୍ଯ୍ୟନ୍ତ ତାଳିଡାକ ବସିଅଛି ଏବଂ ସେ ଅଞ୍ଚଳର ଲୋକମାନେ ତାହାକୁ ଜଗିଅଛନ୍ତି ଏବଂ ଅନ୍ୟାନ୍ୟ ପ୍ରକାରରେ ସାହାଯ୍ୟ କରୁଅଛନ୍ତି ।

ତ୍ରିହୁତ ରେଲବାଇ ସହାଯେ ଦରଭଙ୍ଗା ଯେଜେଣ୍ଟି ଅବଶ୍ରେଷ୍ଟ ଶାଠିଏଲକ୍ଷ ଟଙ୍କା ମଞ୍ଜୁର କରିଅଛନ୍ତି ।

୧ । ମୁଲିଭଗମାସ୍ତରରୁ ଅବଗତ ହେଲୁଁ ଏଲାହାବାଦରେ ଲାଟମେଓ ସାହେବଙ୍କ ସ୍ମରଣାର୍ଥ ଗୋଟିଏ ପ୍ରକାଣ୍ଡ ଅଟ୍ଟାଳିକା ନିର୍ମିତ ହୋଇଅଛି । ସମ୍ପ୍ରତି ତାହା ପ୍ରତିଷ୍ଠା ହେବ । ଦୁଇ ସପ୍ତାହ ମଧ୍ୟରେ ଲାଟନ୍ ସାହେବ ଲହୋର ଯିବା ସମୟରେ ସେହି ସ୍ଥାନରେ ଓହ୍ଲାଇ ଗୃହର ପ୍ରତିଷ୍ଠା କରିବେ । ସେ ଗୃହରେ ସାଧାରଣ ହିତକର ଓ ମିଉନିସିପାଲ ସଭା ପ୍ରଭୃତିର କାର୍ଯ୍ୟ ହେବ ।

୨ । ମଣ୍ଡଳା ରାଜ୍ୟରେ ଘୋରତର ରାଜବିପ୍ଳବ ଉପସ୍ଥିତ ହୋଇଅଛି । ନୂତନ ରାଜାଙ୍କର କାର୍ଯ୍ୟପ୍ରଣାଳୀ ଅତ୍ୟନ୍ତ ଜଘନ୍ୟ ଅଟଇ । ବର୍ତ୍ତମାନ ପ୍ରଜାବର୍ଗଙ୍କର ଧନ ପ୍ରାଣ ଯେନ ଟଣାଟଣି ଲାଗିଅଛି । ୫ ଲକ୍ଷଟଙ୍କା ଦେବା ନ ଦେବା ଅପରାଧରେ ସମସ୍ତ ମନ୍ତ୍ରୀ କାରାରୁଦ୍ଧ ହୋଇଅଛନ୍ତି, ରାଜକୁମାରୀ ମଧ୍ୟ ଜେଲରେ ଅତ୍ୟନ୍ତ ଦୁର୍ଦ୍ଦଶାଗ୍ରସ୍ତ ଅଛନ୍ତି, ପୁଣି ତାହାଙ୍କୁ ଖାଇବାକୁ ନ ଦେଇ ମାରିବାର ଚେଷ୍ଟା ହେଉଅଛି, ସମସ୍ତେ ବୌଦ୍ଧଶୃଙ୍ଖଳା ବଦ୍ଧ । ଏତଣନ ସାହେବ କି ଏହି ବିଷୟରେ ପରାମର୍ଶ କରିବା ନିମନ୍ତେ ପୁନରାୟ କଲିକତାକୁ ଆସୁଅଛନ୍ତି ।

୩ । ବର୍ତ୍ତମାନରେ ଏକ ନିରାମିଷଭୋଜୀ ସାହେବ କେବଳ ଫଳ ମୂଳ ଉପରେ ନିର୍ଭର କରି ତେରବର୍ଷ ହେଲା ଉତ୍ତମ ସବଳ ରହିଛନ୍ତି । ସେ ମତ୍ସ୍ୟ ମାଂସ ଅଣ୍ଡା ମଦ ଛାଡ଼ି ଏତେକାଳ ନିରାପଦରେ ସ୍ୱାସ୍ଥ୍ୟସାର କରିଅଛନ୍ତି ତେଣେ ମଧ୍ୟ ତାହାଙ୍କର କୌଣସି ପୀଡ଼ା ହୋଇ ନାହିଁ । ସେ କୃଷିସ୍ଥଳର ସତ୍ୟ ଓ ନିରାମିଷ ଲୋକ ସମାଜ ସଭାପତିର କାର୍ଯ୍ୟ କରି ଆସୁଅଛନ୍ତି । ସେ ବହୁଦିନ ପରୀକ୍ଷା କରି ଦେଖିଅଛନ୍ତି, ଉଭିଦେପର ଏକ-ପ୍ରକାର ବୃକ୍ଷର ବୀଜ ଅତଏବ ପୁଷ୍ଟିଜନକ, ତାହା ଖାଇଲେ ଶରୀର ଅତ୍ୟନ୍ତ ସତେଜ ହୁଏ । ଅମ୍ଭେମାନେ ଜନ୍ତୁ ସାତ୍ତ୍ୱିକ ଆହାର ଦ୍ୱାରା ଯଦି ଶରୀର ସବଳ ଓ ସୁସ୍ଥ ଥାଏ ତେବେ ଆଉ ଅସ୍ୱାଭାବିକ ଆହାରର ପ୍ରୟୋଜନ କଣ ଅଛି ?

୪ । ରୁଷମାନେ ପ୍ରସ୍ତାବ କରିଅଛନ୍ତି ଯେ ୧୮୭୯ ସାଲରେ ଯେରୁପେ କାବୁଲ ପର୍ଯ୍ୟନ୍ତ ରେଲ ରାସ୍ତା ଜାରିପ ହେବ ।

୫ । ଶୁଣାଯାଉଅଛି ଦିଲ୍ଲୀରେ ମନ୍ତ୍ରିସଭାର ଅଧିକାଂଶ ସଭ୍ୟଗଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଶୀଘ୍ର କାବୁଲ ଯୁଦ୍ଧ ବନ୍ଦ କରିବାକୁ ଅତ୍ୟନ୍ତ ଅନୁରୋଧ କରିଅଛନ୍ତି ।

୬ । ରାଜା ଶିବପ୍ରସାଦ ଏଲାହାବାଦରେ ପ୍ରଦେଶୀୟ ହିନ୍ଦୁ ବିଦ୍ୟାଳୟ ସ୍ଥାପନ ପାଇଁ ୫ ୫୦୦୦ଙ୍କା ଦେଇ-ଅଛନ୍ତି ।

---

## ବିଜ୍ଞାପନ ।

---

ଡାକ୍ତର ଷ୍ଟିଓ୍ୱାର୍ଟ ସାହେବଙ୍କ ରଚିତ (ଓଡ଼ିଆଭାଷାରେ) ପଦାର୍ଥବିଜ୍ଞାନ କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୀ ହେଉଅଛି । ମୂଲ୍ୟ ୫ ୦ ।

---

## ମୂଲ୍ୟପ୍ରାପ୍ତି ।

---

| | | | |
|---|---|---|---|
| ବାବୁ ବଳଭଦ୍ର ପଟ୍ଟନାୟକ | ହାଲ ଓ ବକେୟା | | ୫ ୧୪ । |
| ଚୌଧୁରୀ କାଶିନାଥ ଦାସ କଟକ | | " | ୫ ୭୧ |
| ବାବୁ ଜଗବନ୍ଧୁର ଘୋଷ | " | " | ୫ ୩୧ |
| " ଭଗବତୀଚରଣ ସେନ | ପୁରୀ | " | ୫ ୨ ୧୮ |
| " ଜଗବନ୍ଧୁ ଘୋଷ | କଟକ | " | ୫ ୭୧ |
| " ଶ୍ରୀନାଥ ବୋଷ | ବାଲି | " | ୫ ୨ ୧୮ |
| ଶ୍ରୀ ଶ୍ରୀ ରାଜା କମଳଭଦ୍ର ସିଂହ | | ଅଗ୍ରିମ | ୫ ୫୧ |
| ବାବୁ ଲକ୍ଷ୍ମୀନାରାୟଣ ବୋଷ କଟକ | | " | ୫ ୫୧ |
| " ହରମୋହନ ମିତ୍ର | " | " | ୫ ୫୧ |
| " ରାଜକିଶୋର ଘୋଷ | " | " | ୫ ୨୧ |
| ମୁନସି ଗଙ୍ଗାଧର ହୋସେନ | " | ବକେୟା | ୫ ୨ ୧୮ |
| ଶ୍ରୀ ଲକ୍ଷ୍ମଣମିଶ୍ର ତଶାହାଟ | | ଅଗ୍ରିମ | ୫ ୩ । |

---

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Digitized by srujanika@gmail.com